ଧରିତ୍ରୀ 50 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୫/୨୦୨୪ (୧୮ ପୃଷ୍ଠା) | Bhubaneswar, Thursday, September 5/2024 Page 18 ₹ 7.00
୫୦ଶ ଭାଗ ୨୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 282 ମୂଲ୍ୟ₹୭/-

ଉପସ୍ଥାପକ
JAY BHARAT FOUNDATION ODISHA

ପ୍ରାୟୋଜକ
BHARAT MASALA
The Taste of New India

ଭାରତ ଯେଉଁଠି, ପ୍ରତିଭା ସେଇଠି

## ୨୫ତମ ଭାରତ ପ୍ରତିଭା ସମ୍ମାନ ଏବଂ ୨୫ତମ ଭାରତ ମସଲାର ପ୍ରତିଷ୍ଠା ଦିବସ- ୨୦୨୪

ସ୍ଥାନ: ଭାରତ ମସଲା ପରିସର, ରାମଦାସପୁର, କଟକ | ତାରିଖ: ୦୭.୦୯.୨୦୨୪ (ଶନିବାର), ସମୟ: ଦିବା ୧୧ ଘଟିକା

### ନିମନ୍ତ୍ରିତ ଅତିଥି

ମୁଖ୍ୟ ଅତିଥି :
**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର




ସମ୍ମାନିତ ଅତିଥି :
ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ
ମାନ୍ୟବର ସାଂସଦ


ସମ୍ମାନିତ ଅତିଥି :
ଶ୍ରୀଯୁକ୍ତ ରବି ନାରାୟଣ ନାଏକ
ମାନ୍ୟବର ମନ୍ତ୍ରୀ, ପଞ୍ଚାୟତି ରାଜ, ଗ୍ରାମ ଉନ୍ନୟନ ଓ ପାନୀୟ ଜଳ, ଓଡ଼ିଶା ସରକାର


ସମ୍ମାନିତ ଅତିଥି :
ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ
ମାନ୍ୟବର ମନ୍ତ୍ରୀ, ଶିଳ୍ପ ବୈଷୟିକ ଶିକ୍ଷା, ଓଡ଼ିଶା ସରକାର

### ସମ୍ବର୍ଦ୍ଧିତ ପ୍ରତିଭା


ଭାରତ ଗୌରବ
ଡ. ସରୋଜ କୁମାର ପାଣିଗ୍ରାହୀ
(ପ୍ରଧାନ ବୈଜ୍ଞାନିକ, ସି. ବି. ଆର୍. ଆଇ)


ସେବା ଭାରତ ସମ୍ମାନ
ଡ. ରବି ନାରାୟଣ ସେନାପତି
ଭା. ପ୍ର. ସେ. (ଅ)


କଥା ଭାରତ ସମ୍ମାନ
ଡ. ଗାୟତ୍ରୀବାଳା ପଣ୍ଡା
(ବିଶିଷ୍ଟ ଲେଖିକା)


ସଂସ୍କୃତି ଭାରତ ସମ୍ମାନ
ଶ୍ରୀଯୁକ୍ତ ସୀତାରାମ୍ ଅଗ୍ରୱାଲ୍ (ଓଡ଼ିଆ ମନୋରଞ୍ଜନ ଶିଳ୍ପର କର୍ଣ୍ଣଧାର)
ଶ୍ରୀମତୀ ନମିତା ଅଗ୍ରୱାଲ୍ (ଖ୍ୟାତନାମା କଣ୍ଠଶିଳ୍ପୀ)


କ୍ରୀଡ଼ା ଭାରତ ସମ୍ମାନ
ସୁଶ୍ରୀ ବିଭାରାଣୀ ପାତ୍ର
(ପର୍ବତାରୋହୀ)


ବିଦ୍ୟା ଭାରତ ସମ୍ମାନ
ପ୍ରଜ୍ଞା ପାରମିତା ଗିରି
(+୨ ବିଜ୍ଞାନ)


ବିଦ୍ୟା ଭାରତ ସମ୍ମାନ
ସିଲ୍‌ଭା ସାହୁ
(+୨ ବାଣିଜ୍ୟ)


ବିଦ୍ୟା ଭାରତ ସମ୍ମାନ
ଚିନ୍ମୟ ପାତ୍ର
(+୨ କଳା)


ଆର୍.ଜି. କର ହସ୍ପିଟାଲରେ ଅଗଷ୍ଟ ୮ ରାତିରେ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ମହିଳା ଡାକ୍ତରଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବୁଧବାର ରାତିରେ କୋଲକାତାରେ ଅନେକ ହଜାର ଲୋକ କ୍ୟାଣ୍ଡେଲ ଶୋଭାଯାତ୍ରା କରିଛନ୍ତି।

# ସମଲିଙ୍ଗୀ ସମ୍ପର୍କ ଯୌନ ଅପରାଧ: ଏନ୍ଏମ୍ସି

## ମେଡିକାଲ ପାଠ୍ୟକ୍ରମକୁ ଫେରିଲା ସୋଡୋମି, ଲେସ୍ବିଆନିଜମ୍

ନୂଆଦିଲ୍ଲୀ,୪।୯

ଭାରତର ସର୍ବୋଚ୍ଚ ଡାକ୍ତରୀ ଶିକ୍ଷା ନିୟନ୍ତ୍ରକ ନ୍ୟାଶନାଲ ମେଡିକାଲ କମିଶନ (ଏନ୍ଏମ୍ସି) ସୋଡୋମି (ପୁରୁଷଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ) ଏବଂ ଲେସ୍ବିଆନ୍ଜିଜମ୍ (ମହିଳାଙ୍କ ସମଲିଙ୍ଗୀ ସମ୍ପର୍କ)କୁ ମେଡିକାଲ ପାଠ୍ୟକ୍ରମରେ ପୁନଃ ସାମିଲ କରିଛି। ଅଣ୍ଡରଗ୍ରାଜୁଏଟ୍ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ରିଭାଇଜଡ ପାଠ୍ୟକ୍ରମର ଫୋରେନ୍ସିକ୍ ମେଡିସିନ୍ ଏବଂ ଟେକ୍ସିକୋଲୋଜି ବର୍ଗରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ଏନ୍ଏମ୍ସି ହିମେନ୍ ଏବଂ ଏହାର ପ୍ରକାରଭେଦ, ମେଡିକୋ-ଲିଗାଲ୍ ତାତ୍ପର୍ଯ୍ୟ, ଭର୍ଜିନିଟିର ସଂଜ୍ଞା, ଡିଫ୍ଲୋରେଶନ୍ ଓ ଏହାର ବୈଧତା ଭଳି ବିତର୍କିତ ବିଷୟକୁ ମଧ୍ୟ ପାଠ୍ୟକ୍ରମରେ



ସ୍ଥାନିତ କରିଛି। ୨୦୨୨ ଅଗଷ୍ଟରେ ମାଡ୍ରାସ୍ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏସବୁକୁ କରିକୁଲମ୍ରୁ ହଟାଇ ଦିଆଯାଇଥିଲା। ନୂଆ ପାଠ୍ୟକ୍ରମରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍ଏସ୍ଏସ୍), ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍), ଭାରତୀୟ ସାକ୍ଷ୍ୟ ସଂହିତା ଅଧିନିୟମ(ବିଏସ୍ଏ) ସମେତ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ, ଦେୱାନୀ ଓ ଆପରାଧିକ ମାମଲା, ଅପମୃତ୍ୟୁ ତଦନ୍ତ, ଧର୍ତ୍ତବ୍ୟ ଓ ଅଧର୍ତ୍ତବ୍ୟ ଅପରାଧ ଆଦିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଅନ୍ୟପକ୍ଷେ ଏହି ୭ ଘଣ୍ଟିଆ ପାଠ୍ୟକ୍ରମରେ ଭିନ୍ନକ୍ଷମତା ସମ୍ପର୍କରେ ଉଲ୍ଲେଖ କରାଯାଇନାହିଁ। ବିଭିନ୍ନ ସମୟରେ ଆବଶ୍ୟକତାକୁ ଦେଖି ପାଠ୍ୟକ୍ରମରେ ଏଭଳି ପରିବର୍ତ୍ତନ କରାଯାଇଥାଏ ବୋଲି ଏମ୍ଏନ୍ସି ପକ୍ଷରୁ କମ୍ପିଟେନ୍ସି-ବେସ୍ଡ ମେଡିକାଲ ଏଜୁକେଶନ୍ କରିକୁଲମ୍ (ସିବିଏମ୍ଇ) ଗାଇଡ୍ଲାଇନ୍ସ, ୨୦୨୪ରେ ଉଲ୍ଲେଖ କରାଯାଇଛି।

# ୩୭୦ ଫେରାଇ ଆଣିବ ଇଣ୍ଡିଆ



ଜମ୍ମୁ,୪।୯

ଲୋକ ସଭା ନିର୍ବାଚନରେ ଭାଜପାର ଦୁର୍ବଳ ପ୍ରଦର୍ଶନକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାନସିକସ୍ତରରେ ଭାଙ୍ଗିପଡ଼ିଛନ୍ତି। ମୋଦି ଆତ୍ମବିଶ୍ୱାସ ହରାଇଦେଇଛନ୍ତି। ଖୁବ୍ଶୀଘ୍ର ତାଙ୍କ ସରକାରର ପତନ ଘଟିବାକୁ ଯାଉଛି ବୋଲି ବୁଧବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ସେହିପରି ଇଣ୍ଡିଆ ବ୍ଲକ୍ କ୍ଷମତାକୁ ଆସିଲେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ସହ ଅନୁଚ୍ଛେଦ ୩୭୦ ଫେରାଇ ଆଣିବ ବୋଲି ରାହୁଲ ଆଶ୍ୱାସନା ଦେଇଛନ୍ତି। ରାହୁଲଙ୍କ ଏହି ମନ୍ତବ୍ୟ କେବଳ କଶ୍ମୀର ନୁହେଁ, ବରଂ ଜାତୀୟ ରାଜନୀତିକୁ ସରଗରମ କରିଛି। ଜମ୍ମୁ-କଶ୍ମୀର ବିଧାନସଭାର ୯୦ ଆସନ ପାଇଁ ସେପ୍ଟେମ୍ବର ୧୮, ୨୫ ଓ ଅକ୍ଟୋବର ୮ରେ ତିନି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ କଶ୍ମୀରକୁ ପ୍ରଥମ ଥର ପ୍ରଚାରରେ ଯାଇଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ବନିହାଲ ନିର୍ବାଚନମଣ୍ଡଳୀର ସଙ୍ଗଲଦାନରେ କଂଗ୍ରେସର ଏକ ସଭାକୁ ସମ୍ବୋଧିତ

## କଶ୍ମୀରରେ ରାହୁଲ ଗାନ୍ଧୀ

କରିଛନ୍ତି। ଏହି ଅବସରରେ ରାହୁଲ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ସେମାନଙ୍କ ବନ୍ଧୁମାନେ କେନ୍ଦ୍ର ସରକାରକୁ ଚଳାଉଛନ୍ତି। ୨ ଜଣ ବିଲିଅନେୟାର ବନ୍ଧୁଙ୍କ ସ୍ୱାର୍ଥରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍ଟି) ଏବଂ ବିମୁଦ୍ରୀକରଣ ଅଣାଯାଇଥିଲା। ଏହାକୁ କାର୍ଯ୍ୟକାରୀ କରାଯିବା ଫଳରେ ଦେଶର କ୍ଷୁଦ୍ର ବ୍ୟବସାୟୀମାନଙ୍କୁ କ୍ଷତି ସହିବାକୁ ପଡ଼ିଛି। ସେହି ୨ ବନ୍ଧୁ ହେଲେ ଆଦାନୀ (ଏ୧) ଏବଂ ଅମ୍ବାନୀ (ଏ୨)। କେନ୍ଦ୍ର ସରକାର 'ଆମେ ଦୁଇ, ଆମର ଦୁଇ' ଭଳି। ଏହି ଦୁଇଜଣ ହେଲେ ମୋଦି ଓ ଶାହା। ବାସ୍ତବରେ ଏହି ୪ ଜଣ ହିଁ ସରକାର ଚଳାଉଛନ୍ତି।

ରାହୁଲ ଆହୁରି କହିଛନ୍ତି, ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରି ଜମ୍ମୁ-କଶ୍ମୀରର ରାଜ୍ୟ ମାନ୍ୟତାକୁ ଛଡ଼ାଇ ନିଆଯାଇଥିଲା। ଏହା ବି କେବଳ ୨ ଜଣ ବିଲିଅନେୟାରଙ୍କୁ ଲାଭ ଦେବା ପାଇଁ ଉଦ୍ଦିଷ୍ଟ ଥିଲା। ଦେଶର ଅବଶିଷ୍ଟ ଭାଗ ତୁଳନାରେ ଜମ୍ମୁ-କଶ୍ମୀର ସ୍ଥିତି ଅତ୍ୟନ୍ତ ଦୟନୀୟ। ଏଠାରେ ବେରୋଜଗାରି ହାର ସର୍ବାଧିକ। ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ସରକାର କିଛି କରିନାହାନ୍ତି। ବିରୋଧୀ ଦଳଗୁଡ଼ିକ ଇଣ୍ଡିଆ ବ୍ଲକ୍ ଅଧୀନରେ ଏକାଠି ହେବା ପରେ ମୋଦିଙ୍କ ଆତ୍ମବିଶ୍ୱାସ ଦୁର୍ବଳ ହୋଇଯାଇଛି। ଆମେ ମୋଦିଙ୍କୁ ମାନସିକସ୍ତରରେ ଶେଷ କରିଦେଇଛୁ। ପାର୍ଲାମେଣ୍ଟରେ ମୁଁ ତାଙ୍କ ସାମ୍ନାରେ ବସିଥାଏ। ତେଣୁ ଏହି ବିଷୟ ଜାଣିବାକୁ ପାଇଛି। ଏବେ ଅଳ୍ପ ସମୟ ବାକି ଅଛି, ମୋଦି ଏବଂ ଭାଜପାକୁ ସରକାରରୁ ଆମେ ହଟାଇଦେବୁ ବୋଲି କଂଗ୍ରେସ ନେତା ରାହୁଲ କହିଛନ୍ତି। ରାହୁଲ ବନିହାଲ ପରେ ଅନନ୍ତନାଗ ଜିଲା ଅଧୀନ ଦୁରୁ ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି।



## ମୋ ସମ୍ମାନ ଆପଣଙ୍କ ହାତରେ: ଓମାର

ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍ଫରେନ୍ସ (ଏନ୍ସି) ଉପାଧ୍ୟକ୍ଷ ଓମାର ଅବ୍ଦୁଲ୍ଲା ବୁଧବାର ଗନ୍ଦେରବଲ ନିର୍ବାଚନମଣ୍ଡଳୀରୁ ନାମାଙ୍କନପତ୍ର ଦାଖଲ କରିବା ପରେ ସମର୍ଥକଙ୍କ ସହ ଶୋଭାଯାତ୍ରା କରୁଛନ୍ତି। ଏହି ଅବସରରେ ଓମାର ମତଦାତାଙ୍କୁ ଆବେଗପୂର୍ଣ୍ଣ ନିବେଦନକରି କହିଛନ୍ତି, ମୋ ସମ୍ମାନ ଆପଣମାନଙ୍କ ହାତରେ। ମୋତେ ଏକ ସୁଯୋଗ ଦିଅନ୍ତୁ।

# କୃଷି ଅଭିବୃଦ୍ଧିରେ ଗୁଜରାଟ ଏକ ମଡେଲ: ପି.କେ. ମିଶ୍ର

ଭି.ଭି.ନଗର,୪।୯



ଗତ ୨୫ ବର୍ଷରେ ଗୁଜରାଟର କୃଷି କ୍ଷେତ୍ର ଏକ ନବପ୍ରବର୍ତ୍ତନ, ନମନୀୟ ଓ ଅଭିବୃଦ୍ଧିର ମଡେଲ ଭାବେ ଉଭା ହୋଇଛି। ଗୁଜରାଟ ଏକ ବଜାରଭିତ୍ତିକ କୃଷି କ୍ଷେତ୍ରର ଅର୍ଥନୀତି ରୂପେ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଦୃଷ୍ଟାନ୍ତ ପାଲଟିଛି। ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ ଡ. ପ୍ରମୋଦ କୁମାର ମିଶ୍ର ବୁଧବାର ଗୁଜରାଟର ବଲ୍ଲଭ ବିଦ୍ୟାନଗସ୍ଥିତ ସର୍ଦ୍ଦାର ପଟେଲ ୟୁନିଭର୍ସିଟିରେ ଆୟୋଜିତ ଆଗ୍ରୋ-ଇକୋନୋମିକ୍ ରିସର୍ଚ୍ଚ ସେଣ୍ଟର (ଏଆଇଆର୍ସି) ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମକୁସମ୍ବୋଧିତକରିଏହା କହିଛନ୍ତି।

ପି.କେ. ମିଶ୍ର ନିଜ ଅଭିଭାଷଣରେ ଦୀର୍ଘମିଆଦୀ ଉତ୍ପାଦନଶୀଳତା ଓ ପରିବେଶଗତ ସ୍ୱାସ୍ଥ୍ୟ ପାଇଁ ସ୍ଥାୟୀ କୃଷି ପଦ୍ଧତିର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ରିମୋଟ ସେନ୍ସିଂ, ଜିପିଏସ୍, ଡ୍ରୋନ୍ ଏବଂ ଏଆଇ ଭଳି ଅତ୍ୟାଧୁନିକ ଉପାୟରେ ମୃତ୍ତିକା ପରୀକ୍ଷଣ ଓ ଅନ୍ୟ ଚାଷକାର୍ଯ୍ୟ କରାଗଲେ ଉତ୍ପାଦନରେ ଉନ୍ନତି ଆସିବ। ସେହିପରି କୃଷି ଅବଶେଷରୁ ନବୀକରଣୀୟ ଶକ୍ତି ଏବଂ ଜୈବିକ ଶକ୍ତି ଉତ୍ପାଦନରେ ବ୍ୟବହାର କରାଯିବା ଉପରେ ପି.କେ. ମିଶ୍ର ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ଡ. କିରିଟ୍ ଶେଲାଟଙ୍କ ଦ୍ୱାରା ସମ୍ପାଦିତ ପୁସ୍ତକ 'ଫ୍ୟୁଚର ଆଗ୍ରିକଲ୍ଚର- ବିକଶିତ ଭାରତ'ର ଉନ୍ମୋଚନ କରାଯାଇଛି।

# ରାଜୀବଙ୍କ ତୁଳନାରେ ରାହୁଲ ବେଶି ବୁଦ୍ଧିଆ: ପିତ୍ରୋଡା

ନୂଆଦିଲ୍ଲୀ,୪।୯

କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତୁଳନାରେ ବେଶି ବୁଦ୍ଧିମାନ। ଏପରି କି ରଣନୈତିକ ଦୃଷ୍ଟିରୁ ବି ସେ ତାଙ୍କ ବାପାଙ୍କଠାରୁ ଅଧିକ ସକ୍ଷମ ବୋଲି ବୁଧବାର ଗାନ୍ଧୀ ପରିବାରର ଘନିଷ୍ଠ ତଥା ଓଭରସିଜ୍ କଂଗ୍ରେସ ମୁଖ୍ୟ ସାମ୍ ପିତ୍ରୋଡା କହିଛନ୍ତି। ନ୍ୟୁଜ୍ ଏଜେନ୍ସି ପିଟିଆଇକୁ ସାକ୍ଷାତ୍କାର ଦେଇ ବରିଷ୍ଠ କଂଗ୍ରେସ ନେତା ପିତ୍ରୋଡା କହିଛନ୍ତି, ଭବିଷ୍ୟତ ପ୍ରଧାନମନ୍ତ୍ରୀ ରୂପେ ରାହୁଲଙ୍କ ନିକଟରେ ସବୁ ପ୍ରକାର ଗୁଣ ରହିଛି। ରାହୁଲ ବିଦେଶ ଗସ୍ତରେ ଥିବାବେଳେ ଦେଉଥିବା ମନ୍ତବ୍ୟକୁ ଭାଜପା ସମାଲୋଚନା କରିବା ଶାସକ ଦଳର ନିର୍ବୋଧତା। ରାହୁଲ ଆସନ୍ତା ୮ରେ ଆମେରିକା ଗସ୍ତକରି ୧୦ ତାରିଖ ପର୍ଯ୍ୟନ୍ତ ରହିବେ। ଏହି ଅବସରରେ ସେ କ୍ୟାପିଟୋଲ ହିଲ୍ରେ ବିଭିନ୍ନ ଲୋକଙ୍କୁ ସାକ୍ଷାତ କରିବେ। ସେହିପରି ଜର୍ଜଟାଉନ୍ ୟୁନିଭର୍ସିଟିରେ ମଧ୍ୟ ରାହୁଲଙ୍କ ଭାବବିନିମୟ କାର୍ଯ୍ୟକ୍ରମ ରହିଛି। ଲୋକ ସଭାର ବିରୋଧୀ ଦଳ ନେତା ହେବା ପରେ ଏହା ରାହୁଲଙ୍କ ପ୍ରଥମ ବିଦେଶ ଗସ୍ତ ବୋଲି ପିତ୍ରୋଡା କହିଛନ୍ତି।

# ଇସ୍ରାଏଲକୁ ଅସ୍ତ୍ର ରପ୍ତାନି ବନ୍ଦକରୁ ଭାରତ

## ସୁପ୍ରିମକୋର୍ଟରେ ପିଆଇଏଲ୍

ନୂଆଦିଲ୍ଲୀ,୪।୯

ଇସ୍ରାଏଲ୍କୁ ଭାରତ ଅସ୍ତ୍ରଶସ୍ତ୍ର ଓ ସାମରିକ ଉପକରଣ ରପ୍ତାନି ବନ୍ଦ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ସକାଶେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଖଲ ହୋଇଛି। ନୋଏଡାର ଅଶୋକ କୁମାର ଶର୍ମାଙ୍କ ସମେତ ୧୧ ଜଣ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଏହି ପିଟିଶନ ଦାଖଲ କରିଛନ୍ତି। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ପକ୍ଷଭୁକ୍ତ କରାଯାଇଛି। ବିବିଧ ଅନ୍ତର୍ଜାତୀୟ ଆଇନ ଏବଂ ଚୁକ୍ତିନାମାକୁ ମାନିବା ପାଇଁ ଭାରତ ବାଧ୍ୟ। ତେଣୁ ଯୁଦ୍ଧ ଅପରାଧରେ ଦୋଷୀ ରାଷ୍ଟ୍ରଗୁଡ଼ିକୁ ସାମରିକ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ କରାଯାଉ ବୋଲି ନିବେଦନ କରାଯାଇଛି।

# 'ଏମର୍ଜେନ୍ସି'କୁ ହାଇକୋର୍ଟ ଝଟକା

ମୁମ୍ବାଇ, ୪।୯

ସେନସରଶିପ୍କୁ ନେଇ ଅଭିନେତ୍ରୀ ତଥା ଏମ୍ପି କଙ୍ଗନା ରାଣାଓ୍ୱାତଙ୍କ 'ଏମର୍ଜେନ୍ସି' ଫିଲ୍ମକୁ ବୁଧବାର ବମ୍ବେ ହାଇକୋର୍ଟଙ୍କ ନିକଟରୁ ଆଶ୍ୱସ୍ତି ମିଳିନାହିଁ। ଫିଲ୍ମର ସହ ନିର୍ମାତା 'ଜି ଷ୍ଟୁଡିଓଜ୍' ପକ୍ଷରୁ କରାଯାଇଥିବା ଏକ ଆବେଦନର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ କହିଛନ୍ତି, 'ଏମର୍ଜେନ୍ସି' ଫିଲ୍ମକୁ ସାର୍ଟିଫିକେଟ ଦେବା ପାଇଁ ହାଇକୋର୍ଟ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍(ସିବିଏଫ୍ସି)କୁ କୌଣସି ନିର୍ଦ୍ଦେଶ ଦେଇପାରିବେ ନାହିଁ। ଜବଲପୁରର ଏକ ଶିଖ୍ ସଙ୍ଗଠନର ଅଭିଯୋଗକୁ ଭିତ୍ତିକରି ଫିଲ୍ମ ଉପରେ ନିଷ୍ପତ୍ତି ନେବାକୁ ପୂର୍ବରୁ ମଧ୍ୟପ୍ରଦେଶ ହାଇକୋର୍ଟ ସେନ୍ସର ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୧୮ ସୁଦ୍ଧା ଫିଲ୍ମକୁ ନେଇ



ବିଭିନ୍ନ ସଙ୍ଗଠନର ଆପତ୍ତି ଉପରେ ନିଷ୍ପତ୍ତି ନେବାକୁ ଉଚ୍ଚ ନ୍ୟାୟାଳୟ ସିବିଏଫ୍ସିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ କଙ୍ଗନାଙ୍କର 'ଏମର୍ଜେନ୍ସି' ଫିଲ୍ମ ସେପ୍ଟେମ୍ବର ୧୮ ପୂର୍ବରୁ ରିଲିଜ୍ ହୋଇ ପାରିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଫିଲ୍ମର ଟ୍ରେଲର ରିଲିଜ୍ ହେବା ପରେ କେତେକ ଶିଖ୍ ସଙ୍ଗଠନ ଏହାକୁ ନେଇ ଆପତ୍ତି ଉଠାଇଥିଲେ।

## 'ବର୍ଷାରେ କଙ୍ଗନାଙ୍କର ମେକ୍ଅପ୍ ଖରାପ ହୋଇଯାଇଥାନ୍ତା'

ସିମଲା, ୪।୯

ଭାଜପା ଏମ୍ପି କଙ୍ଗନା ରାଣାଓ୍ୱତଙ୍କୁ ନେଇ ହିମାଚଳ ପ୍ରଦେଶର ରାଜସ୍ୱ ମନ୍ତ୍ରୀ ଜଗତ ସିଂହ ନେଗୀ ବୁଧବାର ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଭୂସ୍ଖଳନ ଓ ବନ୍ୟା ଯୋଗୁ ମଣ୍ଡି ସଂସଦୀୟ କ୍ଷେତ୍ରର ଲୋକେ ଅସୁବିଧାରେ ପଡ଼ିଥିବାବେଳେ କଙ୍ଗନାଙ୍କର ଦେଖା ନ ଥିଲା। ବୋଧହୁଏ ବର୍ଷାରେ ମେକ୍ଅପ୍ ଛାଡ଼ିଯିବା ଭୟରେ ସେ ନିଜ ନିର୍ବାଚନ ମଣ୍ଡଳୀ ଗସ୍ତ କରିବାକୁ ଭୟ କରୁଥିଲେ।

# ଆମେରିକାରେ କାର୍ ଦୁର୍ଘଟଣା: ୪ ଭାରତୀୟ ମୃତ

ଅଷ୍ଟିନ, ୪।୯

ଆମେରିକାର ଟେକ୍ସାସସ୍ଥିତ ଆନ୍ନା ସହରରେ ବୁଧବାର ଭୀଷଣ କାର୍ ଦୁର୍ଘଟଣାରେ ୪ ଭାରତୀୟଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଅନେକ କାର୍ ପରସ୍ପର ସହ ଧକ୍କା ହେବା ଫଳରେ ଏକ ଏସ୍ୟୁଭି କାର୍ ଜଳି ଯାଇଥିଲା। ଉକ୍ତ ଏସ୍ୟୁଭି କାରରେ ଥିବା ୪ ଭାରତୀୟ ଜିଅନ୍ତା ଜଳି ମୃତ୍ୟୁବରଣ କରିଛନ୍ତି। ୪ ମୃତ ଭାରତୀୟ ହେଉଛନ୍ତି, ଆର୍ଯ୍ୟନ ରଘୁନାଥ ଓରମପତି, ଫାରୁଖ ଶେଖ, ଲୋକେଶ ପଲାଚରଲା, ଦର୍ଶନୀ ବାସୁଦେବନ। ସେମାନେ ଉକ୍ତ କାର୍ରେ ଡଲାସ୍ରୁ ଭେଣ୍ଟନଭିଲେ ଅଭିମୁଖେ ଯାଉଥିଲେ।

"ବାଂଲାଦେଶ ବର୍ତ୍ତମାନ ଭାରତ ବିରୋଧୀ, ମହିଳା ବିରୋଧୀ ଓ ଗଣତନ୍ତ୍ର ବିରୋଧୀ ପାଲଟିଯାଇଛି। ୟୁନୁସ୍ ସରକାର ହାସିନା ସରକାରଙ୍କଠାରୁ ଆହୁରି ଖରାପ। ଦେଶରେ ଇସ୍ଲାମିକ୍ କଠୋରପନ୍ଥୀଙ୍କ ଶକ୍ତି ବୃଦ୍ଧି ଯୋଗୁ ମହିଳାଙ୍କ ଅଧିକାର ଛଡ଼ାଇନେଇ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଯାଉଛି। ଏଭଳି ସମୟରେ ଅନ୍ତରୀଣ ସରକାରଙ୍କ ନୀରବତା ସ୍ଥିତିକୁ ଆହୁରି ସଙ୍ଗିନ କରିଦେଇଛି।

**-ତସ୍ଲିମା ନସରିନ୍, ନିର୍ବାସିତ ବାଂଲାଦେଶୀ ଲେଖିକା**



## ଫୁର୍ସତ୍

# ସ୍ନେକ୍ ଯୋଗାସନ



ଲସ୍ ଏଞ୍ଜେଲସ

ନିକଟରେ ସ୍ନେକ୍ ଯୋଗାସନର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯାହାକୁ ଦେଖି ଅନେକେ ବିସ୍ମୟ ପ୍ରକାଶ କରିବା ସହ ଭୟଭୀତ ମଧ୍ୟ ହୋଇଛନ୍ତି। ଭାଇରାଲ ହେଉଥିବା ଏହି ଭିଡିଓରେ କେତେଜଣ ଯୁବତୀ ନିଜ ନିଜ ଶରୀରରେ ଜିଅନ୍ତା ସାପ ଗୁଡ଼ାଇ ଯୋଗ କରୁଥିବା ଦେଖିବାକୁ ମିଳିଛି। ଆମେରିକୀୟ କଣ୍ଟେଣ୍ଟ କ୍ରିଏଟର ଜେନ୍ ଝାଙ୍ଗ ଉକ୍ତ ଭିଡିଓକୁ ନିଜ ଇନ୍ଷ୍ଟାଗ୍ରାମ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଭିଡିଓରେ ସେ ସ୍ନେକ୍ ଯୋଗାସନ ବିଷୟରେ ନିଜ ଫଲୋଅର୍ସମାନଙ୍କୁ ବୁଝାଇବା ସହ ଏହାକୁ ପ୍ରଦର୍ଶିତ ମଧ୍ୟ କରୁଛନ୍ତି। ସେ ନିଜ ଶରୀରରେ ଏକ ଜିଅନ୍ତା ସାପକୁ ଗୁଡ଼ାଇ ଯୋଗ କରୁଥିବା ନେଇ ଏହି ଭିଡିଓରେ ଦେଖିବାକୁ ମିଳୁଛି। ଭିଡିଓରେ ଝାଙ୍ଗ୍ କହିଛନ୍ତି, ଲସ୍ ଏଞ୍ଜେଲସସ୍ଥିତ 'ଏଲ୍ ଏକ୍ସ ଆର୍ ପାଇଥନ୍ସ' ଯୋଗ କେନ୍ଦ୍ର ହେଉଛି ବିଶ୍ୱର ଏକମାତ୍ର ସ୍ଥାନ ଯେଉଁଠାରେ ସ୍ନେକ୍ ଯୋଗାସନର ପ୍ରଶିକ୍ଷଣ ଦିଆଯାଇଥାଏ। ସ୍ନେକ୍ ଯୋଗାସନ ସବୁବେଳେ ତାଙ୍କୁ ଏକ ନିଆରା ଅନୁଭୂତି ପ୍ରଦାନ କରିଥାଏ ବୋଲି ଝାଙ୍ଗ୍ କହିଛନ୍ତି। ଉକ୍ତ ଯୋଗକେନ୍ଦ୍ରରେ ଶରୀରରେ ସାପ ରଖି ଯୋଗ କରିବା ବାଧ୍ୟତାମୂଳକ ବୋଲି ସେ କହିଛନ୍ତି।


ସାମନ୍ଥା ରୁଥ୍ ପ୍ରଭୁ

# ସଂଘର୍ଷକରି ସଫଳ ହୋଇଛି

ହାଇଦ୍ରାବାଦ

ଲୋକପ୍ରିୟ ସାଉଥ୍ ଅଭିନେତ୍ରୀମାନଙ୍କ ମଧ୍ୟରୁ ସାମନ୍ଥା ରୁଥ୍ ପ୍ରଭୁ ଅନ୍ୟତମ। କେବଳ ଦକ୍ଷିଣ ଭାରତରେ ନୁହେଁ ଦେଶବ୍ୟାପୀ ତାଙ୍କର ବହୁ ପ୍ରଶଂସକ ରହିଛନ୍ତି। ତେବେ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜଣେ ଲୋକପ୍ରିୟ ଅଭିନେତ୍ରୀ ଭାବେ ପରିଗଣିତ ହେବା ତାଙ୍କ ପାଇଁ ଏତେ ସହଜ ହୋଇ ନଥିବା ନେଇ ସାମନ୍ଥା ଏକ ସାକ୍ଷାତ୍କାରରେ କହିଛନ୍ତି। ସାମନ୍ଥା କହିଛନ୍ତି, ବହୁ ସଂଘର୍ଷର ସାମ୍ନା କରି ଆଜି ସେ ଜଣେ ପ୍ରତିଷ୍ଠିତ ଅଭିନେତ୍ରୀ ହୋଇପାରିଛନ୍ତି। ପରିବାରର ଆର୍ଥିକ ସ୍ଥିତି ଠିକ୍ ନ ଥିବାରୁ ଦ୍ୱାଦଶ ପଢ଼ା ପରେ ତାଙ୍କୁ କାମ ଆରମ୍ଭ କରିବାକୁ ପଡ଼ିଥିଲା। ପାର୍ଟ ଟାଇମ୍ କାମ କରିବା ସହ ସେ ନିଜର ସ୍ନାତକ ପଢ଼ା ସମାପ୍ତ କରିଥିଲେ। ଏହାପରେ ସେ ମଡେଲିଂ ଆଡ଼କୁ ମନ ବଳାଇଥିଲେ। ମଡେଲିଂ ସମୟରେ ତାଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିଥିବା ସାମନ୍ଥା କହିଛନ୍ତି। ସେତେବେଳେ ନିଜ ପାଇଁ ଗୁଜୁରାଣ ମେଣ୍ଟାଇବା ତାଙ୍କ ପକ୍ଷେ ସହଜ ନ ଥିଲା। ସେତେବେଳେ ସେ ଦୈନିକ ମାତ୍ର ଥରଟିଏ ଖାଦ୍ୟ ଖାଇ କଷ୍ଟେ ମଷ୍ଟେ ଚଳୁଥିଲେ ବୋଲି ସାମନ୍ଥା କହିଛନ୍ତି।

ତେବେ 'ମାୟା ଚେସାବେ' ଫିଲ୍ମରୁ ସାମନ୍ଥା ଲୋକପ୍ରିୟତା ହାସଲ କରିଥିଲେ। ଏହି ଚଳଚ୍ଚିତ୍ରରେ ସେ ନିଜର ପୂର୍ବତନ ସ୍ୱାମୀ ନାଗା ଚୈତନ୍ୟଙ୍କ ସହ ନଜରକୁ ଆସିଥିଲେ। ଏହାପରେ ସାମନ୍ଥା ଆଉ ପଛକୁ ଫେରି ନାହାନ୍ତି। ସେ ମହେଶ ବାବୁ, ପଓନ କଲ୍ୟାଣଙ୍କ ପରି ବଡ଼ ବଡ କଳାକାରଙ୍କ ବିପକ୍ଷରେ କାମ କରିବାର ସୁଯୋଗ ପାଇଛନ୍ତି।

# ମାଛ ମଡ଼କ ଯୋଗୁ ଏମର୍ଜେନ୍ସି

ଏଥେନ୍ସ

ଗ୍ରୀସ୍ର ଭୋଲୋସ ସହର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ହ୍ରଦ, ନଦୀ ଓ ବିଭିନ୍ନ ଜଳାଶୟଗୁଡ଼ିକରେ ଲକ୍ଷାଧିକ ମୃତ ମାଛ ପଡ଼ି ରହିଛନ୍ତି। ଏତେ ସଂଖ୍ୟାରେ ମୃତ ମାଛ ପଡ଼ି ରହିଥିବାରୁ ଦୁର୍ଗନ୍ଧରେ ଭୋଲୋସ ସହର ଫାଟି ପଡୁଛି। ପରିସ୍ଥିତିକୁ ଦେଖି ଗ୍ରୀସ୍ର ଜଳବାୟୁ ମନ୍ତ୍ରଣାଳୟ ସମ୍ପୃକ୍ତ ଅଞ୍ଚଳରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଷ୍ଟେଟ୍ ଅଫ୍ ଏମର୍ଜେନ୍ସି ଘୋଷଣା କରିଛନ୍ତି।

ଭୋଲୋସ ଏକ ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ହୋଇଥିବାବେଳେ ଏହାର ଆଖପାଖ ବିଭିନ୍ନ ଜଳାଶୟରୁ ବର୍ତ୍ତମାନ ସୁଦ୍ଧା ୧୦୦ ଟନ୍ରୁ ଅଧିକ ମୃତ ମାଛ ବାହାର କରାଯାଇସାରିଥିବା ନେଇ ଜଣେ ସ୍ଥାନୀୟ ଅଧିକାରୀ କହିଛନ୍ତି। ଏହି ଭୟଙ୍କର ମାଛ ମଡ଼କ ଯୋଗୁ



ମତ୍ସ୍ୟଚାଷ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କ ଜୀବିକା ବିପଦରେ ଥିବା ନେଇ ସେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଜଳବାୟୁ ପରିବର୍ତ୍ତନ ଯୋଗୁ ଗତ ବର୍ଷ ଉକ୍ତ ଅଞ୍ଚଳରେ ହୋଇଥିବା ଭୟଙ୍କର ଝଡ଼ ଏବଂ ବନ୍ୟା ଯୋଗୁ ବିଭିନ୍ନ ଜଳାଶୟରେ ଥିବା ମଧୁର ଜଳ ମାଛଗୁଡ଼ିକ ସମୁଦ୍ରକୁ ଧୋଇ ହୋଇ ଯାଇଥିଲେ, ଫଳରେ ସେମାନଙ୍କର ମୃତ୍ୟୁ ଘଟିଥିବା ବିଶେଷଜ୍ଞ କହିଛନ୍ତି।

ଧରିତ୍ରୀ 50 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୫/୨୦୨୪ | Bhubaneswar, Thursday, September 5/2024 

# ଭାଙ୍ଗିଲା ୨୩ ସ୍ୱତନ୍ତ୍ର ଉନ୍ନୟନ ପରିଷଦ

**ଭୁବନେଶ୍ୱର,୪।୯(ଅନିଲ ଦାସ)**

ରାଜ୍ୟର ସମସ୍ତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି) ଭଙ୍ଗ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଅନୁମୋଦନ କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ଥିବା ସମସ୍ତ ୨୩ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟକାରିତା ସମାପ୍ତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ୯ଟି ଆଦିବାସୀ ବହୁଳ ଜିଲାରେ ଆଦିବାସୀ ଭାଷା, କଳା, ସଂସ୍କୃତି, ପ୍ରଥା, ପରମ୍ପରା ଆଦିର ବିକାଶ ଓ ସଂରକ୍ଷଣ ପାଇଁ ୨୦୧୭ ସେପ୍ଟେମ୍ବରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଥିଲେ। ସେହି ଜିଲାଗୁଡ଼ିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଜପତି, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟ। ଏହାପରେ ୨୦୨୩ ମେ'ରେ ତତ୍କାଳୀନ ବିଜେଡି ସରକାର ଅନ୍ୟ ୧୪ ଆଦିବାସୀ ବହୁଳ ଜିଲାରେ ଏସ୍‌ଡିସି ଗଠନ କରିଥିଲେ। ସେହି ଜିଲାଗୁଡ଼ିକ ହେଲା ବଲାଙ୍ଗୀର, ଗଞ୍ଜାମ, ବୌଦ୍ଧ, ବାଲେଶ୍ୱର, ସମ୍ବଲପୁର, ଢେଙ୍କାନାଳ, କଳାହାଣ୍ଡି, ନୟାଗଡ଼, ନୂଆପଡ଼ା, ଅନୁଗୋଳ, ବରଗଡ଼, ଝାରସୁଗୁଡ଼ା, ଦେବଗଡ଼ ଏବଂ ଯାଜପୁର। ସାଧାରଣ ନିର୍ବାଚନ ଘୋଷଣା ହେବାର କିଛି ମାସ ପୂର୍ବରୁ ଆଦିବାସୀ ଭୋଟକୁ ହାତେଇବା ପାଇଁ ୯ ଜିଲାରୁ ୨୩ ଜିଲାକୁ ଏସ୍‌ଡିସି ସମ୍ପ୍ରସାରଣ କରାଯାଇଥିବା ନେଇ ସେ ସମୟରେ ଚର୍ଚ୍ଚା ହୋଇଥିଲା। ଏପରି କି ଏସ୍‌ଡିସିଗୁଡ଼ିକ ଶାସକ ଦଳର ଏକ ଥଇଥାନ କେନ୍ଦ୍ର ପାଲଟିଛି ବୋଲି ପୂର୍ବରୁ ବିରୋଧୀ ଦଳ ଥିବାବେଳେ ଭାଜପା ଆପତ୍ତି ଉଠାଉଥିଲା। ବିଜେଡି ସରକାରରୁ ଯିବା ପରେ ଭାଜପା ସରକାର ଏସ୍‌ଡିସିଗୁଡ଼ିକୁ ଭଙ୍ଗ କରିଛନ୍ତି।

ବିଜେଡି ନେତା ପ୍ରଦୀପ ମାଝୀ କହିଛନ୍ତି, ୨୩ଟି ଜିଲାର ଆଦିବାସୀଙ୍କ ଉପକାର କରିବା ନେଇ ବିଜେଡି ସରକାରର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ ଏକ ଅଭିନବ କାର୍ଯ୍ୟଶୈଳୀ ଥିଲା। ଏହାକୁ ଭଙ୍ଗ କରାଯିବା ଦୁର୍ଭାଗ୍ୟଜନକ। ଏଭଳି ଏକ ପରିଷଦ ଭାରତର କୌଣସି ରାଜ୍ୟରେ ଗଠନ କରାଯାଇ ନ ଥିଲା। ଏହାଦ୍ୱାରା ଆଦିବାସୀମାନଙ୍କ ପ୍ରଭୁତ କ୍ଷତି ହେବ। ☞ପୃଷ୍ଠା-୨

# କଂଗ୍ରେସରୁ ଲଢ଼ିପାରନ୍ତି ଫୋଗଟ, ପୁନିଆ

## ହରିୟାଣା ବିଧାନସଭା ନିର୍ବାଚନ ପୂର୍ବରୁ ରାହୁଲଙ୍କୁ ଭେଟିଲେ ୨ କୁସ୍ତିଯୋଦ୍ଧା

**ନୂଆଦିଲ୍ଲୀ,୪।୯**

କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ ଓ ଭିନେଶ ଫୋଗଟ ବୁଧବାର କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ କରିଛନ୍ତି। ୨ ରେସ୍‌ଲର କଂଗ୍ରେସ ଟିକେଟରେ ହରିୟାଣା ବିଧାନସଭା ନିର୍ବାଚନ ଲଢ଼ିପାରନ୍ତି ବୋଲି କୁହାଯାଉଛି। ସୂତ୍ରରୁ ଜଣାପଡ଼ିଛି ଯେ, ଫୋଗଟଙ୍କୁ ଜୁଲାନା ଏବଂ ପୁନିଆଙ୍କୁ ବଡଲି ଆସନରେ ଟିକେଟ ଦେବା ପାଇଁ କଂଗ୍ରେସ ଦଳ ବିଚାର କରୁଛି। ତେବେ ଗୁରୁବାର ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ ବୋଲି ଏଆଇସିସି ସାଧାରଣ ସମ୍ପାଦକ ☞ପୃଷ୍ଠା-୨



ରାହୁଲ ଗାନ୍ଧୀଙ୍କ ସହ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ ଓ ଭିନେଶ ଫୋଗଟ।

# ଟ୍ରେନ୍‌ରୁ ପଡ଼ି ଟ୍ରାକ୍ ପାର୍ଶ୍ୱରେ ସାରା ରାତି

## ସକାଳୁ ଉଦ୍ଧାର ହେଲେ ୫ ବର୍ଷୀୟ ବାଳକ


ରେଲଟ୍ରାକ୍ ପାର୍ଶ୍ୱରେ ପଡ଼ିଥିବା ଶିଶୁକୁ ଆର୍‌ପିଏଫ୍ କର୍ମଚାରୀ ଉଦ୍ଧାର କରିନେଉଛନ୍ତି।

**ରେଢାଖୋଲ, ୪।୯ (ଅଚ୍ୟୁତାନନ୍ଦ ପୁରୋହିତ)**

ଚଳନ୍ତା ଏକ୍ସପ୍ରେସ ଟ୍ରେନ୍‌ରୁ ଖସିପଡ଼ି ରେଳଧାରଣା ପାର୍ଶ୍ୱରେ ଏକାକୀ ରାତି କାଟିଲେ ୫ବର୍ଷୀୟ ଶିଶୁପୁତ୍ର। ସକାଳେ ମାଲ୍‌ବୋଝେଇ ଟ୍ରେନ୍‌ର ଡ୍ରାଇଭର ଉକ୍ତ ଶିଶୁକୁ ରେଳଧାରଣା ପାର୍ଶ୍ୱରେ ପଡ଼ିଥିବା ଦେଖି ଆର୍‌ପିଏଫ୍‌କୁ ସୂଚନା ଦେଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ରେଢାଖୋଲ ହସ୍ପିଟାଲରେ ଭର୍ତ୍ତି କରାଗଲା। ସାମାନ୍ୟ ଆହତ ହୋଇଥିବାରୁ ଚିକିତ୍ସା ପରେ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଭଳି ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି ରେଢାଖୋଲ୍ ରେଳ ଷ୍ଟେଶନଠାରୁ ୪ କି.ମି. ଦୂରରେ। ଏହି ଘଟଣା ଗପ ☞ପୃଷ୍ଠା-୨

# ୯ରେ ସ୍କୁଲ ଛୁଟି

**ଭୁବନେଶ୍ୱର,୪।୯ (ଅନିଲ ଦାସ)**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ ଅବସରରେ ଆସନ୍ତା ସେପ୍ଟେମ୍ବର ୯ (ସୋମବାର) ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ଛୁଟି ରହିବ। ବୁଧବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏ ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହାପୂର୍ବରୁ ଗତ ଅଗଷ୍ଟ ୨୯ରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଅନନ୍ୟ ଆମ ସଂସ୍କୃତି**

# ଭାରତକୁ ଆଉ ୨ ସ୍ୱର୍ଣ୍ଣ, ୨ ରୌପ୍ୟ



ସ୍ୱର୍ଣ୍ଣ ପଦକ ବିଜେତା ହରବିନ୍ଦର ସିଂ, ଧରମବୀର।



ରୌପ୍ୟ ପଦକ ବିଜେତା ସଚିନ୍ ଖିଲାର, ପ୍ରଣବ ସୁରମା।

**ପ୍ୟାରିସ୍ ପାରାଲିମ୍ପିକ୍ସ**

**ପ୍ୟାରିସ୍,୪।୯(ପି.ଟି.)**

ପ୍ୟାରିସ୍ ପାରାଲିମ୍ପିକ୍ସରେ ବୁଧବାର ଭାରତୀୟ ଆର୍ଚର ହରବିନ୍ଦର ସିଂ ଓ କ୍ଲବ ଥ୍ରୋୟର ଧରମବୀର ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ପାରା ଶଟପୁଟର ସଚିନ୍ ସର୍ଜେରାଓ ଖିଲାରି ଓ କ୍ଲବ ଥ୍ରୋୟର ପ୍ରଣବ ସୁରମା ରୌପ୍ୟ ପଦକ ଜିତିଛନ୍ତି। ପୁରୁଷ ରିକର୍ଭ ବ୍ୟକ୍ତିଗତ ଇଭେଣ୍ଟ ଫାଇନାଲରେ ଟୋକିଓ ପାରାଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜେତା ହରବିନ୍ଦର ପୋଲାଣ୍ଡର ସିସଜେକ୍ ଲୁକସାଜଙ୍କୁ ୬-୦ରେ ପରାସ୍ତ କରିଥିଲେ। ☞ପୃଷ୍ଠା-୨

DSPL-98

ଓଡ଼ିଶା ସରକାର

ଗୁରୁ ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଗୁରୁ ଦିବସ-୨୦୨୪ ଅବସରରେ ରାଜ୍ୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।

ଶିକ୍ଷା ହିଁ ପ୍ରଗତିର ଚାବିକାଠି। ଶିକ୍ଷକମାନେ ହିଁ ପ୍ରକୃତ ରାଷ୍ଟ୍ର ନିର୍ମାତା। ଶିକ୍ଷା ଜରିଆରେ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆସିଥାଏ। ଯେଉଁ ଦେଶରେ ଶିକ୍ଷା ଓ ଶିକ୍ଷକଙ୍କ ମର୍ଯ୍ୟାଦା ଯେତେ ଅଧିକ, ସେ ଦେଶର ସଭ୍ୟତା ଓ ସଂସ୍କୃତି ସେତେ ଉନ୍ନତ। ତେଣୁ ଗୁଣାତ୍ମକ ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଜରିଆରେ ବିକାଶର ବୃହତ୍ତର ଲକ୍ଷ୍ୟ ପୂରଣ କରିବା ଆମ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ।

ଆସନ୍ତୁ, ଆଜିର ଏହି ପବିତ୍ର ଦିବସରେ ଆମେ ସମସ୍ତେ ମିଳିମିଶି ଓଡ଼ିଶାକୁ ଶିକ୍ଷାକ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର

ପବିତ୍ର ଗୁରୁ ଦିବସ ଅବସରରେ
ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ
ଶୁଭେଚ୍ଛା ବାର୍ତ୍ତା



ପବିତ୍ର ଗୁରୁ ଦିବସ ଅବସରରେ ରାଜ୍ୟର ସମସ୍ତ ଗୁରୁମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।

ଅତି ପ୍ରାଚୀନ କାଳରୁ ଭାରତୀୟମାନଙ୍କ ଜୀବନ ଗଠନରେ ଗୁରୁଙ୍କ ଭୂମିକା କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା ବର୍ଣ୍ଣନା କରିବା ଅସମ୍ଭବ। ଯୁଗେ ଯୁଗେ ଗୁରୁ ହେଉଛନ୍ତି ପୂଜ୍ୟ। ବ୍ୟକ୍ତି ନିର୍ମାଣ ଓ ଚରିତ୍ର ଗଠନ ଦିଗରେ ଶିକ୍ଷକଙ୍କ ବିଶେଷ ଭୂମିକା ରହିଛି। ଶିକ୍ଷା ବ୍ୟବସ୍ଥାର ମୁଖ୍ୟ ବିନ୍ଧାଣି ହେଉଛନ୍ତି ଗୁରୁ। ଶିକ୍ଷକ ହିଁ ଦୂରଦ୍ରଷ୍ଟା-ଉପଦେଷ୍ଟା ଭାବରେ ଜାତିର ଶ୍ରେଷ୍ଠ ସମ୍ମାନ ପାଇଥାନ୍ତି। ଏକ ଆଦର୍ଶ ଶିକ୍ଷିତ ସମାଜ ଗଠନ ଦିଗରେ ଶିକ୍ଷକଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ।

ଚିର ସ୍ମରଣୀୟ ଗୁରୁ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଶୁଭ ଜନ୍ମତିଥିରେ ତାଙ୍କର ମହନୀୟ ଚରିତ୍ରକୁ ସ୍ମରଣ କରି କୃତାର୍ଥ ହେବା ସଙ୍ଗେ ସଙ୍ଗେ ଆମ ରାଜ୍ୟର ସମସ୍ତ ଗୁରୁ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଧ୍ୟାପକ-ଅଧ୍ୟାପିକାମାନଙ୍କୁ ଏ ଗୁରୁ ଦିବସରେ ମୋର ଅଶେଷ ଶୁଭକାମନା।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ,
ବିଦ୍ୟାଳୟ ଏବଂ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ
ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ
ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ
ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

OIPR-27068/13/0004/2425

**ଆଜିର ମନ୍ତବ୍ୟ**

"ପିଲାମାନେ ଦେଶର ଭବିଷ୍ୟତ। ସେମାନଙ୍କଠାରେ ନୈତିକ ମୂଲ୍ୟବୋଧ, ଚିନ୍ତନ ଦକ୍ଷତା ଓ ସମାଜ ପ୍ରତି ଦାୟିତ୍ୱବୋଧ ଭରିବା ଶିକ୍ଷକମାନଙ୍କ କର୍ତ୍ତବ୍ୟ।"
–ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭାରତରତ୍ନ ମଦର ଟେରେସାଙ୍କ ୨୭ତମ ମହାବିଶ୍ରାମ ଦିବସ, ସ୍ଥାନ: ଚର୍ଚ୍ଚ ନିକଟ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୭ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁ ଦିବସ, ସ୍ଥାନ: ଖାରବେଳ ନଗର, ୟୁନିଟ୍‌–୩, ସମୟ: ସକାଳ ୮ଟା।
- ଗୁରୁ ସ୍ମୃତି ବକ୍ତୃତା ମାଳା, ସ୍ଥାନ: ଡା. ଅଭୀନ ଚନ୍ଦ୍ର ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ସମୟ: ସକାଳ ୯ଟା ୩୦।
- ଅଲ୍ ଇଣ୍ଡିଆ ଏଜୁକେଶନ ସୋସାଇଟି ପକ୍ଷରୁ ଜାତୀୟସ୍ତରୀୟ ସେମିନାର, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସକାଳ ୯ଟା ୩୦।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ, ସ୍ଥାନ: କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍‌–୩, ସମୟ: ପୂର୍ବାହ୍ନ୧୦ଟା।
- ବଂଶୀଧର ପଣ୍ଡା ଏବଂ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ଆଇଡେଏଟ୍ ୨୦୨୪, ସ୍ଥାନ: ମେ ଫେୟାର କନ୍‌ଭେନଶନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଜୟଦେବ ରାଷ୍ଟ୍ରୀୟ ସମାରୋହ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତର ଛାତ୍ର ଫେଡେରେଶନ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ(ୟୁନିଆ), ଓଡ଼ିଶାର ୩୦ତମ ବାର୍ଷିକ ଉତ୍ସବ, ସମୟ: ବୁଦ୍ଧ ମନ୍ଦିର, ୟୁନିଟ୍‌–୯, ସମୟ: ମଧ୍ୟାହ୍ନ ୧୨ଟା ୫।
- ଓଡ଼ିଶା କ୍ରାଫ୍ଟ ଓଡେଶୀ ପ୍ରଦର୍ଶନୀର ଖବରଦାତା ସମ୍ମିଳନୀ, ସ୍ଥାନ: ଲଳିତ କଳା ଏକାଡେମୀ, ସମୟ: ଅପରାହ୍ନ ୪ଟା ୩୦।
- ପ୍ରଫେସର ଜିତେନ୍ଦ୍ର ମହାନ୍ତିଙ୍କ ଆତ୍ମଜୀବନୀର ଓଡ଼ିଆ ଅନୁବାଦ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।
- ସତ୍ୟନଗର ଲେଡିଜ୍ ଫୋରମ ପକ୍ଷରୁ ଅଭିରୁଚି ଗୁରୁ ପ୍ରତିଭା ୨୦୨୪, ସ୍ଥାନ: ବୁଦ୍ଧ ମନ୍ଦିର ହଲ୍, ସମୟ: ସନ୍ଧ୍ୟା ୬ଟା ୩୦।
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ପିଡବ୍ଲୁଡି ମ୍ୟୁଜିକାଲ ବ୍ୟାଣ୍ଡ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସ୍ୱସ୍ତି ପ୍ରିମିଟମ୍, ସମୟ: ସନ୍ଧ୍ୟା ୭ଟା ୩୦।

## କଟକ
- ଜିଲା ପ୍ରଶାସନ ଏବଂ ଜିଲା ଶିକ୍ଷା କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଓଡ଼ିଶା ପୋଲିସ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା ୩୦।
- ବିଦ୍ୟାବିକାଶ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ଆଦର୍ଶ ଗୁରୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ଅପରାହ୍ନ ୩ଟା ୩୦।
- ପରିଚୟ ଆଦିବାସୀ ମେଳା ଉଦ୍‌ଘାଟନ, ସ୍ଥାନ:କଟକ ଉପର ବାଲିଯାତ୍ରା ପଡିଆ, ସମୟ: ଅପରାହ୍ନ ୫ଟା।

## ପୁରୀ
- ସାରସ୍ୱତ ବିଦ୍ୟା ମନ୍ଦିର ପକ୍ଷରୁ ଗୁରୁ ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ନେବଳ ଦାସ ମଠ, କରତି ସାହି, ପୁରୀ, ସମୟ: ସକାଳ ୮ଟା।
- ଘୋଡ଼ା ବଜାର ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଗୁରୁ ଦିବସ, ସ୍ଥାନ: ଘୋଡ଼ା ବଜାର ବିଦ୍ୟାଳୟ ପରିସର, ପୁରୀ, ସମୟ: ସକାଳ ୮ଟା।
- ରାଧାରମନ ଫାଉଣ୍ଡେଶନ ପକ୍ଷରୁ ଗୁରୁ ହିଁ ସାକ୍ଷାତ ଈଶ୍ୱର ସମ୍ପର୍କିତ ଆଲୋଚନା ଚକ୍ର, ସ୍ଥାନ: ଫକୀରମୋହନ ବିଦ୍ୟା ମନ୍ଦିର, ଦେବୀ ଘାଟ, ପୁରୀ, ସମୟ: ସକାଳ ୯ଟା।
- ବଚ୍‌ପନ ବିଦ୍ୟାଳୟ ପକ୍ଷରୁ ଗୁରୁ ଦିବସ ପାଳନ, ସ୍ଥାନ: ଦଉଡୋଟା ବିଦ୍ୟାଳୟ ପରିସର, ପୁରୀ, ସମୟ: ସକାଳ ୯ଟା।
- ବନ୍ଧୁ ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ନାୟକ ପ୍ଲାଜା, ସମୟ: ସକାଳ ୯ଟା।
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ସରସତୀ ଶିଶୁ ମନ୍ଦିର ପକ୍ଷରୁ ଗୁରୁ ଦିବସ, ସ୍ଥାନ: ହରଚଣ୍ଡି ସାହି, ସମୟ: ପୂର୍ବାହ୍ନ ୧୦ଟା ୧୫।

## ଭୁବନେଶ୍ୱର (continued)
- ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ଏକାଦଶ ବାର୍ଷିକ ଉତ୍ସବ ଓ ଗୁରୁଦିବସ ସମାରୋହ, ସ୍ଥାନ: ଦିବ୍ୟ ଜୀବନ ସଂଘ, ଉପଜିଲାପାଳ କାର୍ଯ୍ୟାଳୟ ପଛପଟ ଗଳି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାରତ ବିକାଶ ପରିଷଦ ପକ୍ଷରୁ ଗୁରୁଦିବସ ପାଳନ, ସ୍ଥାନ: ବଡ଼ଶଙ୍ଖ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମଧୁବନ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଗୁରୁଦିବସ, ସ୍ଥାନ: ନବକଳେବର ରୋଡ, ମଧୁବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର ଘୋଡ଼ାବଜାର, ସମୟ: ଅପରାହ୍ନ ୪ଟା।
- ସେବାରେ ଜୀବନ ସ୍ୱେଚ୍ଛାସେବୀ ଟ୍ରଷ୍ଟ ପକ୍ଷରୁ ଗୁରୁ ଦିବସ, ସ୍ଥାନ: ସଂସ୍କୃତି ଭବନ, ପୁରୀ, ସମୟ: ସନ୍ଧ୍ୟା ୬ଟା।
- ଛାତ୍ର ଶିକ୍ଷକ ଅଭିଭାବକ ସମନ୍ୱୟ ସମିତି ପକ୍ଷରୁ ଗୁରୁଦିବସ ସମାରୋହ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା
- ପୀର ବାବାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ପୀର ବାବାଙ୍କ ପୀଠ, କଳାଙ୍ଗ, ବୋଲଗଡ଼, ସମୟ: ପ୍ରାତଃ ୪ଟା।
- ଛାତ୍ର କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ-୨୦୨୪, ସ୍ଥାନ: ପଦ୍ମାବତୀ ପାର୍କ, ପାଛୁଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଯୋଗେନ୍ଦ୍ର ଉଚ୍ଚ ମାଧ୍ୟମିକ ସ୍କୁଲର ପ୍ରତିଷ୍ଠା ଦିବସ, ସ୍ଥାନ: କଲେଜ ସମ୍ମିଳନୀ କକ୍ଷ, ରୂପ୍‌ସା, ସମୟ: ପୂର୍ବାହ୍ନ ୧୦ଟା।
- ଇନ୍‌ଟାକ୍‌ର ୧୫ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଉଦ୍ୟୋଗ ଭବନ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ଶିକ୍ଷକ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ,ସ୍ଥାନ: ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ବାହାନଗା, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରାଥମିକ ଶିକ୍ଷକ ସଂଘର ଗୁରୁପୂଜା ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଶିକ୍ଷକ ସଂଘ ଭବନ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ଏଲିମେଣ୍ଟାରୀ ଶିକ୍ଷକ ସଂଘ ପକ୍ଷରୁ ଗୁରୁଦିବସ ପାଳନ, ସ୍ଥାନ: ପ୍ରାଥମିକ ଶିକ୍ଷକ ଭବନ, ସୋର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ଗୁରୁପୂଜନ, ସ୍ଥାନ: ଗାନ୍ଧୀପଡ଼ିଆସ୍ଥିତ ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭଦ୍ରକ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଶିକ୍ଷକ ସମାବେଶ ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଶିକ୍ଷକ ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଗୁରୁ ପ୍ରତିଭା ସମ୍ମାନ, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଶାରଦା ବିଦ୍ୟାମନ୍ଦିର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ବିଭିନ୍ନ ସରକାରୀ ଏବଂ ବେସରକାରୀ ଶିକ୍ଷା ଅନୁଷ୍ଠାନରେ ଗୁରୁ ଦିବସ ପାଳନ, ସ୍ଥାନ: ହାଟଡିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ, ସ୍ଥାନ: ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।
- ମା' ତାରିଣୀ ମନ୍ଦିରରେ ଭଜନ ସମାରୋହ, ସ୍ଥାନ: ମର୍ଚ୍ଚୈଗାଁ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ଗୁରୁ ଦିବସ ପାଳନ, ସ୍ଥାନ: ରୁରାଲ ଏକାଡେମୀ, ଚିତ୍ରଡ଼ା, ମୋରଡ଼ା ବ୍ଲକ, ସମୟ: ସକାଳ ୮ଟା।
- ଦିବ୍ୟାଙ୍ଗ ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ: ରାଇରଙ୍ଗପୁର ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ନିୟୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଗୁରୁ ପୂଜନ ଓ ଗୁରୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ପିସିଏମ୍ କଲ୍ୟାଣ ମଣ୍ଡପ, ରାଇରଙ୍ଗପୁର, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର
- ରୋଟାରୀ କ୍ଲବ ଅଫ ଇଷ୍ଟ ପକ୍ଷରୁ ଶିକ୍ଷକ ସମ୍ବର୍ଦ୍ଧନା, ସ୍ଥାନ: ଧର୍ମନଗର ରୋଟାରୀ କମ୍ୟୁନିଟି ହଲ, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ
- ଜିଲାସ୍ତରୀୟ ମେଧାବୀ ଛାତ୍ରୀଛାତ୍ରୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଛତ୍ରପୁର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁ ଦିବସ ପାଳନ, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆଦର୍ଶ ପ୍ରଧାନଶିକ୍ଷକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ଗୁରୁଦିବସ ପାଳନ, ସ୍ଥାନ : ତାରୀଣୀପଲ୍ଲୀ, ଗଞ୍ଜାମ,ସମୟ: ସକାଳ ୧୦ଟା ୩୦।
- ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ବୁଗୁଡ଼ା ପିପୁଲ୍ସ କଲେଜ,ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ଗୁରୁ ଦିବସ ସମ୍ମାନ ସମାରୋହ, ସ୍ଥାନ: ବାଲିଗୁଡ଼ା ବ୍ଲକ କଲୋନୀ ବିଦ୍ୟାଳୟ ପରିସର,ସମୟ: ଅପରାହ୍ନ ୨ଟା।

## ଢେଙ୍କାନାଳ
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଜାଭିୟର୍ସ ସ୍କୁଲରେ ଗୁରୁଦିବସ ପାଳନ, ସ୍ଥାନ:ଜାଭିୟର୍ସ ସ୍କୁଲ ପରିସର, ରଣପଶି, ଗେଙ୍ଗୁଟିଆ, ସମୟ: ପୂର୍ବାହ୍ନ ୧୦ଟା।
- ଅଲଟରନେଟିଭ୍ ରିଦିମ ଥିଏଟରର ୧୧ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ, ସ୍ଥାନ: ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ଗୁରୁପୂଜନ ଓ ପ୍ରତିଭା ସମ୍ମାନ ଉତ୍ସବ, ସ୍ଥାନ: ତାଳଚେର ଦେଉଳବେଡ଼ା ଡିସିଆଇ କ୍ଲବ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଜିଲାସ୍ତରୀୟ କାର୍ଯ୍ୟୋନ୍ନୟନ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଜିଲା ରିଲିଫ ଆସୋସିଏଶନ ଜେନେରାଲ ବଡି ମିଟିଂ, ସ୍ଥାନ: ଅନୁଗୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର
- ଗୁରୁଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ ; କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ ପାରାଦୀପ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଜଗତ୍‌ସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ଜିଲାସ୍ତରୀୟ କୌଶଳ ରଥର ଉଦ୍‌ଘାଟନ, ସ୍ଥାନ: ପଲିଟେକନିକ କଲେଜ, ଛତା, ଡେରାବିଶ, ସମୟ: ସକାଳ ୮ଟା।
- ଜିଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ, କେନ୍ଦ୍ରପଡ଼ା, ସମୟ: ସକାଳ ୯ଟା।
- ଗୁରୁପୂଜନ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମନକରପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ, ସ୍ଥାନ: ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମ,ସ୍ଥାନ : ରସୁଲପୁର ବ୍ଲକ ମୁଗପାଳ ହାଇସ୍କୁଲ ପରିସର,ସମୟ : ସକାଳ ୯ଟା୩୦ ।
- ସତ୍ୟନାରାୟଣ ପାଠାଗାର ପକ୍ଷରୁ ରାଜ୍ୟସ୍ତରୀୟ ପ୍ରଣାମ ଗୁରୁଜୀ ସମ୍ବର୍ଦ୍ଧନା ପର୍ବ, ସ୍ଥାନ : ମୂଳାପାଳ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ସମୟ : ଅପରାହ୍ନ ୩ଟା।
- ଧର୍ମଶାଳା ଭାଜପା ପକ୍ଷରୁ ଗୁରୁ ବନ୍ଦନା କାର୍ଯ୍ୟକ୍ରମ,ସ୍ଥାନ : କାଏମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ସମୟ : ପୂର୍ବାହ୍ନ ୯ଟା।

## ନୟାଗଡ଼
- ଗୁରୁ ପୂଜନ କାର୍ଯ୍ୟକ୍ରମ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ ବଳରାମପ୍ରସାଦ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁ ପୂଜନ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ଜିଲାର ସରକାରୀ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ସୁଭଦ୍ରା ଯୋଜନା ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ:ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ଅପରାହ୍ନ ୫ଟା ।

## ରାୟଗଡ଼ା
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଜିଲାସ୍ତରୀୟ ସମାରୋହ, ସ୍ଥାନ: ଜିସିଡ଼ି ଖେଳ ପଡିଆ, ରାୟଗଡା, ସମୟ: ସକାଳ ୯ ଟା।
- ଶିକ୍ଷକଙ୍କୁ ସାମୁହିକ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ଗୁଣପୁର ବିଆରସିସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତେନ୍ତୁଳି ପ୍ରସ୍ତୁତି ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, କୋଲନରା, ସମୟ: ପୂର୍ବାହ୍ନ ୧୧ ଟା।

## ନବରଙ୍ଗପୁର
- ଜିଲାସ୍ତରୀୟ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ସାଇକଲ୍ୟାଣ ମଣ୍ଡପ, ନବରଙ୍ଗପୁର, ସମୟ: ସକାଳ ୯ଟା।

## କୋରାପୁଟ
- ନାଲ୍‌କୋ ଠିକା ଶ୍ରମିକ ସଙ୍ଗଠନ କୋଅର୍ଡିନେଶନ କମିଟି ପକ୍ଷରୁ ଗେଟ୍ ମିଟିଂ, ସ୍ଥାନ: ନାଲ୍‌କୋ ବିଶୋଧନାଗାର, ଦାମନଯୋଡ଼ି, ସମୟ: ସକାଳ ୮ଟା୩୦।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ସମାରୋହ, ସ୍ଥାନ: ଓଏସ୍‌ଏପି ପଡ଼ିଆ, କୋରାପୁଟ, ସମୟ: ସକାଳ ୯ଟା ୩୦।

## ସମ୍ବଲପୁର
- ସମ୍ବଲପୁର କାହାଣୀ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ : ବୁର୍ଲା ସ୍ଥିତ ଆଲୋକ କାର୍ଯ୍ୟାଳୟ , ସମୟ: ପୂର୍ବାହ୍ନ ୧୧ଟା ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଗୁରୁ ପୂଜନ କାର୍ଯ୍ୟକ୍ରମ, ସ୍ଥାନ : ସିଦ୍ଧେଶ୍ୱର ବେର୍ଣ୍ଣ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ : ପୂର୍ବାହ୍ନ ୧୧ଟା।
- ଭାରତୀୟ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଶିକ୍ଷକ ଦିବସ, ସ୍ଥାନ: ଓଡିଶା ସାଂସ୍କୃତିକ ସଭାଜ ଭବନ, ସମୟ: ଅପରାହ୍ନ ୪ଟା।

## ବଲାଙ୍ଗୀର
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଜିଲାସ୍ତରୀୟ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଟାଉନ ବାଳକ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ସକାଳ ୮ଟା।
- ପ୍ରାଦେଶିକ ବିଜ୍ଞାନ ମେଳା, ସ୍ଥାନ: କଲେଜ ଛକ ସରସ୍ୱତୀ ଶିଶୁ ମନ୍ଦିର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷୟିତ୍ରୀ, ଲେଖକ–ଲେଖିକା ବୈଠକ, ସ୍ଥାନ: ମହାଲକ୍ଷ୍ମୀନଗର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର
- ଜିଲାସ୍ତରୀୟ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ବହି ମିଶନ କାର୍ଯ୍ୟକ୍ରମ, ସ୍ଥାନ: ଡୁଙ୍ଗୁରିପାଲି ବାଳକ ହାଇସ୍କୁଲ ଛକ ସାଇ ଗେଷ୍ଟ ହାଉସ୍, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣ ଭାରତୀ ପରିବାର ପକ୍ଷରୁ ଶିକ୍ଷକ ସମ୍ମାନ ସମାରୋହ। ସ୍ଥାନ–ସୋନପୁର ସହର ଢେରାପଡା ସ୍ଥିତ ଦୟାନନ୍ଦ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼
- ଜିଲାସ୍ତରୀୟ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସକାଳ ୯ଟା।
- ପ୍ରାଥମିକ ଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗୁରୁଦିବସ ପାଳନ, ସ୍ଥାନ: ସରସ୍ୱତୀ ମଣ୍ଡପ, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଗାୟତ୍ରୀ ମନ୍ଦିର, ସମୟ: ସକାଳ ୭ଟା।
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବଣ୍ଟନ, ସ୍ଥାନ: ବେହେରାମାଲସ୍ଥିତ ନବ ଦାସ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ରୁଦ୍ରାଭିଷେକ ପୂଜା, ସ୍ଥାନ: ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୩ଟା।

## ରାଉରକେଲା
- ଶ୍ରମିକ ନେତା ରାଜକିଶୋର ସାମନ୍ତରାୟଙ୍କ ଶ୍ରାଦ୍ଧରେ ଫଳବଣ୍ଟନ, ସ୍ଥାନ: କଳ୍ପତରୁ ଆଶ୍ରମ, ସମୟ: ସକାଳ ୮ଟା ୩୦।
- ଭାଜପା ପକ୍ଷରୁ ଶିକ୍ଷକ ଦିବସ ପାଳନ, ସ୍ଥାନ: ଉପହାର ପ୍ୟାଲେସ, ସେକ୍ଟର–୧୮, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟବ୍ୟାପୀ ଶ୍ରମିକ ବୈଠକ, ସ୍ଥାନ: ସେକ୍ଟର–୭, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳରେ ଶିକ୍ଷକ ଦିବସ ପାଳନ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ଗୁରୁ ଦିବସ ପାଳନ, ସ୍ଥାନ: ଚିନ୍ମୟ ବିଦ୍ୟାଳୟ, ସମୟ: ସକାଳ ୮ଟା।
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ଦେବଗଡ କଲେଜ, ସମୟ: ସକାଳ ୯ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ, ସ୍ଥାନ: ଭବାନୀପାଟଣା ଡିଆଇଟି, ସମୟ: ପୂର୍ବାହ୍ନ ୧୦ଟା।
- କଳାହାଣ୍ଡି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜିଲାସ୍ତରୀୟ ଗୁରୁଦିବସ ପାଳନ, ସ୍ଥାନ: ଜୁନାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।

## ନୂଆପଡ଼ା
- ଗୁରୁଦିବସ ପାଳନ, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର, ବୁଢ଼ିକୋମନା, ନୂଆପଡ଼ା, ସମୟ: ସକାଳ ୮ଟା। ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା। ସ୍ଥାନ: ରାଜା ଏଟି ବିଦ୍ୟାଳୟ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଦ୍ୟାଶ୍ରୀ ପତ୍ରିକା ଉନ୍ମୋଚନ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁଲିଆବନ୍ଧା, ସମୟ: ଅପରାହ୍ନ ୨ଟା ୩୦।
- ପ୍ରଗତି କ୍ଲବ ପକ୍ଷରୁ ପ୍ରଥମ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ, ସ୍ଥାନ: କୋମନା ବ୍ଲକ କାଣ୍ଡତରା ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।

## ବୌଦ୍ଧ
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ, ସ୍ଥାନ: କଚେରୀ ଖେଳପଡିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁବନ୍ଦନା ଉତ୍ସବ, ସ୍ଥାନ: ପାରିଜାତ ପ୍ୟାଲେସ, ବୌଦ୍ଧ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦ୍ୱିଜା ନକ୍ଷତ୍ର ସକାଶେ ସମସ୍ୟାବହୁଳ ସାମାଜିକ ସ୍ଥିତି ଦେଖାଦେଇପାରେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସାବଧାନ ରୁହନ୍ତୁ । ଆକସ୍ମିକ ଭାବରେ ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ**
ରୋହିଣୀ ନକ୍ଷତ୍ରର କାମଗୁଡ଼ିକ ବନ୍ଧୁଙ୍କ ସାହାଯ୍ୟ, ସହଯୋଗରୁ ସମ୍ପନ୍ନ ହେବ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ କାର୍ଯ୍ୟାରମ୍ଭ କରିପାରନ୍ତି। ସଭାସମିତି, ରାଜନୀତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଭୁଲ୍ ବୁଝାମଣାବଶତଃ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ**
ମୃଗଶିରା ନକ୍ଷତ୍ର ବିଭିନ୍ନ କାମରେ ବ୍ୟସ୍ତ ରହିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ କ୍ଷେତ୍ରରେ ସଫଳତା ବିଳମ୍ବରେ ପାଇବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ପରିବାର ପାଇଁ ନିଜ ମନ ପସନ୍ଦର ଜିନିଷ କିଣିବାକୁ ମନ ବଳାଇବେ।

**କର୍କଟ**
ପୁଷ୍ୟାନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟରୁ ଉତ୍ସାହିତ ହେବେ। ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି କାରଣରୁ ଚିନ୍ତିତ ରହିପାରନ୍ତି। ବକ୍ତୃତା ପ୍ରଦାନରେ, ଲେଖାପଢ଼ାରେ, ଆଲୋଚନା ତଥା ଚୁକ୍ତିପତ୍ର ସମ୍ପାଦନାରେ ସଫଳତା ହାସଲ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଯାତ୍ରା ଓ ମାଙ୍ଗଳିକ କାମରେ ସହଯୋଗ କରି ଖୁସି ରହିବେ।

**ସିଂହ**
ଉତ୍ତରାଫାଲଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ଦ୍ୱାରା ସହଯୋଗ ପାଇବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେତୁ ମନସ୍ତାପ ବଢ଼ିଯିବ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା**
ହସ୍ତାନକ୍ଷତ୍ର ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ। ରାଜନୈତିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। ପ୍ରତିଯୋଗିତାରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରିବା ଭଲ। ଘର ଲୋକଙ୍କୁ ଉପେକ୍ଷା କରି ପରକଥାରେ ପଡି ଭୁଲ୍ ମାର୍ଗ ଅନୁସରଣ କରି ଅନୁତାପ କରିବାକୁ ପଡ଼ିପାରେ।

**ତୁଳା**
ଚିତ୍ରା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ ହେତୁ ମାନସିକ ସ୍ଥିତି ଭଲ ରହିବ। କର୍ମକ୍ଷେତ୍ରରେ ଉପର ଅଧିକାରୀଙ୍କ ସମ୍ମୁଖରେ ମନର ଭାବ ପ୍ରକାଶ କରିବାରେ ପଛେଇ ଯିବେ। କଳହ ଲାଗିଥିବା ବନ୍ଧୁ ପ୍ରତି ସତର୍କ ନ ରହିଲେ ଅସୁବିଧାରେ ପଡ଼ିବେ। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କାମ ଉତ୍ସାହପ୍ରଦ ହେବ ନାହିଁ।

**ବିଛା**
ଜ୍ୟେଷ୍ଠା ନକ୍ଷତ୍ରର ଭୁଲ୍ ବୁଝାମଣା ହେତୁ ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ସାମାଜିକ ସ୍ତରରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
ଆଜି ମୂଳା ନକ୍ଷତ୍ର ଦୀର୍ଘଦିନରୁ ଆଶା କରୁଥିବା ଜିନିଷ ପାଇ ଖୁସି ହେବେ। ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପରିବାରରେ ଭୁଲ୍ ବୁଝାମଣା ବଶତଃ ସାମୟିକ କଳହ ଦେଖାଦେଇପାରେ। ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବ।

**ମକର**
କାର୍ଯ୍ୟହାନି କାରଣରୁ ଶ୍ରବଣା ନକ୍ଷତ୍ରର ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ରହିବ। ରାଜନୈତିକ ସ୍ତରରେ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। କେତେକ କ୍ଷେତ୍ରରେ ବୁଝାମଣା ଅଭାବରୁ କାରଣ ନ ଥାଇ ମଧ୍ୟ ଦୋଷୀସାବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ**
ଉତ୍ତରଭାଦ୍ରପଦ ନକ୍ଷତ୍ର ସକାଶେ ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବ୍ୟବସାୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। ଦୀର୍ଘଦିନରୁ ପଡ଼ିରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପାରିବାରିକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

**ମୀନ**
ରେବତୀ ନକ୍ଷତ୍ର ଯେତେ ସୁବିଧାରେ ରହିବା ପାଇଁ ଚେଷ୍ଟା କଲେ ମଧ୍ୟ ନିଜର ଲୋକମାନଙ୍କ ଦ୍ୱାରା ଅସନ୍ତୁଷ୍ଟ ରହିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ସଭାସମିତିରେ ବନ୍ଧୁମାନଙ୍କ ସହ ମତଭେଦ ଘଟିପାରେ। କେତେକ କ୍ଷେତ୍ରରେ ଜିଦ୍‌ଖୋର କାରଣରୁ ହଇରାଣ ହୋଇପାରନ୍ତି।

ଆଜି ସେପ୍ଟେମ୍ବର ୫ ତାରିଖ, ଗୁରୁଦିବସ, ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ, ଭାଦ୍ରବ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ଗୁରୁବାର, ଶ୍ରୀମନ୍ଦିରରେ ନିକୁଲୀଳା, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର–ହସ୍ତା/କନ୍ୟା, ତୃତୀୟାର ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୩୫ ଗତେ ଘ. ୦୭।୧୪ ମଧ୍ୟେ, ଘ.୧୦।୩୧ ଗତେ ଘ.୧୨।୫୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧।୧୭ ଗତେ ଘ.୦୨।୪୯ ମଧ୍ୟେ ରାହୁକାଳ ।

# ପ୍ରଥମ ପୃଷ୍ଠାରୁ...

## ଭାଙ୍ଗିଲା ୨୩ ସ୍ୱତନ୍ତ୍ର ...
ଆଦିବାସୀମାନଙ୍କ କଳା, ସଂସ୍କୃତିକୁ ଜୀବିତ ରଖିବାକୁ ଏହି ପରିଷଦ ଗଠନ କରି ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିଲା। ଯଦି ଏହାକୁ ନୂତନ ସରକାର ପୁନର୍ଗଠନ ନ କରନ୍ତି ତେବେ ଆଦିବାସୀମାନଙ୍କ ସ୍ୱାର୍ଥ ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ମାଝୀ କହିଛନ୍ତି। କେନ୍ଦୁଝର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷା ଲକ୍ଷ୍ମୀ ନାୟକ କହିଛନ୍ତି, ଆମକୁ ୨ ବର୍ଷ ପାଇଁ ଦାୟିତ୍ୱ ଦିଆଯାଇଥିଲା। ଆହୁରି ଏକ ମାସ କାର୍ଯ୍ୟକାଳ ରହିଥିଲା। ପରିଷଦ ରହିଥିଲେ ଭଲ ହୋଇଥାଆନ୍ତି। ଭାଙ୍ଗିବା ଦ୍ୱାରା ଆଦିବାସୀଙ୍କ ଉନ୍ନୟନ ନିମନ୍ତେ ହେବାକୁ ଥିବା କାମ ଅଧୁରା ରହିଯିବ। ସେହିପରି ବିଜେଡିର ବରିଷ୍ଠ ନେତା ତଥା ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ କହିଛନ୍ତି, ରାଜନୈତିକ ଉଦ୍ଦେଶ୍ୟ ରଖି ଏସ୍‌ଡିସିଗୁଡ଼ିକୁ ଭଙ୍ଗାଯାଇଛି। ରାଜନୈତିକ ପୃଷ୍ଠପୋଷକତା ରଖି କାର୍ଯ୍ୟ କରାଯାଉଛି। ଗେମ୍ ଚେଞ୍ଜର କହି ନେମ୍ ଚେଞ୍ଜର ହେଉଛନ୍ତି। ସରକାର ଏଥିରେ କେତେଦୂର ଫଳପ୍ରଦ ହେବେ ଆଗାମୀ ଦିନରେ ତାହା ଜଣାପଡ଼ିବ ବୋଲି ପ୍ରତାପ କହିଛନ୍ତି। ଅନ୍ୟପକ୍ଷରେ ବରିଷ୍ଠ ଭାଜପା ନେତା ଗୋଲକ ମହାପାତ୍ର କହିଛନ୍ତି, ବିଜେଡି ସରକାର ଥିବାବେଳେ ଏହାକୁ ଏହାକୁ ଥଇଥାନ କେନ୍ଦ୍ର କରିଥିଲା। ନେତାମାନଙ୍କୁ ବୁଝାଇ ରଖିବା ପାଇଁ ଏହି ସଂସ୍ଥାଗୁଡ଼ିକରେ ନିଯୁକ୍ତି ଦେଇଥିଲା। ଆଦିବାସୀଙ୍କ ବିକାଶ ପାଇଁ ଯେଉଁ ଟଙ୍କା ଯାଇଥିଲା, ତାହାକୁ କାମରେ ଲଗାଯାଇ ନ ଥିଲା। ଆଗକୁ ଭାଜପା ସରକାର ପ୍ରକୃତ ଆଦିବାସୀମାନଙ୍କୁ ଏହି ସବୁଥିରେ ନିଯୁକ୍ତି ଦେଇ ବାସ୍ତବ ବିକାଶ କାମ ଆଗେଇ ନେବ ବୋଲି ଗୋଲକ କହିଛନ୍ତି।

## ଟ୍ରେନ୍‌ରୁ ପଡ଼ି ଟ୍ରାକ୍ ...
ଭଳି ଲାଗୁଥିଲେ ମଧ୍ୟ ବାସ୍ତବରେ ଘଟିଛି। ମହାପ୍ରଭୁଙ୍କ ଚମତ୍କାରରୁ ପିଲାକୁ ସୁରକ୍ଷିତ ଭାବେ ଫେରି ପାଇଲୁ ବୋଲି ଶିଶୁର ମା'ବାପା କହିଛନ୍ତି। ବ୍ରହ୍ମପୁରର ମାନସ ହୋତା ନିଜ ସ୍ତ୍ରୀ, ୫ବର୍ଷର ପୁଅ ପ୍ରୀତୀଶପ୍ରଜ୍ଞା ଓ ପରିବାରର ଅନ୍ୟ ସଦସ୍ୟଙ୍କ ସହ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଗ–ପୁରୀ ଏକ୍ସପ୍ରେସରେ ରାୟପୁରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ରାତି ପ୍ରାୟ ୧୦ଟା ପରେ ସମସ୍ତେ ଖାଇ ସାରି ଟ୍ରେନ୍‌ରେ ଶୋଇ ପଡ଼ିଥିଲେ। ବିଳମ୍ବିତ ରାତିରେ ପରିସ୍ରା କରିବାକୁ ପ୍ରୀତୀଶପ୍ରଜ୍ଞା ଉଠିଥିଲେ। ସେ ବଗିର ବାଥ୍‌ରୁମ୍ ନିକଟକୁ ଆସୁଥିବାବେଳେ ଅସାବଧାନତାରୁ ଗୋଡ଼ ଖସିଯିବାରୁ ସେ ଟ୍ରେନ୍ ତଳକୁ ପଡ଼ିଯାଇଥିଲେ। ମାନସଙ୍କ ପରିବାର ଲୋକ ସକାଳୁ ଉଠିବାବେଳେକୁ ପ୍ରୀତୀଶପ୍ରଜ୍ଞାଙ୍କୁ ପାଖରେ ପାଇ ନ ଥିଲେ। ଖୋଜାଖୋଜି କରୁଥିବାବେଳେ ଟ୍ରେନ୍ ଢେଙ୍କାନାଳ ଷ୍ଟେଶନରେ ପହଞ୍ଚିଥିଲା। ମାନସ ତୁରନ୍ତ ଟ୍ରେନ୍‌ରୁ ଓହ୍ଲାଇ ଢେଙ୍କାନାଳ ଷ୍ଟେଶନରେ ଆର୍‌ପିଏଫ୍‌ର ସହାୟତା ନେଇଥିଲେ। ଏହାର କିଛି ସମୟ ପରେ ରେଢ଼ାଖୋଲ ଆର୍‌ପିଏଫ୍ ଶିଶୁର ପରିବାର ଲୋକଙ୍କ ସହ ଯୋଗାଯୋଗ କରିଥିଲେ। ପୁଅ ରେଢାଖୋଲ ଉପଖଣ୍ଡ ଡାକ୍ତରଖାନାରେ ଅଛି ଏବଂ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ବୋଲି ଆର୍‌ପିଏଫ୍ କର୍ତ୍ତୃପକ୍ଷ କହିଥିଲେ। ପରେ ମାନସ ପରିବାର ସହ ରେଢାଖୋଲରେ ପହଞ୍ଚି ପୁଅକୁ ସାଙ୍ଗରେ ନେଇଥିଲେ। ଆର୍‌ପିଏଫ୍ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ତାଳଚେର–ସମ୍ବଲପୁର ରେଳପଥର ରେଢାଖୋଲ ଷ୍ଟେଶନଠାରୁ ପ୍ରାୟ ୪ କି.ମି. ଦୂର ଅଙ୍ଗାରପଡ଼ା ନିକଟ ରେଳ ଟ୍ରାକ୍ ପାର୍ଶ୍ୱରେ ଶିଶୁଟିଏ ପଡ଼ିଥିବା ନେଇ ଏକ ମାଲ୍‌ବୋଝେଇ ଟ୍ରେନ୍‌ର ଡ୍ରାଇଭର ବୁଧବାର ସକାଳେ ଦେଖିବାକୁ ପାଇଥିଲେ। ସେ ଏନେଇ ଆର୍‌ପିଏଫ୍‌କୁ ସୂଚନା ଦେଇଥିଲେ। ରେଢାଖୋଲ୍ ଷ୍ଟେଶନ ଆର୍‌ପିଏଫ୍ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଶିଶୁପୁତ୍ରକୁ ଆହତ ଅବସ୍ଥାରେ ଉଦ୍ଧାର କରିଥିଲେ। ଶିଶୁପୁତ୍ରର ମୁହଁରେ ଆଘାତ ଲାଗିଥିବାବେଳେ ସେ ରାତିସାରା ଏକାକୀ ରେଳ ଧାରଣା ନିକଟରେ ପଡ଼ିଥିବାରୁ ଭୟଭୀତ ଅବସ୍ଥାରେ ଥିଲେ। ତାଙ୍କୁ ତୁରନ୍ତ ରେଢାଖୋଲ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

## ୯ରେ ସ୍କୁଲ ...
ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେପ୍ଟେମ୍ବର ୯କୁ ଛୁଟି ଘୋଷଣା କରିଥିଲେ। ଚଳିତ ବର୍ଷ ସେପ୍ଟେମ୍ବର ୮ ତାରିଖରେ ନୂଆଁଖାଇ ପର୍ବ ପଡୁଛି। ସେହିଦିନ ରବିବାର ଥିବାରୁ ୯ ତାରିଖକୁ ଛୁଟି ଘୋଷଣା କରାଯାଇଛି। ସେହିଦିନ ରାଜ୍ୟର ସବୁ ସରକାରୀ କାର୍ଯ୍ୟାଳୟ, ମାଜିଷ୍ଟ୍ରେରିଆଲ କୋର୍ଟ ଓ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ନିର୍ଦ୍ଦେଶରେ କହିଥିଲେ।

## କଂଗ୍ରେସରୁ ଲଢ଼ିପାରନ୍ତି ...
ତଥା ହରିୟାଣା ପ୍ରଭାରୀ ଦୀପକ ବାବରିଆ ସୂଚନା ଦେଇଛନ୍ତି। ପୁନିଆ ଟୋକିଓ ଗେମ୍ସ ବ୍ରୋଞ୍ଜ ମେଡାଲିଷ୍ଟ ହୋଇଥିବାବେଳେ ଫୋଗଟ ଅଲିମ୍ପିକ୍ସରେ ପ୍ରତିଯୋଗିତା କରିବାରେ ପ୍ରଥମ ମହିଳା କୁସ୍ତିଯୋଦ୍ଧା। ଫୋଗଟ ୫୦ କେ.ଜି. ବର୍ଗରେ ଭାଗନେଇଥିବାବେଳେ ଓଜନ ୧୦୦ ଗ୍ରାମ ଅଧିକ ଥିବା ଦର୍ଶାଇ ଅଲିମ୍ପିକ୍ସ କମିଟି ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲା। ଏହା ପରେ ସେ କ୍ରୀଡ଼ାରୁ ଅବସର ଘୋଷଣା କରିଥିଲେ। ଭାରତୀୟ କୁସ୍ତି ମହାସଂଘ(ଡବ୍ଲୁଏଫ୍‌ଆଇ)ର ପୂର୍ବତନ ଅଧ୍ୟକ୍ଷ ତଥା ଭାଜପାର ପ୍ରାକ୍ତନ ଏମ୍‌ପି ବ୍ରିଜଭୂଷଣ ଶରଣ ସିଂଙ୍କ ବିରୋଧରେ ଆଗତ ଯୌନ ନିର୍ଯାତନା ଅଭିଯୋଗ ଆଣି ୨୦୨୩ରେ ବିକ୍ଷୋଭ ଚଳାଇଥିବା କୁସ୍ତିଯୋଦ୍ଧାଙ୍କ ମଧ୍ୟରେ ପୁନିଆ ଓ ଫୋଗଟ ଥିଲେ। ହରିୟାଣା ବିଧାନସଭାର ୯୦ ଆସନ ପାଇଁ ଅକ୍ଟୋବର ୫ରେ ନିର୍ବାଚନ ହେବାକୁ ଥିବାବେଳେ ଭୋଟଗଣତି ୮ରେ କରାଯିବ। କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କମିଟି ଅଦ୍ୟାବଧି ୬୬ ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରିସାରିଛି। କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନିର୍ବାଚନରେ ଆସନ ବୁଝାମଣା ପାଇଁ ଆଲୋଚନା ଜାରି ରଖିଛନ୍ତି।

## ଭାରତକୁ ଆଉ ୨ ସ୍ୱର୍ଣ୍ଣ, ...
ପ୍ରଥମ ମ୍ୟାଚରେ ଚାଇନିଜ ତାଇପେଇର ସେଙ୍ଗ ଲଙ୍ଗ ହୁଇଙ୍କୁ ୭–୩ ଓ ଦ୍ୱିତୀୟ ମ୍ୟାଚ୍‌ରେ ଇଣ୍ଡୋନେସିଆର ଘୋଲାମରେଜା ରହିମିଙ୍କୁ ୬–୪ରେ ହରାଇ କ୍ୱାର୍ଟରରେ ପ୍ରବେଶ କରିଥିଲେ ହରବିନ୍ଦର। କ୍ୱାର୍ଟର ଫାଇନାଲରେ କଲମ୍ବିଆର ରାମିରେଜ ହେକ୍ଟର ଜୁଲିଓଙ୍କୁ ୬–୨ରେ ପରାସ୍ତ କରିଥିଲେ। ସେମି ଫାଇନାଲରେ ଇରାନର ଆରବ ଆମେରୀ ମହମ୍ମଦ ରେଜାଙ୍କୁ ୭–୩ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ ଏହି ଭାରତୀୟ ଖେଳାଳି। ହରବିନ୍ଦରଙ୍କ ପଦକକୁ ମିଶାଇ ଚଳିତ ସଂସ୍କରଣରେ ଭାରତ ଆର୍ଚ୍ଚେରୀରୁ ଦୁଇଟି ପଦକ ହାସଲ କରିଛି। ପୂର୍ବରୁ କମ୍ପାଉଣ୍ଡ ମିକ୍ସଡ ଟିମ୍ ଇଭେଣ୍ଟରେ ଶୀତଲ ଦେବୀ ଓ ରାକେଶ କୁମାର ଏକ ବ୍ରୋଞ୍ଜ ପଦକ ଜିତିଥିଲେ। କ୍ଲବ ଥ୍ରୋଇଙ୍ଗର ଏଫ୍ ୫୧ ଇଭେଣ୍ଟରେ ଧରମବୀର ୩୪.୯୨ ମିଟରର ଥ୍ରୋ କରି ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନ୍ୟତମ ଭାରତୀୟ ପ୍ରଣବ ସୁର୍‌ମା ୩୪.୫୯ ମିଟରର ଥ୍ରୋ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସର୍ବିୟାର ଦିମିତ୍ରେଭିଚ୍ ଜେଲ୍‌କୋ ୩୪.୧୮ ମିଟରର ଥ୍ରୋ ସହ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ପାରା ଶଟପୁଟର ସଚିନ୍ ସର୍ଜେରାଓ ଖିଲାରି ପୁରୁଷ ଏଫ୍ ୪୬ ଇଭେଣ୍ଟରେ ୧୬.୩୨ ମିଟର ଥ୍ରୋ ସହିତ ରୌପ୍ୟ ପଦକ ଜିତିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ୧୬.୩୦ ମିଟର ଥ୍ରୋ ସହିତ ଏସିଆନ୍ ରେକର୍ଡ ନିଜ ନାମରେ କରିଥିବା ସଚିନ୍ ବୁଧବାର ଏହାକୁ ଭାଙ୍ଗିଥିଲେ। ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହିତ ଏଫ୍ ୪୬ ବର୍ଗରେ ଏସିଆର ସର୍ବଶ୍ରେଷ୍ଠ ଆଥଲେଟ ବିବେଚିତ ହୋଇଛନ୍ତି। କାନାଡାର ଗ୍ରେଗ୍ ଷ୍ଟିୱାର୍ଟ ୧୬.୩୮ ମିଟର ଥ୍ରୋ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଟୋକିଓରେ ସ୍ୱର୍ଣ୍ଣ ପଦକ ଜିତିଥିବା ଷ୍ଟିୱାର୍ଟ ଟାଇଟଲ ଡିଫେଣ୍ଡ କରିବାରେ ସମର୍ଥ ହୋଇଛନ୍ତି। କ୍ରୋଏସିଆର ଲୁକା ବାକୋଭିଚ୍ ୧୬.୨୭ ମିଟର ଥ୍ରୋ ସହିତ ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ଜିତିଛନ୍ତି। ଚଳିତ ପାରାଲିମ୍ପିକ୍ସରେ ଭାରତର ସମୁଦାୟ ପଦକ ସଂଖ୍ୟା ୨୪ରେ ପହଞ୍ଚିଛି। ଭାରତୀୟ ପାରା ଆଥଲେଟ୍‌ମାନେ ୫ ସ୍ୱର୍ଣ୍ଣ,୯ ରୌପ୍ୟ ଓ ୧୦ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।




# ନିୟନ୍ତ୍ରଣରେ ନାହିଁ ପିଆଜ, ରସୁଣ

## ବାଲେଶ୍ୱରରେ ରସୁଣ କେଜି ୨୫୦, ଭୁବନେଶ୍ୱରରେ ୪୦୦

**ଭୁବନେଶ୍ୱର,୪।୯ (ଅନୁରାଧା ମହାରଣା)**

କିଛିଦିନ ତଳେ ଆଳୁ ଦର ବୃଦ୍ଧିକୁ ନେଇ ରାଜ୍ୟବାସୀ ମୁଣ୍ଡରେ ହାତ ଦେଇଥିଲେ। ଖାଉଟିଙ୍କ ଅସନ୍ତୋଷ ପରେ ରାଜ୍ୟ ସରକାର ଦର ନିୟନ୍ତ୍ରଣକୁ ଆଣିବା ଲାଗି ନାନା କଟକଣା ଓ ପଦକ୍ଷେପ ନେଇଥିଲେ। ଫଳରେ ଆଳୁ କେ.ଜି. ୬୦ରୁ ଏବେ ୩୫ ତଳକୁ ଖସିଛି। ହେଲେ ଏବେ ପିଆଜ, ରସୁଣ ଦର ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ହୁ ହୁ ହୋଇ ବଢ଼ି ଚାଲିଥିବାରୁ ଖାଉଟିମାନେ ଶୋଷଣ ହେଉଥିବା ଅନୁଭବ କରୁଛନ୍ତି। ପିଆଜ ୬୦ ଟପିଥିବାବେଳେ ରସୁଣ ୪୦୦ ଛୁଇଁଛି। ସେହିଭଳି ଅଦା ଦର ମଧ୍ୟ ଉପରମୁହାଁ ହୋଇଛି। ବିଶେଷକରି ଅନ୍ୟ ସହରଠାରୁ ରାଜଧାନୀ ଭୁବନେଶ୍ୱରରେ ଅଧିକ ଦର ପାଖାପାଖି ଦୁଇଗୁଣା ରହୁଥିବାରୁ କଳା ବଜାର ହୋଇଥିବା ଅଭିଯୋଗ ଉଠୁଛି। ଏପରିକି ଆଳୁ ଭଳି ପିଆଜ, ଅଦା, ରସୁଣ ସହ ଅନ୍ୟ ସାମଗ୍ରୀର ଦର ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ଦାବି ଉଠୁଛି।

ବୁଧବାରର ବଜାର ଅନୁସାରେ, ଭୁବନେଶ୍ୱର ସମେତ ନୟାଗଡ଼, କୋରାପୁଟ ଓ ସୁନ୍ଦରଗଡ଼ ଆଦି ଅଞ୍ଚଳରେ ପିଆଜ କେ.ଜି. ୬୦ ଟଙ୍କା ଓ ତା'ଠାରୁ ଅଧିକ ଥିଲା। ତେବେ ଅନ୍ୟାନ୍ୟ ସ୍ଥାନରୁ ଆସିଥିବା ତଥ୍ୟକୁ



ଦେଖିଲେ ପିଆଜ ଦର ୫୦ଟଙ୍କା ତଳକୁ ଖସି ନ ଥିଲା। ସେହିପରି କୋରାପୁଟ ଓ ଭୁବନେଶ୍ୱରରେ ରସୁଣ ଦର କେ.ଜି. ପ୍ରତି ୪୦୦ ଛୁଇଁଥିବାବେଳେ କେନ୍ଦ୍ରାପଡ଼ାରେ ୩୮୦ଟଙ୍କା, ବ୍ରହ୍ମପୁର ଓ ସୁନ୍ଦରଗଡ଼ରେ ୩୨୦ଟଙ୍କା, ନବରଙ୍ଗପୁର ଓ ଭଦ୍ରକରେ ୩୦୦ଟଙ୍କା, ନୟାଗଡ଼, ମାଲକାନଗିରି ଓ ରାୟଗଡ଼ାରେ ୨୮୦ ଟଙ୍କା, ମୟୂରଭଞ୍ଜରେ ୨୬୦ ଟଙ୍କା, ବାଲେଶ୍ୱର ଓ କେନ୍ଦୁଝରରେ ୨୫୦ଟଙ୍କା ରହିଥିଲା। ଏହା ବ୍ୟତୀତ ଅଦା କେଜି ୨୫୦ ଟଙ୍କା ଟପିଥିଲା। ଭୁବନେଶ୍ୱର ଅଦା ୨୫୦ ଟଙ୍କା ରହିଥିବା ବେଳେ କେନ୍ଦ୍ରାପଡ଼ା, ନବରଙ୍ଗପୁର, ମାଲକାନଗିରି, ଭଦ୍ରକ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ଅଦା ୨୦୦ଟଙ୍କା ରହିଥିଲା। ସେହିଭଳି ବାଲେଶ୍ୱରରେ ୧୫୦ ଟଙ୍କା, ରାୟଗଡ଼ାରେ ୧୪୦ ଟଙ୍କା, ମୟୂରଭଞ୍ଜ ଓ ନୟାଗଡ଼ରେ ୧୩୦ଟଙ୍କା, ବ୍ରହ୍ମପୁରରେ ୧୨୦ ଟଙ୍କା ରହିଥିଲା।

ଓଡ଼ିଆ ଖାଦ୍ୟରେ ନିତିଦିନିଆ ଭାବେ ବ୍ୟବହୃତ ମସଲା ଅଦା, ପିଆଜ ଓ ରସୁଣର ଆକାଶଛୁଆଁ ଦରର ପ୍ରଭାବ ଏବେ ହାଣ୍ଡିଶାଳଠାରୁ ଆରମ୍ଭ କରି ହୋଟେଲ ପର୍ଯ୍ୟନ୍ତ ସବୁଠି ଦେଖିବାକୁ ମିଳୁଛି। ବଜାରରେ ଯଥେଷ୍ଟ ପରିମାଣର ମହଜୁଦ୍ ଥିଲେ ମଧ୍ୟ ଉଚ୍ଚା ଦର ଖାଉଟିଙ୍କ ମନକୁ ଖଟା କରିଦେଉଛି। ଅତି ଜରୁରୀଥିଲେ ୫୦ କିମ୍ବା ୧୦୦ଗ୍ରାମ୍ ନେଇ କାମ ଚଳାଉଛନ୍ତି। ଦରଦାମ ବୃଦ୍ଧିକୁ ନେଇ ଖାଉଟି ଅସନ୍ତୋଷ ପ୍ରକାଶ କରୁଥିବାବେଳେ ଖୁଚୁରା ବ୍ୟବସାୟୀ କ୍ଷତି ସହୁଥିବା କହୁଛନ୍ତି। ତେବେ ସ୍ଥିତି ନିୟନ୍ତ୍ରଣ ପାଇଁ ସରକାର ଆଗାମୀ ଦିନରେ କେଉଁ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଉପରେ ସମସ୍ତଙ୍କର ନଜର ରହିଛି।

ଏନେଇ ରାଜ୍ୟ ବ୍ୟବସାୟୀ ସଂଘ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ରସୁଣର ପାଇକାରୀ ଦର ୧୫୦ରୁ ୨୩୦ ଟଙ୍କା ରହିଛି। ମାତ୍ର ଏହା ୪୦୦ଟଙ୍କାରେ ବିକ୍ରି ହେବା ଦୁର୍ଭାଗ୍ୟଜନକ। ସରକାର କର୍ପୋରେଟ୍ ହାଉସ୍ ଉପରେ ନିୟନ୍ତ୍ରଣ ନ ଲଗାଇବା ଫଳରେ ସାଧାରଣ ବ୍ୟବସାୟୀ ଓ ସାଧାରଣ ଜନତା ବିଭିନ୍ନ ସମସ୍ୟାରେ ପଡୁଛନ୍ତି। ବ୍ୟବସାୟୀ ସଂଘ ପକ୍ଷରୁ ଏ ସମ୍ପର୍କରେ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଛି। ମାତ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଏପରି ସ୍ଥିତି ଉପୁଜୁଛି।

# ସେପ୍ଟେମ୍ବର ଶେଷ ସୁଦ୍ଧା ନୂଆ ରାଶନ କାର୍ଡ

**ଭୁବନେଶ୍ୱର,୪।୯(ଅନିଲ ଦାସ)**

ସେପ୍ଟେମ୍ବର ଶେଷ ସୁଦ୍ଧା ରାଜ୍ୟରେ ନୂଆ ରାଶନ କାର୍ଡ ଦିଆଯିବ। ବୁଧବାର ବିଧାନସଭାରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଏବେ ନୂଆ କାର୍ଡ ପାଇଁ ଆବେଦନ ଜାରି ରହିଛି। ନୂଆ ରାଶନ କାର୍ଡ ପାଇଁ ଏବେ ସୁଦ୍ଧା ୧୦ ଲକ୍ଷ ଆବେଦନ କରିଛନ୍ତି। ଅଗଷ୍ଟ ୨୨ରୁ ଇ-କେୱାଇସି ପ୍ରକ୍ରିୟାରେ ଜାଲ୍ କାର୍ଡ ଧରିବା ପାଇଁ କାମ ଆରମ୍ଭ ହୋଇଛି। ଏହା ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଚାଲିବ। ଏଯାଏ ୪୪ ଲକ୍ଷ ୩୩ ହଜାର କାର୍ଡ ଯାଞ୍ଚ ସରିଛି। ବହୁ ସଂଖ୍ୟାରେ ଜାଲ୍ କାର୍ଡ ଧରା ପଡ଼ିଛି। ଯାହା ମୋଟ୍ ରାଶନ କାର୍ଡର ୨୦ରୁ୨୫ ପ୍ରତିଶତ ହେବ। ସବୁ କାର୍ଡ ଯାଞ୍ଚ ହୋଇ ଜାଲ୍ କାର୍ଡ ଧରିବା ପରେ ସେପ୍ଟେମ୍ବର ଶେଷ ସୁଦ୍ଧା ନୂଆ କାର୍ଡ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଲଘୁଚାପ: ୯ ତାରିଖ ଯାଏ ବର୍ଷା

**ଭୁବନେଶ୍ୱର,୪।୯ (ଅନୁରାଧା ମହାରଣା)**

ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ବୁଧବାର ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଗୁରୁବାର ସୁଦ୍ଧା ଘୂର୍ଣ୍ଣିବଳୟଟି ଲଘୁଚାପର ରୂପ ନେବ। ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବାପରେ ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ବୁଧବାର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଥିବା ବେଳେ ୫ ତାରିଖରୁ ବର୍ଷାର ପରିମାଣ ବୃଦ୍ଧି ପାଇବ। ଏହି ବର୍ଷା ଆଗାମୀ ୯ ତାରିଖ ପର୍ଯ୍ୟନ୍ତ ଲାଗି ରହିବ। ଏନେଇ ବିଭିନ୍ନ ଜିଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଘଡଘଡି, ବିଜୁଳି ସହ ବର୍ଷା ନେଇ ୧୮ ଜିଲାକୁ ୟେଲୋ ୱାର୍ନିଂ ରହିଛି। ଏହି ଜିଲାଗୁଡିକ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡା ଓ ବଲାଙ୍ଗୀର ରହିଛି। ୬ ତାରିଖରେ ଦକ୍ଷିଣ ଉପକୂଳରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ୧୨ଟି ଜିଲାକୁ ବଜ୍ରପାତ ବର୍ଷା ନେଇ ୟେଲୋ ୱାର୍ନିଂ ଜାରିକରାଯାଇଛି।

# ଜାହାନିଆ ବେଳାଭୂମିରେ ଜେଲିଫିଶ୍ ମଡ଼କ

**ଅସ୍ତରଙ୍ଗ,୪।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ପୁରୀ ଜିଲା ଅସ୍ତରଙ୍ଗ ଉପକୂଳ ଜାହାନିଆ ବେଳାଭୂମିରେ ବୁଧବାର ଶତାଧିକ ଜେଲିଫିଶ୍‌ଙ୍କ ମୃତଦେହ ପଡ଼ିଥିବା ଦେଖାଯାଇଛି। ଅସ୍ତରଙ୍ଗଠାରୁ କୋଣାର୍କ ପର୍ଯ୍ୟନ୍ତ ବେଳାଭୂମି ସମୁଦ୍ର କୂଳରେ ବହୁସଂଖ୍ୟାରେ ଜେଲିଫିଶ୍ ଭାସୁଛନ୍ତି। ଜେଲିଫିଶ୍‌ରୁ ବାହାରୁଥିବା ଲାଳ ସମୁଦ୍ରରେ ଗାଧୋଉଥିବା ପର୍ଯ୍ୟଟକଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଏହାକୁ ଦେଖି ପର୍ଯ୍ୟଟକମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଜେଲିଫିଶ୍‌ର ଲାଳ ଶରୀରରେ ଲାଗିବା ଦ୍ୱାରା ଦେହ କୁଣ୍ଡେଇ ହେବା ସହ ନାଲି ପଡ଼ିଯାଏ। ବର୍ତ୍ତମାନ ସୁଦ୍ଧା କୌଣସି ପର୍ଯ୍ୟଟକ ଆହତ ହୋଇ ନ ଥିବାବେଳେ ଜେଲିଫିଶ୍ ସମୁଦ୍ରକୂଳରେ ଲାଗିଥିବାରୁ ଲୋକେ ସେତେ ମାତ୍ରାରେ ସ୍ନାନ କରୁନାହାନ୍ତି। ଗତ କିଛି ଦିନ ହେବ ଖରାର ପ୍ରକୋପ ବଢ଼ିଥିବାରୁ ସମୁଦ୍ର ଭିତରେ ତାତି ପ୍ରବଳ



ଜାହାନିଆ ବେଳାଭୂମିରେ ମରିପଡ଼ିଥିବା ଜେଲିଫିଶ୍।

ରହିଥାଏ। ଫଳରେ ଜେଲିଫିଶ୍ ଏକତ୍ରିତ ହୋଇ ପବନ ହୋଇଥିବା ଦିଗ ଅଭିମୁଖେ ଭାସିଆସି ବେଳାଭୂମିରେ ଲାଗିଛନ୍ତି। ପରେ ସମୁଦ୍ର ଢେଉରେ କେତେକ ଜେଲିଫିଶ୍ ପୁଣିଥରେ ସମୁଦ୍ର ଭିତରକୁ ଭାସି ଯାଉଥିବା ବେଳେ କେତେକ କୂଳରେ ପଡ଼ିରହୁଛନ୍ତି।

# ୫୦୦ରୁ ଊର୍ଦ୍ଧ୍ୱ କଇଁଛ ଜବତ, ୪ ଗିରଫ

**ମାଲକାନଗିରି,୪।୯ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ମୋଟୁ ବନ ବିଭାଗ ଦ୍ୱାରା ବୁଧବାର ସକାଳେ ୫୦୦ରୁ ଊର୍ଦ୍ଧ୍ୱ ଜୀବନ୍ତ କଇଁଛ ଜବତ ହୋଇଛି। ଆନ୍ଧ୍ର- ଓଡ଼ିଶା ସୀମାନ୍ତ ମୋଟୁ ତନଖି ଫାଟକ ନିକଟରୁ ବନ ବିଭାଗ ୨ଟି ପିକ୍‌ଅପ୍ ଭ୍ୟାନ୍‌ରେ ଥିବା କଇଁଛ ଜବତ କରିବା ସହ ଚୋରାଚାଲାଣରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଛି।

ବିଶେଷ ସୂତ୍ରରୁ ଖବରପାଇ ମୋଟୁ ବନ ବିଭାଗ ତରଫରୁ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମୋଟୁ-ଚିନ୍ତୁର ରାସ୍ତା ନିକଟରେ ପଇଁତରା ମାରିଥିଲେ। ସେହି ସମୟରେ ୨ଟି ପିକ୍‌ଅପ୍ ଭ୍ୟାନ୍ ଦ୍ରୁତଗତିରେ ଆସୁଥିବା ବନ ବିଭାଗ କର୍ମଚାରୀମାନେ ଦେଖି ଉକ୍ତ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ଗାଡ଼ିରେ ଥିବା ବ୍ୟକ୍ତିଙ୍କୁ ପଚରାଉଚୁରା କରିବାରୁ ଗାଡିରେ ସାର (ଖତ) ଥିବା ସେମାନେ କହିଥିଲେ। ବନ ବିଭାଗ କର୍ମଚାରୀ ଗାଡ଼ିକୁ ଭଲଭାବେ



ଜବତ କଇଁଛ।

ତଲାସି କରିବାରୁ ଗାଡ଼ି ଭିତରେ ଏକ କଣ୍ଟେନରରେ ଥିବା କଇଁଛ ଜବତ କରିବା ସହ ୨ଟି ଗାଡ଼ିରେ ଥିବା ୪ ଜଣଙ୍କୁ ଗିରଫ କରିଥିଲେ। ଏହି ଦୁଇଟି ଗାଡ଼ିରେ ୫୦୦ରୁ ଊର୍ଦ୍ଧ୍ୱ କଇଁଛ ଆନ୍ଧ୍ରପ୍ରଦେଶରୁ ଓଡ଼ିଶାକୁ ଚୋରାଚାଲାଣ ହେଉଥିଲା। ଜବତ କଇଁଛ ଓ ୨ଟି ପିକ୍‌ଅପ୍ ଭ୍ୟାନ୍‌କୁ ଏମ୍‌ଭି ୭୯ କାର୍ଯ୍ୟାଳୟରେ ରଖାଯାଇଛି। ଏ ନେଇ ତଦନ୍ତ ଜାରି ରହିଥିବା ବନାଞ୍ଚଳ ଅଧିକାରୀ ରଶ୍ମିରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି।




ବଡ ସଞ୍ଚୟ
WAGONR ₹61 100* ALTO K10 ₹59 100* S-PRESSO ₹59 100* BREZZA ₹28 000*
SWIFT ₹41 100* DZIRE ₹36 000* CELERIO ₹56 100* EECO ₹36 100*
BUY NOW, PAY LATER** | BOOK NOW OFFER VALID TILL 16TH SEPT. | UPGRADE from 2 WHEELER to 4 WHEELER | 100% ON-ROAD FUNDING AVAILABLE | 3 years 100 000 km WARRANTY* EXTENDABLE UPTO 6 YEARS | SCAN TO CHAT WITH US

WAGONR ALTO K10 S-PRESSO ERTIGA BREZZA SWIFT DZIRE CELERIO EECO

E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
Black glass on the vehicle is due to lighting effect.

**JYOTE MOTORS**
BHUBANESWAR: LEWIS ROAD: 8093027518. NAYAPALLI: 7064470102. TAMANDO: 9776615007. KEONJHAR: 8599019854. NAYAGARH: 7381028519. BALUGAON: 8093154878. ANANDPUR: 8599019854. KENDRAPARA: 9776615048. PATTAMUNDAI: 7440016539. GOTHAPATNA: 7064470142. BALASORE: 9776003548. BHADRAK: 7381072074. BARIPADA: 9437102597. UDALA: 9437102597. RAIRANGPUR: 9437102597. JALESWAR: 9776003548. BASUDEVPUR: 7381072074. SORO: 9776003548.

**SKY AUTOMOBILES**
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9776900777, CHANDIKHOL: 9776900777, TANGI: 7381045356.

**NARAYANI MOTORS**
BHUBANESHWAR: RASULGARH: 9583022009, 7440019592, 9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/ 48. PURI HIGHWAY PIPLI: 9583022013. TIRTOL: 7381000159.

**ODYSSEY MOTORS**
ANGUL: 7752076136, 9776901481, PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450. PANIKOILI: 9078076450. ATHAGARH: 9078076450. BALIKUDA: 9078076450.

*Offer includes consumer offer, exchange bonus and institutional or rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. *3 years or 100 000 km whichever is earlier. Above offers are valid till 30th Sept, 2024.

# ଅନନ୍ୟ ଆମ ସଂସ୍କୃତି



ଦେବଦତ୍ତ ପଟ୍ଟନାୟକ

ହିନ୍ଦୁ ସଭ୍ୟତା ବିଷୟରେ ବହୁତ କିଛି ଆଲୋଚନା ହେଉଛି କିମ୍ବା କେତେକେ ଏହାକୁ ଭାରତୀୟ ସଭ୍ୟତା ବୋଲି କହିବାକୁ ପସନ୍ଦ କରନ୍ତି। ପ୍ରକୃତ କଥା ହେଉଛି ସମସ୍ତେ ଅନୁଭବକରନ୍ତି ଯେ ସେମାନଙ୍କର ସଂସ୍କୃତି ଅନନ୍ୟ ଏବଂ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। ତେଣୁ, ଏହିପରି ଚିନ୍ତାଧାରା ପଛରେ କିଛି ଅତି ଦେଶଭକ୍ତି ଅଛି। ଅବଶ୍ୟ, ଜଣେ ପଛକୁ ଫେରି ମାନବ ଇତିହାସର ବୃହତ୍ ଧାରାକୁ ଲକ୍ଷ୍ୟକଲେ ଦେଖିପାରିବେ ଯେ, ଭାରତର ପଶ୍ଚିମ ଏବଂ ପୂର୍ବରେ ଦୁଇଟି ଭିନ୍ନ ବିଚାରଧାରା ଅଛି, ଯାହା ଉଭୟ ଭାରତୀୟ ଚିନ୍ତାଧାରାକୁ ପ୍ରକାଶ କରନ୍ତି ନାହିଁ। ସେହି ଦୃଷ୍ଟିରୁ, ଭାରତୀୟ ବିଚାରଧାରା ଅନନ୍ୟ ବୋଲି ବିବେଚନା କରାଯାଇପାରେ।

ଆସନ୍ତୁ , ପ୍ରଥମେ ବିଶ୍ୱରେ ଅଧିକ ପରିଚିତ ପାଶ୍ଚାତ୍ୟ ଚିନ୍ତାଧାରା ଉପରେ ବିଚାରକରିବା। ଭାରତର ପଶ୍ଚିମ ଦିଗରେ ରହିଛି ମଧ୍ୟପ୍ରାଚ୍ୟ, ମଧ୍ୟଏସିଆ ଏବଂ ଏହାପରେ ୟୁରୋପ ଓ ଆମେରିକା ଅଛି। ଏହି ଅଞ୍ଚଳରୁ ସୃଷ୍ଟି ହୋଇଥିବା ମହାନ୍ ଚିନ୍ତାଧାରା ହେଉଛି ଖ୍ରୀଷ୍ଟିଆନ, ଇସ୍‌ଲାମ। ପରବର୍ତ୍ତୀ ସମୟରେ ଏଠାରୁ ବିଜ୍ଞାନ, ଧର୍ମନିରପେକ୍ଷତା ଏବଂ ଗଣତନ୍ତ୍ର ସାମ୍ନାକୁ ଆସିଥିଲା। ଏହିସବୁ ବିଚାରଧାରା ବିଶ୍ୱସ୍ତରୀୟ ହେବାକୁ ଚେଷ୍ଟାକରେ ଏବଂ ସମସ୍ତ ମାନବ ସମାଜ ପାଇଁ ପ୍ରଯୁଜ୍ୟ ହେଉ ବୋଲି ଚାହେଁ। ତେଣୁ ଲୋକମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଅଦ୍ୱୈତବାଦୀ ଧର୍ମକୁ ପରିବର୍ତ୍ତନ କରିବା କିମ୍ବା ବିଜ୍ଞାନ, ଯୁକ୍ତିଯୁକ୍ତତା ଏବଂ ଜଟିଳ ଚିନ୍ତାଧାରା ଭଳି ଏକ ନିର୍ଦ୍ଦିଷ୍ଟ ବିଚାରଧାରାରେ ଲୋକଙ୍କୁ ଶିକ୍ଷା ଦେବାରେ ଏହା ଅଧିକ ଆସକ୍ତ। ପାଶ୍ଚାତ୍ୟ ଚିନ୍ତାଧାରା ଖ୍ରୀଷ୍ଟିଆନ ଧର୍ମର ଦାର୍ଶନିକ ଏବଂ ଈଶ୍ୱରତାତ୍ତ୍ୱିକ ଧାରଣାର ବୈଶ୍ୱିକ ପ୍ରୟୋଗ କିମ୍ବା ପ୍ରଯୁଜ୍ୟତା ଉପରେ ଗୁରୁତ୍ୱ ଦେଇଥାଏ। ଏହା କ୍ଷମତା ବା ଅଧିକାରକୁ ମଧ୍ୟ ଗୁରୁତ୍ୱ ଦେଇଥାଏ, ଯାହା ଦୁଇଟି ଗୋଷ୍ଠୀରେ ବିଭକ୍ତ। ଗୋଟିଏ ଗୋଷ୍ଠୀ ମଣିଷକୁ କ୍ଷମତା ପ୍ରଦାନ କରେ, ଯାହାକୁ ଆମେ ଏକଛତ୍ରବାଦୀ ଚିନ୍ତାଧାରା ବୋଲି କହିପାରିବା। ଅନ୍ୟ ଗୋଷ୍ଠୀ ବିଶ୍ୱାସ କରନ୍ତି ଯେ, କ୍ଷମତା ଜଣେ ବ୍ୟକ୍ତିଙ୍କୁ ନୁହେଁ, ବରଂ ଏକ ପ୍ରକାର ବୈଶ୍ୱିକ ନୀତି ଉପରେ ଆଧାରିତ ଅନୁଷ୍ଠାନକୁ ଦିଆଯିବା ଉଚିତ, ଯାହା ଧର୍ମୀୟ କିମ୍ବା ଧର୍ମନିରପେକ୍ଷ ହୋଇପାରେ। ତେଣୁ, ଆନୁଷ୍ଠାନିକ ମଡେଲ ସୃଷ୍ଟି ହୋଇଛି। ଆମ ପାଖରେ ଏପରି ଲୋକ ଅଛନ୍ତି, ଯେଉଁମାନେ ନିଜକୁ ଜାଗ୍ରତ ବୋଲି ଭାବନ୍ତି, ଯେଉଁମାନେ ସମୟ ଓ ପରିସ୍ଥିତି ଅନୁଯାୟୀ ପରିବର୍ତ୍ତିତ ଲିଙ୍ଗଗତ ପରିଚୟର ଧାରଣାକୁ ବିଶ୍ୱସ୍ତରୀୟ କରିବାକୁ ଚେଷ୍ଟା କରୁଛନ୍ତି। ଏହାର ସାଂସ୍କୃତିକ ଉତ୍ସଗୁଡ଼ିକ ସହ ସମ୍ପର୍କ ଥିଲେ ମଧ୍ୟ ତାହାକୁ ବିଚାରକୁ ନ ନେଇ ଏଭଳି କରୁଛନ୍ତି।



ଏବେ ପୂର୍ବ ଆଡ଼କୁ ଥିବା ଚାଇନା, କୋରିଆ, ଜାପାନ ଏବଂ ଭିଏଟ୍‌ନାମକୁ ଯିବା। ୱାଲ୍ ସିଟି ବା ପାଚେରିଘେରା ସହର ପାଇଁ ଏହିସବୁ ଦେଶ ପ୍ରସିଦ୍ଧ। ଉଦାହରଣ ସ୍ୱରୂପ, ଚାଇନାର ଗ୍ରେଟ୍ ୱାଲ୍, ଯାହା ଶେଷରେ ଆଧୁନିକ ଯୁଗରେ ଚାଇନାର ଫାୟାରୱାଲ ପାଲଟିଗଲା। ଏଭଳି ବିଚ୍ଛିନ୍ନ ହୋଇ ରହିବା ପଛରେ ସମସ୍ତଙ୍କର ଏକ ଇତିହାସ ଅଛି। ବିଦେଶୀମାନଙ୍କୁ ସେମାନଙ୍କ ଦେଶରେ ପ୍ରବେଶ କରିବାକୁ ନ ଦେବା ଏବଂ ଅବଶିଷ୍ଟ ପୃଥିବୀରୁ ଅଲଗା ରହିବା ଏହାର ପ୍ରମୁଖ କାରଣ। ଏହି ପୂର୍ବ ଓ ପଶ୍ଚିମାଞ୍ଚଳଗୁଡ଼ିକର ସବୁ ଆଡ଼େ ବିଶ୍ୱାସ ରହିଛି ଯେ, ତୁମେ କେବଳ ଥରେ ବଞ୍ଚିବ। ଅର୍ଥାତ୍ ଭବିଷ୍ୟତ ଜୀବନ କଥା ନ ଭାବି ଏଇ ଜୀବନରେ ଯାହା କିଛି କରିବାର ଧାରଣା ରହିଛି। ପାଶ୍ଚାତ୍ୟରେ, ତୁମେ ଠିକ୍ କରିବାର ଅଧିକ ଇଚ୍ଛା ଏକ ନ୍ୟାୟିକ ବ୍ୟବସ୍ଥା ଦ୍ୱାରା ପରିଚାଳିତ। ପୂର୍ବରେ ଥିବା ଅଞ୍ଚଳଗୁଡ଼ିକରେ ତୁମ ପିତୃପୁରୁଷଙ୍କୁ ଅସମ୍ମାନ ନ କରିବା ଏବଂ ଅପମାନ ନ ଦେବାକୁ କୁହାଯାଇଛି। ଏହା ବ୍ୟତୀତ ତୁମର ସମ୍ମାନ ଓ ଖ୍ୟାତି ବଜାୟ ରଖିବା ହେଉଛି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଚାରଧାରା। ଏହି ଅଞ୍ଚଳଗୁଡ଼ିକ ମଧ୍ୟରୁ କୌଣସିଠାରେ ପୁନର୍ଜନ୍ମର ଧାରଣା ନାହିଁ। କିନ୍ତୁ ଏହି ପୁନର୍ଜନ୍ମ ଧାରଣା ହିଁ ଭାରତରେ ଅଛି।

ଭାରତୀୟ ବିଚାରଧାରାର ମୂଳ ତଥା ପ୍ରମୁଖ ଧାରଣା ପୁନର୍ଜନ୍ମ ବୌଦ୍ଧ, ଜୈନ ଏବଂ ହିନ୍ଦୁଧର୍ମରେ ଅଛି। ପୁନର୍ଜନ୍ମର କାହାଣୀ ପ୍ରାୟ ୨୫୦୦ ବର୍ଷ ପୂର୍ବେ ବିଭିନ୍ନ ରୂପରେ ପ୍ରସାରିତ ହେବାକୁ ଆରମ୍ଭ କରିଥିଲା। ଏକ ଆକାଉଣ୍ଟିଂ ମଡେଲର ଡେବିଟ୍ ଏବଂ କ୍ରେଡିଟ୍ ସହିତ ଏହାର ନିବିଡ଼ ସମ୍ପର୍କ ରହିଛି। ଧାରଣା ହେଉଛି ଯେତେବେଳେ ଭାଗ୍ୟ ଆସେ ସେତେବେଳେ ଜାଣିବ ତୁମର କ୍ରେଡିଟ୍ ଅଛି, ଅର୍ଥାତ୍ ଗୋଟିଏ ଜନ୍ମରେ ସଞ୍ଚିତ ଭଲ କର୍ମର ଫଳ ମିଳୁଛି। ଦୁର୍ଭାଗ୍ୟ ଯେତେବେଳେ ଆସିବ ଜାଣିବ ତୁମର ଡେବିଟ୍ ଥିବ, ଅର୍ଥାତ୍ କିଛି କୁକର୍ମର ଫଳ ମିଳୁଛି। ଯେତେବେଳେ ତୁମର ଡେବିଟ୍ କିମ୍ବା କ୍ରେଡିଟ୍ ନ ଥାଏ ସେତେବେଳେ ଜୀବନ ମୁକ୍ତ ହୋଇଯାଏ। ଏହି ବିଚାରଧାରା ଅନୁମାନ କରେ ଯେ, ଜୀବନରେ କୌଣସି ଚରମସୀମା ନାହିଁ, ଶେଷ ଲକ୍ଷ୍ୟ ନାହିଁ ଏବଂ ଏହା ବିଶ୍ୱସ୍ତରୀୟ ହେବାକୁ ଚାହେଁନାହିଁ, ଯାହା ଅତ୍ୟନ୍ତ ପ୍ରାସଙ୍ଗିକ। ଏହି ପରିପ୍ରେକ୍ଷୀରେ ଭାରତୀୟ ବିଚାରଧାରା ଅନନ୍ୟ।

ପୂର୍ବାଞ୍ଚଳ ସଂସ୍କୃତିଗୁଡ଼ିକର ଦ୍ୱାର ସାଧାରଣତଃ ପାଶ୍ଚାତ୍ୟ ଖ୍ରୀଷ୍ଟିଆନ ଧର୍ମର ଦାର୍ଶନିକ ଏବଂ ଈଶ୍ୱରତାତ୍ତ୍ୱିକ ଧାରଣା ପାଇଁ ବନ୍ଦ। ଭାରତୀୟମାନେ ତାହା କରନ୍ତି ନାହିଁ। କିନ୍ତୁ ଭାରତୀୟମାନେ ଏକରୂପତାକୁ ବିରୋଧ କରନ୍ତି। ଏଠାରେ ଗତିଶୀଳ ବିବିଧତା ପ୍ରତି ଭଲ ପାଇବା ଅଛି। ଅନେକ ଗୋଷ୍ଠୀର ସଙ୍ଗଠନ ଅଛି, କିନ୍ତୁ ପରିଚାଳନା ଓ ନିୟନ୍ତ୍ରଣ ପାଇଁ ଏକ ବ୍ୟାପକ ମାନକ ବ୍ୟବସ୍ଥା ନାହିଁ। ପୂର୍ବ ଏବଂ ଦକ୍ଷିଣପୂର୍ବ ଏସୀୟଦେଶଗୁଡିକ ବିଦେଶୀ ସଂସ୍କୃତି ପତି ଖୋଲାଖୋଲି ଭାବେ ଘୃଣା ଭାବ ପ୍ରକାଶ କରନ୍ତି। ଭାରତରେ ଜାତିପ୍ରଥା, ରୀତିନୀତି ଶୁଦ୍ଧତାର ଚିନ୍ତାଧାରା, ଏପରିକି ଅନ୍ୟ ଲୋକଙ୍କ ଘରେ ନ ଖାଇବାର ଅହଂକାର ମାଧ୍ୟମରେ ବିଦେଶୀ ସଂସ୍କୃତି ପ୍ରତି ଘୃଣାଭାବ ପ୍ରକଟିତ ହୋଇଥାଏ।

ସମାନତା ଏବଂ ନ୍ୟାୟକୁ ଗ୍ରହଣ କରୁଥିବା ଏକ ବିଶ୍ୱ ସମସ୍ତଙ୍କ ପାଇଁ ଗ୍ରହଣୀୟ। ଆମେ ଲୋକଙ୍କୁ ମନେପକାଇବାକୁ ପଡ଼ିବ ପାଶ୍ଚାତ୍ୟଦେଶଗୁଡ଼ିକର ବିଚାରଧାରା ଯୁକ୍ତିଯୁକ୍ତ ନୁହେଁ। ଏହି ଚିନ୍ତାଧାରା ଇସ୍‌ଲାମ ଏବଂ ଖ୍ରୀଷ୍ଟିଆନ ପରି ମୁଖ୍ୟସ୍ରୋତର ରକ୍ଷଣଶୀଳ ଧର୍ମଗୁଡ଼ିକର ଉତ୍‌ଥାନକୁ ରୋକିବାରେ ବିଫଳ ହୋଇଛି। ଏହା ମଧ୍ୟ ନ୍ୟାୟ ଏବଂ ସମାନତା ଉପରେ ବିଶ୍ୱାସକରେ ବୋଲି ଦାବିକରେ ଏବଂ ଏସବୁ ଏକ ଉଚ୍ଚ ଧର୍ମୀୟ ଶାସନ ଦ୍ୱାରା ଅନୁମୋଦିତ, ଯିଏ କାହା ପାଇଁ ଉତ୍ତରଦାୟୀ ନୁହେଁ। ପାଶ୍ଚାତ୍ୟ ବୈଶ୍ୱିକ ସ୍ତରରେ ପ୍ରୟୋଗ କରିବାକୁ ଚାହୁଁଥିବା ଖ୍ରୀଷ୍ଟଧର୍ମର ଦାର୍ଶନିକ ଏବଂ ଈଶ୍ୱରତାତ୍ତ୍ୱିକ ଧାରଣାକୁ ଭାରତ ଅନୁସରଣ କରେନାହିଁ କିମ୍ବା ପୂର୍ବାଞ୍ଚଳ ଦେଶଗୁଡ଼ିକ ନିଜକୁ ଅବଶିଷ୍ଟ ବିଶ୍ୱଠାରୁ ଯେଭଳି ଅଲଗା କରି ରଖୁଥିଲେ ଭାରତ ତାହା କରେନାହିଁ। ଏହାର ସ୍ୱତନ୍ତ୍ରତା ହେଉଛି ନୂତନ ଚିନ୍ତାଧାରା ସହ କାର୍ଯ୍ୟ କରିବା ଏବଂ ସମୟ ସହିତ ଲଗାତର ଭାବରେ ତା' ସ୍ୱରୂପ ଓ ପରିଚୟକୁ ପରିବର୍ତ୍ତନ କରିବା। ସେଥିପାଇଁ ବୌଦ୍ଧଧର୍ମ ଓ ହିନ୍ଦୁଧର୍ମରେ ଅନେକ ବିବିଧତା ଅଛି। ଜୈନଧର୍ମରେ ଅନେକ ବିଚାରଧାରା ଅଛି। ତେବେ ବହୁ ପ୍ରତିଦ୍ୱନ୍ଦ୍ୱିତା ସତ୍ତ୍ୱେ କେହି ବି ଗୋଟିଏ ବିଚାରଧାରକୁ ଅନ୍ୟ ଉପରେ ଲଦିଦେବାକୁ ଚେଷ୍ଟା କରନ୍ତି ନାହିଁ।

-devduttofficial@gmail.com

# ଗୁରୁ ଚିର ନମସ୍ୟ



ଡ. ହିମାଂଶୁ ବାରିକ

ଦେଶର ଅଗଣିତ ଶିଶୁମାନଙ୍କୁ ଶିକ୍ଷାଦାନ କରି ଜଣେ ସୁନାଗରିକ କରିବାରେ ଗୁରୁମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ସମାଜରେ ଯଥେଷ୍ଟ ଉପରେ ରହିଛି। ଆମ ପୁଣ୍ୟ ଭୂମି ଭାରତବର୍ଷରେ ଗୁରୁଙ୍କର ମହତ୍ତ୍ୱ ଅସୀମ। ଇତିହାସ ପୃଷ୍ଠା ଉନ୍ମୋଚନ କଲେ ଗୁରୁକୁଳରେ ଗୁରୁ ଶିଷ୍ୟଙ୍କ ସମ୍ପର୍କ ଯଥେଷ୍ଟ ଉନ୍ନତ ଥିଲା। ଛାତ୍ରୀଛାତ୍ରମାନଙ୍କୁ ନୈତିକ ଶିକ୍ଷା, ବୈଷୟିକ ଶିକ୍ଷା, କର୍ମଭିତ୍ତିକ ଶିକ୍ଷା, ଚରିତ୍ର ଗଠନ ଶିକ୍ଷା, ସର୍ବୋପରି ସ୍ୱାବଲମ୍ବୀ ହେବାର ପ୍ରଧାନ ଲକ୍ଷ୍ୟ ଥିଲା। ସେଥିପାଇଁ ତ ଯୁଗେ ଯୁଗେ ଭାରତକୁ ବିଶ୍ୱଗୁରୁ ଆଖ୍ୟା ଦିଆଯାଇଛି। ଆମ ଶିକ୍ଷାନୁଷ୍ଠାନଗୁଡ଼ିକରେ ଯେତେପ୍ରକାର ଉତ୍ସବ ପର୍ବପର୍ବାଣି ପାଳନ କରାଯାଉଛି ସେଥିରେ ଗୁରୁ ପୂଜନ ଅନ୍ୟତମ। ଗୁରୁ ବିନା ଶିକ୍ଷା ଅସମ୍ପୂର୍ଣ୍ଣ ବୋଲି କୁହାଯାଇଥାଏ। 'ଗୁରୁ' ଶବ୍ଦର ଅର୍ଥ ହେଲା 'ଗୁ' କହିଲେ ଅନ୍ଧକାର 'ରୁ'ର ଅର୍ଥ ଅନ୍ଧକାର ନିରୋଧକ ଜ୍ୟୋତି ବା ଆଲୋକ ଅର୍ଥାତ୍ ଯିଏ ଅନ୍ଧକାର ଦୂରେଇ ଶିଷ୍ୟର ଅନ୍ତରର ଜ୍ଞାନ ଭାବର ଆଲୋକ ଜଳାଇ ସ୍ୱତନ୍ତ୍ର ଉତ୍ତମ ମାର୍ଗ ପ୍ରଦର୍ଶନ କରନ୍ତି ସେ ହିଁ ପ୍ରକୃତରେ ଗୁରୁ ପଦବାଚ୍ୟ। ଏହି ପୁଣ୍ୟ ଭୂମିରେ କେତେ କେତେ ମହାନ୍ ଗୁରୁ- ଲବକୁଶଙ୍କ ଗୁରୁ ବାଲ୍ମୀକ, ଏକଲବ୍ୟଙ୍କ ଗୁରୁ ଦ୍ରୋଣାଚାର୍ଯ୍ୟ, ଛତ୍ରପତି ଶିବାଜୀଙ୍କ ଗୁରୁ ରାମଦାସ, ସ୍ୱାମୀ ବିବେକାନନ୍ଦଙ୍କ ଗୁରୁ ରାମକୃଷ୍ଣ ପରମହଂସ ଏପରି ମହାନ୍ ଗୁରୁ ଶିଷ୍ୟର ପରମ୍ପରା ଭାରତବର୍ଷରେ ରହିଛି। ଏଠାରେ କେତେ କେତେ ମହାନ୍ ଗୁରୁ ନିଜର ଦିଗ୍‌ଦର୍ଶନ ସମାଜକୁ ଦେଇ ଶ୍ରେଷ୍ଠ ଛାତ୍ରୀଛାତ୍ର ଗଠନ କରି ଆମ ସମାଜର ମଙ୍ଗଳ ସାଧନ କରିଯାଇଛନ୍ତି। ଗୁରୁମାନଙ୍କୁ ସମ୍ମାନ ଜଣାଇ ଏହି କବିତାର ଅର୍ଘ୍ୟ ହେଲା- ''ଅନ୍ଧାରରୁ ତୁମେ ଆଲୋକ ଦିଗକୁ ଦେଖେଇଲ ପଥ ମତେ/ ତମ ଆଶୀର୍ବାଦ ମୋ ସାଙ୍ଗରେ ଥିଲେ ଚଢ଼ିବି ପାହାଚ କେତେ''। ଭଗବାନ କୃଷ୍ଣଙ୍କୁ ଅର୍ଜୁନ ପ୍ରକୃତ ବନ୍ଧୁ ଓ ଗୁରୁ ଭାବରେ ଗ୍ରହଣ କରିଥିଲେ। ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, ଅର୍ଜୁନ ତମେ ଗୁରୁ ଗ୍ରହଣ ନ କଲେ ତୁମକୁ ସଦ୍‌ଜ୍ଞାନ ପ୍ରାପ୍ତ ହେବ ନାହିଁ। ''ଗୁରୁ ନ କଲେ ଅରଜୁନ, କାହିଁ ପାଇବୁ ସଦ୍‌ଜ୍ଞାନ।''

ଆଜିର ଏ ପବିତ୍ର ଗୁରୁଦିବସରେ ଭକ୍ତି ଭାବ ରୂପକ ସମସ୍ତ ଗୁରୁଙ୍କ ପୟରରେ ବନ୍ଦନା କରିବା ଉଚିତ। ଗୁରୁଙ୍କୁ ଭକ୍ତି ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରି ଯଥୋଚିତ ସମ୍ମାନ ଦେବା ଫଳରେ ତାଙ୍କର ଅପାର କୃପା ମିଳିଥାଏ। ଜଣେ ସଦ୍‌ଗୁରୁ କେବେ ବି ଛାତ୍ରୀଛାତ୍ରଙ୍କ ଜୀବନରେ କୌଣସି ବାଧାବିଘ୍ନ ଆସିବାକୁ ଦିଅନ୍ତି ନାହିଁ। ସର୍ବଦା ଶିଷ୍ୟମାନଙ୍କର ମଙ୍ଗଳ ସାଧନ କରିବା ଏକାନ୍ତକାମ୍ୟ। ପ୍ରତ୍ୟେକ ଗୁରୁ ତାହା ହିଁ ପାଳନ କରି ନିଜର ସମସ୍ତ ଜ୍ଞାନ ଗରିମା ଆଶୀର୍ବାଦ ଶିଷ୍ୟଙ୍କ ପାଖରେ ଢାଳି ଦେଇଥାନ୍ତି। ଗୁରୁଙ୍କ ଆଶୀର୍ବାଦରେ ଅସମ୍ଭବ ହିଁ ସମ୍ଭବ ହୋଇଥାଏ। ଏଣୁ ଗୁରୁ ହିଁ ପ୍ରତ୍ୟେକ ଶିଷ୍ୟର ଆଦରର ପାତ୍ର। ଏହିପରି ଜଣେ ମହାନ୍ ଛାତ୍ରବତ୍ସଳ ଗୁରୁ ହେଲେ ଦାର୍ଶନିକ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଯିଏ କି ବିଶ୍ୱର ସର୍ବଶ୍ରେଷ୍ଠ ଗୁରୁ। ତାଙ୍କରି ଜନ୍ମଦିନ ସେପ୍ଟେମ୍ବର ୫ ତାରିଖକୁ ସର୍ବତ୍ର ଗୁରୁଦିବସ ରୂପେ ପାଳନ କରାଯାଉଛି। ଡ. ରାଧାକ୍ରିଷ୍ଣନଙ୍କ ଛାତ୍ରବତ୍ସଳ ମନୋଭାବ, ଆଦର୍ଶ, ଛାତ୍ରୀଛାତ୍ରମାନଙ୍କୁ ଭଲ ପାଇବାର ନିଚ୍ଛକ ଗୁଣ ହିଁ ତାଙ୍କୁ ରାଷ୍ଟ୍ରପତି ରୂପେ ଯେତିକି ଖ୍ୟାତି ଦେଇ ନ ଥିଲା, ଜଣେ ବିଦ୍ୱାନ୍ ଦାର୍ଶନିକ ଗୁରୁ ରୂପେ ସାରା ବିଶ୍ୱରେ ପରିଚିତ କରାଇଥିଲା। ଭାରତ ମାଟି କାହିଁକି ସାରା ବିଶ୍ୱରେ ତାଙ୍କୁ ଶ୍ରେଷ୍ଠ ଗୁରୁ ଆଖ୍ୟା ଦିଆଯାଉଛି।

ଗୁରୁଙ୍କ ପାଖରେ ଦୟା, କ୍ଷମା, ସହନଶୀଳତା, ଧୈର୍ଯ୍ୟ, ଶୃଙ୍ଖଳାଜ୍ଞାନ, ସମୟାନୁବର୍ତ୍ତିତା, ସ୍ନେହ, ପ୍ରେମ ମମତାର ବନ୍ଧନ ଡୋରି ଓ ଜ୍ଞାନର ଭଣ୍ଡାର ପୂରି ରହିଥାଏ। ଗୁରୁମାନେ ଅନ୍ଧକାରକୁ ଭେଦ କରି ନିଜର ଜ୍ଞାନରେଣୁ ବଳରେ ପ୍ରତ୍ୟେକ ଶିଷ୍ୟଙ୍କୁ ନିଜର ଜ୍ଞାନ ଚକ୍ଷୁରୁ କିଛି ଜ୍ଞାନ ବିତରଣ କରିଥାନ୍ତି। ଏକ ସୁନ୍ଦର ସମାଜ ଗଠନରେ ଆଦର୍ଶ, ମହାନତା, ଦାୟିତ୍ୱବାନ୍ ଓ କର୍ତ୍ତବ୍ୟବୋଧ ଛାତ୍ରୀଛାତ୍ର ତିଆରି କରିବାରେ ଗୁରୁମାନେ ସର୍ବଦା ପ୍ରୟାସ ଜାରିରଖିଥାନ୍ତି। ଗୁରୁ ହିଁ ସଦ୍‌ମାର୍ଗର ପଥିକ। ଗୁରୁଭକ୍ତି ଦ୍ୱାରା ହିଁ ଶ୍ରେଷ୍ଠତ୍ୱ ଲାଭ ମିଳିଥାଏ। ସୁତରାଂ ଗୁରୁଙ୍କ ପଥାନୁସରଣ ସର୍ବଦା କରିବା ଉଚିତ।

**ଅଧ୍ୟକ୍ଷ, ମାକାସେ ବିଏଡ୍ କଲେଜ, ମୁର୍ଶିଦାବାଦ, ପଶ୍ଚିମବଙ୍ଗ**
**ମୋ: ୯୦୬୪୬୬୬୯୧୪**

## ଏଇ ଭାରତରେ

ଆଇଆଇଟି ମୁମ୍ବାଇର ଦୁଇ ବନ୍ଧୁ ଅମିତ କୁମାର ଏବଂ ଅଭୟ ସିଂ ବିନା ମାଟିରେ ପରିବେଶ ଉପଯୋଗୀ ତଥା ପାରମ୍ପରିକ ପଦ୍ଧତି(ହାଇଡ୍ରୋପୋନିକ)ରେ ୮୦ ପ୍ରତିଶତ ପାଣି ବଞ୍ଚାଇ ଚାଷ କରି ଉଦାହରଣ ସୃଷ୍ଟି କରିଛନ୍ତି । ଅନ୍ୟ ପଦ୍ଧତି ତୁଳନାରେ ଏଥିରେ ଚାଷ ଖୁବ୍ ଶୀଘ୍ର ହୋଇପାରୁଛି। ସେମାନେ ପରିବେଶ ସହନୀୟ ଷ୍ଟାର୍ଟଅପ 'ଏକି ଫୁଡ' ମାଧ୍ୟମରେ ଏହି ଚାଷ କରୁଛନ୍ତି। ଏକି ଜାପାନିଜ୍ ବିଶ୍ୱାସ ଏକିଗାଇରୁ ଆସିଛି, ଯାହାର ଅର୍ଥ ହେଉଛି ସୁସ୍ଥ ଜୀବନଶୈଳୀ ଓ ଲକ୍ଷ୍ୟପୂର୍ଣ୍ଣ ଜୀବନ ଏବଂ ଏହି ଉଦ୍ଦେଶ୍ୟ ନେଇ ସେମାନେ ଚାଷ ଜାରି ରଖିଛନ୍ତି। ଏହି ଦୁଇ ବନ୍ଧୁ ହରିୟାଣାର ପାନିପଥରେ ହାଇଡ୍ରୋପୋନିକ ଉପାୟରେ ୭ ଏକର ଜମିରେ ଏଭଳି ଚାଷ କରୁଛନ୍ତି ଓ ଆଉ ୩୩ ଏକରରେ ଚାଷ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ସେମାନେ ଟମାଟୋ, କାକୁଡ଼ି, ଲଙ୍କା, ଗୋଲମରିଚ, ପୋଇ, ଲାଉ, କଲରା, ଧନିଆ ସହ ତରଭୁଜ ଓ ଫୁଟି ଆଦି ଉତ୍ପାଦନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

**୫ ସେପ୍ଟେମ୍ବର ୧୯୭୫**

- କର୍ଣାଟକ ଅନ୍ତର୍ଗତ ଧରୱର ଜିଲାର ୧୧ଟି ସମ୍ବାଦପତ୍ର ଓ ପତ୍ରିକାର ପ୍ରକାଶନ ଉପରେ ଜିଲା ମାଜିଷ୍ଟ୍ରେଟ ନିଷେଧାଦେଶ ଜାରି କରିଛନ୍ତି।
- ବିହାରର ବହୁ ଅଞ୍ଚଳ ଓ ବିଶେଷକରି ରାଜଧାନୀ ପାଟନା ଅଞ୍ଚଳରେ ହୋଇଥିବା ନାହିଁ ନଥିବା ବନ୍ୟା ଫଳରେ ପ୍ରାୟ ୫ ଶହ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି ବୋଲି ଏକ ପାର୍ଲାମେଣ୍ଟାରୀ ସମୀକ୍ଷାରୁ ପ୍ରକାଶ।
- ସିନ୍ଧୁ ପ୍ରଦେଶରେ ପ୍ରବଳ ବନ୍ୟା ଫଳରେ ୧୪ ଜଣ ପ୍ରାଣ ହରାଇଥିବା ନେଇ ସରକାରୀ ଭାବେ ଘୋଷଣା କରାଯାଇଛି।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | 9 | | 5 | | |
| 1 | | | | | | | | 3 |
| | | | 8 | | | | 4 | |
| | | | | 6 | 1 | | 3 | |
| | | | | 7 | 8 | 4 | | |
| | 1 | | 3 | | | | | 7 |
| | | 5 | | 2 | | | | |
| | | 6 | | | | 8 | 7 | |
| | 4 | | | | 7 | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 3 | 7 | 6 | 9 | 8 | 4 | 1 |
| 7 | 1 | 8 | 2 | 4 | 3 | 5 | 9 | 6 |
| 4 | 6 | 9 | 1 | 5 | 8 | 3 | 2 | 7 |
| 2 | 8 | 4 | 6 | 1 | 7 | 9 | 5 | 3 |
| 9 | 7 | 5 | 3 | 8 | 4 | 6 | 1 | 2 |
| 6 | 3 | 1 | 5 | 9 | 2 | 4 | 7 | 8 |
| 8 | 4 | 6 | 9 | 2 | 1 | 7 | 3 | 5 |
| 3 | 5 | 2 | 4 | 7 | 6 | 1 | 8 | 9 |
| 1 | 9 | 7 | 8 | 3 | 5 | 2 | 6 | 4 |

ଗତକାଲିର ଉତ୍ତର

# ଗାନ୍ଧିଜୀଙ୍କ ଅନୁସୃତ ଚିକିତ୍ସା ପଦ୍ଧତି



ଡା. ଗୋପାଳ ଚନ୍ଦ୍ର ଦାଶ

ମନୁଷ୍ୟ ଶରୀର ପଞ୍ଚଭୂତରୁ ସୃଷ୍ଟି। ସେଗୁଡ଼ିକ ହେଉଛି- ଅଗ୍ନି, ବାୟୁ, ଜଳ, ଆକାଶ ଓ ପୃଥିବୀ। ତେଣୁ ମାଟି, ପାଣି, ବାୟୁ, ଆଲୋକ ଓ ଉତ୍ତାପ ଆଦିର ପ୍ରୟୋଗ ମାଧ୍ୟମରେ ଉପଚାର ବିଜ୍ଞାନସମ୍ମତ। ଜାତିର ଜନକ ମହାତ୍ମା ଗାନ୍ଧୀ ପ୍ରାକୃତିକ ଉପାୟରେ ରୋଗର ଚିକିତ୍ସା କରୁଥିଲେ। ତାଙ୍କ ଦ୍ୱାରା ଅନୁସୃତ ପ୍ରାକୃତିକ ଚିକିତ୍ସା ପଦ୍ଧତି ଓ ଅନୁଭୂତିକୁ 'କି ଅଫ୍ ହେଲ୍‌ଥ' ପୁସ୍ତକରେ ବିଶଦ୍ ଭାବରେ ସେ ବର୍ଣ୍ଣନା କରିଛନ୍ତି।

ମନୁଷ୍ୟ ଶରୀରର ଶତକଡ଼ା ୯୦ ଭାଗ ଜଳ। ଗାନ୍ଧିଜୀ ଜଳ ଦ୍ୱାରା ମୁଣ୍ଡବିନ୍ଧା, ନିଦ୍ରାହୀନତା, ବଦହଜମି, କୋଷ୍ଠକାଠିନ୍ୟ, ଆଣ୍ଠୁଗଣ୍ଠି ବାତ, ନିମୋନିଆ ଓ ଟାଇଫଏଡ୍ ଜ୍ୱରର ଚିକିତ୍ସା କରୁଥିଲେ। ସେଥିପାଇଁ ସେ ଉଭୟ ଥଣ୍ଡା ଓ ଗରମ ଜଳର ପ୍ରୟୋଗ କରୁଥିଲେ। ଜ୍ୱର, ମୁଣ୍ଡବିନ୍ଧା ଓ ନିଦ୍ରାହୀନତାର ଉପଚାର ପାଇଁ ଥଣ୍ଡା ପାଣିରେ ଭିଜା ଗାମୁଛାକୁ ମୁଣ୍ଡରେ ବାନ୍ଧି ଦେଉଥିଲେ। କୋଷ୍ଠକାଠିନ୍ୟ ଓ ବଦହଜମି ପାଇଁ ରୋଗୀକୁ କଟିସ୍ନାନ କରାଉଥିଲେ। ଏକ ବଡ଼ ମାଠିଆରେ ପାଣିକୁ ରାତିସାରା ରଖି ଥଣ୍ଡା କରୁଥିଲେ। ସକାଳୁ ଏକ ବଡ଼ ପାତ୍ରରେ ଏହି ଥଣ୍ଡା ପାଣିକୁ ଭରି ରୋଗୀକୁ ୧୫ରୁ ୩୦ ମିନିଟ ଯାଏ ନାଭି ପର୍ଯ୍ୟନ୍ତ ବୁଡ଼ାଇ ବସାଉଥିଲେ। ଏକ ଛୋଟ ତଉଲିଆ ଦ୍ୱାରା ତଳିପେଟକୁ ଘଷୁଥିଲେ। ନିଜର ଅନୁଭୂତିକୁ ବର୍ଣ୍ଣନା କରି ଗାନ୍ଧିଜୀ କହିଛନ୍ତି, ଥରେ ତାଙ୍କର ଦ୍ୱିତୀୟ ପୁତ୍ର ଟାଇଫଏଡ୍ ରୋଗରେ ଆକ୍ରାନ୍ତ ହେବା ଦ୍ୱାରା ଶରୀରର ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଲା। ଗାନ୍ଧିଜୀ ଏକ କମ୍ବଳକୁ ଥଣ୍ଡା ପାଣିରେ ଭିଜାଇ ନିଜ ପୁଅ ଶରୀରରେ ୨-୩ ପରସ୍ତ ଗୁଡ଼ାଇ ଶୁଆଇ ରଖିଥିଲେ। ଏହାଦ୍ୱାରା ଶରୀରର ତାପମାତ୍ରା କିଛି ସମୟ ପରେ ଅପସରି ଯାଉଥିଲା। ଏହିପରି ଭାବରେ ୫-୬ ଦିନ ଚିକିତ୍ସା କରିବା ଦ୍ୱାରା ଜ୍ୱର ପୁନର୍ବାର ଆସି ନ ଥିଲା। କୌଣସି ଡାକ୍ତରୀ ଔଷଧ ସେବନ ବିନା ଟାଇଫଏଡ୍ ରୋଗ ସମ୍ପୂର୍ଣ୍ଣ ଭଲ ହୋଇଯାଇଥିଲା। ଅଗିଆବାତ, ଘିମିରି, ମିଳିମିଳା ଓ ବସନ୍ତ ଆଦି ରୋଗର ଉପଚାର ପାଇଁ ଚର୍ମ ଉପରେ ଥଣ୍ଡା ପାଣିର ପଟି ପକାଉଥିଲେ। ଗୋଡ଼ର ମାଂସପେଶୀ ଦରଜ ହେଉଥିଲେ ଥଣ୍ଡା ବରଫ ଘଷୁଥିଲେ। ଗରମ ପାଣି ଓ ବାମ୍ଫର ପ୍ରୟୋଗ ଦ୍ୱାରା ଥଣ୍ଡାଜ୍ୱର, ଗଳାବଥା, କାନବିନ୍ଧା ଓ ରୁମାଟିଜମ୍ ଆଦି ରୋଗର ଚିକିତ୍ସା କରୁଥିଲେ। ଅଧ ବାଲ୍ଟି ଉଷୁମ ପାଣିରେ ସୋରିଷ ଗୁଣ୍ଡ ପକାଇ ଗୋଡ଼କୁ ଆଣ୍ଠୁ ପର୍ଯ୍ୟନ୍ତ ୧୦-୧୫ ମିନିଟ୍ ବୁଡ଼ାଇ ରଖିବା ଦ୍ୱାରା ଗୋଡ଼ବିନ୍ଧାରୁ ଉପଶମ ମିଳୁଥିଲା। ସାଇନୋସାଇଟିସ୍ ପାଇଁ ଷ୍ଟିମ୍, ଗଳା ଦରଜ ଓ ମୁଖଗହ୍ୱରର ଦୁର୍ଗନ୍ଧ ଦୂର କରିବା ପାଇଁ ଉଷୁମ ଲୁଣ ପାଣିରେ କୁଳୁକୁଞ୍ଚା କରାଉଥିଲେ। ବିଛା କାମୁଡ଼ା ସ୍ଥାନକୁ ଉଷୁମ ପାଣିରେ ବୁଡ଼ାଇ ରଖିବା ଦ୍ୱାରା ଯନ୍ତ୍ରଣାର ଉପଶମ ହେଉଥିଲା। ଲୁଗାକୁ ଗରମ ପାଣିରେ ଭିଜାଇ ଶରୀରରେ ଗୁଡ଼ାଇ ଅପସ୍ମାର ରୋଗର ଚିକିତ୍ସା କରୁଥିଲେ। ରୁମାଟିଜମ୍ ରୋଗର ଚିକିତ୍ସା ଷ୍ଟିମ୍-ବାଥ୍ ଦ୍ୱାରା କରାଯାଉଥିଲା। ରୋଗୀକୁ ଖୋଲା ଦେହରେ ଏକ ଦଉଡ଼ି ଖଟିଆ ଉପରେ ଶୁଆଇଦେଇ ତଳୁ ଗରମ ବାମ୍ଫ ପ୍ରୟୋଗ କରୁଥିଲେ। ରୋଗୀର ଦେହରୁ ଝାଳ ବୋହିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରଖୁଥିଲେ।

ଆମ ଶାସ୍ତ୍ରରେ ମାଟିକୁ ମାଆର ମାନ୍ୟତା ପ୍ରଦାନ କରାଯାଇଛି। ମାଆ ସନ୍ତାନର



ସେବା କରିବା ପରି ମାଟି ଦ୍ୱାରା ଗାନ୍ଧିଜୀ କୋଷ୍ଠକାଠିନ୍ୟତା, ବିଭିନ୍ନ ପ୍ରକାର ଜ୍ୱର, ବଥ ଓ ବିରୁଡ଼ି ଦଂଶନରୁ ହେଉଥିବା ଯନ୍ତ୍ରଣାର ଉପଚାର କରୁଥିଲେ। ବିଭିନ୍ନ ଜ୍ୱର ଓ ମୁଣ୍ଡବିନ୍ଧା ପାଇଁ ଶରୀର ଓ ମୁଣ୍ଡରେ ମାଟିର ଲେପ ଦେଉଥିଲେ। ସାପକାମୁଡାର ଉପଚାର ପାଇଁ ସମଗ୍ର ଶରୀରକୁ ଓଦା ମାଟିରେ ଘୋଡ଼ାଇ ଦେଉଥିଲେ। ଗାନ୍ଧିଜୀଙ୍କ ସେବାଗ୍ରାମ ଆଶ୍ରମରେ ବିଛା କାମୁଡ଼ା ଏକ ନିତିଦିନିଆ ଘଟଣା ଥିଲା। ବିଛା କାମୁଡ଼ା ଜାଗାରେ ମାଟିର ଲେପ ପ୍ରଦାନ ଦ୍ୱାରା ଯନ୍ତ୍ରଣାର ଉପଶମ ହେଉଥିଲା। ତାଙ୍କ ମତରେ ମାଟି ଖାଇଲେ ତାହା ହଜମ ହୋଇ ନ ଥାଏ। ତେଣୁ ଏହା ତନ୍ତୁ ଭଳି କାମ କରିଥାଏ। ଶୁଦ୍ଧ ମାଟି ସେବନ ଦ୍ୱାରା କୋଷ୍ଠକାଠିନ୍ୟତା ଦୂର ହୋଇଥାଏ।

ଗାନ୍ଧିଜୀଙ୍କ ଭାଷାରେ ଆକାଶର ଅର୍ଥ ମନୁଷ୍ୟ ଚତୁପାର୍ଶ୍ୱରେ ଥିବା ଖାଲି ସ୍ଥାନ। ସ୍ୱାସ୍ଥ୍ୟ ଦୃଷ୍ଟିରୁ ଆକାଶର ଅର୍ଥ ଖୋଲା ପରିବେଶ। ସୁସ୍ଥ ଜୀବନଯାପନ କରିବାକୁ ହେଲେ ମନୁଷ୍ୟ ଶରୀର ଓ ଆକାଶ ମଧ୍ୟରେ କୌଣସି ପ୍ରତିବନ୍ଧକ ରହିବା ଅନାବଶ୍ୟକ। ଏପରିକି ଘରର କାନ୍ଥ, ଘରର ଛାତ ଓ ପିନ୍ଧିଥିବା ପୋଷାକ ଯେପରି ପ୍ରତିବନ୍ଧକ ନ ହୁଏ ସେଥିପ୍ରତି ଦୃଷ୍ଟିଦେବା ଦରକାର। କୋଳାହଳମୟ ଜନବସତିଠାରୁ ଦୂରରେ ରହି ମୁକ୍ତ ବାୟୁ ଚଳାଚଳ ହେଉଥିବା ସ୍ଥାନରେ ବସବାସ ଦ୍ୱାରା ସୁସ୍ଥ ଓ ନୀରୋଗ ଜୀବନ ମିଳିଥାଏ। ଘର ଭିତରେ ବିଭିନ୍ନ ପ୍ରକାର ସାଜସଜ୍ଜା ଉପକରଣ, ଫର୍ନିଚର ଓ ଆବଶ୍ୟକତାଠାରୁ ଅଧିକ ପଦାର୍ଥ ନ ରଖିବା ପାଇଁ ସେ ପରାମର୍ଶ ଦେଉଥିଲେ। ଏଗୁଡ଼ିକ ଦ୍ୱାରା ଘର ମଧ୍ୟରେ ଖୋଲା ସ୍ଥାନର ଅଭାବ ଘଟିଥାଏ। ଏହା ବ୍ୟତୀତ ଫର୍ନିଚର ଗାଲିଚା ଓ ଅନ୍ୟାନ୍ୟ ସାଜସଜ୍ଜା ଉପକରଣ ଧୂଳିକୁ ଆମନ୍ତ୍ରଣ କରିବା ସହିତ ବିଭିନ୍ନ କୀଟ ଓ ଜୀବାଣୁଙ୍କର ବାସସ୍ଥାନ ପାଲଟିଥାଏ। ଲଜ୍ଜା ନିବାରଣ ନିମନ୍ତେ ଶରୀରକୁ ଢାଙ୍କିବା ପାଇଁ ଯେତିକି ପରିମାଣର ପୋଷାକ ଆବଶ୍ୟକ ତାହା ପିନ୍ଧିବା ଦରକାର। ସକାଳର ସୂର୍ଯ୍ୟକିରଣରେ ଖାଲି ଦେହରେ ରହିବା ଦ୍ୱାରା ଶରୀରରେ ଭିଟାମିନ୍-ଡି ସୃଷ୍ଟି ହୋଇଥାଏ। ଏହା ଶରୀରରୁ ଆଳସ୍ୟ ଓ ମନରୁ ଅବସାଦ ଦୂର କରିଥାଏ। ପୁରାଣରେ କଥିତ ଅଛି ଯେ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଅର୍କକ୍ଷେତ୍ରରେ ସୂର୍ଯ୍ୟସ୍ନାନ ଦ୍ୱାରା କୁଷ୍ଠ ରୋଗରୁ ଆରୋଗ୍ୟ ଲାଭ କରିଥିଲେ। ମନୁଷ୍ୟ ନିଜ ଶରୀରକୁ ମୁକ୍ତ ପରିବେଶ ସହିତ ଯେତେ ଖୋଲା ରଖିବ ସେତେ ସୁସ୍ଥ ରହିବ। ଖୋଲା ଆକାଶ ତଳେ ଶୋଇରହି ମିଞ୍ଜି ମିଞ୍ଜି ତାରାଗୁଡ଼ିକୁ ଦେଖି ଦେଖି ଯେଉଁ ସୁନିଦ୍ରା ଆସେ, ତାହା ଶରୀରର କ୍ଳାନ୍ତି ମେଣ୍ଟାଇବା ସହିତ ମନ ଓ ଦେହକୁ ସୁସ୍ଥ ରଖେ। ଗାନ୍ଧିଜୀଙ୍କ ଭାଷାରେ ''He who establish contact with infinite possess nothing and yet possess everything''।

ଶୁଦ୍ଧ ବାୟୁ ବିନା ମନୁଷ୍ୟ କ୍ଷଣେ ମଧ୍ୟ ବଞ୍ଚି ରହିବା ଅସମ୍ଭବ। ନୀରୋଗ ଶରୀର ପାଇଁ ଶୁଦ୍ଧ ବାୟୁ ଏକାନ୍ତ ଆବଶ୍ୟକ। ସେଥିପାଇଁ ଖୋଲା ଜାଗାରେ ଘର କରିବା ସହିତ ଘର ମଧ୍ୟରେ ମୁକ୍ତବାୟୁ ଚଳାଚଳ ହେବା ଆବଶ୍ୟକ। ନିୟମିତ ଭାବରେ ନାକକୁ ସଫା କରି ପାଟି ବନ୍ଦ କରି ନାକବାଟେ ନିଃଶ୍ୱାସ ନେବା ଦରକାର। ଛାତି ଫୁଲାଇ ନିଃଶ୍ୱାସ ନେବା ଦ୍ୱାରା ଶରୀରକୁ ଊର୍ଦ୍ଧ୍ୱ ବାୟୁ ପ୍ରବେଶ କରିଥାଏ। ଗୁରୁପାକ ଭୋଜନଠାରୁ ଦୂରେଇ ରହି ନିୟମିତ ଉପବାସ ଦ୍ୱାରା ଶରୀରରେ ପାଚନ ଶକ୍ତି ବୃଦ୍ଧି ହେବା ସହିତ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଥାଏ ।

ଧୈର୍ଯ୍ୟର ସହିତ ପ୍ରାକୃତିକ ପଦ୍ଧତିରେ ରୋଗର ଉପଚାର କଲେ ଯେଉଁ ସୁଫଳ ମିଳିଥାଏ ତାହା ଆଧୁନିକ ଚିକିତ୍ସା ପ୍ରଣାଳୀରୁ ମିଳେ ନାହିଁ। ଆଧୁନିକ ଚିକିତ୍ସା ପ୍ରଣାଳୀ ବ୍ୟୟବହୁଳ ଓ ପାର୍ଶ୍ୱ ପ୍ରତିକ୍ରିୟାପୂର୍ଣ୍ଣ। ତେଣୁ ପ୍ରାଚୀନ ଭାରତର ଆୟୁର୍ବେଦରେ ବର୍ଣ୍ଣନା କରାଯାଇଥିବା ବିଭିନ୍ନ ପ୍ରାକୃତିକ ଚିକିତ୍ସା ପଦ୍ଧତି ତଥା ଦିନଚର୍ଯ୍ୟାକୁ ମାନି ଚଳିବା ଫଳରେ ମନୁଷ୍ୟ ସୁସ୍ଥ ଓ ନୀରୋଗ ଜୀବନ ଅତିବାହିତ କରିପାରିବ।

**ମୋ: ୭୮୪୮୮୫୦୯୫୦**

## ଚିରନ୍ତନୀ

ଅନ୍ଧକାରେ
ମୋ ପାଶେ ବସି
ଗାଇଲ କିଏ ଗୀତ
ସ୍କନ୍ଧେ ରଖି ପରଶ-ନବନୀତ !
-(ସନ୍ଧ୍ୟା ପଥେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସୁଭଦ୍ରା ଯୋଜନାରେ ବୟସ ତାରତମ୍ୟ ରଖା ନ ଯାଉ

ମହାଶୟ,

ରାଜ୍ୟ ସରକାର ମହିଳାମାନଙ୍କ ପାଇଁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ଏଥିରେ ଯୋଗ୍ୟତା ପାଇଁ ମହିଳାଙ୍କ ବୟସ ତାରତମ୍ୟ ରଖାଯାଇଛି। ଏହାଦ୍ୱାରା ବୟସ ଭିତ୍ତିରେ ଅଯୋଗ୍ୟ ହେଉଥିବା ମହିଳାଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବ ସହ ସେମାନଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି କରିବ। ଏହି ପରିପ୍ରେକ୍ଷୀରେ କୌଣସି ବୟସ ତାରତମ୍ୟ ରଖା ନ ଯାଉ। ସବୁ ବୟସ ବର୍ଗର ମହିଳା କିଭଳି ଏହି ଯୋଜନାରେ ଉପକୃତ ହେବେ ସରକାର ସେଥିପ୍ରତି ଦୃଷ୍ଟି ହେବା ଦରକାର।

**-କୃଷ୍ଣ ପ୍ରସାଦ ଘୋଷ, ବରିଷ୍ଠ ନାଗରିକ, ବରାଳ ପୋଖରୀ, ଚରମ୍ପା, ଭଦ୍ରକ**

ସେପ୍ଟେମ୍ବର ୪ ତାରିଖରେ ପ୍ରକାଶିତ 'ମହିଳା ବିରୋଧୀ ଭାବନା' ଶୀର୍ଷକ ସମ୍ପାଦକୀୟରେ ଆମେରିକାର ଟୁଇନ ଟାୱାର ଓ ପେଣ୍ଟାଗନ୍ ଉପରେ ଆକ୍ରମଣ ୧୧ ସେପ୍ଟେମ୍ବର ୨୦୦୧ ପରିବର୍ତ୍ତେ ଭୁଲ୍‌ବଶତଃ ୨୦୨୧ ପ୍ରକାଶ ପାଇଛି। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।
-ସମ୍ପାଦକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶିକ୍ଷକରୁ ମୁଖ୍ୟମନ୍ତ୍ରୀ

ସମୟଟି ଥିଲା ପ୍ରାୟ ୧୯୯୩ ମସିହାର କଥା। ସଦ୍ୟ କଲେଜରୁ ସ୍ନାତକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାନ୍ତି ମୋହନ, ମନରେ ଅସରନ୍ତି ଆଶା, କିଛି ଗୋଟାଏ କରିବେ। କାରଣ ଘରର ପରିସ୍ଥିତି ଯାହା, ସେଥିରେ ବାପାଙ୍କ ଉପରେ ବୋଝ ନ ହେବାକୁ ମନେ ମନେ ସ୍ଥିର କରିଥାଆନ୍ତି। ଯେପରି ହେଉ ବାପାଙ୍କୁ ଘର ଖର୍ଚ୍ଚରେ 'ସେତୁବନ୍ଧରେ ଗୁଣ୍ଡୁଚି' ଭଳି ଟିକିଏ ସାହାଯ୍ୟ କରିବେ। ତେବେ କିଏ ଏହି ମୋହନ ? କାହିଁକି ତାଙ୍କ ସମ୍ପର୍କରେ ଏହି ଚର୍ଚ୍ଚା ! ସେକଥା ଜାଣିବା ପୂର୍ବରୁ ପ୍ରଥମେ ଆସନ୍ତୁ ଜାଣିନେବା ତାଙ୍କ ସମ୍ପର୍କରେ ଆଉ କିଛି ତଥ୍ୟ।

କାମ ଖୋଜୁଥିବା ମୋହନଙ୍କୁ ମିଳିଗଲା ଜଣେ ଶିକ୍ଷକର ଚାକିରି। କେନ୍ଦୁଝର ଜିଲା ଝୁମ୍ପୁରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରାଥମିକ ଗୁରୁଜୀଙ୍କ ଚାକିରି। ଆଉ ଦରମା ଥିଲା ମାସିକ ୩ ଶହ ଟଙ୍କା ମାତ୍ର। ଏତିକି ଟଙ୍କାରେ ଜଣେ କେମିତି ଚଳୁଥିବ, ଥରେ ଚିନ୍ତାକଲେ ଦେଖି ! ଆଜ୍ଞା ହଁ, ସେ ହେଉଛନ୍ତି ଆଜି ଆମ ରାଜ୍ୟରେ 'ଲୋକଙ୍କ ମୁଖ୍ୟମନ୍ତ୍ରୀ' ଆଖ୍ୟା ପାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବାଲ୍ୟକାଳରୁ ପ୍ରତିକୂଳ ପରିସ୍ଥିତି ସହ ସଂଘର୍ଷକରି ବଡ଼ ହୋଇଥିବା ମୋହନ ବାସ୍ତବରେ ସମବୟସ୍କ ସହପାଠୀମାନଙ୍କ ପାଇଁ ଥିଲେ ଜଣେ ବନ୍ଧୁ ଓ ପଥ ପ୍ରଦର୍ଶକ। ଯଦି କେବେ କେହି ରୋଗରେ ପଡୁଥିଲେ, ଲୋଡ଼ା ହେଉଥିଲେ ମୋହନ। ଯଦି କେହି ପାଠ ବୁଝିପାରୁ ନ ଥିଲେ, ଲୋଡ଼ା ହେଉଥିଲେ ମୋହନ, ଆଉ ଯଦି କାହାରି ଘରେ ଭୁଲ୍ ବୁଝାମଣାରୁ କଳି ଲାଗୁଥିଲା, ସମାଧାନ ପାଇଁ ଯିଏ ଆଗକୁ ବାହାରୁଥିଲେ, ସେ ହେଉଛନ୍ତି ମୋହନ, ଆଜିର ମୁଖ୍ୟମନ୍ତ୍ରୀ। ବାସ୍ତବିକ, ନେତୃତ୍ୱ ନେବା ତାଙ୍କ ରକ୍ତରେ ଯେପରି ଭରି ରହିଥିଲା।

ଗୁରୁଜୀ ହେବାର ୬ ମାସ ପୂର୍ବରୁ ସେ ଟ୍ୟୁଶନ କରୁଥିଲେ। ସେଥିରୁ ମାସକୁ ପ୍ରାୟ ଦେଢଶହ ଟଙ୍କା ରୋଜଗାର କରୁଥିଲେ ଓ ସେହି ସ୍ୱଳ୍ପ ଆୟରେ ନିଜକୁ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ କରୁଥିଲେ। ସେହି ସମୟରେ ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସାକ୍ଷାତ୍କାର ଜରିଆରେ ଗୁରୁଜୀ ଭାବେ ନିଯୁକ୍ତି ପାଇଲେ। ସକାଳୁ ବିଦ୍ୟାଳୟକୁ ଶିକ୍ଷାଦାନ ପାଇଁ ଯାଇ ୪ଟା ବେଳକୁ ଛୁଟି ହେବା ପରେ ମଧ୍ୟ ସେ ଘରକୁ ଫେରିପାରୁ ନ ଥିଲେ। କାରଣ ସ୍କୁଲ ଛୁଟି ପରେ କ'ଣ ଦିଇଟା ପାଟିରେ ପକାଇ ସେ ଟ୍ୟୁଶନ ପଢ଼ାଇବାକୁ ପହଞ୍ଚିଯାଉଥିଲେ ପିଲାମାନଙ୍କ ଘରେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଏହି ଧାରା ବେଶ୍ କିଛିଦିନ ଧରି ଚାଲିଥିଲା। ପରେ ୧୯୯୭ ମସିହାରେ ସେ ନିଜ ଗ୍ରାମପଞ୍ଚାୟତର ସରପଞ୍ଚ ଭାବରେ ଜିତିବା ପରେ ଶିକ୍ଷାଦାନ ପ୍ରତି ସମୟ ଦେଇପାରି ନ ଥିଲେ। ଶେଷରେ ବାଧହୋଇ ତାଙ୍କୁ ଶିକ୍ଷକତା ଛାଡ଼ିବାକୁ ପଡ଼ିଥିଲା। ସେ ସରପଞ୍ଚ ଭାବେ ମାତ୍ର ୩ ବର୍ଷ ସେବା ପ୍ରଦାନ କରିବା ପରେ ୨୦୦୦ ମସିହାରେ ଭାରତୀୟ ଜନତା ପାର୍ଟିର ଟିକେଟ ପାଇ କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିଥିଲେ ଓ ଜୟଯୁକ୍ତ ହୋଇ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ସମୟରେ ମୋହନ ଥିଲେ ସର୍ବ କନିଷ୍ଠ ବିଧାୟକ।

ତେବେ ସେ ସିନା ଶିକ୍ଷକତାକୁ ଛାଡ଼ିଦେଲେ, ହେଲେ ଶିକ୍ଷକତା କ'ଣ ତାଙ୍କୁ ଛାଡ଼ିପାରିଲା ? ଆଜି ମଧ୍ୟ ସୁଯୋଗ ପାଇଲେ ସେ ପିଲାଙ୍କୁ ପଢ଼ାଇବା ସୁଯୋଗକୁ କେବେ ହାତଛଡ଼ା କରନ୍ତି ନାହିଁ। ଗାଁରେ ଯେତେବେଳେ ସେ ପ୍ରାଥମିକ ଶ୍ରେଣୀରେ ପଢୁଥିଲେ, ସେତେବେଳେ ତାଙ୍କର ସେଠାରେ ଥିଲେ ଅନେକ ସାଙ୍ଗ। ସେମାନଙ୍କ ମଧ୍ୟରୁ ଆଦିକନ୍ଦ ନାଏକ ହେଉଛନ୍ତି ଜଣେ। ଆଦିକନ୍ଦଙ୍କ କହିବା କଥା, ମୁଁ ରାଇକଳା ପ୍ରାଥମିକ ବିଦ୍ୟାଳୟରେ ୧୯୭୭ରୁ ୧୯୮୪ ମସିହା ପର୍ଯ୍ୟନ୍ତ ଅର୍ଥାତ୍ ୧ମରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ମୋହନଙ୍କ ସହିତ ପାଠ ପଢ଼ିଥିଲି। ଅନ୍ୟ ସାଧାରଣ ପିଲାଙ୍କ ଭଳି ବୋହୂଚୋରି, ଧାଁ ଦୌଡ଼, ଫୁଟ୍‌ବଲ ଇତ୍ୟାଦି ସବୁ ଖେଳୁଥିଲୁ। ଆମେ ପଢ଼ିବା ସମୟରେ ଜଗତମୋହନ ନାଏକ ସାର୍ ମୋହନ ଘରକୁ ଟ୍ୟୁଶନ ପଢ଼ାଇବାକୁ ଆସୁଥିଲେ। ତେବେ ସେ ମୋହନର ଘରୋଇ ଶିକ୍ଷକ ନ ଥିଲେ। ମୋହନର ଘର ଅବସ୍ଥା ମଧ୍ୟ ଘରୋଇ ଟ୍ୟୁଶନ ହେବା ପରି ସେତେଟା ସ୍ୱଚ୍ଛଳ ନ ଥିଲା। ତେବେ ସାର୍ ତାଙ୍କ ଘରକୁ ଆସିବାର କାରଣ ହେଲା, ମୋହନର ଘର ଥିଲା ଗାଆଁର କେନ୍ଦ୍ରସ୍ଥଳରେ। ସମସ୍ତଙ୍କ ଘରଠାରୁ ମଝିଆ ମଝି ସ୍ଥାନରେ ଥିବାରୁ ସେଠାକୁ ଜଗତମୋହନ ସାର୍‌ଙ୍କୁ ଆସିବା ମଧ୍ୟ ସୁବିଧା ହେଉଥିଲା। ଆମେ ମଧ୍ୟ ସେଠାକୁ ପଢ଼ିବାକୁ ଯାଉଥିଲୁ। ମୋହନ ଗାଁ ସ୍କୁଲରେ ସପ୍ତମ ଶ୍ରେଣୀ ପାଠପଢ଼ା ସାରି ଝୁମ୍ପୁରା ଉଚ୍ଚ ବିଦ୍ୟାଳୟକୁ ୮ମ ଶ୍ରେଣୀରେ ପଢ଼ିବାକୁ ଚାଲିଗଲା। ମୁଁ ରାଇକଳା ହାଇସ୍କୁଲରେ ହିଁ ପଢ଼ିଲି।

ମୋହନଙ୍କ ଅନ୍ୟ ଜଣେ ସାଙ୍ଗ ଧ୍ରୁବଚରଣ ବାରିକ ପିଲାଦିନେ ତାଙ୍କ ସହ ବିଦ୍ୟାଳୟରେ ଘଟିଥିବା ଏକ ନିଆରା ଅଭିଜ୍ଞତା ବର୍ଣ୍ଣନାକରି ବସନ୍ତି। ଅତୀତର ସ୍ମୃତି ରୋମନ୍ଥନକରି ସେ କହନ୍ତି, ବିଦ୍ୟାଳୟକୁ ସେତେବେଳେ ଧନୁଷ୍ଟଙ୍କାର ରୋଗର ଟିକା ଦେବାପାଇଁ ଡାକ୍ତରୀ ଟିମ୍ ପ୍ରତିବର୍ଷ ଆସୁଥିଲେ।

ଆମେ ଡିବିରି ନିଆଁରେ ଇଞ୍ଜେକ୍ସନ ଛୁଞ୍ଚି ଲାଲ ଟକ୍ ଟକ୍ ହୋଇ ତାତି ଉଠୁଥିବା ଦେଖି ଆତଙ୍କରେ ଶିହରିଉଠୁଥିଲୁ। କିଭଳି ଉକ୍ତ ଡାକ୍ତରୀ ଦଳର ଅନ୍ୟମନସ୍କତାର ସୁଯୋଗ ନେଇ ସେଠାରୁ ଖସିଯିବୁ, ସେହି ଚିନ୍ତାରେ ରହୁଥିଲୁ। କେହି କେହି ପଛ ଦରଜା ବାଟଦେଇ ନିକଟସ୍ଥ ଜଙ୍ଗଲକୁ ଧାଇଁ ଯାଇ ସେଠାରେ ଛପିଯାଉଥିଲେ। ମାତ୍ର ମୋହନ ସେ ବୟସରେ ମଧ୍ୟ ଏସବୁକୁ ଖାତିର କରୁ ନ ଥିଲା। ଓଲଟି ଆମମାନଙ୍କୁ ବୁଝାଉଥିଲା, ଧନୁଷ୍ଟଙ୍କାର ଟିକା ନେବା ଶରୀର ପାଇଁ ଭଲ। ଏହା କ୍ଷଣିକ ପାଇଁ ଆମକୁ କଷ୍ଟଦେବ ସତ, ମାତ୍ର ସବୁଦିନ ପାଇଁ ନୀରୋଗ ରଖିବାରେ ସହାୟକ ହେବ। ଆଶ୍ଚର୍ଯ୍ୟ, ଯେଉଁ ବୟସରେ ଆମେ ସମସ୍ତେ ଇଞ୍ଜେକ୍ସନ ଛୁଞ୍ଚିକୁ ଦେଖିଲେ ଭୟରେ ଛାନିଆ ହୋଇଉଠୁ, ସେହି ବୟସରେ ରାଇକଳା ଭଳି ଜଙ୍ଗଲ ପରିବେଷ୍ଟିତ ନିପଟ ମଫସଲ ଗାଁର ଜଣେ କୁନି ପିଲା ମନରେ ଏତେ ସାହସ ଆସିଲା କେଉଁଠୁ ? କହିବା ବାହୁଲ୍ୟ, ସାଙ୍ଗମାନେ ମୋହନର କଥାକୁ ବୁଝିଯାଇଥିଲେ। ଆଉ ଧୀରସ୍ଥିର ଭାବରେ ଟିକା ନେଇଥିଲେ। ଧ୍ରୁବ ଆଜି ମନେପକାନ୍ତି, ସେହି ଟିକା ଦ୍ୱାରା ମୋ ହାତରେ ଏକ ଚିହ୍ନ ସବୁଦିନ ପାଇଁ ରହିଯାଇଥିଲା ସତ, ମାତ୍ର ଧନୁଷ୍ଟଙ୍କାର ଭଳି ରୋଗରେ ମୁଁ କେବେ ବି ଆକ୍ରାନ୍ତ ହୋଇନାହିଁ, ମୋର ସାଙ୍ଗମାନେ ମଧ୍ୟ। ହୁଏତ ଏହି ଘଟଣା ହିଁ ମୋହନଙ୍କ ମଧ୍ୟରେ ଯେ ନେତୃତ୍ୱ ନେବାର ଦକ୍ଷତାଟି ଅଙ୍କୁରିତ ହେଉଛି, ତାହା ଏହି ଘଟଣାଟି ପ୍ରତିପାଦିତ କରିଥିଲା।

ଗାଁରେ ମୋହନଙ୍କ ବାବଦରେ ଲୋକେ କଥା ହେବାର ଅନେକ ଲୋକ ଶୁଣିଥିଲେ, ଗୁନାରାମର ପୁଅଟି ନିଶ୍ଚେ ଦିନେ ବଡ଼ ମଣିଷ ହେବ। କାରଣ ଅନ୍ୟମାନଙ୍କଠାରୁ ତା'ର ମୁଣ୍ଡଟି ଟିକିଏ ବଡ଼। ହୁଏତ ସେମାନଙ୍କ ସେହି ଅଦୃଶ୍ୟ ଆଶୀର୍ବାଦ ହିଁ 'ବଡ଼ମୁଣ୍ଡିଆ' ମୋହନକୁ ଜଣେ ଟ୍ୟୁଶନ କରୁଥିବା ଏବଂ ମାସକୁ ମାତ୍ର ୩ ଶହ ଟଙ୍କା ଦରମା ପାଉଥିବା ଶିଶୁମନ୍ଦିର ଶିକ୍ଷକରୁ ନେଇ ସାଢ଼େ ୪କୋଟି ଲୋକଙ୍କ ରାଜ୍ୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନରେ ବସାଇଦେଲା।

**ଲେଖକ– ହିତାଂଶୁ ଶେଖର ମହାନ୍ତ**

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀ ମୃତ

ଗୁଣପୁର,୪।୯ (ପ୍ରଦୀପ କୁମାର ପାଢ଼ୀ)



ମୃତ ହାତୀ

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଫୁଲପୁଟି ତାରମାଳ ରାସ୍ତା ପୋଲ ନିକଟସ୍ଥ କପାବାଡ଼ରେ ଗୋଟିଏ ମାଈ ହାତୀର ମୃତଦେହ ଠାବ ହୋଇଛି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା ବନ ବିଭାଗ ସନ୍ଦେହ କରିଛି। ଖବରପାଇ ବନ ବିଭାଗର ଏକ ଟିମ୍ ବୁଧବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ୬ ଟିକିଆ ହାତୀପଲ ଜଙ୍ଗଲରୁ ଆସି ଗୁଣପୁର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ବୁଲି ଆନ୍ଧ୍ରକୁ ଚାଲିଯାଇଥିଲେ। ସେଥିମଧ୍ୟରୁ ଦୁଇଟି ହାତୀ ଗୁଣପୁର ଅଞ୍ଚଳକୁ ଫେରିଥିବା ବେଳେ ୪ଟି ହାତୀ ଆନ୍ଧ୍ରରେ ରହିଥିଲେ। ଗତବର୍ଷ ଆନ୍ଧ୍ରର ବାଡିଲି ନିକଟ କାଟ୍ରାଗଡ଼ାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୪ ହାତୀଙ୍କ ମୃତ୍ୟୁ ହୋଇଥିଲା। ଗୁଣପୁର ଫେରିଥିବା ଦୁଇଟି ହାତୀ ସାଥୀମାନଙ୍କୁ ହରାଇ ଫୁଲପୁଟି ତାରମାଳ ଅଞ୍ଚଳରେ ଘୂରି ବୁଲୁଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ହାତୀ ଦ୍ୱୟ ନିକଟରେ ଥିବା ବିଭିନ୍ନ ଚାଷ ଜମିରେ ପଶି ଫସଲ ନଷ୍ଟ କରିଥିଲେ। ଚାଷୀ ସାଇପନୀ ଶବରଙ୍କ ବାଡ ଭିତରେ ଥିବା ବିଦ୍ୟୁତ୍ ଖୁଣ୍ଟ ଉପାଡିବା ସହ କୁଡ଼ିଆ ଭାଙ୍ଗିଥିବା ଦେଖିବାକୁ ମିଳିଛି। ବୁଧବାର ଭୋର ସମୟରେ ବିଦ୍ୟୁତ୍ ଆଘାତରେ ମାଈ ହାତୀର ମୃତ୍ୟୁ ହୋଇଛି। ଫଳରେ ଆଉ ଗୋଟିଏ ଅଣ୍ଡିରା ହାତୀ ହିଁ ବଳକା ରହିଛି। ମୃତ ମାଈହାତୀଟି ଗର୍ଭବତୀ ଥିବା ସ୍ଥାନୀୟ ଅଞ୍ଚଳରେ ପ୍ରଚାର ଚାଲିଛି। ତେବେ ହାତୀର ମୃତଦେହ ବ୍ୟବଚ୍ଛେଦ ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଆଇଆଇଟି ଛାତ୍ରୀଙ୍କ ଆତ୍ମହତ୍ୟା

ଜଟଣୀ, (ରବୀନ୍ଦ୍ରନାଥ ମହାକୁଡ଼)/ଭୁବନେଶ୍ୱର, ୪।୯ (ସତ୍ୟଜିତ୍ ରାଉତ)

**ଏକାଡେମିକ୍ ବ୍ଲକ୍ ଝରକାରୁ ଡେଇଁପଡ଼ିଲେ**

ଭାରତୀୟ ପ୍ରାଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱରରେ ଜଣେ ବି.ଟେକ୍ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ମୃତା ଛାତ୍ରୀଜଣଙ୍କ ହେଲେ ବିହାରର କ୍ରିତିକା ରାଜ୍ (୨୧)। ମଙ୍ଗଳବାର ରାତି ପ୍ରାୟ ୧୧ଟା ୩୦ରେ ଏକାଡେମିକ୍ ବ୍ଲକ୍ ଝରକାରୁ କ୍ରିତିକା ଡେଇଁ ପଡ଼ିଥିବା ଆଇଆଇଟି କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜଟଣୀ ପୋଲିସକୁ ସୂଚନା ଦିଆଯାଇଛି। ଦିଲ୍ଲୀରେ ରହି ପ୍ରତିରକ୍ଷା ମନ୍ତ୍ରଣାଳୟରେ କାମ କରୁଥିବା ବାପା ବିଜୟ ରାଜକ୍ ଏବଂ ମା' ଭୁବନେଶ୍ୱରରେ ପହଞ୍ଚିବା ପରେ ବୁଧବାର କ୍ୟାପିଟାଲ ହସ୍ପିଟାଲରେ କ୍ରିତିକାଙ୍କ ବ୍ୟବଚ୍ଛେଦ ହୋଇଥିଲା। ପରେ ପୋଲିସ ପକ୍ଷରୁ ପରିବାରଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ଆଇଆଇଟି ସିକ୍ୟୁରିଟି ଇନ୍‌ଚାର୍ଜ ରବୀନ୍ଦ୍ରନ୍‌ଙ୍କ ରିପୋର୍ଟ ଆଧାରରେ ଜଟଣୀ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୦/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଜଟଣୀ ଥାନାଧିକାରୀ ସୌମ୍ୟକାନ୍ତ ବଳିଆରସିଂ କହିଛନ୍ତି, ଓବ୍‌ସେସିଭ୍ କମ୍ପଲସିଭ୍ ଡିଜ୍‌ଅର୍ଡର(ଓସିଡି) ନାମକ ଏକ ମାନସିକ ରୋଗରେ କ୍ରିତିକା ପୀଡ଼ିତା ଥିଲେ। ଏକାଡେମିକ୍ ବ୍ଲକ୍‌ର ସିସିଟିଭି ଫୁଟେଜ୍ ଯାଞ୍ଚ ଓ ଅନ୍ୟମାନଙ୍କୁ ପଚରାଉଚରା ପରେ କ୍ରିତିକା ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ସେ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, କ୍ରିତିକା ମେଟ୍ରୋଲୋଜି ଟ୍ରେଡ୍‌ରେ ବି.ଟେକ୍ କରୁଥିଲେ। ମାନସିକ ରୋଗ ପାଇଁ ସେ ନିୟମିତ ଔଷଧ ମଧ୍ୟ ସେବନ କରୁଥିଲେ। ଏହି ରୋଗ ପାଇଁ ସେ ଶେଷ ସେମିଷ୍ଟର ପରୀକ୍ଷା ମଧ୍ୟ ଦେଇ ନ ଥିଲେ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ୭ଦିନ ତଳେ କ୍ରିତିକା ତାଙ୍କର ଜଣେ ସାଙ୍ଗଙ୍କ ସହ ପରିବାର ଲୋକଙ୍କ ପାଖକୁ ଦିଲ୍ଲୀ ଯାଇଥିଲେ। ହେଲେ ୩ଦିନ ପରେ ପରିବାର ଲୋକ ତାଙ୍କୁ ପୁଣି ଭୁବନେଶ୍ୱର ପଠାଇ ଦେଇଥିଲେ। ଏପରି କି ମାନସିକ ରୋଗ ପାଇଁ କ୍ରିତିକାଙ୍କ ଜୀବନ ପ୍ରତି ବିପଦ ଥିବାରୁ ତାଙ୍କୁ ଦିଲ୍ଲୀ ନେଇଯିବାକୁ ଆଇଆଇଟି କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଅନୁରୋଧ କରିଥିଲେ। ହେଲେ ତାଙ୍କ ଅଭିଭାବକ ଅଣ୍ଡରଟେକିଂ ଲେଖିବା ସହ ଯାହା ବି ଘଟିବ ସେଥିପାଇଁ ସେମାନେ ଦାୟୀ ରହିବେ ବୋଲି ଆଇଆଇଟି କର୍ତ୍ତୃପକ୍ଷଙ୍କୁ କହିଥିଲେ। ମଙ୍ଗଳବାର ରାତିରେ କ୍ରିତିକା ହଷ୍ଟେଲରେ ରାତ୍ରି ଭୋଜନ କରି ସିଧା ଏକାଡେମିକ୍ ବ୍ଲକ୍‌କୁ ଚାଲିଯାଇଥିଲେ। ଏକାଡେମିକ୍ ବ୍ଲକ୍ ମଧ୍ୟରେ ଏକ ଲାଇବ୍ରେରି ରହିଥିବାବେଳେ ତାହା ରାତି ୨ଟା ୩୦ ପର୍ଯ୍ୟନ୍ତ ଖୋଲା ରୁହେ। ହେଲେ କ୍ରିତିକା ଲାଇବ୍ରେରିରେ ପଢ଼ି ନ ଥିଲେ। ସେ ପଞ୍ଚମ ମହଲାର ଏକ ଝରକା ନିକଟରେ ବ୍ୟାଗ ଓ ଚପଲ ଥୋଇ ତଳକୁ ଡେଇଁ ପଡ଼ିଥିଲେ। ଏକ ଉଚ୍ଚଶବ୍ଦ ହେବା ପରେ ସିକ୍ୟୁରିଟି ଗାର୍ଡ ଓ ଅନ୍ୟ ସହପାଠୀମାନେ ଏହି ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ଘଟଣାସ୍ଥଳରେ କ୍ରିତିକାଙ୍କ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଆଇଆଇଟି କର୍ତ୍ତୃପକ୍ଷଙ୍କ ପକ୍ଷରୁ କ୍ରିତିକାଙ୍କୁ ପ୍ରଥମେ କ୍ୟାମ୍ପସ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯିବା ପରେ ଡାକ୍ତର କ୍ରିତିକାଙ୍କୁ ମୃତ ଘୋଷଣା କରିଥିଲେ।

# ଶିକ୍ଷା ଭାରତକୁ ଉତ୍ପାଦକ ଅର୍ଥନୀତିରେ ପରିଣତ କରିବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୪।୯ (ସୁନିତ୍ ମିଶ୍ର)

ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଆଭିମୁଖ୍ୟ ମାଧ୍ୟମରେ ଭାରତରେ ଥିବା ପ୍ରାୟ ୫୦୦୦ ଉଚ୍ଚ ଶିକ୍ଷାନୁଷ୍ଠାନକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି। ବୁଧବାର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ପାଇଁ ସଂସ୍ଥାଗତ ବିକାଶ ଯୋଜନା(ଆଇଡିପି) ଉପରେ ଆୟୋଜିତ ଦିନିକିଆ କର୍ମଶାଳାକୁ ଉଦ୍‌ଘାଟନକରି କେନ୍ଦ୍ରମନ୍ତ୍ରୀ ୟୁଜିସି ନିୟମାବଳୀ ସଂକଳନକୁ ୟୁଜିସିର ସମସ୍ତ ନିୟମର ଏକକ, ସୁଲଭ ଏବଂ ବିଶ୍ୱସନୀୟ ଉତ୍ସ ଭାବେ ଉନ୍ମୋଚନ କରିଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର ଶିକ୍ଷାର ଉଦ୍ଦେଶ୍ୟ ଏବଂ ଢାଞ୍ଚା ଉପରେ ଆଲୋକପାତ କରିଛନ୍ତି। ସେ ଆହୁରି କହିଛନ୍ତି, ଦେଶରେ ନାମଲେଖା ଅନୁପାତକୁ ଦ୍ୱିଗୁଣିତ କରିବା, ଅଧିକାଂଶ ଜନସଂଖ୍ୟାକୁ ଉଚ୍ଚଶିକ୍ଷା ପରିସରକୁ ଆଣିବା ଜରୁରୀ। ଶିକ୍ଷା ଭାରତକୁ ଏକ ଉପଭୋକ୍ତା ଅର୍ଥନୀତିରୁ ଉତ୍ପାଦକ ଅର୍ଥନୀତିରେ ପରିଣତ କରିବ। ଆନୁଷ୍ଠାନିକ ଉନ୍ନତି ଯୋଜନାରେ ଆମର ବିଶାଳ ଜନସଂଖ୍ୟାର ଦକ୍ଷତା ବୃଦ୍ଧି, ଉଚ୍ଚଶିକ୍ଷାରେ ଭାରତୀୟ ଭାଷାକୁ ସମନ୍ୱିତ କରିବା, ଉଦ୍ଭାବନ, ଉଦ୍ୟୋଗ ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରାଥମିକତା ଦେବା, ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଓ ଗବେଷଣା ଏବଂ ବିକାଶର ବିଶ୍ୱସ୍ତରୀୟ ମାନଦଣ୍ଡ ହାସଲକରିବା ଉପରେ ପ୍ରାଥମିକତା ଦେବାକୁ ହେବ। ଆମ ଶିକ୍ଷା ଏପରି ହେବା ଦରକାର, ଯେଉଁ ଶିକ୍ଷା ଏକବିଂଶ ଶତାବ୍ଦୀର ଆକାଂକ୍ଷା ପୂରଣକରିବା ସହ ସ୍ଥାନୀୟ ଏବଂ ବୈଶ୍ୱିକ ଆହ୍ୱାନର ସମାଧାନ କରିପାରିବ। ନୂଆ ମଡେଲ ଏବଂ ସାମ୍ପ୍ରତିକ ସମସ୍ୟାର ସମାଧାନ ପାଇଁ ଭାରତର ପ୍ରତିଭାବାନ ଯୁବଶକ୍ତିଙ୍କ ଉପରେ ବିଶ୍ୱର ନଜର ରହିଛି। ଶିକ୍ଷାନୁଷ୍ଠାନଗୁଡ଼ିକର ପୁନରୁଦ୍ଧାର, ଉଚ୍ଚ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଏବଂ ଜାତୀୟ ପ୍ରାଥମିକତା ହାସଲ ଦିଗରେ ଏକ ସମୟବଦ୍ଧ ଢଙ୍ଗରେ କାର୍ଯ୍ୟ କରିବାକୁ ଶିକ୍ଷାବିତମାନଙ୍କୁ ଧର୍ମେନ୍ଦ୍ର ପରାମର୍ଶ ଦେଇଛନ୍ତି।



# ଓଡ଼ିଶାର ୩ଜଣଙ୍କୁ 'ଶିଳ୍ପୀ ଗୁରୁ', 'ଜାତୀୟ ହସ୍ତଶିଳ୍ପ ପୁରସ୍କାର'

ଭୁବନେଶ୍ୱର,୪।୯(ଶର୍ମିଷ୍ଠା ପାଣିଗ୍ରାହୀ)

କେନ୍ଦ୍ର ବୟନ ମନ୍ତ୍ରଣାଳୟ ଅଧୀନ ଉନ୍ନୟନ କମିଶନର(ହସ୍ତଶିଳ୍ପ) ୱେଲ୍‌ଫେୟାର ସେକ୍ସନ ପକ୍ଷରୁ 'ଶିଳ୍ପୀ ଗୁରୁ' ଏବଂ 'ଜାତୀୟ ହସ୍ତଶିଳ୍ପ ପୁରସ୍କାର–୨୦୨୩' ଘୋଷଣା ହୋଇଛି। ସର୍ବଭାରତୀୟ ସ୍ତରରୁ ହସ୍ତକଳାରେ ୫ଜଣ ଶିଳ୍ପୀଙ୍କୁ 'ଶିଳ୍ପୀ ଗୁରୁ ସମ୍ମାନ' ଓ ୧୮ କାରିଗରଙ୍କୁ 'ହସ୍ତଶିଳ୍ପ ପୁରସ୍କାର' ପାଇଁ ମନୋନୟନ କରାଯାଇଛି। ଏଥିରେ ଓଡ଼ିଶାରୁ ୩ଜଣ ରହିଛନ୍ତି। ଭୁବନେଶ୍ୱରର ସୁଧୀର ମହାରଣା 'ଶିଳ୍ପୀ ଗୁରୁ ସମ୍ମାନ' ଓ ତାଙ୍କ ସ୍ତ୍ରୀ ଉର୍ବଶୀ ମହାରଣା 'ହସ୍ତଶିଳ୍ପ ପୁରସ୍କାର' ଲାଗି ମନୋନୀତ ହୋଇଛନ୍ତି। ଗୋଟିଏ ପରିବାରକୁ ୨ଟି ପୁରସ୍କାର ମିଳିବା ନେଇ ଘୋଷଣା ପରେ ଉଭୟ ସୁଧୀର ଓ ସ୍ତ୍ରୀ ଉର୍ବଶୀ ଖୁସିବ୍ୟକ୍ତ କରିଛନ୍ତି। ଦୀର୍ଘ ୬୦ ବର୍ଷ ଧରି ସୁଧୀର ଗୋବରରେ ପାରମ୍ପରିକ ପଟ୍ଟଚିତ୍ର ଆଙ୍କି ଆସୁଥିବାବେଳେ ଉର୍ବଶୀ ଗୋବରରେ ବିଭିନ୍ନ କଣ୍ଢେଇ ପ୍ରସ୍ତୁତ କରି ଚାଲିଛନ୍ତି। ପଥର କଳାରେ ହସ୍ତଶିଳ୍ପ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି ଯାଜପୁର ଧର୍ମଶାଳା ଅନ୍ତର୍ଗତ ସୁଭଦ୍ରାପୁରର ବ୍ରହ୍ମାନନ୍ଦ ମହାରଣା।

# ଗୁରୁଙ୍କ ସହ ଅଭୁଲା ସ୍ମୃତି

ଗୁରୁ ଜୀବନର ଆଲୋକ ବର୍ତ୍ତିକା। ଯିଏ ଅନ୍ଧାରରୁ ଆଲୋକର ପଥ ଦେଖାନ୍ତି। ଗୁରୁଙ୍କ ବିନା ଶିକ୍ଷା ସମ୍ପୂର୍ଣ୍ଣ ହୁଏନି। ତେଣୁ ଜୀବନରେ ଗୁରୁଙ୍କର ରହିଛି ବିଶେଷ ଭୂମିକା। ଆଜି ଗୁରୁଦିବସ ଅବସରରେ ଗୁରୁଙ୍କୁ ନେଇ ରହିଥିବା ଅଭୁଲା ସ୍ମୃତି ସମ୍ପର୍କରେ....

## ବିଜୟ ସାରଙ୍କ ସହ ପ୍ରଥମ ନାଟକ ମୋ ଜୀବନର ବଡ଼ ସ୍ମୃତି



ସଙ୍ଗୀତ ମହାବିଦ୍ୟାଳୟରେ ୧୯୭୫/୭୬ ମସିହା ବେଳକୁ ନୂଆ କରି ନାଟକ ବିଭାଗ ଖୋଲା ହେଲା। ସେତେବେଳେ ଆମେ ପ୍ରଥମ ବ୍ୟାଚକୁ ବିଜୟ କୁମାର ମହାନ୍ତି ଥିଲେ ଆମର ପ୍ରଥମ ଗୁରୁ। ତାଙ୍କୁ ନେଇ ଅନେକ ସ୍ମୃତି ରହିଛି। ସେ ଏବେ ନାହାନ୍ତି ସତ ମାତ୍ର ସେ କେବଳ ଗୁରୁ ନ ଥିଲେ, ସାଙ୍ଗ ଥିଲେ। ତାଙ୍କ ସହ ମୁଁ ଅନେକ ନାଟକ କରିଛି। ତେବେ ରବୀନ୍ଦ୍ର ମଣ୍ଡପରେ 'ଏବମ୍ ଇନ୍ଦ୍ରଜିତ' ସାରଙ୍କ ସହ ମୋର ପ୍ରଥମ ନାଟକ। ବିନା ଗାଳିରେ ସେ ଯେଭଳି ଶିଖାଉଥିଲେ, ନିର୍ଦ୍ଦେଶନା ଦେଉଥିଲେ ଭାରି ନିଜର ଲାଗନ୍ତି। ସେହି ପ୍ରଥମ ନାଟକର ସ୍ମୃତି ମୋ ପାଇଁ ସବୁବେଳେ ଅଭୁଲା ହୋଇ ରହିଛି। ସେହିପରି ୧୯୭୭ରେ ବାରିପଦାରେ ନାଟକ ମଞ୍ଚସ୍ଥ ହୋଇଥିଲା। ବାରିପଦା ସାରଙ୍କ ପ୍ରାଣ କେନ୍ଦ୍ର ଥିଲା। ତେବେ ନାଟକ ମଞ୍ଚସ୍ଥ ପରେ ସାର୍ ଖୁସି ହୋଇ ଆମକୁ ଭୋଜି ଦେଇଥିଲେ।

- ଧୀରେନ୍ଦ୍ର ମଲ୍ଲିକ, ନାଟ୍ୟକାର-ନିର୍ଦ୍ଦେଶକ

## ଗୁରୁ ରାମହରି ଦାସ ମୋତେ ଅନେକ ମଞ୍ଚରେ ସୁଯୋଗ ଦେଇଛନ୍ତି



ଗୁରୁ ରାମହରି ଦାସ ମୋତେ ଅନେକ ମଞ୍ଚରେ ସୁଯୋଗ ଦେଇଛନ୍ତି। ସେ ମୋ ଜୀବନରେ ସବୁବେଳେ ସ୍ୱତନ୍ତ୍ର ହୋଇ ରହିବେ। ସେ ଗୁରୁ ଭାବେ ଅନନ୍ୟ। ଯୁକ୍ତ ୨ରେ ପାଠପଢ଼ା ସରି ଆସିବା ବେଳକୁ ଏକ କାର୍ଯ୍ୟକ୍ରମ ଥାଏ। ସେଠାରେ ମୁଁ ଉପସ୍ଥିତ ଥିଲି। ସେତେବେଳେ ଅନେକ ଗୁରୁଙ୍କ ସହ ମୋର ପରିଚୟ କରାଇ ମୁଁ ସଙ୍ଗୀତ ପରିବେଷଣ କରିବି ବୋଲି ସୂଚନା ଦେଇଥିଲେ। ଯାହା ମୋତେ ବହୁତ ଖୁସି ଦେଇଥିଲା। ବଡ଼ ବଡ଼ ଗୁରୁଙ୍କ ମଧ୍ୟରେ ଜଣେ ଅନଭିଜ୍ଞ ଭାବେ ଏକ ରାଗ ପରିବେଷଣ କରିଥିଲି। ଆଉ ତାହା ନିର୍ଭୁଲ ହୋଇଥିଲା।

- ଗୁରୁ ବିଜୟ ଜେନା, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ

## ଗୁରୁ କେଳୁଚରଣଙ୍କ ସ୍ମୃତିକୁ ନେଇ ମୁଁ ମରିବାକୁ ଚାହିଁବି



ଗୁରୁ କେଳୁଚରଣ ମହାପାତ୍ରଙ୍କ ସହ ମୋର ଅନେକ ସ୍ମୃତି ରହିଛି। ତାଙ୍କ ନୃତ୍ୟଧାରା, ଶୈଳୀକୁ ନେଇ ମୁଁ ସବୁବେଳେ ଆଗକୁ ବଢ଼ିବାକୁ ଚେଷ୍ଟା କରୁଛି। ଥରେ ସଙ୍ଗୀତ ନାଟକ ଏକାଡେମୀ ବ୍ୟାନରରେ ମୋର ଏକକ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ ଥାଏ। ଯେତେବେଳେ ଗୁରୁଙ୍କୁ ପଚରାଯାଇଥିଲା ଆପଣଙ୍କର କିଏ ଶିଷ୍ୟ ଯାହାଙ୍କୁ ଆପଣଙ୍କ ପରେ ଯୁବ ଓ ଆଗାମୀ ଭବିଷ୍ୟତ ଭାବେ ଦେଖିବାକୁ ଚାହୁଁଛନ୍ତି, ସେ ସେଇଠି ମୋ ନାମ ଦେଇଥିଲେ। ତାହା ମୋ ଜୀବନର ସବୁଠୁ ଅବିସ୍ମରଣୀୟ ମୁହୂର୍ତ୍ତ ଥିଲା। ସେହିପରି ଚେନ୍ନାଇରେ ରାମାୟଣ ପ୍ରଦର୍ଶନ କଲାବେଳେ ଗୁରୁ ଧୀବର ହୋଇଥିଲେ ଓ ମୁଁ ହୋଇଥିଲି ଲକ୍ଷ୍ମଣ। ଗୋଟିଏ ଦୃଶ୍ୟରେ ସେ ମୋ ପାଦ ଛୁଇଁଥିଲେ। ସେହି ସ୍ମୃତିକୁ ମୁଁ ମୋ ସାଙ୍ଗରେ ନେଇ ମରିବାକୁ ଚାହିଁବି।

- ମୀରା ଦାସ, ଓଡ଼ିଶୀ ନୃତ୍ୟଗୁରୁ

## ଆଜି କେଉଁଠି ମୁଖ୍ୟବକ୍ତା ହେଲେ ଶଶାଙ୍କ ସାରଙ୍କ କଥା ମନେପଡ଼େ



ସଂସ୍କୃତରେ ପଢିଥିଲି ଶୃଗାଳ ଶିଶୁ କଥା। ସେଥିରେ ସିଂହ ଛୁଆ ଶୃଗାଳ ଛୁଆଙ୍କ ସହିତ ବଢିଥିଲା, କିନ୍ତୁ ବଡ ହେଲା ପରେ ଶୃଗାଳ ପରି ଆଚରଣ ନ ଦେଖେଇ ସିଂହ ପରି ବ୍ୟବହାର କଲା। ମୁଁ କ୍ଲାସରେ ପ୍ରଥମ ହେଉଥିଲି। ମାତ୍ର ତର୍କ ପ୍ରତିଯୋଗିତାରେ ଭାଗ ନନେଇ ଲୁଚୁଥିଲି। ନବମ ଶ୍ରେଣୀରେ ସଂସ୍କୃତ ଶିକ୍ଷକ ଶଶାଙ୍କ ଶେଖର ଦାଶ ମୋତେ କ୍ଲାସ୍‌ରେ ଛିଡା କରି କହିଲେ କି ମୁଁ ଶୃଗାଳଶିଶୁ ବୋଲି ତର୍କ ପ୍ରତିଯୋଗିତାରେ ଭାଗ ନନେଇ ଲୁଚୁଛି। ମୋତେ ଭାରି ଖରାପ ଲାଗିଲା। ପର ଦିନ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ଆୟୋଜିତ ପ୍ରତିଯୋଗିତାରେ ଭୟ ନ କରି ଭାଗ ନେଲି ଆଉ ତୃତୀୟ ହେଲି। ସାର୍ ବହୁତ ଖୁସି ହୋଇଥିଲେ। ତା' ପରେ ଆଉ ତର୍କ ପ୍ରତିଯୋଗିତାରେ ଭାଗ ନେବାକୁ ଭୟ ଲାଗିଲା ନାହିଁ। ଆଜି କୌଣସି ସଭାରେ ମୁଖ୍ୟବକ୍ତା ହେଲେ ସାର୍‌ଙ୍କ କଥା ମନେ ପଡ଼େ।

- କମଳାକାନ୍ତ ଜେନା,ପ୍ରାଧାପକ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ

ଉପସ୍ଥାପନା: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର



**ସଂକ୍ଷେପରେ**

## ମୂର୍ତ୍ତି ବିସର୍ଜନ ପାଇଁ ବିଏମ୍‌ସିର ଅସ୍ଥାୟୀ ପୋଖରୀ

ଭୁବନେଶ୍ୱର,୪।୯(ଅନୁରାଧା ମହାରଣା)

ପାର୍ବଣ ପାଇଁ ରାଜଧାନୀ ଭୁବନେଶ୍ୱରରେ ପ୍ରସ୍ତୁତି ଆଗେଇ ଚାଲିଛି। ଆସନ୍ତା ୭ ତାରିଖରେ ହେବ ଗଣେଶ ପୂଜା। ତା'ପରେ ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା ଆଦି ଅନୁଷ୍ଠିତ ହେବ। ମୂର୍ତ୍ତି ବିସର୍ଜନ ଲାଗି କୁଆଖାଇ, ଦୟା ନଦୀ ଆଦି ଜଳାଶୟଗୁଡ଼ିକ ଯେପରି ପ୍ରଦୂଷିତ ନ ହେବ ସେଥିଲାଗି ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ପୂର୍ବବର୍ଷ ପରି ଏବର୍ଷ ମଧ୍ୟ ବିଭିନ୍ନ ସ୍ଥାନରେ ଅସ୍ଥାୟୀ ପୋଖରୀ ଖୋଳାଯାଇଛି। ପୋଖରୀର ଚତୁଃ ପାର୍ଶ୍ୱରେ ଜରି ଦିଆଯାଇଛି। ବଡ ବଡ ମୂର୍ତ୍ତିଗୁଡ଼ିକୁ ହାଇଡ୍ରା ସହାୟତାରେ ଗାଡ଼ିରୁ ଉଠାଇ ପୋଖରୀରେ ବିସର୍ଜନ କରାଯିବାର ବ୍ୟବସ୍ଥା କରାଯାଇଛି। ଅଧିକାଂଶ ମୂର୍ତ୍ତି ରାତିରେ ବିସର୍ଜନ ହେଉଥିବାରୁ ଯେ କୌଣସି ପ୍ରକାର ଦୁର୍ଘଟଣାକୁ ଏଡାଇବା ପାଇଁ ପୋଖରୀ ଚାରିପାଖକୁ ଆଲୋକୀକରଣ କରାଯାଇଛି। ଟଙ୍କପାଣି ବ୍ରିଜ୍ ନିକଟରେ ୨୬ ମିଟର ଲମ୍ବ, ୧୬ ମିଟର ଚଉଡ଼ା ଓ ୩ ମିଟର ଗଭୀରର ଅସ୍ଥାୟୀ ପୋଖରୀ ଖୋଳାଯାଇଛି। ସେହିପରି ଦୟାନଦୀ କୂଳରେ ୨୫ ମିଟର ଲମ୍ବ ଓ ୧୨ ମିଟର ଚଉଡ଼ା ଏବଂ କୁଆଖାଇ ନଦୀ କୂଳରେ ୧୬ ମିଟରଲମ୍ବ ଓ ୧୦ ମିଟର ଚଉଡ଼ାରେ ଅସ୍ଥାୟୀ ପୋଖରୀ ଖୋଳାଯାଇଛି। ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ, ଗଣେଶ ପୂଜା ମଣ୍ଡପ, ବିଭିନ୍ନ ଅନୁଷ୍ଠାନ ଓ କ୍ଲବର କର୍ମକର୍ତ୍ତାଙ୍କ ସହ ସାଧାରଣ ନାଗରିକମାନେ ଏହି ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରିବା ପାଇଁ ବିଏମ୍‌ସି ପକ୍ଷରୁ ଅନୁରୋଧ କରାଯାଇଛି।

## କମେଣ୍ଟମରାକୁ ନେଇ ଆକ୍ରମଣ, ଛାତ୍ରଙ୍କ ମୁଣ୍ଡ ଫାଟିଲା

ବାରଙ୍ଗ,୪।୯(ଲିଙ୍ଗରାଜ ରାଉତ)

ଗୋଡ଼ିସାହିସ୍ଥିତ ପ୍ରଭା ରାଉତରାୟ ମହାବିଦ୍ୟାଳୟରେ କମେଣ୍ଟମରାକୁ ନେଇ ବୁଧବାର କେତେଜଣ ଛାତ୍ରଙ୍କ ସଙ୍ଘବଦ୍ଧ ଆକ୍ରମଣରେ ଜଣେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ର ଆହତ ହୋଇଛନ୍ତି। ଘଟଣା ପରେ କଲେଜରେ ଛାତ୍ରଅଶାନ୍ତି ଦେଖାଦେବା ସହ ୨ ଗୋଷ୍ଠୀ ହୋଇ ଗଣ୍ଡଗୋଳ ପାଇଁ ଯୋଜନା କରୁଥିବାବେଳେ ପୋଲିସ ପହଞ୍ଚିବାରୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ପରେ ଆହତ ଛାତ୍ରକୁ ଚିକିତ୍ସା କରାଯାଇ ତାଙ୍କ ଘରକୁ ପଠାଯାଇଥିଲା।

ପ୍ରକାସ ଯେ, ବୁଧବାର ଦ୍ୱିପ୍ରହର ସମୟରେ କଲେଜ ପରିସରରେ ଜଣେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରଙ୍କୁ ଦ୍ୱିତୀୟ ବର୍ଷର ଛାତ୍ର କମେଣ୍ଟ ମାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ଏହି ସମୟରେ ପ୍ରଥମ ବର୍ଷର ଛାତ୍ରଙ୍କ ସହ ଥିବା ୫/୬ ଜଣ ଛାତ୍ର ସଙ୍ଘବଦ୍ଧ ଭାବେ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ନିର୍ଦ୍ଧୁମ ମାଡ଼ମାରି ମୁଣ୍ଡ ଫଟାଇ ପଳାଇ ଯାଇଥିଲେ। ଏହି ଖବର କଲେଜରେ ପ୍ରଚାରିତ ହେବା ପରେ ଛାତ୍ରଙ୍କ ମଧ୍ୟରେ ୨ ଗୋଷ୍ଠୀ ହୋଇ ହାତାହାତି ହେବାକୁ ଯୋଜନା କରିଥିଲେ। ଖବରପାଇ ଗୋଡ଼ିସାହିଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରି ଗୋଷ୍ଠୀ ସଂଘର୍ଷକୁ ରୋକିଥିଲେ। ପରେ ଆହତ ଛାତ୍ରଙ୍କୁ ଖଣ୍ଡପୁର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇ ଘରକୁ ପଠାଯାଇଥିଲା। କଲେଜ ଅଧକ୍ଷ ପିଲାଙ୍କୁ ନେଇ କାଉନସେଲିଂ କରିବା ସହ କୌଣସି ଅଭିଯୋଗ ଅଦ୍ୟାବଧି କରିନାହାନ୍ତି ବୋଲି ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

# 'ଚେଷ୍ଟା କରି ବିଫଳ ହେବା ଶ୍ରେୟସ୍କର'

ଭୁବନେଶ୍ୱର,୪।୯(ଶର୍ମିଷ୍ଠା ପାଣିଗ୍ରାହୀ)

**ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ**



ବୈଜ୍ଞାନିକ ପଦ୍ମବିଭୂଷଣ ରାଜଗୋପାଳ ଚିଦାମ୍ବରମ୍ ଓ ଅନ୍ୟ ଅତିଥିମାନେ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ବୁଧବାର ପ୍ରତିଷ୍ଠାନ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ପରମାଣୁ ଶକ୍ତି ଆୟୋଗର ପୂର୍ବତନ ଅଧ୍ୟକ୍ଷ ବୈଜ୍ଞାନିକ ପଦ୍ମବିଭୂଷଣ ରାଜଗୋପାଳ ଚିଦାମ୍ବରମ୍ ଯୋଗଦେଇ ଯୁବ ବିଜ୍ଞାନୀଙ୍କୁ ଉଦ୍ୟମୀ ହେବା ପାଇଁ ପରାମର୍ଶ ଦେଇଥିଲେ। ସେ କହିଲେ, ଆମେ ବୈଷୟିକ ବିକାଶରେ ଅଗ୍ରଗତି କରିଛୁ। ଅନୁସନ୍ଧାନ ଓ ବିକାଶ କ୍ଷେତ୍ରରେ ଚ୍ୟାଲେଞ୍ଜ ନେବାକୁ ପଡ଼ିବ। କାର୍ଯ୍ୟରୁ ନିବୃତ୍ତ ରହିବାଠୁ ଚେଷ୍ଟାକରି ବିଫଳ ହେବା ଶ୍ରେୟସ୍କର। ସେ ଭବିଷ୍ୟତ ପିଢ଼ିଙ୍କୁ ଅନ୍ତର୍ଜାତୀୟ ଅନୁସନ୍ଧାନ ସଂଗଠନଗୁଡ଼ିକ ସହିତ ସେମାନଙ୍କର ସମାନ ଅଂଶୀଦାର ଭାବରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏଥିସହ ଆଟମିକ ଏନର୍ଜି କ୍ଷେତ୍ରରେ ହୋମିବାବାଙ୍କ ଭୂମିକା, ନ୍ୟୁକ୍ଲିଅର ଏନର୍ଜିର ଗୁରୁତ୍ୱ, ପୋଖରାନ ପରୀକ୍ଷା ସମୟରେ ତାଙ୍କର ଅନୁଭୂତି ସମ୍ପର୍କରେ କହିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ଓ ପ୍ରତିଷ୍ଠା ଦିବସ ସମାରୋହ କମିଟିର ଅଧ୍ୟକ୍ଷ ପ୍ରଫେସର ତପୋବ୍ରତ ସୋମ୍ ମଞ୍ଚାସୀନ ଥିଲେ। ପ୍ରଫେସର ନନ୍ଦ ପ୍ରତିଷ୍ଠାନର ବିଗତ ୫୦ ବର୍ଷର ଉପଲବ୍ଧି ଓ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଉନ୍ମୋଚନ ସହିତ ବୈଜ୍ଞାନିକ ଚିଦାମ୍ବରମ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଏଫଏନ୍‌ଏପିଇ ଫେଲୋଶିପ୍ ପାଇଁ ପ୍ରଫେସର ସଞ୍ଜୀବ କୁମାର ଅଗ୍ରୱାଲ ଓ କୃତୀ ଛାତ୍ର ସାନୁ ବନ୍ଦୋପାଧ୍ୟାୟଙ୍କୁ ଏଲ୍.କେ. ପଣ୍ଡା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରତିଷ୍ଠାନର ୫୦ବର୍ଷ ଲୋଗୋ ପ୍ରସ୍ତୁତ କରିଥିବା ବିଶ୍ୱଜିତ ମଲ୍ଲିକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଜ୍ଞାନିକ ସଚ୍ଚିଦାନନ୍ଦ ଷଡ଼ଙ୍ଗୀ, ଲେଫ୍ଟନାଣ୍ଟ କର୍ଣ୍ଣେଲ ବି ପଟ୍ଟନାୟକ, କେସି ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଭଞ୍ଜକଳା ମଣ୍ଡପରେ ଆରମ୍ଭ ହୋଇଥିବା ଶ୍ରୀ ଜୟଦେବ ରାଷ୍ଟ୍ରୀୟ ସମାରୋହରେ ଗୁରୁ ପୀତାମ୍ବର ବିଶ୍ୱାଳଙ୍କୁ 'ଜୟଦେବ ରାଷ୍ଟ୍ରୀୟ ପୁରସ୍କାର' ଦିଆଯାଉଛି।

# ପୀତାମ୍ବର ବିଶ୍ୱାଳ ପାଇଲେ 'ଜୟଦେବ ରାଷ୍ଟ୍ରୀୟ ପୁରସ୍କାର'

**ଶ୍ରୀ ଜୟଦେବ ରାଷ୍ଟ୍ରୀୟ ସମାରୋହ ଆରମ୍ଭ**

ଭୁବନେଶ୍ୱର,୪।୯(ଶର୍ମିଷ୍ଠା ପାଣିଗ୍ରାହୀ)





ନ୍ୟାଶନାଲ କଲଚର ମିଶନ ପକ୍ଷରୁ ଦୁଇ ଦିନିଆ ଶ୍ରୀ ଜୟଦେବ ରାଷ୍ଟ୍ରୀୟ ସମାରୋହ ବୁଧବାର ଭଞ୍ଜକଳା ମଣ୍ଡପଠାରେ ଆରମ୍ଭ ହୋଇଛି। ଏହି ଅବସରରେ ଓଡ଼ିଶୀ ନୃତ୍ୟ ଗୁରୁ ପୀତାମ୍ବର ବିଶ୍ୱାଳଙ୍କୁ 'ଜୟଦେବ ରାଷ୍ଟ୍ରୀୟ ପୁରସ୍କାର'ରେ ସମ୍ମାନିତ କରାଯାଇଛି। ମିଶନର ନିର୍ଦ୍ଦେଶକ ଜଗବନ୍ଧୁ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଧାୟକ ଇରାଶିଷ ଆଚାର୍ଯ୍ୟ, ସଂସ୍କୃତି ଗବେଷକ ଡ. ଗଦାଧର ମହାପାତ୍ର, ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ, ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, ଜାତୀୟ ମାନବାଧିକାର କମିଶନ କୋର୍ ସଦସ୍ୟ ମନୋଜ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପରେ ଓଡ଼ିଶୀ, କୁଚିପୁଡ଼ି, ମାହାରୀ, ମୋହିନୀୟାତମ, ସତ୍ରୀୟ ନୃତ୍ୟ ପରିବେଷିତ ହୋଇଥିଲା। ପ୍ରଥମ ଅଧିବେଶନକୁ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ବିପିନ ବିହାରୀ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଗୁରୁ ଦେବମିତା ସାହୁ ଓ ନୀଳପଦ୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମ୍ମାନିତ ହେଲେ ବହୁ ବରିଷ୍ଠ, ଯୁବ ଗୁରୁ

ଭୁବନେଶ୍ୱର,୪।୯(ଶର୍ମିଷ୍ଠା ପାଣିଗ୍ରାହୀ)

**ଓଡ଼ିଶୀ ସଙ୍ଗୀତ ଓ ଆମ ପରିଚୟ କାର୍ଯ୍ୟକ୍ରମ**

ଗୁରୁଦିବସ ଉପଲକ୍ଷେ ପ୍ରୟାସ, ପରିଚୟ ଫାଉଣ୍ଡେଶନ ଓ ବିବିଧବର୍ଣ୍ଣାର ମିଳିତ ସହଯୋଗରେ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଓଡ଼ିଶୀ ସଙ୍ଗୀତ ଓ ଆମ ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ପ୍ରଥମ ପିଢ଼ିର ଗୁରୁମାନଙ୍କୁ ଦ୍ୱିତୀୟ ପିଢ଼ିର ଶିଷ୍ୟମାନେ ଏବଂ ଦ୍ୱିତୀୟ ପିଢ଼ିର ଗୁରୁଙ୍କୁ ତାଙ୍କ ଶିଷ୍ୟମାନେ ଯଥାବିଧି ପୂଜାର୍ଚ୍ଚନା କରିଥିଲେ। ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଶ୍ୟାମାମଣୀ ଦେବୀ, ଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ ବରିଷ୍ଠ ଗୁରୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ବିଶିଷ୍ଟ ଗୁରୁ ଓ ଯୁବ ଗୁରୁ ସମ୍ମାନରେ ଗୁରୁମାନଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥି ଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ପ୍ରୟାସ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅଲିଭା ଆରତୀ ପଣ୍ଡା ଓ ଡ. ରୋଜାଲିନ ମିଶ୍ର ପାଟଶାଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ. ଆଦ୍ୟାଶା ଦାଶଙ୍କ କଣ୍ଠରୁ ଚକାନୟନ ସଂଗୀତରୁ ଓଡ଼ିଶୀ ସଙ୍ଗୀତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ଗୁରୁ ମହାପାତ୍ର ମିନତୀ ଭଞ୍ଜ, ଗୁରୁ ନିମାକାନ୍ତ ରାଉତରାୟ ଡ. ସଂଗୀତା ଗୋସାଇଁ, ସଙ୍ଗୀତା ପଣ୍ଡା, ମିତାଲି ଚିନାରା, ତନୁଶ୍ରୀ ଜେନା, ଗୁରୁ ଲକ୍ଷ୍ମୀକାନ୍ତ ପାଲିତ ପ୍ରମୁଖ ବହୁ ବିଶିଷ୍ଟ ଗୁରୁମାନେ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ଶାଶ୍ୱତ ଯୋଶୀ ଓ ତାଙ୍କ ଦଳଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମକୁ ବେଶ୍ ଆକର୍ଷଣୀୟ କରିଥିଲା।

## ଟ୍ରାନ୍ସଓମେନଙ୍କୁ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ

ଭୁବନେଶ୍ୱର,୪।୯(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟ ସରକାର ନୂତନ ଭାବେ ଘୋଷଣା କରିଥିବା ସୁଭଦ୍ରା ଯୋଜନାରେ କିନ୍ନରମାନଙ୍କୁ ସାମିଲ କରି ନ ଥିବାରୁ କ୍ଷୋଭ ପ୍ରକାଶ ପାଇଛି। ଏନେଇ ଅଲ୍ ଓଡ଼ିଶା କିନ୍ନର ଓ ଟ୍ରାନ୍ସଜେଣ୍ଡର ଆସୋସିଏଶନ ପକ୍ଷରୁ ବୁଧବାର ଲୋହିଆ ଏକାଡେମୀଠାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲା ସଙ୍ଗଠନର ପ୍ରତିନିଧି ଯୋଗଦେଇ ଆଲୋଚନା କରିଥିଲେ। ଚଳିତ ବର୍ଷ ରାଜ୍ୟ ସରକାର ବଜେଟ ପାଇଁ ବିଭିନ୍ନ ସଙ୍ଗଠନ ଓ ସର୍ବସାଧାରଣଙ୍କଠାରୁ ପ୍ରସ୍ତାବ ମାଗିଥିଲେ। ଏହି ପରିପ୍ରେକ୍ଷୀରେ ଟ୍ରାନ୍ସଜେଣ୍ଡର ଆସୋସିଏଶନ ତରଫରୁ ମଧ୍ୟ ବଜେଟ ପ୍ରସ୍ତାବ ଦିଆଯାଇଥିଲା। ହେଲେ ସରକାର ଟ୍ରାନ୍ସଜେଣ୍ଡରଙ୍କ କୌଣସି ପ୍ରସ୍ତାବକୁ ଚଳିତ ବଜେଟରେ ସ୍ଥାନ ଦେଇନାହାନ୍ତି। ମହିଳାଙ୍କ ଭଳି ଟ୍ରାନ୍ସଓମେନଙ୍କୁ ସୁଭଦ୍ରା ଯୋଜନା ଅନ୍ତର୍ଭୁକ୍ତ କରାଯିବା ସହ ପୂର୍ବ ସରକାର ସମୟରୁ ଚାଲୁଥିବା ଯୋଜନାଗୁଡ଼ିକୁ ଆଗକୁ ନେବା ସହିତ ଅଧିକରୁ ଅଧିକ ଏଲ୍‌ଜିବିଟିକ୍ୟୁ+ ସମୁଦାୟକୁ ଅନ୍ତର୍ଭୁକ୍ତ କରିବା, ଅନ୍ୟ ରାଜ୍ୟଗୁଡ଼ିକ ଭଳି ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଏଲଜିବିଟିକ୍ୟୁ+ଙ୍କ ପାଇଁ ସଂରକ୍ଷଣ, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଜମିପଟ୍ଟା ସହିତ ସ୍ଥାୟୀ ବାସଗୃହ ବ୍ୟବସ୍ଥା ଭଳି ସୁବିଧା ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି। ସମ୍ମିଳନୀରେ ମେଘନା ସାହୁ, ସାଧନା ମିଶ୍ର, କାଜଲ ସାହୁ, ସୌମ୍ୟା ଦାସ, କାଜଲ ନାୟକ, ଇତିଶ୍ରୀ ମାଝି, ପୂଜା ପୃଷ୍ଟି, ଦେବଲୀନା ସାସମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଏକାମ୍ର ରାଜା ଗଣେଶ ପୂଜା ପ୍ରସ୍ତୁତି

ପୁରୁଣା ଭୁବନେଶ୍ୱର,୪।୯(ସୁବାସଚନ୍ଦ୍ର ପ୍ରଧାନ)

ଏକାମ୍ର ରାଜା ଗଣେଶ ପୂଜା କମିଟି ପକ୍ଷରୁ ବଡେଇବାଙ୍କସ୍ଥିତ ଦେବୀ ମଣ୍ଡପରେ ଚଳିତବର୍ଷ ମହାଆଡ଼ମ୍ବରରେ ଗଣେଶ ପୂଜା ଅନୁଷ୍ଠିତ ହେବ। ଏ ନେଇ ବୁଧବାର କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଗଣେଶ ପୂଜା ଦିନ ଏକ ହଜାର ଲୋକଙ୍କ ପାଇଁ ଚାରା ବର୍ଣ୍ଟନ କରାଯିବ ଏବଂ ଉପସ୍ଥିତ ଭକ୍ତଙ୍କ ପାଇଁ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ କରାଯିବ। ଭସାଣି ଉତ୍ସବରେ ନାସିକ ଢୋଲ, ନୂଆଦିଲ୍ଲୀର ଅଘୋରୀ ନୃତ୍ୟ, ବଲାଙ୍ଗୀରର କଲାରା ପାର୍ଟି, ଜୁନାଗଡ଼ର ମେଲୋଡି ପାର୍ଟି, ସମ୍ବଲପୁରର ଘଣ୍ଟ ବାଦ୍ୟ, କୋଲକାତାର ଛଉ ନୃତ୍ୟ, ପୁରୀର ନାଗା, ବ୍ରହ୍ମପୁରର ବ୍ରାସ୍ ବ୍ୟାଣ୍ଡ ପାର୍ଟି ଏବଂ ବାଲକାଟୀର ଘୋଡ଼ାନାଚ ହେବ ବୋଲି କମିଟି ସଭାପତି ଅମୀୟ ଦାଶ ସମ୍ମିଳନୀରେ ସୂଚନା ଦେଇଥିଲେ। ଏହି ଅବସରରେ ଏକ ପୂଜା ପୁସ୍ତିକା ଲୋକାର୍ପିତ ହୋଇଥିଲା। ଭିନ୍ନ ଭିନ୍ନ ସନ୍ଧ୍ୟାରେ ଓଡ଼ିଶାର ନାମୀଦାମୀ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। କମିଟି ସମ୍ପାଦକ ଶିବ ପ୍ରସାଦ ବେହେରା, କୃଷ୍ଣଚନ୍ଦ୍ର ବଟୁ, ରଣଜିତ୍ ପାତ୍ର, ଶକ୍ତି ବଟୁ, ସୁମନ୍ତ କୁମାର ବଟୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳୁ



ଭୁବନେଶ୍ୱର, ୪।୯(ଶର୍ମିଷ୍ଠା ପାଣିଗ୍ରାହୀ)

**ରାଜ୍ୟପାଳଙ୍କୁ ଭେଟିଲା ଭଞ୍ଜ ସେନା**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିଛି ଛାତ୍ର ସଙ୍ଗଠନ 'ଭଞ୍ଜ ସେନା'। ସେନାର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ବିଭିନ୍ନ ଦାବି ଜଣାଇବା ସହ ବିଶ୍ୱବିଦ୍ୟାଳୟର ବହୁବିଧ ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଖାଲିଥିବା ପଦବୀ ପୂରଣ, ୫୦ଜଣ ନୂତନ ଅଣଶିକ୍ଷକ ପଦବୀ ସୃଷ୍ଟି, ମୟୂରଭଞ୍ଜର ଆଦିମ ଜନଜାତିର ଛାତ୍ରୀଛାତ୍ରଙ୍କ ଶିକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଲାଗି ତ୍ୱରିତ ପଦକ୍ଷେପ ନେବାକୁ ସେନା ତରଫରୁ କଳିଙ୍ଗ କେଶରୀ ଜେନାଙ୍କ ସମେତ ଏକାଧିକ କର୍ମକର୍ତ୍ତା ଅନୁରୋଧ କରିଛନ୍ତି। ଯଥାଶୀଘ୍ର ଏ ବିବାଦର ସମାଧାନ କରିବେ ବୋଲି ରାଜ୍ୟପାଳ ଦୃଢ଼ ପ୍ରତିଶ୍ରୁତି ଦେଇଥିବା ଜେନା କହିଛନ୍ତି।

# ଧର୍ମାନୁଷ୍ଠାନରେ ଆବର୍ଜନା ପରିଚାଳନା ପାଇଁ ବିଏମ୍‌ସିର ନିର୍ଦ୍ଦେଶାବଳୀ

ଭୁବନେଶ୍ୱର,୪।୯ (ଅନୁରାଧା ମହାରଣା)

ମନ୍ଦିରମାଳିନୀ ଭୁବନେଶ୍ୱରର ଧର୍ମାନୁଷ୍ଠାନରେ ଆବର୍ଜନା ପରିଚାଳନା ପାଇଁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ସହରରେ ଥିବା ସମସ୍ତ ଧାର୍ମିକସ୍ଥଳ କର୍ତ୍ତୃପକ୍ଷ, କର୍ମକର୍ତ୍ତା, ପରିଚାଳକ, ତତ୍ତ୍ୱାବଧାରକ, ପୂଜକଙ୍କୁ ଧାର୍ମିକସ୍ଥଳଗୁଡ଼ିକର ସୌନ୍ଦର୍ଯ୍ୟ ବଜାୟ ରଖିବା ସହ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ଭୁବନେଶ୍ୱର ଗଠନ ତଥା ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଠିକ୍ ଭାବେ ବର୍ଜ୍ୟ ପରିଚାଳନା ଲାଗି କୁହାଯାଇଛି। ମୁଖ୍ୟତଃ ଧାର୍ମିକସ୍ଥଳଗୁଡ଼ିକରୁ ଫୁଲ, କଦଳୀ ଚୋପା, ବେଲପତ୍ର, କଦଳୀ ପତ୍ର, ଖଲିପତ୍ର, ନଡ଼ିଆ କତା ଓ ଷଢେଇ, ଗୁଆ, ଲେମ୍ବୁ, ବାଉଁଶ ଓ ଡାଲା, ତାଳପତ୍ର ଭୋଗେଇ, ପୋଡା ଧୂପ କାଠି ଓ ଖୋଳ, ବ୍ୟବହୃତ ଦୀପ, ସଳିତା, ଅଦରକାରୀ ବା ବଳକା ପ୍ରସାଦ, ଅବଢା, ଫଳମୂଳ, ଅଗରୁ, ଚନ୍ଦନ ଓ ଗଙ୍ଗା ଜଳ ବୋତଲ, ଠାକୁରଙ୍କ ଅବ୍ୟବହୃତ ପୋଷାକ, ସାଲୁକନା ଇତ୍ୟାଦି ବାହାରି ଥାଏ। ଏହିସବୁ ବର୍ଜ୍ୟକୁ ଦୁଇଟି ଡଷ୍ଟବିନରେ ଓଦା ଓ ଶୁଖୁଲା ଭାବେ ଅଲଗା କରି ରଖିବାକୁ ବିଏମ୍‌ସି ପକ୍ଷରୁ ପରାମର୍ଶ ଦିଆଯାଇଛି। ମନ୍ଦିରଗୁଡ଼ିକରୁ ବାହାରୁଥିବା ବର୍ଜ୍ୟକୁ ସଂଗ୍ରହ କରି ବିଏମ୍‌ସି ପ୍ରକ୍ରିୟାକରଣ କରୁଛି। ପ୍ରତି ଜୋନ୍‌ରେ ମନ୍ଦିର ଆବର୍ଜନା ପରିବହନ କରିବାକୁ ସ୍ୱତନ୍ତ୍ର ଗାଡି ରହିଛି। ଏହି ଗାଡି ନିୟମିତ ମନ୍ଦିର ଆବର୍ଜନା ସଂଗ୍ରହ କରି ନିର୍ଦ୍ଧାରିତ ସ୍ଥାନରେ ପକାଇବା ପାଇଁ ବ୍ୟବସ୍ଥା କରାଯାଇଛି। ତେଣୁ ମାସିକ ଉପଭୋକ୍ତା ଦେୟ ପ୍ରଦାନ କରି ବିଏମ୍‌ସିକୁ ହସ୍ତାନ୍ତର କରିବାକୁ କମିଶନର ରାଜେଶ ପ୍ରଭାକର ପାଟିଲ ଅବଗତ କରାଇଛନ୍ତି। ସେହିପରି ଯେଉଁ ମନ୍ଦିରରେ ଦୈନିକ ରୋଷେଇ ଓ ଭୋଜି କରିବାର ବ୍ୟବସ୍ଥା ରହିଛି, ସେମାନେ ମାସିକ ଉପଭୋକ୍ତା ଦେୟ ପ୍ରଦାନ କରି ଉକ୍ତ ଗାଡିରେ ବର୍ଜ୍ୟବସ୍ତୁ ଦେବେ। ଯେଉଁ ମନ୍ଦିରରେ ବେଳେ ବେଳେ ଭୋଜି ଆୟୋଜନ କରନ୍ତି, ସେମାନେ ବିଏମ୍‌ସିର ଗାଡି 'ସଫା ଭୁବନେଶ୍ୱର ଆପ୍' ମାଧ୍ୟମରେ ବୁକିଂ କରି ଉପଯୁକ୍ତ ଉପଭୋକ୍ତା ଦେୟ ପ୍ରଦାନ ପୂର୍ବକ ବିଏମ୍‌ସିକୁ ହସ୍ତାନ୍ତର କରିବେ। ଅନ୍ୟପଟେ ଧର୍ମସ୍ଥଳୀଗୁଡ଼ିକରେ ସରକାରଙ୍କ ନିୟମ ଅନୁସାରେ ଏକକ ବ୍ୟବହାର ପ୍ଲାଷ୍ଟିକ ଦ୍ରବ୍ୟକୁ ନିଷିଦ୍ଧ କରାଯାଇଛି। ତେଣୁ ସର୍ବସାଧାରଣଙ୍କ ଦୃଷ୍ଟିଗୋଚର ହେଲାଭଳି ସ୍ଥାନରେ 'ଧର୍ମସ୍ଥଳୀରେ ଏକକ ବ୍ୟବହାର ପ୍ଲାଷ୍ଟିକ ସମ୍ପୂର୍ଣ୍ଣ ମନା, ଆବଶ୍ୟକ ହେଲେ କପଡା ବ୍ୟାଗ କିମ୍ବା ଜୈବ ବିଘଟନ ଯୋଗ୍ୟ ପାତ୍ରର ଉପଯୋଗ କରନ୍ତୁ' ଆଦି ବାର୍ତ୍ତା ଲେଖି ନୋଟିସ ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି। ଏହି ନିର୍ଦ୍ଦେଶାବଳୀର ଅନୁପାଳନରେ ଖିଲାପ ହେଲେ ସଂପୃକ୍ତ ଅନୁଷ୍ଠାନ ବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ସୂଚିତ କରାଯାଇଛି।

# ଗୁରୁ ଗୋପୀନାଥ ସ୍ୱାଇଁଙ୍କୁ ଆଜୀବନ ସାଧନା ସମ୍ମାନ




ଭୁବନେଶ୍ୱର,୪।୯(ଶର୍ମିଷ୍ଠା ପାଣିଗ୍ରାହୀ)

**ବିଭିନ୍ନ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ଶ୍ରୀ ସମ୍ମାନ**

ପରିଚୟ ଫାଉଣ୍ଡେଶନ ପକ୍ଷରୁ ବୁଧବାର ସ୍ଥାନୀୟ ଏକ ହୋଟଲରେ 'ଶ୍ରୀ ସମ୍ମାନ' ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁରୁ ଗୋପୀନାଥ ସ୍ୱାଇଁଙ୍କୁ ଆଜୀବନ ସାଧନା ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ବିଭିନ୍ନ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ମାନ ପ୍ରଦାନ କରାଯାଇଛି। ଶିକ୍ଷା କ୍ଷେତ୍ରରେ ପଞ୍ଚାନନ ମିଶ୍ର ଓ ଡ. ସୁବ୍ରତ କୁମାର ପାଣିଗ୍ରାହୀ, ସଙ୍ଗୀତ କ୍ଷେତ୍ରରେ ପ୍ରେମ ଆନନ୍ଦ, କ୍ରୀଡ଼ା କ୍ଷେତ୍ରରେ ବିଜୟ କମାର ଲାକ୍ରା, ମନୋରଞ୍ଜନ କ୍ଷେତ୍ରରେ ଦେବୀପ୍ରସାଦ ଲେଙ୍କା ଓ ଦେବାଶିଷ ପାତ୍ର, ଲିଟରେଚର କ୍ଷେତ୍ରରେ ସରୋଜ କୁମାର ମହାପାତ୍ର, ଆର୍ଟ୍ସ ଓ କଲଚରରେ ରଜତ ପାଣିଗ୍ରାହୀ ଓ ରାଜେଶ କପମାର ମହାରଣାଙ୍କ ସମେତ ଅନ୍ୟାନ୍ୟ ବିଭାଗରେ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥି ଭାବେ ପୂର୍ବତନ ଏମ୍‌ପି ଡ଼ ପ୍ରସନ୍ନ କୁମାର ପାଟଶାଣୀ, ଏକାମ୍ର ବିଧାୟକ ବାବୁ ସିଂ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ଫାଉଣ୍ଡେଶନର ପ୍ରତିଷ୍ଠାତା ରୋଜାଲିନ ପାଟଶାଣୀ ଓ ପ୍ରୟାସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଉପସ୍ଥିତ ଥିଲେ।

# ସବୁ ବିଭାଗର ସମନ୍ୱୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କର: ପୂର୍ତ୍ତମନ୍ତ୍ରୀ ହରିଚନ୍ଦନ

**ଏକାମ୍ର ଐତିହ୍ୟ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ବୈଠକ**

ଭୁବନେଶ୍ୱର, ୪।୯(ସୁନିତ୍ ମିଶ୍ର)




ସାରା ଦେଶରେ ଲିଙ୍ଗରାଜ ମନ୍ଦିର ଏବଂ ଏକାମ୍ର କ୍ଷେତ୍ରର ଅନେକ ପ୍ରସିଦ୍ଧି ରହିଛି। ଏଥିସହ ରାଜ୍ୟବାସୀଙ୍କ ଭାବାବେଗ ସହିତ ଏକାମ୍ର କ୍ଷେତ୍ର ଭଲଭାବେ ଜଡ଼ିତ। ତେଣୁ ଏକାମ୍ର ଐତିହ୍ୟ ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷକରି ଏହି ଅଞ୍ଚଳର ପ୍ରସିଦ୍ଧିକୁ ବିଶ୍ୱବ୍ୟାପୀ କରିବା ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ହେବ। ତେଣୁ ଏହାକୁ ଦୃଷ୍ଟିରେ ରଖି ସବୁ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି ଏହି ପ୍ରକଳ୍ପ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ବୁଧବାର ଏକାମ୍ର ଐତିହ୍ୟ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନିର୍ମାଣ ସୌଧ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପ କାର୍ଯ୍ୟକୁ ସୁଚାରୁରୂପେ ଆଗେଇନେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ନେଇ ବିସ୍ତୃତ ଆଲୋଚନା କରିଛନ୍ତି। ପ୍ରକଳ୍ପ ଅଞ୍ଚଳରେ ଥିବା ଜମି ମାଲିକମାନଙ୍କୁ ସର୍ବାଧିକ କ୍ଷତିପୂରଣ ସହିତ ଜମି ଅଧିଗ୍ରହଣ, ଜବରଦଖଲ ଉଚ୍ଛେଦ, ପୁରୁଣା ମଠ, ମନ୍ଦିର ଓ ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ସହ ଏଏସ୍‌ଆଇର ମାର୍ଗଦର୍ଶିକାର ଠିକ୍ ଅନୁପାଳନକରି କିଭଳି ନିର୍ମାଣ କାର୍ଯ୍ୟ ଆଗେଇନେଇ ହେବ ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଛି। ଏହାସହ ୱାଟ୍‌କୋ, ଟିପିସିଓଡିଏଲ୍ ଏବଂ ଅନ୍ୟାନ୍ୟ ସଂସ୍ଥା ପ୍ରମୁଖ ପ୍ରକଳ୍ପ ଅଞ୍ଚଳ ମଧ୍ୟରେ ଥିବା ବାକେୟା କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀରବିକ୍ରମ ଯାଦବ, ଭୁବନେଶ୍ୱର ମହାନଗର ନିଗମ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ୨ ଡ୍ରାଇଭର ମୃତ

**ବିଶାଖାପାଟଣାରୁ ମୃତଦେହ ଫେରିଲା**

ବାଣପୁର,୪।୯(ଦିଲୀପ କୁମାର ସ୍ୱାଇଁ)

ଆନ୍ଧ୍ରପ୍ରଦେଶରେ ଏକ ସଡ଼କ ଦୁର୍ଘଟଣାରେ ମଙ୍ଗଳବାର ବିଳମ୍ବିତ ରାତିରେ ୨ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମୃତଦେହ ବୁଧବାର ରାତି ୯ଟାରେ ବାଣପୁର ଅଣାଯାଇଛି। ପ୍ରକାଶ ଯେ, ବାଣପୁର ସୁନାକେରା ଗ୍ରାମର ଭାସ୍କର ପ୍ରଧାନ(୪୫) ଓ ମାଣିକପୁର ଗ୍ରାମର ପ୍ରଦୀପ ବେହେରା(୪୩) ଟ୍ରକ ଡ୍ରାଇଭର ଭାବେ ବେପାରୀଙ୍କ ମାଛ ଟ୍ରକ ନେଇ ନିୟମିତ ଆନ୍ଧ୍ରପ୍ରଦେଶ ଯାଇଥାନ୍ତି। ଗତ ମଙ୍ଗଳବାର ରାତ୍ରିରେ ସେମାନେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାରୁ ମାଛ ଟ୍ରକ୍ ଖଲାସ କରି ବାଣପୁର ଫେରୁଥିଲେ। ଏହି ସମୟରେ ଜାତୀୟ ରାଜପଥରେ ଟ୍ରକ୍ ଚକା ଫାଟିଯିବାରୁ ଟ୍ରକ୍‌ଟି ଭାରସାମ୍ୟ ହରାଇ ଅନ୍ୟ ଏକ ଗାଡ଼ିକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ରାତିରେ ସେମାନଙ୍କ ମୃତଦେହ ଗ୍ରାମରେ ପହଞ୍ଚିଛି। ଗ୍ରାମରେ ଶୋକାକୁଳ ପରିବେଶରେ ସେମାନଙ୍କ ଶେଷକୃତ୍ୟ ସମାପନ କରାଯାଇଛି।

### ବେଆଇନ ନିଶା କାରବାରରେ ୪ ଗିରଫ

**୨୦ ଗ୍ରାମରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ**

ଜଟଣୀ,୪।୯(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୋଲିସ ବେଆଇନ ନିଶା କାରବାର ଘଟଣାରେ ୪ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଥାନା ଅଧୀନ ଗୁରୁଜଙ୍ଗ ଅଞ୍ଚଳର ଦିପୁନା ବେହେରା ଓରଫ ଦିପୁ (୨୧) ଓ ଦେବାନ ସାହିର ସର୍ବେଶ୍ୱର ବେହେରା ଓରଫ ବାପି (୩୨), ସାମନ୍ତରାୟପୁରର ସଦାଶିବ ନାୟକ ଓରଫ ସିଲୁ (୨୩) ଓ ମନୋଜ ବେହେରା ଓରଫ ଗେଡ଼ା(୧୯)। ସେମାନଙ୍କ ପାଖରୁ ପୋଲିସ ୨୦. ୬୦ ଗ୍ରାମ ବ୍ରାଉନସୁଗାର, ୪ ବାଇକ୍, ୩ ମୋବାଇଲ ଏବଂ ନଗଦ ୧୬୦୦ ଟଙ୍କା ଜବତ କରିଛି। ଏନେଇ ୩୪୧/୨୪ ଏନ୍‌ଡିପିଏସ୍ ଆକ୍ଟରେ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, ଜଟଣୀ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ସ୍ଥାନୀୟ ସେଞ୍ଚୁରୀୟାନ ବିଶ୍ୱବିଦ୍ୟାଳୟ ରାସ୍ତାରେ ଅତର୍କିତ ଚଢ଼ାଉ କରିଥିଲେ। ଏଥିରେ ଉକ୍ତ ରାସ୍ତାରୁ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ଆଣି ଅଧିକ ପଚରାଉଚରା କରୁଥିଲା। ପଚରାଉଚରାବେଳେ ଅଭିଯୁକ୍ତମାନେ ଦୀର୍ଘ ଦିନ ଧରି ଖୋର୍ଦ୍ଧା ଥାନା ସାମନ୍ତରାୟପୁର ଅଞ୍ଚଳର ମୀନା ନାମକଙ୍କଠାରୁ ବ୍ରାଉନସୁଗାର ଆଣି ଜଟଣୀ ଓ ଏହାର ପାଖଆଖ ଅଞ୍ଚଳରେ ବିଭିନ୍ନ ବର୍ଗର ଗ୍ରାହକଙ୍କୁ ବିକ୍ରି କରୁଥିବା ମାନିଥିଲେ।

# ଆଧାର ସଂଶୋଧନ ପାଇଁ ହିତାଧିକାରୀ ହଟହଟା

ଖୋର୍ଦ୍ଧା,୪।୯(ପ୍ରଭାତ ପାଣିଗ୍ରାହୀ)


ଆଧାର କାର୍ଡ ସଂଶୋଧନ ପାଇଁ ଡାକଘର ଆଗରେ ଲୋକଙ୍କ ଲମ୍ବା ଧାଡି।

ରାଜ୍ୟ ସରକାର ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି। ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର, ପୌର ପରିଷଦ, ବ୍ଲକ କାର୍ଯ୍ୟାଳୟରେ ସୁଭଦ୍ରା ଫର୍ମ ବଣ୍ଟନ ଚାଲିଥିବାବେଳେ ବୁଧବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଏହି ଯୋଜନାରେ ଆଧାର ସଂଶୋଧନ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ରହିଛି। ଏଣୁ ଖୋର୍ଦ୍ଧା ଜିଲାର ବିଭିନ୍ନ ଜନସେବା କେନ୍ଦ୍ର, ଡାକଘର ଆଗରେ ଲମ୍ବାଧାଡ଼ି ଲାଗିଛି। କିଏ ମୋବାଇଲ ନମ୍ବର ଲିଙ୍କ ତ ପୁଣି ଆଉ କେହି ବାୟୋମେଟ୍ରିକ ଲିଙ୍କ କରୁଛନ୍ତି। ସେହିପରି ପୁଣି କେହି ଠିକଣା ସଂଶୋଧନ କରୁଛନ୍ତି। ସୁଭଦ୍ରା ଟଙ୍କା ପାଇବା ପାଇଁ ହିତାଧିକାରୀମାନେ ଭୋକ ଉପାସରେ ଦୀର୍ଘ ସମୟ ଧରି ଲମ୍ବାଧାଡ଼ିରେ ଅପେକ୍ଷା କରି ମଧ୍ୟ ଆଧାର ୱେବ୍‌ସାଇଟରେ ଅସୁବିଧାର ସମ୍ମୁଖୀନ ହୋଇ ନିରାଶରେ ଫେରୁଥିବା ବୁଧବାର ଦେଖିବାକୁ ମିଳିଛି। ଆଧାର ସଂଶୋଧନ ପାଇଁ ମହିଳାମାନେ ହଇରାଣ ହେଉଛନ୍ତି। ଖୋର୍ଦ୍ଧା ଡାକଘର ସମ୍ମୁଖରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ମହିଳାଙ୍କ ଲମ୍ବାଧାଡ଼ି ରାସ୍ତା ପର୍ଯ୍ୟନ୍ତ ଲମ୍ବୁଛି। ବୁଧବାର ଡାକଘରେ ୨ଶହରୁ ଊର୍ଦ୍ଧ୍ୱ ମହିଳାଙ୍କ ଗହଳି ଥିଲା। ମହିଳାମାନେ ଦୀର୍ଘ ସମୟ ଧରି ଠିଆ ହୋଇ କାଉଣ୍ଟର ନିକଟରେ ପହଞ୍ଚିବାବେଳେ ନେଟୱର୍କ ସମସ୍ୟା ଯୋଗୁ ଚିନ୍ତିତ ହୋଇପଡ଼ିଥିଲେ। ବିଭିନ୍ନ ଗ୍ରାମରୁ ମହିଳାମାନେ ଡାକଘରକୁ ଆସୁଥିବା ଜଣାପଡିଛି। କିଏ ଅଟୋ ଭଡ଼ା କରି ତ ଆଉ କେତେଜଣ ଏକାଠି ଗାଡ଼ି କରି ଆସିଥିଲେ। ଏକାଧିକ ମହିଳା ଶିଶୁଙ୍କୁ କାଖେଇ ଠିଆହୋଇ ରହିଥିବାବେଳେ ଅଧିକାଂଶ ଅଣନିଶ୍ୱାସୀ ହୋଇ କାନ୍ଦବୋବାଳି ଛାଡୁଥିଲେ। ଭୋକ ଉପାସରେ ଠିଆହୋଇ କେତେଜଣ ମୂର୍ଚ୍ଛିତ ପ୍ରାୟ ହୋଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଡାକଘରରେ ଆଧାର ସଂଶୋଧନ ଲାଗି ଖୋର୍ଦ୍ଧା ସମେତ ବୋଲଗଡ଼, ବେଗୁନିଆ, ଟାଙ୍ଗି, ବାଣପୁର, ବାଘମାରୀ, ଗଡ଼ମାଣିତ୍ରି, ଗଡ଼ହଳଦିଆ, ମେଣ୍ଢାଶାଳ, ଖଜୁରିଆ, ଜଙ୍କିଆ, ନିରାକାରପୁର ପ୍ରଭୃତି ଅଞ୍ଚଳରୁ ମହିଳାଙ୍କ ଭିଡ଼ ଜମୁଛି। ତେବେ ଅତ୍ୟଧିକ ଭିଡ଼, ନେଟୱର୍କଜନିତ ସମସ୍ୟା କାରଣରୁ ଅଧିକାଂଶ ମହିଳା ନିରାଶ ହୋଇ ଫେରିଥିଲେ। ସୁଭଦ୍ରା ଯୋଜନା ପାଇଁ ଆଧାର ସଂଶୋଧନ ବାଧ୍ୟତାମୂଳକ ରହିଥିବାବେଳେ ଅସୁବିଧା ଏଡ଼ାଇବାକୁ ସରକାରଙ୍କ ପକ୍ଷରୁ ଆଧାର ସଂଯୋଗୀକରଣ ସୁବିଧା ଉପଲବ୍ଧ କରାଯିବାକୁ ସାଧାରଣରେ ଦାବି ହେଉଛି।

# ବୋଲଗଡ଼ରେ ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ଦାବି

**ବିଜ୍ଞପ୍ତିର ୭ ବର୍ଷ ପରେ ହୋଇପାରୁନି କୋର୍ଟ ନିର୍ମାଣ**


ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ଦାବି ନେଇ ଖୋର୍ଦ୍ଧା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ବୋଲଗଡ଼,୪।୯(ଦେବବ୍ରତ ହୋତା)

ବୋଲଗଡ଼ରେ ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ପାଇଁ ୨୦୧୭ ମାର୍ଚ୍ଚ ୩୧ରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଅନୁଦାନ ଯୋଗାଇ ଦିଆଯାଇଥିଲା। ମାତ୍ର ଉପଯୁକ୍ତ ସ୍ଥାନ ଅଭାବରୁ ଦୀର୍ଘ ୭ ବର୍ଷ ବିତିଯାଇଥିଲେ ବି କୋର୍ଟର ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ହୋଇପାରୁନାହିଁ। ତେବେ ଏଥିପାଇଁ ତହସିଲବାର ୨.୫ ଏକର ଜାଗା ଶ୍ୟାମସୁନ୍ଦରପୁର ମୌଜାରେ ଯୋଗାଇ ଦେଇଥିବା ପ୍ରକାଶ କରିଛନ୍ତି। ସେଠାରେ ପ୍ରାଚୀର କାମ ହୋଇସାରିଥିଲେ ମଧ୍ୟ କୌଣସି କାରଣରୁ ନିର୍ମାଣ ସ୍ଥଗିତ ରହିଛି। ବିକଳ୍ପ କାର୍ଯ୍ୟାଳୟ ଭାବେ ଖାଲିପଡ଼ିଥିବା ବୋଲଗଡ଼ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଗତ ୨ ବର୍ଷ ତଳୁ କୋର୍ଟ ପାଇଁ ଆବଶ୍ୟକ କୋର୍ଟ ରୁମ୍, ବିଚାରପତିଙ୍କ ଚାମ୍ବର, ହାଜତ, ଓକିଲ ଓ ପୋଲିସଙ୍କ ପାଇଁ ଘର ଆଦି ପ୍ରସ୍ତୁତ କରାଯାଇଛି। ଏହାକୁ ମଧ୍ୟ ତତ୍କାଳୀନ ଜିଲାର ପଦସ୍ଥ ପ୍ରଶାସନିକ ଅଧିକାରୀ ପରିଦର୍ଶନ କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିବା ଫଳରେ ବୋଲଗଡ଼ରେ ଅତିଶୀଘ୍ର କୋର୍ଟ କାର୍ଯ୍ୟ ଆରମ୍ଭ ହେବ ବୋଲି ଆଇନଜୀବୀ ଓ ସାଧାରଣ ଜନତା ଆଶା ବାନ୍ଧିଥିଲେ। ମାତ୍ର ଅଦ୍ୟାବଧି ତାହା ମଧ୍ୟ କାର୍ଯ୍ୟକାରୀ ହୋଇପାରିଲାନାହିଁ। ତେଣୁ ସ୍ଥାୟୀ କୋର୍ଟ ନିର୍ମାଣ ପୂର୍ବରୁ ନିର୍ମିତ ହୋଇଥିବା ଏହି ଅସ୍ଥାୟୀ କାର୍ଯ୍ୟାଳୟରେ ତୁରନ୍ତ କୋର୍ଟ କାର୍ଯ୍ୟ ଶୁଭାରମ୍ଭ କରିବାକୁ ବୋଲଗଡ଼ ଉନ୍ନୟନ ପରିଷଦ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି। ପରିଷଦ ସଭାପତି ଗୋପୀନାଥ ଖାଡ଼ଙ୍ଗା ଓ ରଘୁନାଥ ଦଳବେହେରା, ଫକୀରମୋହନ ଫତେସିଂ ଓ ରାମଚନ୍ଦ୍ର ମାଝୀ ପ୍ରମୁଖଙ୍କ ସମେତ ଅନେକ ସଦସ୍ୟ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ ଓ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଫଳରେ ବୋଲଗଡ଼ବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇ ପାରିବ ବୋଲି ଆଶା କରାଯାଉଛି।

# ସୁଭଦ୍ରା ପଞ୍ଜୀକରଣ ପାଇଁ ୪୩, ଆଧାର ସଂଶୋଧନ ପାଇଁ ୬ କେନ୍ଦ୍ର



ସୁଭଦ୍ରା ଯୋଜନା ପଞ୍ଜୀକରଣ ପାଇଁ ବୋଲଗଡ ବସ୍‌ଷ୍ଟାଣ୍ଡରେ ମୋ ସେବା କେନ୍ଦ୍ର ଉଦ୍‌ଘାଟିତ।

ବୋଲଗଡ,୪।୯(ଦେବବ୍ରତ ହୋତା)

ରାଜ୍ୟରେ ସୁଭଦ୍ରା ଯୋଜନା ପାଇଁ ଅନ୍‌ଲାଇନ ପଞ୍ଜୀକରଣ ବୁଧବାର ଆରମ୍ଭ ହୋଇଛି। ଏଥିନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ଆବେଦନକାରୀଙ୍କ ପାଇଁ ବ୍ୟାପକ ସଚେତନତା ଓ ଏଥିପାଇଁ ନିଯୁକ୍ତ କର୍ମଚାରୀଙ୍କ ପାଇଁ କର୍ମଶାଳାମାନ ଆୟୋଜନ କରି ଏହି ଯୋଜନା କାର୍ଯ୍ୟକାରୀତାକୁ ସୁଗମ କରିଛନ୍ତି। ଅନ୍‌ଲାଇନରେ ଆବେଦନ ନିମନ୍ତେ ନିଜ ନିଜ ଅଞ୍ଚଳ ପାଇଁ ୬ଟି ମୋ ସେବା କେନ୍ଦ୍ରକୁ ନିୟୋଜିତ କରାଯାଇଛି। ମୋ ସେବା କେନ୍ଦ୍ର କିମ୍ବା କମନ ସର୍ଭିସ ସେଣ୍ଟରକୁ ପୂରଣ କରାଯାଇଥିବା ଫର୍ମ ସହ ନିଜ ନିଜ ଆଧାର କାର୍ଡ଼ ନେଇ ଯିବାକୁ ଆବେଦନକାରୀଙ୍କୁ ସୂଚନା ପ୍ରଦାନ କରାଯାଉଛି। ଏଥିନେଇ ବ୍ଲକ ଅଞ୍ଚଳର ୧୯ଟି ପଞ୍ଚାୟତ ପାଇଁ ୪୩ଟି କେନ୍ଦ୍ରକୁ ନିୟୋଜିତ କରାଯାଇଛି। ଅନ୍‌ଲାଇନ ଜରିଆରେ ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ ମାଗଣାରେ କରାଯିବାକୁ ସୂଚନା ମିଳିଛି। ତେବେ ନିଜ ମୋବାଇଲ ନମ୍ବର ସହିତ ଆଧାର ସଂଯୋଗ ନ ଥିବା କିମ୍ବା ଅନ୍ୟ କୌଣସି ତ୍ରୁଟି ସଂଶୋଧନ ପାଇଁ ଆବେଦନକାରୀ ସୁବିଧାରେ ଆଧାର ସଂଯୋଗ କାର୍ଯ୍ୟ ପାଇଁ ମଧ୍ୟ ୬ଟି ଆଧାର ପରିଚାଳନା କେନ୍ଦ୍ର ପ୍ରସ୍ତୁତ କରାଯାଇଛି। ଏହି କେନ୍ଦ୍ରଗୁଡ଼ିକ ୬ଟି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟ କରିବାକୁ ଥିବାବେଳେ ଏହି କେନ୍ଦ୍ରଗୁଡ଼ିକରେ ପାଖାପାଖି ଏକାଧିକ ପଞ୍ଚାୟତ ପରିସରଭୁକ୍ତ ଗ୍ରାମଗୁଡ଼ିକର ମହିଳାମାନେ ସହଜରେ ସୁବିଧା ଉପଲବ୍ଧ କରିପାରିବେ। ବୋଲଗଡ଼ ବ୍ଲକରେ ସୁଭଦ୍ରା ଯୋଜନା ଅନ୍‌ଲାଇନ ଆବେଦନ କରିବାକୁ ବୁଧବାର ଅନେକ କେନ୍ଦ୍ର କାର୍ଯ୍ୟାରମ୍ଭ କରିଥିବାବେଳେ ବୋଲଗଡ଼ ବସ୍‌ଷ୍ଟାଣ୍ଡରେ ଆଦର୍ଶ ସୁଭଦ୍ରା କେନ୍ଦ୍ର ନାମରେ ମୋ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ଶରତ ମଲିକ, ଏବିଡିଓ ଡ. ରତିକାନ୍ତ ମିଶ୍ର ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ କରୁଣାକର ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ରକୁ ଉଦ୍‌ଘାଟନ କରି ବିଡିଓ ମଲିକ ସରକାରଙ୍କ ଯୋଜନାର ସଫଳ ରୂପାୟନ ନିମିତ୍ତ ମୋ ସେବା କେନ୍ଦ୍ରର ସହଯୋଗ ଜରୁରୀ ଅଟେ ବୋଲି କହିଥିଲେ। ସମସ୍ତ ହିତାଧିକାରୀ ଏହି ଆଦର୍ଶ ସୁଭଦ୍ରା କେନ୍ଦ୍ରରେ ଆବେଦନ କରିପାରିବେ। ଏହି ସୁଭଦ୍ରା ପଞ୍ଜୀକରଣ କେନ୍ଦ୍ର ଅଧିକାରୀ ଉମାକାନ୍ତ ବେର୍ତ୍ତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଗାଳିଗୁଲଜ, ଆକ୍ରମଣ

ଜଟଣୀ,୪।୯(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରପରିଷଦ କାର୍ଯ୍ୟାଳୟ ପରିସରରେ ୫ଜଣ ଯୁବକ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଇଯୋଶୀଙ୍କ ସରକାରୀ ଗାଡ଼ି ପାଖକୁ ଆସି ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ପୌର ଫାର୍ମାସିଷ୍ଟ ବିଷ୍ଣୁ ମିଶ୍ର, ଜୁନିୟର ଆସିଷ୍ଟାଣ୍ଟ ତ୍ରିଲୋଚନ ସାମନ୍ତରାୟ ଏବଂ ଷ୍ଟେନୋ ଜ୍ୟୋତିରଞ୍ଜନ ରାଉତରାୟ ପହଞ୍ଚି ପାଇଯୋଶୀଙ୍କୁ ଉଦ୍ଧାର କରିଥିଲେ। ସରକାରୀ କାର୍ଯ୍ୟାଳୟରେ ଗାଳିଗୁଲଜ, ଆକ୍ରମଣ ଘଟଣାରେ ନିର୍ବାହୀ ଅଧିକାରୀ ଜଟଣୀ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ଜିଲାପାଳ ଏବଂ ଏସିପିଙ୍କୁ ପତ୍ର ମାଧ୍ୟମରେ ଅଗବତ କରିଥିବା ଜଣାପଡ଼ିଛି। ଜଟଣୀ ପୌରାଞ୍ଚଳ ଅଧୀନ ୮ନଂ. ୱାର୍ଡ ଷଣ୍ଢପୁର ନୂଆ ସାହିରେ ଏକ ରାସ୍ତା ଅବରୋଧକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉପୁଜିଥିବା ସମସ୍ୟା ନେଇ କାର୍ଯ୍ୟାଳୟ ପରିସରରେ କେତେଜଣ ଗଣମାଧ୍ୟମ ପ୍ରତିନିଧି ପାଇଯୋଶୀଙ୍କ ପ୍ରତିକ୍ରିୟା ନେଇଥିଲେ। ପରେ ସେ ଏକ କାର୍ଯ୍ୟକ୍ରମକୁ ବାହାରିବାବେଳେ ଏହି ଘଟଣା ଘଟିଥିଲା।

# ଶ୍ରମିକ କଂଗ୍ରେସର ନୂତନ କର୍ମକର୍ତ୍ତା ନିର୍ବାଚିତ



ଜଟଣୀ,୪।୯(ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳମଣ୍ଡଳଠାରେ ଅବସ୍ଥିତ ଶ୍ରମିକ କଂଗ୍ରେସ ଓପେନ ଲାଇନ କାର୍ଯ୍ୟାଳୟଠାରେ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଶାଖା ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରୀୟ ପଦାଧିକାରୀ ତଥା ବ୍ରାଞ୍ଚ ଇନଚାର୍ଜ ଏମ୍. ଜି. କେ. ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ରୀୟ ପଦାଧିକାରୀ ଅକ୍ଷୟ ପ୍ରଧାନ, ଶରତ ପଣ୍ଡା, ସରୋଜ ମଙ୍ଗରାଜ, ଅନ୍ୟାନ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓପେନ ଲାଇନ ବ୍ରାଞ୍ଚରେ ଖାଲି ପଡ଼ିଥିବା ୨ଟି ପଦବୀ ପାଇଁ ଭୋଟ ଗ୍ରହଣ କରାଯାଇଥିଲା। ନିର୍ବାଚନୀ ଅଧିକାରୀ ଭାବେ ଶାଖା ସମ୍ପାଦକ ଏଲ୍. ଡି. ମହାନ୍ତି ଭୋଟ ଗ୍ରହଣ ପରିଚାଳନା କରିଥିଲେ। ଶାଖା ସହ ସମ୍ପାଦକ ଭାବେ ବିକ୍ରମ ସାହୁ ଓ ବାଣିଜ୍ୟ ବିଭାଗ କ୍ୱାର୍ଟର କମିଟି ଅଧକ୍ଷ ଭାବେ ନିତ୍ୟାନନ୍ଦ ପଣ୍ଡା ନିର୍ବାଚିତ ହୋଇଥିଲେ। ମୁଖ୍ୟ ଅତିଥି ରାଓ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ପଦ ଓ ଗୋପନୀୟତାର ଶପଥ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ମହମଦ ମୁସ୍ତାକ ଅଲ୍ଲୀ, ତ୍ରିଲୋଚନ ମହାନ୍ତି, ସୁନୀଲ ପରିଡ଼ା, ସନ୍ତୋଷ ଖଟେଇ, ରାକେଶ ଘଡ଼ାଇ, ବାହନ ଘଡେଇ, ଅଶୋକ ଭୋଳ ପ୍ରମୁଖ ସଭା ପରିଚାଳନା କରିଥିଲେ।

# ବନ୍ୟପ୍ରାଣୀଙ୍କ ପ୍ରାଦୁର୍ଭାବ ବଢ଼ାଉଛି ଚାଷୀଙ୍କ ଦୁଃଖ

ବେଗୁନିଆ,୪।୯(ହରପ୍ରସନ୍ନ ପଣ୍ଡା)

- ନଷ୍ଟ କରୁଛନ୍ତି ଧାନ, ପରିବା ଫସଲ
- ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଆବଶ୍ୟକ
- ସହାୟତା ରାଶି ସମୁଦ୍ରକୁ ଶଙ୍ଖେ

ବିପର୍ଯ୍ୟୟ ସାଙ୍ଗକୁ ବନ୍ୟପ୍ରାଣୀଙ୍କ ପ୍ରାଦୁର୍ଭାବ ଏବେ ଚାଷୀଙ୍କ ଦୁଃଖ ବଢାଉଛି। ଏଥିଯୋଗୁ କିଛିବର୍ଷ ହେଲା ଚାଷୀଙ୍କ ଧାନ ଓ ପନି ପରିବା ଫସଲ ନଷ୍ଟ ହେବାରେ ଲାଗିଛି। ଚଳିତ ଖରିଫ ଋତୁ ଆରମ୍ଭରୁ ମଧ୍ୟ ଚାଷୀଙ୍କୁ ଚିନ୍ତା ଘାରିଛି। ବନ୍ୟପ୍ରାଣୀଙ୍କ ମଧ୍ୟରେ ହାତୀ ଓ ବାରହା ପଲ ଚାଷୀଙ୍କ କ୍ଷେତରେ ପଶି ହେକ୍ଟର ହେକ୍ଟର ଫସଲ ନଷ୍ଟ କରୁଛନ୍ତି। ଏହାକୁ ନେଇ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ପ୍ରତିକାର ନ ଥିବାରୁ ଚାଷୀ ଅସନ୍ତୋଷ ଦେଖାଦେଇଛି। ସରକାରଙ୍କ ପକ୍ଷରୁ ଯେତିକି କ୍ଷତିପୂରଣ ସହାୟତା ମିଳୁଛି, ତାହା ଭରଣା ହୋଇପାରୁନାହିଁ। ଫଳରେ ଚାଷ କାର୍ଯ୍ୟରୁ ମୁହଁ ଫେରାଇ ଚାଷୀ ହତାଶ ହୋଇ ବସିଛି। ସମ୍ପ୍ରତି କିଛିଦିନ ହେଲା ହାତୀ ଓ ବାରହା ପଲ ଉତ୍ପାତ ଯୋଗୁ ବେଗୁନିଆ ବ୍ଲକ ଅଞ୍ଚଳରେ ବ୍ୟାପକ ଫସଲ ହାନି ହୋଇଛି। ଚଳିତ ଖରିଫ ଋତୁରେ ବ୍ଲକରେ ପ୍ରାୟ ୭ ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ଗାଁର ବହୁ ଚାଷୀଙ୍କ ଧାନ ଓ ପରିବା ଫସଲ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଫସଲହାନି ହୋଇଥିବା ପଞ୍ଚାୟତ ହେଲା ହଜ, ସିକୋ, ହୀରାପୁର, ବୋତଲମା, ଦେଉଳି, ଗୋବିନ୍ଦପୁର ଓ ଶଗଡ଼ଭଙ୍ଗା ଅଞ୍ଚଳ। କ୍ଷତିଗ୍ରସ୍ତ ଚାଷୀମାନେ ବନ ବିଭାଗ ଓ କୃଷି ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିଛନ୍ତି। ମାତ୍ର ଦିନକୁ ଦିନ ଫସଲ କ୍ଷତି ବଢିବାରେ ଲାଗିଛି। ହେଲେ କୌଣସି ସୁଫଳ ମିଳୁନି। ଅନ୍ୟପକ୍ଷରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବନ ବିଭାଗ ପକ୍ଷରୁ ଏକର ପିଛା ୧୦ରୁ ୧୨ ହଜାର ଟଙ୍କା କ୍ଷତିପୂରଣ ସହାୟତା ମିଳୁଛି। ତାହା ସମୁଦ୍ରକୁ ଶଙ୍ଖେ ଭଳି, ଯାହା ଚାଷୀଙ୍କ କ୍ଷତି ଭରଣା କରିପାରୁନାହିଁ ବୋଲି ଚାଷୀ ଭାଗୀରଥି ଦଳସିଂହରାୟ, କ୍ଷେତ୍ରବାସୀ ପରିଡ଼ା, ବିଶ୍ୱମ୍ବର ମାଝୀ ପ୍ରମୁଖ କହିଛନ୍ତି। କେତେଜଣ ଚାଷୀଙ୍କ କହିବା ଅନୁଯାୟୀ, ଗତ ୮ ବର୍ଷ ହେଲା ଚନ୍ଦକା ଜଙ୍ଗଲରୁ ହାତୀ ପଲ ଆସି ବ୍ଲକର ନାରଗୋଦା ଗ୍ରାମ୍ୟ ଜଙ୍ଗଲରେ ରହୁଛନ୍ତି। ସେହି ସମୟରେ ୨ରୁ ୩ଟି ହାତୀଙ୍କୁ ଦେଖିବାକୁ ମିଳିଥିଲା। ବର୍ଷକୁ ବର୍ଷ ସେମାନେ ବଂଶ ବିସ୍ତାର କରୁଛନ୍ତି। ପଲ ମଧ୍ୟରେ ଏବେ ୪ଟି ଛୁଆ ସହ ୭ଟି ମା ହାତୀ ଚରାବୁଲା କରୁଥିବା ଦେଖିବାକୁ ମିଳିଛି। ସନ୍ଧ୍ୟା ହେଲେ ସେମାନେ ବିଭିନ୍ନ ଗାଁକୁ ଯାଇ ସାହି ଭିତରକୁ ପଶି ଆସୁଛନ୍ତି। ଧନ ସମ୍ପତ୍ତି ନଷ୍ଟ କରିବା ସହ ଜୀବନ ନେଉଛନ୍ତି। ସେହିପରି ବାରହା ପଲଙ୍କ ପ୍ରାଦୁର୍ଭାବ କଥା ନ କହିବା ଭଲ। ତେବେ ସରକାରଙ୍କ ହସ୍ତକ୍ଷେପରେ ବନବିଭାଗ ପକ୍ଷରୁ ହାତୀପଲକୁ ଆୟତ୍ତ କରାଯାଇ ଚନ୍ଦକା ଜଙ୍ଗଲକୁ ନିଆଯାଇପାରନ୍ତା, ତେବେ ଚାଷୀଙ୍କ ଦୁଃଖ ଲାଘବ ହୁଅନ୍ତା ବୋଲି ଅଞ୍ଚଳରେ ଦାବି ହେଉଛି। ସୂଚନାଥାଉ କି, ୨୦୧୨ରୁ କ୍ରମାଗତ ଭାବେ ଏହି ବ୍ଲକ ଚାଷୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ଦାଉ ସାଧୁଛି। ଅଦିନିଆ ବର୍ଷାରେ ଫସଲ ହାନି, ସ୍ୱଳ୍ପ ବୃଷ୍ଟି ଯୋଗୁ ମରୁଡ଼ି ପରିସ୍ଥିତି, ରୋଗପୋକ ଆଦି ଯୋଗୁ ଫସଲ ହାନି ହୋଇଥିଲା। ପୁଣି ଏବେ ବନ୍ୟପ୍ରାଣୀଙ୍କ ଉତ୍ପାତ ଚାଷୀଙ୍କ ଅଣ୍ଟା ଦୋହଲାଇ ଦେଉଛି ବୋଲି ଚାଷୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

### ସମିତି ସମ୍ପାଦକ, ଚାଷୀ ପିଟାପିଟି ମାମଲାରେ ଗିରଫ

ବୋଲଗଡ଼,୪।୯(ଦେବବ୍ରତ ହୋତା)

କିଛିଦିନ ତଳେ ସମିତି ସମ୍ପାଦକ ଓ ଚାଷୀଙ୍କ ମଧ୍ୟରେ ହୋଇଥିବା ମରାମରି ମାମଲାରେ ବୋଲଗଡ଼ ଥାନା ଓ ବାଙ୍କୋଇ ଫାଣ୍ଡି ପୋଲିସ ୨ ଜଣଙ୍କୁ ଗିରଫ କରି ବୁଧବାର ଖୋର୍ଦ୍ଧା କୋର୍ଟକୁ ଚାଲାଣ କରିଛି। ସେମାନେ ହେଲେ ଶ୍ରୀଚନ୍ଦନପୁର ପାଟଣା ସେବା ସମବାୟ ସମିତି ସମ୍ପାଦକ ବାଙ୍କନିଧି ଓ ଚାଷୀ ସୁନିଲ ମାଝୀ। ଗତ ମାସ ୨୭ ତାରିଖରେ ବାଙ୍କନିଧି ଓ ସୁନିଲ ଧାନମଣ୍ଡିରେ ନାମ ପଞ୍ଜୀକରଣ ବିବାଦକୁ ନେଇ ମରାମରି ହୋଇଥିଲେ। ଉଭୟ ଆହାତ ହୋଇ ବାଙ୍କୋଇ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ପୋଲିସ ଉଭୟଙ୍କ ନାମରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲା।

# ଇଞ୍ଜିନିୟରିଂ ବିଭାଗ ଅନୁଗୋଳ ବିଜୟୀ




ଜଟଣୀ,୪।୯(ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳମଣ୍ଡଳ ପକ୍ଷରୁ ତୃତୀୟ ଡିଆର୍‌ଏମ୍ କପ୍ ଆନ୍ତଃବିଭାଗୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ଼ ସ୍ପୋର୍ଟ୍ସ ଆସୋସିଏଶନ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଖୋର୍ଦ୍ଧା ରୋଡ ମଣ୍ଡଳର ୧୨ଟି ବିଭାଗର ରେଳ କର୍ମଚାରୀ ଟୁର୍ନାମେଣ୍ଟରେ ଭାଗ ନେଉଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଇଞ୍ଜିନିୟରିଂ ଏବଂ ଇଲେକ୍ଟ୍ରିକ ଲୋକ ସେଡ୍, ଅନୁଗୋଳ ବିଭାଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଇଞ୍ଜିନିୟରିଂ ବିଭାଗ ଅନୁଗୋଳ ଇଲେକ୍ଟ୍ରିକ ଲୋକ ସେଡ୍‌କୁ ୪-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଛି। ଏଥିରେ ଇଞ୍ଜିନିୟରିଂ ବିଭାଗର ସଞ୍ଜିତ ପାନ୍ନା ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ଟୁର୍ନାମେଣ୍ଟରେ ସମସ୍ତ ବିଭାଗ ମଧ୍ୟରେ ମୋଟ ୧୨ଟି ଲିଗ୍ ମ୍ୟାଚ ଖେଳାଯିବ। ଫାଇନାଲ ମ୍ୟାଚ ୧୩ ତାରିଖରେ ଅନୁଷ୍ଠିତ ହେବ। ତୃତୀୟ ଡି ଆର୍ ଏମ୍ କପ୍ ଆନ୍ତଃବିଭାଗୀୟ ଫୁଟ୍‌ବଲ ଟୁର୍ନାମେଣ୍ଟକୁ ଖୋର୍ଦ୍ଧାରୋଡ ମଣ୍ଡଳର ରେଳ ପ୍ରବନ୍ଧକ, ଏଚ୍ ଏସ୍ ବାଜା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ଶୁଭ୍ରଜ୍ୟୋତି ମଣ୍ଡଳ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) ପି.କେ. ବେହେରା ଏବଂ ଆନ୍ୟ ଶାଖା ଅଧିକାରୀ ଉପସ୍ଥିତ ଥିଲେ। ଅଂଶଗ୍ରହଣକାରୀ ଦଳକୁ ଏଚ୍ ଏସ୍ ବାଜା ଶୁଭେଚ୍ଛା ଜଣାଇଥିଲେ। ତୃତୀୟ ଡିଆର୍‌ଏମ୍ କପ୍ ଆନ୍ତଃବିଭାଗୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ହିମାଦ୍ରି ଭୂଷଣ ବିଶାଳ, କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକଙ୍କ ନିର୍ଦ୍ଦେଶନାରେ ଆୟୋଜିତ କରାଯାଉଛି। ଟୁର୍ନାମେଣ୍ଟର ସମସ୍ତ ମ୍ୟାଚଗୁଡ଼ିକ କ୍ରୀଡ଼ା ସଚିବ ଏମ୍. ଡି. ଜାକିରୁଦ୍ଦିନ ଏବଂ ଖୋର୍ଦ୍ଧାରୋଡ଼ କ୍ରୀଡ଼ା ସଙ୍ଗଠନ ସଦସ୍ୟ ସଂଯୋଜନା କରିଥିଲେ।

# ମୂର୍ତ୍ତିଗଢ଼ାରେ ବ୍ୟସ୍ତ ବଙ୍ଗୀୟ, ସ୍ଥାନୀୟ କାରିଗର

ଖୋର୍ଦ୍ଧା,୪।୯(ପ୍ରଭାତ ପାଣିଗ୍ରାହୀ)



ଗଣେଶ ପୂଜା ପାଇଁ ସଜେଇ ହେଉଛି ପୂଜାମଣ୍ଡପ। ଜଟଣୀଠାରୁ ଖୋର୍ଦ୍ଧା ସହର ଯାଏ ସବୁଠି ମୂର୍ତ୍ତି ନିର୍ମାଣରେ ନିମଗ୍ନ ଅଛନ୍ତି କାରିଗର। ଓଡ଼ିଶାର ଜଟଣୀ ସହର ଗଣେଶ ପୂଜା ପାଇଁ ପ୍ରସିଦ୍ଧ। ଏଠାକାର ଏକାଧିକ ମଣ୍ଡପରେ ବିଘ୍ନରାଜ ଗଣେଶ ପୂଜା ପାଇଥାନ୍ତି। ପୂଜା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଶୃଙ୍ଖଳିତ ପୂଜା ଆୟୋଜନ ଉପରେ କମିଶନରେଟ ପୋଲିସ ଓ ଜିଲା ପ୍ରଶାସନ ଗୁରୁତ୍ୱ ଦେଉଛି। ଚଳିତ ବର୍ଷ ବିଭିନ୍ନ ଥିମ୍‌କୁ ନେଇ ମୂର୍ତ୍ତି ନିର୍ମାଣ କରାଯାଉଛି। ଜଟଣୀସ୍ଥିତ ପୂଜାମଣ୍ଡପ ଗୁଡ଼ିକର କର୍ମକର୍ତ୍ତାମାନେ କୋଲକାତା କାରିଗରଙ୍କ ମୂର୍ତ୍ତିକୁ ପସନ୍ଦ କରୁଛନ୍ତି। ଅନ୍ୟପଟେ ମୂର୍ତ୍ତି ନିର୍ମାଣରେ ସ୍ଥାନୀୟ କାରିଗର ଉପେକ୍ଷିତ ହେଉଛନ୍ତି। ଏହାସତ୍ତ୍ୱେ ଏଥର ବଙ୍ଗୀୟ କାରିଗରଙ୍କୁ ଟକ୍କର ଦେଉଛନ୍ତି ଓଡ଼ିଆ କାରିଗର। 'ଛଣଘର'ର କାରିଗର ଶଶିକାନ୍ତ ମହାରଣା ଏବଂ କୁଦୁଆରୀସ୍ଥିତ 'ସୁକାନ୍ତ ଆର୍ଟ'ର କାରିଗର ସୁକାନ୍ତ ବେହେରା ଆକର୍ଷଣୀୟ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି ଗଢୁଛନ୍ତି। କୁଦୁଆରୀ ବଜାରରେ ଦୀର୍ଘବର୍ଷ ଧରି ମୂର୍ତ୍ତି ଗଢୁଥିବା କୋଲକାତା ନନ୍ଦି ଗ୍ରାମର ଅଶୋକ ପଟ୍ଟନାୟକ କହିଛନ୍ତି, ବଡ଼ଭାଇ ନିଶିକାନ୍ତ ପଟ୍ଟନାୟକ ୫୫ବର୍ଷ ତଳେ ଜଟଣୀକୁ ଚାଲି ଆସିଥିଲେ। ତାଙ୍କ ପରେ ମୁଁ ମଧ୍ୟ ଆସିଥିଲି। ଆମେ ଏଠାରେ ରହି ବିଭିନ୍ନ ପ୍ରକାର ମୂର୍ତ୍ତି ତିଆରି କରିଥାଉ। ଏବେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମୂର୍ତ୍ତି ନିର୍ମାଣ ଚାଲିଛି। ଭାରତ ମାତା, ସିଂହାସନ, ମୟୂରାସନ, ଗଜବେଶ ପ୍ରଭୃତି ଭଳିକିଭଳି ୧୫ରୁ ୨୦ ଫୁଟ ଉଚ୍ଚ ପର୍ଯ୍ୟନ୍ତ ମୂର୍ତ୍ତି ତିଆରି କରାଯାଉଛି। ତେବେ ଏଠାରେ ଭଲ ମାଟି ମିଳୁ ନ ଥିବାରୁ ବାହାରୁ କିଣି ଆଣିବାକୁ ପଡ଼ୁଛି।

ସ୍ଥାନୀୟ ଶିଳ୍ପୀ ସୁକାନ୍ତ ବେହେରା କହିଛନ୍ତି, ତାଙ୍କ ଦ୍ୱାରା ନିର୍ମିତ ହେଉଥିବା ମୂର୍ତ୍ତିରେ କେବଳ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଏ। ଚଳିତ ବର୍ଷ ପ୍ରାୟ ୧୦ରୁ ୧୫ ପ୍ରକାର ମୂର୍ତ୍ତି ନିର୍ମାଣ କରାଯାଇଛି। ଡ୍ରାଗନ, ସାପ, ସିଂହାସନ, ହରପାର୍ବତୀ ଉପରେ ବିଜେ ଗଣେଶ ମୂର୍ତ୍ତି ଲୋକଙ୍କର ପସନ୍ଦ ଆସୁଛି। କୁଦିଆରୀର ଶିଳ୍ପୀ ଚନ୍ଦ୍ରକାନ୍ତ ବେହେରା କହିଛନ୍ତି, ଜେଜେ ଓ ବାପାଙ୍କ ଅମଳରୁ ମୂର୍ତ୍ତି ନିର୍ମାଣ ଚାଲିଛି। ମୁଁ ପ୍ରାୟ ୧୫ବର୍ଷ ହେଲା ମୂର୍ତ୍ତି ନିର୍ମାଣ କରିଆସୁଛି। ବାପାଙ୍କଠାରୁ ପ୍ରଶିକ୍ଷଣ ନେଇଥିଲି। ଚଳିତବର୍ଷ ୨ଫୁଟରୁ ୧୨ଫୁଟ ପର୍ଯ୍ୟନ୍ତ ମୂର୍ତ୍ତି କରାଯାଇଛି। ବିଶେଷତଃ ବମ୍ବେ ଷ୍ଟାଇଲର ମୂର୍ତ୍ତିର ଚାହିଦା ରହିଛି। ଜଟଣୀ ବ୍ୟତୀତ ଖୋର୍ଦ୍ଧା, ଭୁବନେଶ୍ୱର, ପିପିଲି, ପୁରୀ, ନିମାପଡ଼ା ପ୍ରଭୃତି ଅଞ୍ଚଳକୁ ବିକ୍ରି ପାଇଁ ମୂର୍ତ୍ତି ଯାଇଥାଏ। ସେହିପରି କାରିଗର ନୀଳକଣ୍ଠ ମହାରଣା କହିଛନ୍ତି, ପ୍ରାୟ ୪୦ବର୍ଷ ହେଲା ମୂର୍ତ୍ତି କାମ କରିଆସୁଛି। ୨ଫୁଟରୁ ଆରମ୍ଭ କରି ୧୦ଫୁଟ ପର୍ଯ୍ୟନ୍ତ ମୂର୍ତ୍ତି ରହିଛି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ମୂର୍ତ୍ତି କାରିଗରମାନେ ୩-୪ ମାସ ପୂର୍ବରୁ ଏନେଇ ପ୍ରସ୍ତୁତି ଆରମ୍ଭ କରିଥାନ୍ତି। ନିଆରା କାରିଗର ଛଣଘରର ଶଶିକାନ୍ତ ମହାରଣା ବିନା ପ୍ରଶିକ୍ଷଣରେ ନିଜସ୍ୱ ଉଦ୍ୟମରେ ଗତ କିଛି ବର୍ଷ ହେବ ମୂର୍ତ୍ତି ଗଢୁଛନ୍ତି। ସେ କହିଛନ୍ତି, ପ୍ରଥମେ ଛାଞ୍ଚ ମୂର୍ତ୍ତି ଗଢୁଥିଲି। ଧିରେ ଧିରେ ୨ରୁ ୫ ଫୁଟ ଏବଂ ଏବେ ୧୫ ଫୁଟ ପର୍ଯ୍ୟନ୍ତ ଉଚ୍ଚର ମୂର୍ତ୍ତି ନିର୍ମାଣ କରୁଛନ୍ତି। ଏଥିରେ ତାଙ୍କ ବାପା, ୩ ଭାଇ ସହଯୋଗ ଯୋଗାଇ ଦେଉଛନ୍ତି। ଖୋର୍ଦ୍ଧା ଗୁରୁଜଙ୍ଗ ମାଳିସାହିର ଦୁଇଭାଇ ଆଶିଷ ଓ ଦେବାଶିଷ ରଣା ମୂର୍ତ୍ତି ନିର୍ମାଣରେ ନିମଗ୍ନ ରହିଛନ୍ତି। ସେମାନେ ୭୦ରୁ ୮୦ଟି ଛୋଟ ବଡ଼ ମୂର୍ତ୍ତି ତିଆରି କରଥିବା ବେଳେ ଗୁରୁବାର ରାତି ସୁଦ୍ଧା ସମସ୍ତ ମୂର୍ତ୍ତିରେ ଅଳଙ୍କାର, ବସ୍ତ୍ର ପରିଧାନ ପରେ ନେତ୍ରରେ ଶେଷ ସ୍ପର୍ଶ ଦିଆଯିବ। ଶୁକ୍ରବାର ଯେପରି ପୂଜାମଣ୍ଡପରେ ମୂର୍ତ୍ତି ପହଞ୍ଚିବ, ସେଥିଲାଗି ପ୍ରଚେଷ୍ଟା ଜାରି ରହିଛି ବୋଲି କହିଛନ୍ତି।

# ଏଥର ନଭେମ୍ବର ୧୫ରୁ ବାଲିଯାତ୍ରା

କଟକ,୪।୯(କାର୍ତ୍ତିକ ସାହୁ)

ଆସନ୍ତା ନଭେମ୍ବର ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ କଟକ ବାଲିଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ କଟକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ବୁଧବାର ପ୍ରଥମ ବାଲିଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ବି. ପରମେଶ୍ୱରନ୍ ଯୋଗଦେଇ ଚଳିତବର୍ଷ ବାଲିଯାତ୍ରାକୁ ଅପେକ୍ଷାକୃତ ଅଧିକ ଚିତ୍ତାକର୍ଷକ, ସୁରକ୍ଷିତ ଓ ଜନାଦୃତ କରିବା ସହ ଉତ୍ତମ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଚଳିତବର୍ଷ ବିଗତ ବର୍ଷର ତ୍ରୁଟି ସୁଧାରିବାକୁ ପ୍ରୟାସ କରାଯିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି। ଆଇନ ଶୃଙ୍ଖଳା, ଗମନାଗମନ, ଯାନବାହନ ନିୟନ୍ତ୍ରଣ, ଗାଡ଼ି ରହଣିସ୍ଥଳ, ସ୍ୱଚ୍ଛତା, ବିଦ୍ୟୁତ୍ ଯୋଗାଣ, ବାଲିଯାତ୍ରା ପଡ଼ିଆ ସମତୁଲ କରିବା, ଖାଦ୍ୟ ସୁରକ୍ଷା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଅସ୍ଥାୟୀ ଶୌଚାଳୟ ନିର୍ମାଣ ଆଦି ବିଷୟରେ ପୂର୍ବ ବର୍ଷର ଅଭିଜ୍ଞତାକୁ ନେଇ ତ୍ରୁଟି ସୁଧାରବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏଡିସିପି ଅନିଲ କୁମାର ମିଶ୍ର ଜନଗହଳିକୁ ନିୟନ୍ତ୍ରଣ କରିବା ସହ ସୁରକ୍ଷାକୁ ଦୃଷ୍ଟିରେ ରଖି ଚଳିତବର୍ଷ ପାର୍କିଂସ୍ଥାନ ବୃଦ୍ଧି କରାଯିବା ସହ ୱାଚ୍ ଟାୱାର ନିର୍ମାଣ, ଏନ୍‌ଡିଆର୍‌ଏଫ ଓ ଏସ୍‌ଡିଆର୍‌ଏଫ୍ ଦଳ ମୁତୟନ, ପାର୍କିଂ ସ୍ଥାନରୁ ଯାତ୍ରୀଙ୍କୁ ଯାତ୍ରା ପଡିଆ ପର୍ଯ୍ୟନ୍ତ ଯାତାୟାତକୁ ସୁଗମ ପରିଚାଳନା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିସହ ପଡ଼ିଆ ଓ ଏହାର ଆଖପାଖ ଅଞ୍ଚଳରେ ଉପଯୁକ୍ତ ଆଲୋକୀକରଣ, କାର୍ତ୍ତିକେଶ୍ୱର ଭସାଣି ତାରିଖ ପରିବର୍ତ୍ତନ ଆଦି ଉପରେ ମଧ୍ୟ ମିଶ୍ର ଗୁରୁତ୍ୱ ଦେଇଛନ୍ତି। ବିଭିନ୍ନ ବିଭାଗୀୟ ଅଧିକାରୀ ଆଲୋଚନାରେ ଭାଗ ନେଇ ଗତବର୍ଷର ଅଭିଜ୍ଞତା ଆଧାରରେ ଚଳିତବର୍ଷ ଦାୟିତ୍ୱ ସୁଚାରୁରୂପେ ତୁଲାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ବାଲିଯାତ୍ରା ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟି ଗଠନ କରାଯାଇ ପରବର୍ତ୍ତୀ ପର୍ଯ୍ୟାୟରେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲାପାଳ ଶିବ ଟପୋ, ଅତିରିକ୍ତ ଜିଲାପାଳ ଡକ୍ଟର ଦିବ୍ୟଲୋଚନ ମହନ୍ତ ଓ କଟକ ସଦର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

**ବାଲିଯାତ୍ରା ପ୍ରସ୍ତୁତି ବୈଠକ**



ବାଲିଯାତ୍ରା ପ୍ରସ୍ତୁତି ବୈଠକରେ ଆର୍‌ଡିସି ବି. ପରମେଶ୍ୱରନ୍, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ସମେତ ଅନ୍ୟ ଅଧିକାରୀ।

## ୫-ଟି କାମ ଆଳରେ ୪.୫ ଲକ୍ଷ ହଡ଼ପ ଉଦ୍ୟମ

କଣ୍ଟାପଡା, ୪।୯(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣସାଇଲୋ ପଞ୍ଚାୟତରେ ଏକ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ୫-ଟି ଅନୁଦାନରେ ଆସିଥିବା ୪.୫ ଲକ୍ଷ ଟଙ୍କା ହଡ଼ପ ଉଦ୍ୟମ ହୋଇଛି। ଏନେଇ କଣ୍ଟାପଡା ବ୍ଲକ ସହକାରୀ ଯନ୍ତ୍ରୀ ଧନଞ୍ଜୟ ସାମଲଙ୍କ ନିକଟରେ ବ୍ରାହ୍ମଣବାଟୀ ପଞ୍ଚାୟତ ସମିତିସଭ୍ୟ ବୁଦ୍ଧନାଥ ବେହେରା ଓ ସାମାଜିକ କର୍ମୀ ପ୍ରମୋଦ ନାୟକ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ପୂର୍ବ ସରକାର ସମୟରେ ୫-ଟି ଅନୁଦାନରେ ବିଭିନ୍ନ ଉଚ୍ଚବିଦ୍ୟାଳୟର ମରାମତି ଓ ଅନ୍ୟାନ୍ୟ କାର୍ଯ୍ୟ ହୋଇଥିଲା। ଏହି କ୍ରମରେ ବ୍ରାହ୍ମଣସାଇଲୋ ପଞ୍ଚାୟତର କୂଳବ୍ରାହ୍ମଣ ସାଇଲୋଠାରେ ଗୋପବନ୍ଧୁ ନୋଡାଲ ଉଚ୍ଚବିଦ୍ୟାଳୟର ଉନ୍ନତୀକରଣ ପାଇଁ ୪.୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ତେବେ କୂଳବ୍ରାହ୍ମଣ ସାଇଲୋଠାରେ ଏଭଳି ସ୍କୁଲ ନ ଥିବାବେଳେ ଏହି ସ୍କୁଲ ବ୍ରାହ୍ମଣବାଟୀ ପଞ୍ଚାୟତର ସାଇଲୋ ବଡବିଲିଠାରେ ଥିବା ଜଣାପଡିଛି। ତେବେ ଉକ୍ତ ଅର୍ଥ କେଉଁଠାରେ ବିନିଯୋଗ ହୋଇଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ସ୍କୁଲ ନଥିବାବେଳେ ଉକ୍ତ ଅର୍ଥ ବିନିଯୋଗ କରାଯାଇଛି। ବାସ୍ତବରେ ଏହି ଅର୍ଥ ବିନିଯୋଗ ହୋଇଛି ନା ମିଥ୍ୟାବିଲ୍ କରି ଟଙ୍କା ହଡ଼ପ ପାଇଁ ଉଦ୍ୟମ ଚାଲିଛି ତାହା ତଦନ୍ତ ସାପେକ୍ଷ। ଏ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ସାମଲ କହିଛନ୍ତି, ଗୋପବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟର ଉନ୍ନତୀକରଣ କାମ ହୋଇଛି। ହେଲେ ଭୁଲ୍‌ବଶତଃ କାର୍ଯ୍ୟାଦେଶରେ ବ୍ରାହ୍ମଣବାଟୀ ବଦଳରେ ବ୍ରାହ୍ମଣସାଇଲୋ ପଞ୍ଚାୟତ ଉଲ୍ଲେଖ ରହିଛି। ତେଣୁ ଏହାର ସଂଶୋଧନ ସହ ତଦନ୍ତ କରାଯିବା ପରେ ଅର୍ଥ ପ୍ରଦାନ କରାଯିବ। ଅପରପକ୍ଷରେ ବ୍ରାହ୍ମଣବାଟୀ ସରପଞ୍ଚ ସଞ୍ଜୟ କୁମାର ରାଉତରାୟ କହିଛନ୍ତି, ପ୍ରଶାସନର ବାରମ୍ବାର ଏଭଳି ଭୁଲ୍ ଯୋଗୁ ଉକ୍ତ ବିଦ୍ୟାଳୟରେ ବିଭିନ୍ନ ସମୟରେ ସମସ୍ୟା ଉପୁଜୁଛି।



ଅନୁପ୍ରବେଶକାରୀଙ୍କୁ ହଟାଇବା ଦାବିରେ କଟକ ସୁରକ୍ଷା ସମିତି ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## 'ସକାରାତ୍ମକ ମନୋଭାବ ନେଇ କର୍ମଚାରୀ କାମ କରନ୍ତୁ'

**ଦଧୀଚି ଶିକ୍ଷା ସମୂହ ଅନୁଷ୍ଠାନ ବାର୍ଷିକ ଉତ୍ସବ**

କଣ୍ଟାପଡା,୪।୯(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମ ନିକଟସ୍ଥ ଦଧୀଚି ଶିକ୍ଷା ସମୂହ ଅନୁଷ୍ଠାନର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଧୀଚି ଅନୁଷ୍ଠାନର ଚେୟାରମ୍ୟାନ ଡ. ମନୋଜ କୁମାର ଦାଶ ଯୋଗଦେଇ କହିଛନ୍ତି, ଅନୁଷ୍ଠାନର କର୍ମଚାରୀମାନେ ସକାରାତ୍ମକ ମନୋଭାବ ନେଇ କାମ କଲେ ଅନୁଷ୍ଠାନ ଓ ବିଦ୍ୟାର୍ଥୀମାନଙ୍କର ଉନ୍ନତି ହୋଇପାରିବ। ମ୍ୟାନେଜିଂ ଟ୍ରଷ୍ଟି ବବିତା ଦାଶ ଯୋଗଦେଇ ଅନୁଷ୍ଠାନର ଶିକ୍ଷା ବ୍ୟବସ୍ଥାରେ ଅଧିକ ଉନ୍ନତି ଆଣିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ସୀମାଞ୍ଚଳ ପଣ୍ଡା, ବିତ୍ତୀୟ ଅଧିକାରୀ ବାସୁଦେବ ବିଶ୍ୱାଳ, ପ୍ରକଳ୍ପ ଅଧିକାରୀ ପ୍ରଭାତ ପାଢ଼ୀ ଯୋଗଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ପୂର୍ବତନ ଟ୍ରଷ୍ଟି ସ୍ୱର୍ଗତ କୁଳମଣି ଦାଶଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ତାଲିମ ଓ ନିଯୁକ୍ତି ଅଧିକାରୀ ହରେକୃଷ୍ଣ ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦଧୀଚି ପବ୍ଲିକ ସ୍କୁଲ ଏକାଡେମିକ୍ ମୁଖ୍ୟ ଅତୁଲ୍ୟ କୁମାର ରାୟ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ବିଭାଗର ମୁଖ୍ୟଙ୍କ ସହ ଦଧୀଚି ଶିକ୍ଷାସମୂହ ଅନୁଷ୍ଠାନର ଚେୟାରମ୍ୟାନ ଡ. ମନୋଜ ଦାଶ।

## ମେସର୍ସ ଉତ୍କଳ ଅଟୋମୋବାଇଲ୍ସର ବାର୍ଷିକ ଉତ୍ସବ

ଫୁଲନଖରା,୪।୯(ସତ୍ୟରଞ୍ଜନ ଦାସମହାପାତ୍ର)

ପାହାଳସ୍ଥିତ ହ୍ୟୁଣ୍ଡାଇ ଶୋ'ରୁମ୍‌ରେ ମେସର୍ସ ଉତ୍କଳ ଅଟୋ ମୋବାଇଲ୍ସର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅତିଥି ଭାବେ ଉତ୍କଳ ଅଟୋ ମୋବାଇଲ୍ସର ନିର୍ଦ୍ଦେଶକ ସୌନକ ଆର୍.ପାରିଖ ଓ ନିର୍ଦ୍ଦେଶିକା ସୁଦୀପ୍ତା ପାରିଖ ଉଦ୍‌ଘାଟନ କରିଥିଲେ। ଏଥିରେ ଅନୁଷ୍ଠାନର ୭୦୦ କର୍ମଚାରୀ ଯୋଗଦେଇଥିଲେ। ହ୍ୟୁଣ୍ଡାଇ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଏଥିରେ ଯୋଗଦେଇ ୧୯୬ ଜଣ କାର୍ଯ୍ୟରତ କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟଦକ୍ଷତା ଅନୁସାରେ ମାନପତ୍ର ଓ ପୁରସ୍କାର ଦେଇ ସମ୍ମାନିତ କରିଥିଲେ। ସିଇଓ ଚନ୍ଦ୍ରଭୂଷଣ ଗିରି, ଡିଜିଏମ୍(ଏଚ୍‌ଆର୍) ପ୍ରତାପ କୁମାର ଧଳସାମନ୍ତ, ଏଜିଏମ୍(ସର୍ଭିସ) ଜ୍ଞାନରଞ୍ଜନ ପତି, ମ୍ୟାନେଜର (ପିଡିଆଇ) ସତ୍ୟ ନାରାୟଣ ରାୟଙ୍କ ସମେତ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ କର୍ମଚାରୀଙ୍କୁ ପୁରସ୍କୃତ କରାଯାଉଛି।

## ଶ୍ରଦ୍ଧାଳୁଙ୍କୁ ୧ କୁଇଣ୍ଟାଲ ଲଡ୍ଡୁ ବଣ୍ଟାଯିବ


ତେଲିସାହି ଗଣେଶ କ୍ଲବ ପକ୍ଷରୁ ତିଆରି ହେଉଥିବା ଗଣେଶ ମୂର୍ତ୍ତିର ନକଲ।

କଟକ,୪।୯(ଶିଳ୍ପା ପ୍ରିୟଦର୍ଶିନୀ)

ପାଖେଇ ଆସୁଛି ଗଣେଶ ପୂଜା। ଏହାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ କ୍ଲବ୍ କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଚଳିତବର୍ଷ ଜଗତପୁର ତେଲିସାହିର ଗଣେଶ କ୍ଲବ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୧୯୯୮ରୁ ଏହି କ୍ଲବ୍‌ରେ ଗଣେଶ ପୂଜା କରାଯାଉଛି। ସଭାପତି ମନୋଜ ବେହେରା ଓ ସମ୍ପାଦକ ଜୟନ୍ତ ସାହୁଙ୍କୁ ମିଶାଇ କ୍ଲବ୍‌ରେ ୧୦୦ ଜଣ ସଦସ୍ୟ ଅଛନ୍ତି। ଚଳିତବର୍ଷ ପୂଜା ପାଇଁ ୨ଲକ୍ଷ ୫୦ ହଜାର ଟଙ୍କାର ବଜେଟ୍ କରାଯାଇଛି। ୮ ଫୁଟ୍ ଉଚ୍ଚତା ବିଶିଷ୍ଟ ମୁମ୍ବାଇ ଡିଜାଇନର ମୂର୍ତ୍ତି ପୂଜା କରାଯିବ। ସମଗ୍ର ଅଞ୍ଚଳକୁ ଆଲୋକମାଳାରେ ସଜାଯିବ। ଏଥିସହ ପୂଜା ସମୟରେ ଦୁଇଦିନ ଅନାଥ ଆଶ୍ରମରେ ଖାଦ୍ୟ ବଣ୍ଟନ କରାଯିବ। କ୍ଲବ୍ ପକ୍ଷରୁ ୧ କୁଇଣ୍ଟାଲର ଲଡ୍ଡୁ ଭୋଗ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବ। ଭସାଣିରେ ବ୍ରହ୍ମପୁର ବାଦ୍ୟ ସମେତ ପାରମ୍ପରିକ ବାଦ୍ୟ ସାମିଲ ହେବ।

## ଇ-କେୱାଇସି ପାଇଁ ଜନସେବା କେନ୍ଦ୍ରରେ ଭିଡ଼

**ସୁଭଦ୍ରା ଯୋଜନା**

କଟକ ସଦର,୪।୯(ସୁଶାନ୍ତ କୁମାର ଜେନା)

ସୁଭଦ୍ରା ଯୋଜନାରେ ନାମ ପଞ୍ଜୀକରଣ ପାଇଁ କଟକ ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ଜନସେବା କେନ୍ଦ୍ରରେ ବୁଧବାର ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସକାଳ ୭ଟାରୁ ମହିଳାମାନେ ଫର୍ମ ଧରି ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିଲେ। ହେଲେ ଅପରାହ୍ନ ୧ଟା ପରେ ପୋର୍ଟାଲ ଖୋଲିଥିଲା। ଇ-କେୱାଇସି ଯୋଗୁ ମହିଳାଙ୍କ ବାୟୋମେଟ୍ରିକ ଛାପ ନେବାକୁ ପଡୁଛି। ତେଣୁ ଏଭଳି ଭିଡ ହେଉଛି ବୋଲି ଦଧିବାମନପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଗୋଚ୍ଛାୟତ କହିଛନ୍ତି। ପୂର୍ବରୁ କଂଗ୍ରେସ ଓ ବିଜେଡି ସରକାର ଅମଳରେ ପ୍ରତ୍ୟେକ ସରକାରୀ ସହାୟତା ପାଇଁ ଆଧାର ଲିଙ୍କ୍ କରିବା ବାଧ୍ୟତାମୂଳକ ଥିଲା। ହେଲେ ଏବେ ହୋଇଥିବା ନିୟମ କେବଳ ମହିଳାଙ୍କୁ ହଇରାଣ କରିବା ଉଦ୍ଦେଶ୍ୟ ବୋଲି ଗୋଚ୍ଛାୟତ କହିଛନ୍ତି। ଲୋକସେବା ଭବନରୁ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୧ ମସିହାର ସାମାଜିକ, ଅର୍ଥନୈତିକ ଓ ଜାତିଗତ ସର୍ବେକ୍ଷଣକୁ ହିଁ ମୂଳ ଆଧାର କରାଯିବ। ଏଥିରୁ ଜଣେ ମହିଳାଙ୍କ ଆର୍ଥିକ ସ୍ୱଚ୍ଛଳତା ସମ୍ପର୍କରେ ଜଣାପଡ଼ିବ। ଏହାଛଡା ସମ୍ପୃକ୍ତ ମହିଳା କି ପ୍ରକାରର ସରକାରୀ ସହାୟତା ପାଇଛନ୍ତି କିମ୍ବା ପାଉନାହାନ୍ତି ତାହା ଆଧାର ସଂଖ୍ୟାରୁ ହିଁ ଜଣାପଡ଼ିବ। ଅନ୍ୟପକ୍ଷରେ ସରକାରୀ ସହାୟତା ବ୍ୟାଙ୍କ ଆକାଉଣ୍ଟକୁ ଯାଉଥିବାରୁ ହିତାଧିକାରୀ ଜଣଙ୍କ ପାଇବା ନିଶ୍ଚିତ। ଇ-କେୱାଇସି କେବଳ ହିତାଧିକାରୀ ଜୀବିତ ଥିବା ପ୍ରମାଣିତ କରେ। ତେଣୁ ଏହାକୁ ବର୍ଷର ଅନ୍ୟ ସମୟରେ ମଧ୍ୟ କରାଯାଇପାରେ। ଆବେଦନ ନିୟମରେ କୋହଳ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏହି ନିଷ୍ପତ୍ତି ରାଜ୍ୟ ସରକାରଙ୍କର ହୋଇଥିବାରୁ ଏସମ୍ପର୍କରେ ଅତିରିକ୍ତ ଜିଲାପାଳ ଶିବୋ ଟପୋ ପ୍ରତିକ୍ରିୟା ଦେବା ପାଇଁ ମନା କରିଥିଲେ।

## ମହାନଦୀକୁ ଡେଇଁ ବ୍ୟବସାୟୀ ନିଖୋଜ

କଟକ,୪।୯ (କାର୍ତ୍ତିକ ସାହୁ)

ମଧୁସୂଦନ ସେତୁରୁ ଜଣେ ବ୍ୟବସାୟୀ ମହାନଦୀକୁ ମଙ୍ଗଳବାର ରାତିରେ ଡେଇଁ ନିଖୋଜ ହୋଇଛନ୍ତି। ସେ ହେଲେ ଲାଲବାଗ ଥାନା ଅନ୍ତର୍ଗତ ନୟାସଡ଼କ ଅଞ୍ଚଳର ଅନୁପ ଅଗ୍ରୱାଲ(୫୧)। ଘରେ ଧବଳେଶ୍ୱର ଯିବାକୁ କହି ଆଉ ଫେରି ନ ଥିଲେ। ପୋଲିସ ମଧୁ ସେତୁ ଉପରୁ ତାଙ୍କ ସ୍କୁଟି ସହ ସୁଇସାଇଡ୍ ନୋଟ୍ ଜବତ କରିଛି। ଋଣଭାରରେ ଅତିଷ୍ଠ ହୋଇ ବ୍ୟବସାୟୀ ଜଣଙ୍କ ଆତ୍ମହତ୍ୟା ଉଦ୍ୟମ କରିଥିବା ଲାଲବାଗ ପୋଲିସ ସୁଇସାଇଡ୍ ନୋଟ୍ ଓ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ସୂଚନା ଅନୁସାରେ, ଅପରାହ୍ନ ପ୍ରାୟ ୫ଟାରେ ଅନୁପ ଧବଳେଶ୍ୱର ମନ୍ଦିର ଯାଉଥିବା ପରିବାର ଲୋକଙ୍କୁ କହି ଘରୁ ଏକ ସ୍କୁଟିରେ ବାହାରିଥିଲେ। ରାତି ସୁଦ୍ଧା ତାଙ୍କର ପତ୍ତା ମିଳି ନ ଥିଲା। ତାଙ୍କ ପୁଅ ଶୁଭମ୍ ଏନେଇ ଲାଲବାଗ ଥାନାରେ ଅଭିଯୋଗ କରିଥିଲେ। ସେହି ରାତି ପ୍ରାୟ ୧୦ଟାରେ ମଧୁସୂଦନ ସେତୁରେ ଏକ ସ୍କୁଟି ରଖାଯାଇଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ସ୍କୁଟିର ସିଟ୍ ଉପରେ ଏକ ସୁଇସାଇଡ୍ ନୋଟ ରଖି ପଥରଟିଏ ଥୁଆ ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନାପାଇ ସିଡିଏ ଫେଜ-୨ ଥାନା ପୋଲିସ ସେଠାରେ ପହଞ୍ଚିଥିଲା। ସ୍କୁଟି ସହିତ ସୁଇସାଇଡ୍ ନୋଟ୍‌କୁ ପୋଲିସ ଜବତ କରିଛି। ଅପରପକ୍ଷରେ ବିଡାନାସୀ ଅଗ୍ନିଶମ କର୍ମଚାରୀ ମଙ୍ଗଳବାର ରାତି ଓ ବୁଧବାର ସକାଳେ ମହାନଦୀରେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ମିଳିପାରିନାହିଁ। ଲାଲବାଗ ଥାନାରେ ଏକ ନିଖୋଜ ମାମଲା ରୁଜୁ କରି ପୋଲିସ ତାଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରୁଥିବା ଜଣାପଡିଛି।

## କଳାକାରଙ୍କ ପ୍ରସ୍ତୁତି ଶେଷ
# ପାର୍ବଣରେ ଜମିବ ମେଲୋଡି


ପାର୍ବଣ ପାଇଁ କଣ୍ଠଶିଳ୍ପୀମାନେ ଗୀତ ରିହର୍ସାଲ କରୁଛନ୍ତି।

କଟକ,୪।୯(ଶିଳ୍ପା ପ୍ରିୟଦର୍ଶିନୀ)

ଗଣେଶ ପୂଜାରୁ ଆରମ୍ଭ ହେବ ପାର୍ବଣ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ କ୍ଲବ୍ ଓ ପୂଜା କମିଟି ପକ୍ଷରୁ ମଣ୍ଡପ ନିକଟରେ ମେଲୋଡି ପରିବେଷଣ କରାଯିବ। ଏଥିପାଇଁ ବିଭିନ୍ନ ମେଲୋଡି ଗ୍ରୁପ୍‌ର କଳାକାରମାନେ ଦର୍ଶକଙ୍କୁ ମନଛୁଆଁ ସଙ୍ଗୀତରେ ଝୁମାଇବା ପାଇଁ ଜୋର୍‌ଦାର୍ ପ୍ରସ୍ତୁତି ଚଳାଇଛନ୍ତି। କେତେଜଣ ମେଲୋଡି କଳାକାର ବୁଧବାର ଗୀତ ରିହର୍ସାଲ ଶେଷ କରିଛନ୍ତି। ବିଭିନ୍ନ ସଙ୍ଗଠନ ଓ କ୍ଲବ୍ ପକ୍ଷରୁ ମେଲୋଡି ପାର୍ଟିକୁ ବହିନା ଦିଆସରିଛି। ଆସନ୍ତା ଶନିବାର ଗଣେଶ ପୂଜାରେ ସେମାନେ ନୂଆ, ପୁରୁଣା ଗୀତକୁ ନେଇ ଦର୍ଶକଙ୍କ ମନୋରଞ୍ଜନ କରିବେ। ଏଥିସହ ଦୁର୍ଗାପୂଜା, କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ପାଇଁ ମଧ୍ୟ ମେଲୋଡି ଗ୍ରୁପ୍ ବୁକିଂ ସରିଛି। ଚଳିତବର୍ଷ ଟିଙ୍ଗ ଟିଙ୍ଗ, ସାମିସାମି, ନାଲି ଶାଢି, ରସ ଜାମୁ ଡାଲି ଭଳି ହିଟ୍ ଗୀତରେ ଦର୍ଶକ ଝୁମିବେ। ସୋସିଆଲ ମିଡିଆରେ ଅଧିକ ଆଦୃତ ହୋଇଥିବା ଗୀତଗୁଡିକ ମଧ୍ୟ ମଞ୍ଚରେ ପରିବେଷଣ କରିବା ପାଇଁ ମେଲୋଡି କଳାକାରମାନେ ପ୍ରସ୍ତୁତ ହୋଇଛନ୍ତି। ମନମତାଣିଆ ଗୀତ ସାଙ୍ଗକୁ ଡ୍ୟାନ୍ସ ପରଫର୍ମାନ୍ସ ଦେଖିବାକୁ ମିଳିବ। ଲୋକଙ୍କ ଚାହିଦାକୁ ନଜରରେ ରଖି ସେଲିବ୍ରିଟିଙ୍କୁ ଆଣିବା ପାଇଁ କିଛି ମେଲୋଡି ପାର୍ଟି ବ୍ୟବସ୍ଥା କରିଛନ୍ତି।

### ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦଉ



"ପାର୍ବଣକୁ ଦୃଷ୍ଟିରେ ରଖି ଅଗଷ୍ଟରୁ ଅଭ୍ୟାସ ଆରମ୍ଭ କରିଛୁ। ଗଣେଶ ପୂଜାରେ ସଙ୍ଗୀତ ପରିବେଷଣ ପାଇଁ ବୁଧବାର ପ୍ରସ୍ତୁତି ଶେଷ ହୋଇଛି। ଚଳିତବର୍ଷର ମନଛୁଆଁ ସଙ୍ଗୀତ ଲୋକଙ୍କୁ ଭେଟି ଦେବା ପାଇଁ କଳାକାରମାନେ ପ୍ରସ୍ତୁତ ଅଛନ୍ତି। ଆମ ଗ୍ରୁପ ସର୍ବଦା ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇଥାଏ। ଦର୍ଶକମାନେ ଯାହା ଚାହିଁବେ ଆମ ଗ୍ରୁପ୍‌ର କଳାକାରମାନେ ସେଭଳି ଗୀତ ପରିବେଷଣ କରିବେ।

**ଶ୍ୟାମ କୁମାର, ମାଲିକ, ସର୍‌ଗମ୍ ମେଲୋଡି**

### ଠାକୁର ଦର୍ଶନ ସହ ମେଲୋଡିର ମଜା ନେବେ



"ନୂଆ, ପୁରୁଣା ସଙ୍ଗୀତ ପରିବେଷଣ ପାଇଁ କଳାକାରମାନେ ନିଜକୁ ପ୍ରସ୍ତୁତ କରିଛନ୍ତି। ବୁଧବାର ପ୍ରସ୍ତୁତି ଶେଷ ହୋଇଛି। ଚଳଚ୍ଚିତ୍ର ଗୀତ ଅପେକ୍ଷା ରିଲ୍ସ ଗୀତଗୁଡିକୁ ଅଧିକ ଗୁରୁତ୍ୱ ଦେଉଛୁ। ଏପରି କି ଚଳିତବର୍ଷର ହିଟ୍ ଗୀତଗୁଡିକୁ ମଞ୍ଚରେ ପରିବେଷଣ କରାଯିବ। ମଣ୍ଡପରେ ଲୋକମାନେ ଠାକୁର ଦର୍ଶନ ସହ ମେଲୋଡିର ମଜା ନେବେ ବୋଲି ଆଶା ରହିଛି।

**ଜିତୁ ମଙ୍ଗରାଜ, ମାଲିକ, କିଙ୍ଗ୍ ଆଣ୍ଡ୍ କୁଇନ୍ ମେଲୋଡି**

### ଅଭ୍ୟାସ ଜୋରଦାର କରିଛୁ



"ମଞ୍ଚ ନିକଟରେ ବିଭିନ୍ନ ବୟସର ଦର୍ଶକଙ୍କୁ ଦେଖିବାକୁ ମିଳେ। ସମସ୍ତଙ୍କୁ ନଜରରେ ରଖି କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିଥାନ୍ତି। ଲୋକଙ୍କ ପସନ୍ଦ ଆମ ପସନ୍ଦ। ସେମାନେ ଡିମାଣ୍ଡ୍ କରୁଥିବା ଗୀତକୁ କଣ୍ଠଶିଳ୍ପୀମାନେ ମଞ୍ଚରେ ପରିବେଷଣ କରିଥାନ୍ତି। ଚଳିତବର୍ଷ ବହୁ ଭଲ ଭଲ ଗୀତ ରହିଛି। ଲୋକଙ୍କ ମନୋରଞ୍ଜନ ପାଇଁ ଜୋରଦାର ଅଭ୍ୟାସ କରିଛୁ। ଲୋକଙ୍କୁ ସବୁ ଗୀତ ଭଲ ଲାଗିବ ବୋଲି ଆଶା ରହିଛି।

**ବନ୍ଦିତା ନାୟର, କଣ୍ଠଶିଳ୍ପୀ, ସରଗମ ମେଲୋଡି**

# ବାର୍ଡ ଫ୍ଲୁ : ସ୍ଥିତି ପରଖିଲା କେନ୍ଦ୍ରୀୟ ଟିମ୍

- ମୁଖ୍ୟ ଶାସନ ସଚିବଙ୍କୁ ଦିଆଯିବ ରିପୋର୍ଟ
- କୁକୁଡ଼ା ରପ୍ତାନି, ଆମଦାନୀ ଉପରେ କଟକଣା

ପୁରୀ/ନିମାପଡ଼ା/ବଳଙ୍ଗା/ପିପିଲି,୪।୯(ଅଜିତ୍ କୁମାର ମହାନ୍ତି/ବିଚିତ୍ରାନନ୍ଦ ସାହୁ/କେଦାରେଶ୍ୱର ନନ୍ଦ/ପ୍ରଭାତ ମହାପାତ୍ର)

ପୁରୀ ଜିଲାରେ ବ୍ଲଡ ଫ୍ଲୁ ନେଇ ଚିନ୍ତା ବଢ଼ୁଛି। ହଜାର ହଜାର କୁକୁଡ଼ା ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଜିଲାରେ ବ୍ୟାପିଥିବା ବାର୍ଡ ଫ୍ଲୁ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଟିମ୍ ପଠାଯାଇ କୁକୁଡ଼ା ମରାଯାଉଛି। ଏ ନେଇ ବୁଧବାର କେନ୍ଦ୍ରୀୟ ଟିମ୍ ପୁରୀ ଜିଲା ଗସ୍ତରେ ଆସି ନିମାପଡ଼ା, ବଳଙ୍ଗା, ପିପିଲି, ସାକ୍ଷୀଗୋପାଳ ଆଦି ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। କେନ୍ଦ୍ର ପ୍ରାଣୀ ଚିକିତ୍ସା ମନ୍ତ୍ରଣାଳୟର ଆଡିଶନାଲ କମିଶନର ଡ. ଅଭିଜିତ୍ ମିତ୍ରଙ୍କ ନେତୃତ୍ୱରେ ଆସିଥିବା ଏହି ୩ଜଣିଆ ଟିମ୍ ନିମାପଡ଼ା ବ୍ଲକ ଅଧୀନ କୋଠକୋସାଙ୍ଗ ଗ୍ରାମ ପଞ୍ଚାୟତର ଫାର୍ମଗୁଡ଼ିକୁ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ଏଥିସହ ବିଶୋଧନ କାର୍ଯ୍ୟକ୍ରମର ଅନୁଧ୍ୟାନ କରିଥିଲେ। ସେହିପରି ବାର୍ଡ ଫ୍ଲୁ ସଂକ୍ରମଣ ଆଶଙ୍କାରେ ୪ଟି ଆର୍‌ଆର୍‌ଟିକୁ ନେଇ ଗଠିତ ୪୦ ଜଣିଆ ଟିମ୍ କୋଠକୁସାଙ୍ଗ ଓ ନୂଆସନ୍ଥ ପଞ୍ଚାୟତର ୨ଟି ଫାର୍ମରେ ପ୍ରାୟ ୧୧ ହଜାର କୁକୁଡ଼ା ମରାଯାଇ ଫାର୍ମ ବିଶୋଧନ କରାଯାଇଥିଲା। ପୁରୀ ଜିଲା ପ୍ରାଣୀ ଚିକିତ୍ସା ବିଭାଗ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ରାଜେଶ ପାଣିଗ୍ରାହୀ, ନିମାପଡ଼ା ବିଭିଓ ଡ. ସନ୍ଦିପ୍ତା ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପିପିଲି ତେଇଶିପୁର ୨୪ ନମ୍ବର ଜିଲାପରିଷଦ ସଦସ୍ୟ ଧରଣୀଧର ସାହୁ କେନ୍ଦ୍ରୀୟ ଟିମଙ୍କୁ ଏକ ପତ୍ର ଦେଇ କୁକୁଡ଼ାଚାଷୀଙ୍କ ପାଇଁ ଏକ ସରକାରୀ କୁକୁଡ଼ା ରୋଗ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର ଓ ସ୍ୱତନ୍ତ୍ର ଚିକିତ୍ସକ ବ୍ୟବସ୍ଥା କରିବାକୁ ଦାବି ଜଣାଇଛନ୍ତି। ସନ୍ଧ୍ୟାରେ କେନ୍ଦ୍ରୀୟ ଟିମ୍ ପୁରୀ ସର୍କିଟ ହାଉସ୍‌ରେ ପହଞ୍ଚି ବାର୍ଡ ଫ୍ଲୁ ସଂକ୍ରମଣ ନେଇ ଜିଲା ପ୍ରଶାସନ ସହ ବୈଠକ କରିଛି। ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ପ୍ରାଣୀ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଟିମ୍ ପ୍ରଥମେ ବାର୍ଡ ଫ୍ଲୁ ବ୍ୟାପିଥିବା ଜିଲାର ବିଭିନ୍ନ ସ୍ଥାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ସନ୍ଧ୍ୟାରେ ପୁରୀ ଆସି ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଜିଲାରେ ବାର୍ଡ ଫ୍ଲୁ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା କେନ୍ଦ୍ରୀୟ ଟିମ୍ ମତ ରଖିଛି। ସଂକ୍ରମିତ ଅଞ୍ଚଳର ଏକ କିଲୋମିଟର ପରିଧି ଭିତରେ ଥିବା ବ୍ୟକ୍ତିମାନେ ଚିକେନ ନ ଖାଇବା ପାଇଁ ପରାମର୍ଶ ଦିଆଯାଇଛି। ବୈଠକ ସମ୍ପର୍କରେ ଏଚ୍ ଆଣ୍ଡ ଭିଏସ୍ ନିର୍ଦ୍ଦେଶକ ରାମାଶିଷ ହାଜରା ସୂଚନା ଦେଇ କହିଛନ୍ତି, ଜିଲାରେ ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଯେଉଁ ସବୁ ସ୍ଥାନରେ ସଂକ୍ରମଣ ଦେଖାଯାଇଥିଲା, ସେହି ଅଞ୍ଚଳରେ ଥିବା ସେଣ୍ଟରଗୁଡ଼ିକୁ ସାନିଟାଇଜ କରାଯାଉଛି। ରାଜ୍ୟ ସରକାର ସମସ୍ତ ନିୟମ ଅନୁପାଳନ କରି ବ୍ୟବସ୍ଥା ଗ୍ରହଣ କରୁଛନ୍ତି। ଯାହା ବି କିଛି ରହିଛି, ତାହା ଆସନ୍ତାକାଲିଠାରୁ ଭଲ ଭାବେ କରାଯିବ। ଯେଉଁ ସ୍ଥାନରେ ସଂକ୍ରମଣ ହୋଇଛି, ତାହାର ୧୦ କିଲୋମିଟର ବ୍ୟବଧାନ ମଧ୍ୟରେ କୁକୁଡ଼ା ରପ୍ତାନୀ ଓ ଆମଦାନୀ ଉପରେ କଟକଣା ଜାରି କରାଯାଇଛି। ଏଥିପାଇଁ ସଚେତନ ମଧ୍ୟ କରାଯାଉଛି। ତେବେ ବାର୍ଡ ଫ୍ଲୁକୁ ନେଇ ଜନସାଧାରଣ ଭୟଭୀତ ହେବାର ଆବଶ୍ୟକତା ନାହିଁ। ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ, ବନ ବିଭାଗ, ପ୍ରଶାସନିକ ଅଧିକାରୀ, ପୋଲିସ ଅଧିକାରୀ, ମେଡିକାଲ୍ ଟିମ୍ ପ୍ରମୁଖ ଭୂମିକା ଓ ଆବଶ୍ୟକତା ରହିଛି। ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଏଥିସହ ବାର୍ଡ ଫ୍ଲୁ ସଂକ୍ରମିତ ଅଞ୍ଚଳକୁ ସାନିଟାଇଜ୍ କରାଯାଉଛି। ଟିମ୍ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ସମ୍ପୂର୍ଣ୍ଣ ରିପୋର୍ଟକୁ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରାଯିବ ବୋଲି ହାଜରା କହିଛନ୍ତି। ସେହିପରି ପ୍ରାଣୀ ବିଭାଗ କମିଶନର ଅଭିଜିତ ମିତ୍ର କହିଛନ୍ତି, ଗଠନ କରାଯାଇଥିବା ଟିମ୍‌ଗୁଡ଼ିକ ସେଣ୍ଟର ବିଶୋଧନ କରୁଛନ୍ତି। ଫାର୍ମଗୁଡିକ ନିୟମ ଅନୁପାଳନ କରିବା ଉଚିତ୍। ଫାର୍ମ ମାଲିକ ଓ ଜନସାଧାରଣ ସଚେତନ ହେଲେ ବାର୍ଡ ଫ୍ଲୁ ରୋକାଯାଇ ପାରିବ।



# ବେଆଇନ କୋଠା ଭାଙ୍ଗିଲା ପ୍ରଶାସନ

## ନୋଟିସକୁ ଅଣଦେଖା କରି ଘର ନିର୍ମାଣ ମହଙ୍ଗା ପଡ଼ିଲା



ପୁରୀ,୪।୯(ଅଜିତ୍ କୁମାର ମହାନ୍ତି)

ପୁରୀ ବଳିଆପଣ୍ଡା ତହସିଲ ଅନ୍ତର୍ଗତ ସରକାରୀ ଜାଗା ଉପରେ ବେଆଇନ ଭାବେ ନିର୍ମାଣ ଚାଲିଥିବା ଏକ କୋଠାକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ବୁଧବାର ପ୍ରଶାସନ ପକ୍ଷରୁ ବୁଲଡୋଜର ଲଗାଯାଇ ନିର୍ମାଣାଧୀନ କୋଠାକୁ ଭଙ୍ଗାଯାଇଛି। ଉଚ୍ଛେଦ ସମୟରେ ପୋଲିସ ଫୋର୍ସ ସମେତ ପୁରୀ ତହସିଲଦାର ଓ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ତହସିଲଦାର ଅଭିଷେକ ଦାଶ କହିଛନ୍ତି, ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉଥିବା ଘରଟି ସରକାରୀ ଜାଗା ଉପରେ ନିର୍ମାଣ କରାଯାଉଥିଲା। ମୁଖ୍ୟତଃ ଉକ୍ତ ଅଞ୍ଚଳ ସରକାରୀ ଜାଗା। ହାଉସିଂ ବୋର୍ଡ ଲିଜ୍ ଆଧାରରେ ଲୋକେ ଘର କରି ରହିଛନ୍ତି, ତେଣୁ କାହାର ପଟ୍ଟା ନାହିଁ। ତେବେ ଯେଉଁ ବ୍ୟକ୍ତିମାନେ ନୂତନ ଭାବେ ଘର ନିର୍ମାଣ କରୁଛନ୍ତି, ସେମାନଙ୍କୁ ପ୍ରଥମେ ପ୍ରଶାସନଠାରୁ ଅନୁମତି ସହ ହାଉସ ପ୍ଲାନିଂ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଜାଗା ଉପରେ ବେଆଇନ ଭାବେ କୋଠା ନିର୍ମାଣ ଚାଲିଥିବା ପ୍ରଶାସନ ନଜରକୁ ଆସିଥିଲା। ଏହା ପରେ ବିଭାଗ ପକ୍ଷରୁ ପୂର୍ବରୁ ୪ ଥର ନୋଟିସ ଜାରି କରାଯାଇଥିଲା। ଉପଯୁକ୍ତ ଅନୁମତି ଆଣିବା ପର୍ଯ୍ୟନ୍ତ ଘର କାର୍ଯ୍ୟ ସ୍ଥଗିତ ରଖିବାକୁ କୁହାଯାଇଥିଲା। ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରିବା ପାଇଁ ମଧ୍ୟ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ସମ୍ପୃକ୍ତ ବ୍ୟକ୍ତି ପ୍ରଶାସନର ନୋଟିସ୍‌କୁ ଅବମାନନା କରି ନିର୍ମାଣ କାର୍ଯ୍ୟ ଜାରି ରଖିଥିଲେ। ପ୍ରଥମେ ନୋଟିସ ସମୟରେ ଘରର ଗ୍ରାଉଣ୍ଡ ଫ୍ଲୋର୍ କାର୍ଯ୍ୟ ଚାଲିଥିଲା। ମାତ୍ର ବର୍ତ୍ତମାନ ପ୍ରଥମ ମହଲା କାର୍ଯ୍ୟ ଶେଷ ହୋଇ ଦ୍ୱିତୀୟ ମହଲା ନିମନ୍ତେ କଲମ କାର୍ଯ୍ୟ ଚାଲିଥିଲା। ଗତ ଏକ ମାସ ଧରି ବେଆଇନ ଭାବେ ଘର ନିର୍ମାଣ କରୁଥିବା ବ୍ୟକ୍ତିଙ୍କୁ ବାରମ୍ବାର ନୋଟିସ ଦିଆଯାଉଥିଲେ ମଧ୍ୟ ସେ ଏହାକୁ ଅବମାନନା କରି ନିର୍ମାଣ କାର୍ଯ୍ୟ ଜାରି ରଖିଥିଲେ। ତେଣୁ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉଚ୍ଛେଦ କାର୍ଯ୍ୟ କରାଯାଇଛି। ତେବେ ସଂପୃକ୍ତ ଅଞ୍ଚଳରେ ଏଭଳି ବେଆଇନ ନିର୍ମାଣ ନେଇ ୧୨ଜଣଙ୍କୁ ନୋଟିସ୍ ଜାରି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅନ୍ୟମାନେ ପ୍ରଶାସନର ନିର୍ଦ୍ଦେଶକୁ ମାନିଥିବା ଜଣାପଡ଼ିଛି। ଆଗକୁ ଯେଉଁମାନେ ପ୍ରଶାସନର ନିର୍ଦ୍ଦେଶକୁ ଅବମାନନା କରି ଏପରି ବେଆଇନ ନିର୍ମାଣ କରିବେ, ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର କହିଛନ୍ତି।




୦୪।୦୯।୨୦୨୪

| | |
|---|---|
| ୪,୩୦,୬୭୪ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୧୮.୫୦୦ ଗ୍ରାମ୍ |

## ସମୁଦ୍ରରେ ଭାସିଯାଇ ବଙ୍ଗୀୟ ପର୍ଯ୍ୟଟକ ମୃତ

ପୁରୀ,୪।୯(ଅଜିତ୍ କୁମାର ମହାନ୍ତି)–ପୁରୀ ସମୁଦ୍ରରେ ବୁଧବାର ଗାଧୋଉଥିବାବେଳେ ଭାସିଯାଇ ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ବାଙ୍କୁରା ଜିଲା ନିତ୍ୟାନନ୍ଦପୁରର ସୁଶାନ୍ତ ଅଧିକାରୀ। ସୂଚନା ଅନୁଯାୟୀ, ସୁଶାନ୍ତ ପରିବାର ସହ ପୁରୀ ବୁଲିବାକୁ ଆସିଥିଲେ। ବୁଧବାର ସେ ସ୍ୱର୍ଗଦ୍ୱାର ସମ୍ମୁଖ ସମ୍ମୁଖ ସମୁଦ୍ରରେ ଗାଧୋଉଥିଲେ। ଏହି ସମୟରେ ବଡ଼ ଲହଡ଼ି ମାଡ଼ରେ ସେ ସମୁଦ୍ର ମଧ୍ୟକୁ ଭାସିଯାଇଥିଲେ। ଶୁଶାନ୍ତଙ୍କୁ ସେଠାରେ ଉପସ୍ଥିତ ଥିବା ଲାଇଫ ଗାର୍ଡମାନେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମେଡିକାଲକୁ ଆଣିଥିଲେ। ତେବେ ମେଡିକାଲରେ ଶୁଶାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।



ଶ୍ରୀକୃଷ୍ଣ ଲୀଳା ଅବସରରେ ମାଟିମଣ୍ଡପସାହି ଆଖଡ଼ା ପକ୍ଷରୁ ଦାବାଗ୍ନି ଲୀଳା ନୀତି ସମ୍ପନ୍ନ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ନୀତି

ପୁରୀ,୪।୯(ଅଜିତ୍ କୁମାର ମହାନ୍ତି)

ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି ବା ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଚାଲିଛି ଶ୍ରୀକୃଷ୍ଣ ଲୀଳା। ଏହି କ୍ରମରେ ଭାଦ୍ରବ ମାସ ଶୁକ୍ଳ ପ୍ରତିପଦା ତିଥି ବୁଧବାର ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟାଧୂପ ବଢ଼ିବା ପରେ ରାମକୃଷ୍ଣ ମହାଜନ ସେବକଙ୍କ ହସ୍ତରେ ରତ୍ନସିଂହାସନକୁ ବିଜେ ହୋଇଥିଲେ। ସେଠାରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ସେଠାରୁ ନାଟମନ୍ଦିର ଖଟଶେଯ ଉପରେ ବିଜେ କରିଥିଲେ। ଶୀତଳ ଭୋଗ ଓ ବନ୍ଦାପନା ସମ୍ପନ୍ନ ହେବା ପରେ ମାଟିମଣ୍ଡପ ସାହିର ଉତ୍ତର କାଳୀ ଆଖଡ଼ା ପକ୍ଷରୁ ଦାବାଗ୍ନି ଲୀଳା ପ୍ରସ୍ତାବ ଆଗତ କରାଯାଇଥିଲା। ବେଶଧାରୀମାନେ ମାଟିମଣ୍ଡପ ସାହିର ଉତ୍ତର କାଳୀ ଆଖଡ଼ାରୁ ବାହାରି ନଗର ପରିକ୍ରମା କରି ଶ୍ରୀମନ୍ଦିର ପରିସରକୁ ଯାଇଥିଲେ। ପରେ ଆଜ୍ଞାମାଳ ପାଇ ଦାବାଗ୍ନି ଅସୁର ପ୍ରକୋପ ଦେଖାଇଥିଲା। ପରେ କୃଷ୍ଣ ଓ ବଳରାମଙ୍କ ହସ୍ତରେ ବଧ ହୋଇଥିଲା। ଦାବାଗ୍ନି ଶବ୍ଦର ଅର୍ଥ ବହ୍ନି। ଯେତେବେଳେ ଭଗବାନ ଶ୍ରୀକୃଷ୍ଣ କାଳୀୟଦଳନ କଲେ, ସେଦିନ କୌଣସି ଗୋପୀଗୋପାଳ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରି ନ ଥିଲେ। ସମସ୍ତେ ଯମୁନା ନଦୀ କୂଳରେ ଥିବା ଜଙ୍ଗଲରେ ରହିଯାଇଥିଲେ। ସେହିଦିନ ରାତିରେ ପ୍ରଚଣ୍ଡ ବେଗରେ ଦାବାଗ୍ନି ପ୍ରଜ୍ୱଳିତ ହେଲା। ତାହା ଏତେ ପ୍ରଚଣ୍ଡ ଥିଲା ଯେ, ତାହାକୁ ଦେଖି ନନ୍ଦ, ଯଶୋଦା, ଗୋପୀଗୋପାଳ ସମସ୍ତେ ଭୟଭୀତ ହୋଇପଡ଼ିଥିଲେ। ତେଣୁ ସେମାନେ ଭଗବାନ ଶ୍ରୀକୃଷ୍ଣଙ୍କ ଶରଣ ପଶିଥିଲେ। ଶ୍ରୀକୃଷ୍ଣ ସର୍ବସମ୍ମୁଖରେ ସେହି ଦାବାଗ୍ନିକୁ ଭକ୍ଷଣ କରିଥିଲେ। ଫଳରେ ଜଙ୍ଗଲ ରକ୍ଷା ପାଇବା ସହ ସମସ୍ତେ ଆଶ୍ୱସ୍ତି ଲାଭ କରିଥିଲେ। ସେହି ଦ୍ୱାପର ଯୁଗର ଲୀଳାକୁ ସ୍ମରଣ କରାଯାଇ ଶ୍ରୀମନ୍ଦିରରେ ଏହି ଲୀଳା ଅନୁଷ୍ଠିତ ହୋଇଥାଏ।

## ଅକ୍ଟୋବରରେ ପୁରୀରେ ହେବ ଆର୍ମି ନିଯୁକ୍ତି ରାଲି

ପୁରୀ,୪।୯(ଅଜିତ କୁମାର ମହାନ୍ତି)

ଆସନ୍ତା ଅକ୍ଟୋବର ମାସରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଭାରତୀୟ ଆର୍ମି ପକ୍ଷରୁ ନିଯୁକ୍ତି ରାଲି ହେବ। ପୂର୍ବରୁ ଅନୁଷ୍ଠିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ଏହି ରାଲିରେ ଶାରୀରିକ ପରୀକ୍ଷା ଦେବେ। ଏହି ନିଯୁକ୍ତି ରାଲିକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ପୂର୍ବାହ୍ନରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ପରାମର୍ଶକ୍ରମେ ପୁରୀ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ବିଭିନ୍ନ ବିଭାଗକୁ ପ୍ରଦାନ କରାଯାଉଥିବା ଦାୟିତ୍ୱକୁ ଠିକ୍ ଭାବେ ନିର୍ବାହ କରିବାକୁ ଅନୁରୋଧ କରିଥିଲେ। ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ଶିବିର, ଅଗ୍ନି ନିର୍ବାପକ, ରହଣି, ନେଟ୍, ବ୍ୟାରିକେଡ୍ ଓ ଟେଣ୍ଟ, ପାନୀୟଜଳ, ପରିମଳ, ବିଦ୍ୟୁତ ଯୋଗାଣ, ସୂଚନା ପ୍ରଦାନ, ପରିଷ୍କାର ପରିଚ୍ଛନ୍ନତା, ଖାଦ୍ୟ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସମ୍ପୃକ୍ତ ବିଭାଗକୁ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ପରାମର୍ଶ ଦିଆଯାଇଛି। ପ୍ରାରମ୍ଭରେ ଜିଲା ନିୟୋଜନ ଅଧିକାରୀ ସୁବାସ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଆର୍ମି ରିକ୍ରୁଟମେଣ୍ଟ ବୋର୍ଡର ମେଜର ହେମେନ୍ଦ୍ର ସିଂ ଓ ସାଥୀ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ସହ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପରକୀୟା ପ୍ରୀତିରୁ ହତ୍ୟା ଘଟଣାରେ ୨ ଗିରଫ

ପିପିଲି,୪।୯(ପ୍ରଭାତ କୁମାର ମହାପାତ୍ର)

ଗତ ୧ ତାରିଖରେ ପରକୀୟା ପ୍ରୀତିରୁ ବବୁଲ୍ ଓରଫ ନୀଳକଣ୍ଠ ପାଇକରାୟଙ୍କୁ ହତ୍ୟା ଘଟଣାରେ ବୁଧବାର ପିପିଲି ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ଆବେଦନ ଖାରଜହେବାରୁ ଉଭୟଙ୍କୁ ଜେଲ୍ ହାଜତକୁ ପଠାଯାଇଛି ବୋଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି। ସେମାନେ ହେଲେ ବାଲିମେଳା ସାହିର ଭରତ ମଲିକଙ୍କ ବଡ଼ ପୁଅ ତପନ କୁମାର ଦାସ ଓ ସାନପୁଅ ଅନାଦି ଦାସ। ଏନେଇ ଥାନାରେ ୩୮୪/୨୪ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଅନାଦି ପୋଲିସ ଆଗରେ ହତ୍ୟାକାଣ୍ଡ କରିଥିବା ସ୍ୱୀକାର କରିଛନ୍ତି। ମଙ୍ଗଳବାର ଅନାଦିଙ୍କୁ ପୋଲିସ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଶନ କରି ଅନୁସନ୍ଧାନ କରିଥିଲେ। ସିନ୍ ରିକ୍ରିଏଶନ ବେଳେ ପଡ଼ିଥିବା ଗାମୁଛା, ଚପଲ ଓ ଗଞ୍ଜିକୁ ପୋଲିସ ଜବତ କରିଛି। ଏଥିରେ ତପନଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରି ଉଭୟ ଭାଇଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ବାପା ଓ ପରକୀୟା ପ୍ରୀତିର ସୂତ୍ରଧର ଭାଉଜଙ୍କୁ ପୋଲିସ ପଚରାଉଚରା ପରେ ଛାଡ଼ି ଦେଇଛି।

## ଫେରାର ୨ ଅଭିଯୁକ୍ତ ଗିରଫ

ବଳଙ୍ଗା,୪।୯(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଲଣ୍ଡାପଡ଼ା ଛକଠାରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ୧୧ ମାସ ଧରି ଫେରାର୍ ଥିବା ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବଳଙ୍ଗା ପୋଲିସ୍ ବୁଧବାର କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ ମାର୍କଣ୍ଡପୁର ଗ୍ରାମର ଦୀପରୁ ପ୍ରଧାନ ଓ ସୁକାନ୍ତ ବେହେରା ବୋଲି ପୋଲିସ ସୂଚନା ଦେଇଛି।

# ସୁଭଦ୍ରା ପାଇଁ ବାଧକ ସାଜିଛି ଆଧାର

- ଆଧାର ସଂଶୋଧନ ପାଇଁ ଅସମ୍ଭାଳ ଭିଡ଼
- ନିୟମ ସରଳୀକରଣ କରିବାକୁ ଜନସାଧାରଣଙ୍କ ଦାବି

ସାକ୍ଷୀଗୋପାଳ,୪।୯
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)



ସୁଭଦ୍ରା ପାଇଁ ଆଧାର ବାଧକ ସାଜିଛି। ବୁଧବାରଠାରୁ ସୁଭଦ୍ରା ଯୋଜନା ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏଥିପାଇଁ ସତ୍ୟବାଦୀରେ ଥିବା ଜନସେବା କେନ୍ଦ୍ର, ପୋଷ୍ଟ ଅଫିସ୍, ବ୍ୟାଙ୍କ ଓ ଆଧାର ସଂଶୋଧନ କେନ୍ଦ୍ରରେ ହିତାଧିକାରୀଙ୍କ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଛି। ବିଶେଷକରି ଆଧାର କାର୍ଡରେ ଜନ୍ମ ତାରିଖ ସହ ବ୍ୟାଙ୍କ୍ ଆକାଉଣ୍ଟରେ ମୋବାଇଲ ନମ୍ବର ସଂଯୋଗକୁ ନେଇ ମହିଳାମାନେ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ଏପରିକି କିଛି ହିତାଧିକାରୀଙ୍କ କାର୍ଡରେ ଏଭଳି ସମସ୍ୟା ରହିଛି ତାହାର ସମାଧାନ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ହୋଇ ନ ପାରେ। ଏହି ନିୟମକୁ ନେଇ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ୧୭ ତାରିଖରେ ଯୋଜନାର ପ୍ରଥମ କିସ୍ତି ମିଳିବାକୁ ଥିବାରୁ ୧୩ ଦିନ ମଧ୍ୟରେ ଆଧାରରେ ମୋବାଇଲ ନମ୍ବର ସଂଯୋଗ ହୋଇପାରିବ କି ନାହିଁ ତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ଅନେକ ହିତାଧିକାରୀଙ୍କ ଆଧାର କାର୍ଡରେ ସ୍ୱାମୀ ଓ ପିତାଙ୍କ ନାମ ବଦଳରେ ଭିନ୍ନ ନାମ ରହିଛି। ଠିକଣାକୁ ନେଇ ମଧ୍ୟ କିଛି ସମସ୍ୟା ରହିଛି। ତେଣୁ ଆଧାର ସଂଶୋଧନ କେନ୍ଦ୍ରରେ ଏସବୁ ସଂଶୋଧନ କରିବା ପାଇଁ ନର୍ଦ୍ଦିଷ୍ଟ ନିୟମ ରହିଛି। ଆଧାର ପ୍ରସ୍ତୁତ ସମୟରେ ଯେଉଁ ମୋବାଇଲ ନମ୍ବର ଯୋଡ଼ିଥିଲେ, ତାହା ଏବେ ଅଧିକାଂଶ ଲୋକଙ୍କ ପାଖରେ ନାହିଁ। ଆଧାରକାର୍ଡ, ବ୍ୟାଙ୍କ ଜମା ଖାତା ଓ ମୋବାଇଲ ନମ୍ବର ସୁଭଦ୍ରା ଯୋଜନା ପାଇଁ ଅନିବାର୍ଯ୍ୟ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବ୍ୟାଙ୍କ ଜମା ଖାତା ସହ ଆଧାର ଓ ମୋବାଇଲ ନମ୍ବର ସଂଯୋଗ ଏବଂ ଆଧାର ସହ ମୋବାଇଲ୍ ସଂଯୋଗ ନିଶ୍ଚିତ ଆବଶ୍ୟକ ବୋଲି କୁହାଯାଇଛି। ଏହି ସମସ୍ୟା ନେଇ ସାକ୍ଷୀଗୋପାଳ ଉପଡାକଘର ଅଧିକାରୀ ପବିତ୍ର କୁମାର ସ୍ୱାଇଁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ମଙ୍ଗଳବାରଠାରୁ ସାକ୍ଷୀଗୋପାଳ ଡାକଘରେ ଆଧାର କାର୍ଡ ଠିକ୍ କରିବା ପାଇଁ ମହିଳାଙ୍କ ଭିଡ଼ ହେଉଛି। ଏହାକୁ ଲକ୍ଷ୍ୟ କରି ଆମର ୨ଜଣ କର୍ମଚାରୀ ଆଧାର କାର୍ଡ କାମ କରୁଛନ୍ତି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏଠାକୁ ଆସୁଥିବା ଅଧିକାଂଶ ମହିଳାଙ୍କ କାର୍ଡରେ ଅନେକ ସମସ୍ୟା ରହିଛି, ତେଣୁ କାର୍ଯ୍ୟରେ ବିଳମ୍ବ ହେଉଛି। ମଙ୍ଗଳବାର ଓ ବୁଧବାର ୨ ଦିନ ମଧ୍ୟରେ ୨୫୦ ଜଣଙ୍କ ଆଧାର କାର୍ଡ ସମସ୍ୟାର ସମାଧାନ କରାଯାଇଛି। ଏହି ନିୟମରେ ସରଳୀକରଣ କରିବା ପାଇଁ ମହିଳାମାନେ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ବେଳାଭୂମିରେ ମଦଟୁଙ୍ଗି ଖୋଲାଯିବା ନିଷ୍ପତ୍ତିକୁ ବିରୋଧ

ପୁରୀ,୪।୯(ଅଜିତ୍ କୁମାର ମହାନ୍ତି)

ନିଶା ହଟାଅ ଦେଶ ବଞ୍ଚାଅ, ମଦମୁକ୍ତ ଓଡ଼ିଶା ଓ ବେଳାଭୂମି ମଦକୁଡ଼ୁଆ ଯୋଜନାକୁ ବନ୍ଦ କରାଯାଉ ବୋଲି ଦାବି କରି ପୁରୀରେ ବୁଦ୍ଧିଜୀବୀ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଦ୍ୱାରା ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ନୂତନ ମଦଟୁଙ୍ଗି ଖୋଲାଯିବା ନିଷ୍ପତ୍ତି ବିରୋଧରେ ଭକ୍ତ ସାଲବେଗ ସମ୍ମିଳନୀ କକ୍ଷରେ ୪୦ରୁ ଊର୍ଦ୍ଧ୍ୱ ସଙ୍ଗଠନକୁ ନେଇ ଏହି ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଥିଲେ, ଯେଭଳି ଗଙ୍ଗା ଆମର ମା' ସେହିଭଳି ମହାନଦୀ, ଋଷିକୁଲ୍ୟା, ଭାର୍ଗବୀ ଆଦି ନଦୀ ଆମର ମା'। ନଦୀ କୂଳରୁ ଜନବସତି ଆରମ୍ଭ ଓ ନଦୀ କୂଳରୁ ତୀର୍ଥକ୍ଷେତ୍ର ସୃଷ୍ଟି, ସମୁଦ୍ରକୁ ଆମେ ଦେବତା ରୂପେ ପୂଜାକରୁ। ମହାଲକ୍ଷ୍ମୀଙ୍କ ବାପଘର, ଭାରତବର୍ଷରେ ତୀର୍ଥକ୍ଷେତ୍ର ରୂପେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ରହିଛି। ସନାତନୀର ଦ୍ୱାହି ଦେଇ ମଦମୁକ୍ତ ଓଡ଼ିଶା ଗଠନର ପ୍ରତିଶ୍ରୁତି ଦେଇ ଭାଜପା ସରକାରକୁ ଆସିଲା ପରେ ସମୁଦ୍ର କୂଳ, ନଦୀ କୂଳ ଓ ଡ୍ୟାମ କୂଳରେ ମଦର ଟୁଙ୍ଗି ଖୋଲାଯିବା ପ୍ରସ୍ତାବ ଦେଇଛନ୍ତି। ଏହାକୁ କେବେବି ଗ୍ରହଣ କରାଯିବ ନାହିଁ ବୋଲି କହିଥିଲେ।



## ୪୦ରୁ ଊର୍ଦ୍ଧ୍ୱ ସଙ୍ଗଠନକୁ ନେଇ ମିଳିତ ବୈଠକ

ଓଡ଼ିଶା ଯୁବ ଚେତନା ସଂଗଠକ ବଦ୍ରି ମିଶ୍ର ବୈଠକରେ ସଭାପତିତ୍ୱ କରି ପୁରୀ ବିଧାୟକ, ଏମ୍‌ପି ମଦର ଟୁଙ୍ଗି ବିରୋଧ କରିବା ସହ ଜନତାଙ୍କ ସହ ରହି ସ୍ୱର ଉତ୍ତୋଳନ କରନ୍ତୁ ନଚେତ୍ ନୈତିକତା ଦୃଷ୍ଟିରୁ ନିଜ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି କହିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ରଘୁନାଥ ମହାପାତ୍ର କହିଛନ୍ତି, ଓଡ଼ିଆ ଅସ୍ମିତା କହି ଭୋଟ ନେବା କିନ୍ତୁ ଓଡ଼ିଆଙ୍କ ପାଇଁ କିଛି ନ କରିବା, ମଦ ଟୁଙ୍ଗିକୁ ତୀବ୍ର ବିରୋଧ ହେବ। ୮୬ ବର୍ଷ ବୟସରେ ସେ ମଧ୍ୟ ଯୁବକ ହୋଇ ଆଗରେ ଠିଆ ହେବେ ବୋଲି କହିଥିଲେ। ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର କହିଥିଲେ, ରାଜ୍ୟ ସରକାରଙ୍କ ଦୋମୁହାଁ ନୀତି ଯଦି ପୁରୀ ଭଳି ତୀର୍ଥକ୍ଷେତ୍ରରେ ମଦର କୁଡ଼ିଆ ଖୋଲାଯାଏ ତେବେ ପ୍ରତ୍ୟେକ ଦିନ ପାଳି କରି ମଦ ଦୋକାନ ଆଗରେ ଧାରଣା ଦେବେ। ଅନ୍ୟମାନଙ୍କ ମଧ୍ୟରେ ଆମ୍ ଆଦ୍‌ମୀ ପାର୍ଟିର ଜିଲା ସଭାପତି ଶିବ ମହାନ୍ତି, ତପୋଭୂମି ଟ୍ରଷ୍ଟ ଚିତରୂପା ଷଡ଼ଙ୍ଗୀ, ପୁରୀ ବାର୍ ଆସୋସିଏସନ୍ ସହ ସମ୍ପାଦକ ଅଧିବକ୍ତା ବିଶ୍ୱଜିତ୍ ପ୍ରଧାନ, ପଣ୍ଡିତ ହରିଶଙ୍କର ମିଶ୍ର, ଭଏସ୍ ଅଫ୍ କମନ୍ ମ୍ୟାନ୍ ଆବାହକ ହେକ୍ଟର ମିଶ୍ର, ଶ୍ରମିକ ନେତା ଜଗନ୍ନାଥ ଦେଓ, ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଦସ୍ୟ ମଳୟ ତ୍ରିପାଠୀ, ପୂର୍ବତନ ସେନା ଅଧିକାରୀ ପବିତ୍ର ଦଳେଇ, ଉତ୍କଳ ବିଦ୍ୱତ୍ ପରିଷଦ ସଭାପତି ମନୋଜ ରଥ, ଶ୍ରୀକ୍ଷେତ୍ର ପୁସ୍ତକ ମେଳା ସମ୍ପାଦକ ଚକ୍ରଧର ମହାପାତ୍ର, ବିଦ୍ୟୁଲତା ଆଚାର୍ଯ୍ୟ, ସୂର୍ଯ୍ୟ ନାରାୟଣ ରଥ, ସାମ୍ବାଦିକ ବିଷ୍ଣୁଦତ୍ତ ଦାସ, ଅଧିବକ୍ତା କାଳୀ ପ୍ରସାଦ ନାୟକ, ସୁକାନ୍ତ ପ୍ରଧାନ, ବନିତା ଦୀକ୍ଷିତ, ସିଲି ସେଠୀ, ଅବିନାଶ ମିଶ୍ର, ତ୍ରିଲୋଚନ ଦାସ, ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦାନ କରି ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିବା ସହ ଘୋର ନିନ୍ଦା କରିଥିଲେ।




ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପ୍ରସଙ୍ଗରେ ପୁରାତନ ଛାତ୍ର ସଙ୍ଗଠନ ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ମଶାଲ ଶୋଭାଯାତ୍ରା।

ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ୨ ଗୋଷ୍ଠୀ ମୁହାଁମୁହିଁ।

# ମଶାଲ ଶୋଭାଯାତ୍ରାବେଳେ ୨ ଗୋଷ୍ଠୀ ଧସ୍ତାଧସ୍ତି

କଟକ,୪।୯ (କାର୍ତ୍ତିକ ସାହୁ)

**ରେଭେନ୍ସା ନାମ ପରିବର୍ତ୍ତନ ମନ୍ତବ୍ୟର ପ୍ରତିବାଦ**

ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ମନ୍ତବ୍ୟକୁ ନେଇ ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ପ୍ରତିବାଦ ଜାରି ରହିଛି। ତେବେ ବୁଧବାର ସନ୍ଧ୍ୟାରେ ପୁରାତନ ଛାତ୍ରୀଛାତ୍ରମାନଙ୍କର ଏକ ଗୋଷ୍ଠୀ ମଶାଲ ଶୋଭାଯାତ୍ରା କରୁଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ସହ ଧସ୍ତାଧସ୍ତି ହୋଇଛି। ଏହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା।

ସୂଚନା ଅନୁସାରେ, ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରୁ ମଶାଲ ଶୋଭାଯାତ୍ରା ବାହାରି କ୍ୟାମ୍ପସ ପରିକ୍ରମା କରିଥିଲା। ପରେ ଶୋଭାଯାତ୍ରାକାରୀମାନେ ପରିସର ବାହାରକୁ ଯାଉଥିବାବେଳେ ଫାଟକ ସମ୍ମୁଖରେ ଧାରଣାରେ ବସିଥିବା ଅନ୍ୟ ଏକ ଗୋଷ୍ଠୀର ପୁରାତନ ଛାତ୍ରୀଛାତ୍ର ସେମାନଙ୍କୁ ଯିବାକୁ ଦେଇ ନ ଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ସହ ଧସ୍ତାଧସ୍ତି ହୋଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଥିବା ପୋଲିସ ଏହାର ସମାଧାନ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା ବୋଲି ମାଲଗୋଦାମ ଆଇଆଇସି ରଜନୀକାନ୍ତ ଦାସ କହିଛନ୍ତି। ଏହାପରେ ମଶାଲ ଶୋଭାଯାତ୍ରା କଲେଜ ଛକ ରାସ୍ତାରେ ରାଣୀହାଟ ଘଣ୍ଟା ଘର ପର୍ଯ୍ୟନ୍ତ ଯାଇ ସେଠାରୁ ଫେରି ନେତାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଶେଷ ହୋଇଥିଲା।

## ଏଆଇଡିଏସ୍‌ଓ ପକ୍ଷରୁ ଦସ୍ତଖତ ସଂଗ୍ରହ ଅଭିଯାନ

ଏଆଇଡିଏସଓ ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ପ୍ରତିବାଦ କରାଯାଇଛି। ଏହି ମର୍ମରେ ଏକ ଦସ୍ତଖତ ଅଭିଯାନ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ତାଙ୍କର ମନ୍ତବ୍ୟ ପ୍ରତ୍ୟାହାର କରିବା, ଆବଶ୍ୟକ ଅଧ୍ୟାପକ, ଶିକ୍ଷା କର୍ମଚାରୀ ନିଯୁକ୍ତି ସହ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବାକୁ ସ୍ମାରକପତ୍ରରେ ଦର୍ଶାଯାଇଛି। ଏଆଇଡିଏସଓ ଓଡ଼ିଶା ରାଜ୍ୟ ପରିଷଦର ସମ୍ପାଦକ ସିଦ୍ଧାର୍ଥ ରଥ, ଉପ ସଭାପତି ଭାଗ୍ୟରବି ଦାସ, ସମ୍ପାଦକ ମଣ୍ଡଳୀ ସଦସ୍ୟ ବିନୋଦ ସେଠୀ, ଜିଲା କମିଟି ସଭାପତି ଇଶା ଧର, ସମ୍ପାଦକ ତରୁଣସେନ ନାୟକ, ଉପସଭାପତି ଶିବାନୀ ସାହୁ, ଛାତ୍ରନେତା ଶୁଭସ୍ମିତା ସାହୁ, ଜ୍ୟୋତ୍ସ୍ନାରାଣୀ ଦାସ, ଅମରେନ୍ଦ୍ର ନାୟକ, ମୁସ୍କାନ ତବ୍‌ସୁମ୍, ସତ୍ୟବ୍ରତ ମୁଦୁଲି ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।




# ହାଇକୋର୍ଟରେ ରାଜ୍ୟ ସରକାରଙ୍କ ଜବାବ ଦାଖଲ

କଟକ,୪।୯ (କାର୍ତ୍ତିକ ସାହୁ)

**ବିଦ୍ୟାଳୟରେ ଉଠବସ୍ ହୋଇ ଚତୁର୍ଥ ଶ୍ରେଣୀ ଛାତ୍ର ମୃତ୍ୟୁ ମାମଲା**

- ରାଜ୍ୟରୁ ଆସିଛି ୫୭ ଅଭିଯୋଗ
- ଶାରୀରିକ ଦଣ୍ଡ ଅଭିଯୋଗ ସୁନ୍ଦରଗଡ଼ରେ ସର୍ବାଧିକ

ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଶାରୀରିକ ଦଣ୍ଡ ଦିଆ ନ ଯିବା ଉପରେ ନିଆଯାଉଥିବା ପଦକ୍ଷେପ ସଂକ୍ରାନ୍ତରେ ରାଜ୍ୟ ସରକାର ହାଇକୋର୍ଟରେ ବୁଧବାର ସତ୍ୟପାଠ ଆକାରରେ ଜବାବ ଦାଖଲ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଶାରୀରିକ ଦଣ୍ଡ ଦିଆଯିବା ନେଇ ବିଭିନ୍ନ ଜିଲାରୁ ମୋଟ ୫୭ଟି ଅଭିଯୋଗ ରାଜ୍ୟ ସରକାରଙ୍କର ହସ୍ତଗତ ହୋଇଛି। କେତେକ ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାବେଳେ ଆଉ କେତେକ ତଦନ୍ତ ଚାଲିଥିବା ସତ୍ୟପାଠରେ ଦର୍ଶାଯାଇଛି। ସେଥିମଧ୍ୟରୁ ବାଲେଶ୍ୱର ୫, ବରଗଡ଼ ୧, ବଲାଙ୍ଗୀର ୬, ବୌଦ୍ଧ ୨, କଟକ ୩, ଗଞ୍ଜାମ ୨, ଜଗତ୍‌ସିଂହପୁର ୨, ଯାଜପୁର ୬, ଝାରସୁଗୁଡ଼ା ୧, ଖୋର୍ଦ୍ଧା ୬, ମାଲକାନଗିରି ୧, ମୟୂରଭଞ୍ଜ ୫, ରାୟଗଡ଼ା ୨, ସମ୍ବଲପୁର ୨, ସୋନପୁର ୨ ଏବଂ ସୁନ୍ଦରଗଡ଼ ଜିଲାରେ ସର୍ବାଧିକ ୧୧ଟି ଅଭିଯୋଗ ରହିଛି। ଯାଜପୁର ଜିଲାର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ଉଠବସ୍ କରାଇବା ହେତୁ ତାଙ୍କର ମୃତ୍ୟୁ ଘଟିବା ନେଇ ରୁଜୁ ମାମଲାରେ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ନଭେମ୍ବର ୨୧ରେ ଯାଜପୁର ଜିଲା ରସୁଲପୁର ବ୍ଲକ କୁଆଖିଆ ଥାନା ଅଧୀନ ଓରାଳି ଗ୍ରାମରେ ଥିବା ସୂର୍ଯ୍ୟ ନାରାୟଣ ନୋଡାଲ ୟୁପି ସ୍କୁଲର ଚତୁର୍ଥ ଶ୍ରେଣୀ ଛାତ୍ର ରୁଦ୍ରନାରାୟଣ ସେଠୀଙ୍କୁ ଜଣେ ଶିକ୍ଷୟିତ୍ରୀ ଉଠବସ୍ ହେବା ପାଇଁ ନିର୍ଦ୍ଦେଶ ଦେଲେ। ପଢ଼ାରେ ମନଯୋଗୀ ହୋଇ ନ ଥିବାରୁ ଶିକ୍ଷୟିତ୍ରୀ ଉଠବସ୍ ହେବାକୁ କହିଥିଲେ। ରୁଦ୍ର ଉଠବସ୍ ହେଉଥିବାବେଳେ ତଳେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ସେଠାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆବେଦନକାରୀ ପ୍ରବୀର କୁମାର ଦାସ ଏନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣକରି ଦର୍ଶାଇଛନ୍ତି, ବିଦ୍ୟାଳୟଗୁଡ଼ିକୁ ରାଜ୍ୟ ସରକାର ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। ଶାରୀରିକ ଦଣ୍ଡ କିମ୍ବା ମାନସିକ ନିର୍ଯାତନା ସ୍କୁଲରେ ପିଲାଙ୍କୁ ଦିଆଯାଇପାରିବ ନାହିଁ ବୋଲି ଆଇନ ହୋଇଛି। ତଥାପି ଯାଜପୁରରେ ଏଭଳି ଘଟଣା ଘଟି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଲା। ସେହିପରି ବଲାଙ୍ଗୀର ଓ ନବରଙ୍ଗପୁରରେ ପିଲାମାନଙ୍କୁ ଉଠବସ୍ ହେବା ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକମାନେ କହୁଛନ୍ତି। ତେଣୁ ଏହି ଆଇନକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା, ଦୋଷୀ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଆଗାମୀ ଦିନରେ ଏଭଳି ଘଟଣା ଯେପରି ବିଦ୍ୟାଳୟରେ ନ ଘଟିବା, ପିଲାମାନେ ଶାରୀରିକ ଓ ମାନସିକ ନିର୍ଯାତନା ଯେଭଳି ନ ଭୋଗିବେ ସେଥିପାଇଁ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପାଇଁ ପ୍ରଶିକ୍ଷଣ ତଥା ସଚେତନତା କାର୍ଯ୍ୟକ୍ରମ ବ୍ୟବସ୍ଥା ସରକାର କରିବା ଦରକାର ବୋଲି ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ଏଭଳି କେତେ ଘଟଣା ଘଟିଛି, କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେନେଇ ସରକାର କୌଣସି ତଥ୍ୟ ଦେଉନାହାନ୍ତି। ଏହାଦ୍ୱାରା ସରକାର ଏହାକୁ ଗୁରୁତ୍ୱ ଦେଉନାହାନ୍ତି ବୋଲି ଆବେଦନକାରୀ ହାଇକୋର୍ଟଙ୍କୁ ଦର୍ଶାଇଛନ୍ତି। ଏନେଇ ମେ' ୨୪ ତାରିଖରେ ଏହି ମାମଲା ରୁଜୁ ହୋଇଥିଲା।

## ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାରରେ ବାୟୋମେଟ୍ରିକ୍, ଡିଜିଟାଲ ଲକ୍ ପାଇଁ ଆଲୋଚନା ଚାଲିଛି

ଭୁବନେଶ୍ୱର,୪।୯ (ଅନୁରାଧା ମହାରଣା)

ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାର ସୁରକ୍ଷା ବୃଦ୍ଧି କରାଯିବ। ଏହାକୁ ଅଧିକ ସୁରକ୍ଷିତ କରାଯିବାକୁ ପଦକ୍ଷେପ ନେଇଛି ଶ୍ରୀମନ୍ଦିର ପ୍ରଶାସନ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୋଡ୍‌ରେଜ୍ ସିକ୍ୟୁରିଟିଜ୍ ସଲ୍ୟୁଶନ ସହିତ ଆଲୋଚନା କରାଯାଇଥିବା ଏହାର ଉପସଭାପତି ପୁଷ୍କର ଗୋଖଲେ କହିଛନ୍ତି। ଭୁବନେଶ୍ୱରଠାରେ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ବାହାର ରତ୍ନଭଣ୍ଡାରର ସୁରକ୍ଷା ବ୍ୟବସ୍ଥାରେ ବାୟୋମେଟ୍ରିକ ସହିତ ଡିଜିଟାଲାଇଜେଶନକୁ ଗୁରୁତ୍ୱ ଦିଆଯିବ। ଭୋଲ୍ଟ ଚାବିରେ ଖୋଲିବା ସହ ବାୟୋମେଟ୍ରିକ ଅର୍ଥାତ୍ ଫିଙ୍ଗର ଲକ୍‌ରେ ମଧ୍ୟ ଖୋଲିପାରିବ। ଏମିତିକି ଏହି ଭୋଲ୍ଟରେ ଡୁଆଲ କଣ୍ଟ୍ରୋଲ ଯଥା ଡିଜିଟାଲ ପ୍ୟାଡ୍ ସହ ଟାଇମ୍ ଲକ ଭଳି ବୈଶିଷ୍ଟ୍ୟକୁ ଖଞ୍ଜା ଯାଇପାରିବ। ତେବେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରସ୍ତାବିତ ଭୋଲ୍ଟରେ କେଉଁ ସବୁ ବୈଶିଷ୍ଟ୍ୟ ରହିବ ସେ ନେଇ ରାଜ୍ୟ ସରକାର ଓ ମନ୍ଦିର ପ୍ରଶାସନ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲ ଗୋଖଲେ କହିଛନ୍ତି। ତେବେ ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ୧୦ କୋଟି ଠକେଇ: ନୟାହାଟରୁ ଅଭିଯୁକ୍ତ ଗିରଫ

ଯୋଗେଶ୍ୱରପୁର,୪।୯(ରଶ୍ମିରଞ୍ଜନ ସାହୁ)

ଚାକିରି ଦେବାକୁ କହି, ଜାଲ୍ ସାର୍ଟିଫିକେଟ ଦେଇ ବେକାର ଯୁବତୀଯୁବକଙ୍କଠାରୁ ୧୦ କୋଟିରୁ ଅଧିକ ଟଙ୍କା ଠକେଇ ର୍‍ୟାକେଟରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଭୁବନେଶ୍ୱର କ୍ରାଇମ୍‌ବ୍ରାଞ୍ଚ ପୁରୀ ଜିଲା ନୟାହାଟ ଅଞ୍ଚଳରୁ ଗିରଫ କରିଛି। ସେ ପୁରୀ ଜିଲା କୋଣାର୍କ ଥାନା ଅନସରା ଗ୍ରାମର ଫିରୋଜ ଖାନ୍। କୋର୍ଟ ଚାଲାଣ ପରେ ତାଙ୍କୁ ଜେଲ୍ ହାଜତକୁ ପଠାଯାଇଛି। ଅଭିଯୁକ୍ତ ଫିରୋଜ ଦୀର୍ଘଦିନ ହେଲା ନୟାହାଟ ଅଞ୍ଚଳରେ ଆତ୍ମଗୋପନ କରିଥିଲେ। ମୋବାଇଲ୍‌କୁ ଟ୍ରାକ୍ କରି କ୍ରାଇମ୍‌ବ୍ରାଞ୍ଚର ଏକ ଟିମ୍ ମଙ୍ଗଳବାର ନୟାହାଟରେ ପହଞ୍ଚିଥିଲେ। ଫାଣ୍ଡି ଅଧିକାରୀଙ୍କ ସହ କ୍ରାଇମବ୍ରାଞ୍ଚ ପୋଲିସ ନୟାହାଟ କଲେଜ ନିକଟ ଅଭୟ ପାତ୍ରଙ୍କ ଘରେ ଚଢ଼ାଉ କରି ଫିରୋଜ୍‌ଙ୍କୁ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ଏସ୍‌ପି ଦିଲୀପ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା।

**ସେଲ୍ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ଶଶୀକାନ୍ତ



@ ରାଜାବ



@ ଦେବାଶିଷ



@ ଜିତୁନା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଦେଶକୁ ରପ୍ତାନିହେଲା ୪ କୁଇଣ୍ଟାଲ ଡ୍ରାଗନ ଫଳ

ଭୁବନେଶ୍ୱର,୪।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାରୁ ବିଦେଶକୁ ଗଲା ଡ୍ରାଗନ ଫଳ। ବୁଧବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର କାର୍ଗୋ ଟର୍ମିନାଲରୁ ପ୍ରଥମଥର ଡ୍ରାଗନ ଫଳର ରପ୍ତାନି ହୋଇଛି। ବଲାଙ୍ଗୀର ଜିଲାର ପାଟଣାଗଡ଼ରେ ଉତ୍ପାଦିତ ହୋଇଥିବା ଏହି ଫଳକୁ ଦୁବାଇ ପଠାଯାଇଛି। ପୂର୍ବରୁ ଢେଙ୍କାନାଳର ଆମ୍ବ, ବଲାଙ୍ଗୀରର ପୋଟଳ ବିଦେଶକୁ ଯାଇସାରିଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ପତାକା ଦେଖାଇ ଏହି ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ନିଜକୁ ଜଣେ ଗର୍ବିତ ଚାଷୀ ଭାବେ ପରିଚୟ ଦେଇ କହିଲେ, ମୁଁ ରାଜନୀତି ସହ ଚାଷ କରୁଛି। କୋଭିଡ୍ ସମୟରେ ନେଇଥିବା ନିଷ୍ପତ୍ତି ଏବେ ଫଳପ୍ରସୂ ହୋଇଛି। ଆଜି ଇଣ୍ଡିଗୋ କାର୍ଗୋ ଯୋଗେ ୪ କୁଇଣ୍ଟାଲ ଡ୍ରାଗନ ଫଳ ଦୁବାଇକୁ ରପ୍ତାନି କରାଯାଇଛି। ଡ୍ରାଗନ ଫଳର ଚାହିଦା ବିଦେଶରେ ବହୁତ ଅଧିକ। ଏହାର ଚାଷ ସମ୍ପୂର୍ଣ୍ଣ ରୂପେ ଜୈବିକ ପ୍ରକ୍ରିୟାରେ ହୋଇଛି। ଏହାଦ୍ୱାରା ଫଳର ପୌଷ୍ଟିକ ତତ୍ତ୍ୱ ଅକ୍ଷୁଣ୍ଣ ରହିବା ସହ ଅନ୍ୟ ରାସାୟନିକ ସାର ଦେଇ ଉତ୍ପାଦନ ହେଉଥିବା ଫଳ ତୁଳନାରେ ଅଧିକ ଦିନ ସତେଜ ରହିବ। ଡ୍ରାଗନ ଫଳ ସ୍ୱାସ୍ଥ୍ୟ ପକ୍ଷେ ଖୁବ୍ ହିତକର। ଏହାକୁ ଖାଇଲେ ଶରୀରରେ କ୍ୟାନ୍‌ସର, ଡାଇବେଟିସ, କୋଷ୍ଠକାଠିନ୍ୟ ଭଳି ବେମାରିର ସମସ୍ୟା ରହିବ ନାହିଁ ବୋଲି ସିଂଦେଓ କହିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଲେ, ରାଜ୍ୟ ସରକାରଙ୍କ ତରଫରୁ ଉଦ୍ୟାନ କୃଷି ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ସେଥିରେ କ୍ଷେତ ପୋଖରୀ, ସୁଗମ ଜଳସେଚନ ବ୍ୟବସ୍ଥା, ଡିବିଟି ମାଧ୍ୟମରେ ସବ୍‌ସିଡ୍ ପ୍ରଦାନ ଆଦି ପ୍ରୋତ୍ସାହନର ସୁବିଧା ରହିଛି। ଦିନକୁ ଦିନ ଚାହିଦା ବଢୁଥିବାରୁ ଆଜିର ଦିନରେ ଉଦ୍ୟାନ କୃଷିକୁ ଅଧିକ ଗୁରୁତ୍ୱ ଦିଆଯାଉଛି ଓ ଚାଷୀମାନେ ଖୁବ୍ କମ ସମୟ ମଧ୍ୟରେ ଅଳ୍ପ ଖର୍ଚ୍ଚରେ ଲାଭବାନ ମଧ୍ୟ ହୋଇପାରୁଛନ୍ତି। ତେଣୁ ସରକାର ମଧ୍ୟ ସେହି ଅନୁରୂପ ଯୋଜନା ସବୁ ଖୁବ୍‌ଶୀଘ୍ର ପ୍ରଣୟନ କରିବେ। ଆଗାମୀ ଦିନରେ ଓଡିଶାରୁ ଉନ୍ନତ ମାନର କୃଷି ଉତ୍ପାଦ ବଡ଼ ଆକାରରେ ବିଦେଶକୁ ରପ୍ତାନି କରାଯିବା ଲକ୍ଷ୍ୟ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ, 'ଆପେଡା' ଓ 'ପାଲାଡିୟମ'ର ସୀତାକାନ୍ତ ମଣ୍ଡଳ, ବିଶ୍ୱଜିତ ବେହେରା, ଦେବରତି ଘଟକ, ସାର୍ଥକ ଦର୍ଶନ, ଶ୍ରୀତମ ପାଣିଗ୍ରାହୀ, ବିଭୂତି, ବିକାଶ ପିଲାଇ ପ୍ରମୁଖ ଉପସ୍ଥିତ ଥିଲେ।




ଡ୍ରାଗନ ଫଳ ରପ୍ତାନିର ଶୁଭାରମ୍ଭ ଅବସରରେ ଭୁବନେଶ୍ୱର ବିମାନ ବନ୍ଦରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ସହ ଅନ୍ୟମାନେ।

## 'ବିଧାନସଭାରେ ଅନାସ୍ଥା ପ୍ରସ୍ତାବ' ଓ 'ମାନ୍ୟବର ବାଚସ୍ପତି' ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର,୪।୯(ଶର୍ମିଷ୍ଠା ପାଣିଗ୍ରାହୀ)

ବିଧାନସଭାର ଅବସରପ୍ରାପ୍ତ ଯୁଗ୍ମ ସଚିବ ଦେବେନ୍ଦ୍ର ନାଥ ପ୍ରଧାନଙ୍କ ଲିଖିତ ଦୁଇଟି ପୁସ୍ତକ 'ବିଧାନସଭାରେ ଅନାସ୍ଥା ପ୍ରସ୍ତାବ' ଓ 'ମାନ୍ୟବର ବାଚସ୍ପତି' ବୁଧବାର ବିଧାନସଭା ପରିସର ବାଚସ୍ପତିଙ୍କ କାର୍ଯ୍ୟାଳୟଠାରେ ଉନ୍ମୋଚିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀ ଏହାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଧାନସଭା ସଚିବ ଦାଶରଥି ଶତପଥୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଲେଖକ ପ୍ରଧାନ ପୂର୍ବରୁ ବହୁତ ଉପାଦେୟ ପୁସ୍ତକ ରଚନା କରିଛନ୍ତି। ଏସବୁ ଭିତରେ ବିଧାନସଭାରେ ୧୯୩୭ରୁ ୨୦୧୪ମସିହା ମଧ୍ୟରେ ଆସ୍ଥା ଓ ଅନାସ୍ଥା ପ୍ରସ୍ତାବ ଅନ୍ୟତମ।

# ପଞ୍ଚାୟତ ବିକାଶରେ ୱାର୍ଡ ସଭ୍ୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଶିବିରରେ ଯୋଗଦେଇଥିବା ୬ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ଓ ପ୍ରଶିକ୍ଷାର୍ଥୀମାନେ।

ବଡ଼ମ୍ବା, ୪।୯ (ମାୟାଧର ମଲ୍ଲିକ)

## ବଡ଼ମ୍ବା ବ୍ଲକରେ ୱାର୍ଡ ସଭ୍ୟଙ୍କ ତାଲିମ ଶିବିର

ରାଜ୍ୟ ଗ୍ରାମ୍ୟଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ (ଏସଆଇଆରଡି) ଆନୁକୂଲ୍ୟରେ ବଡ଼ମ୍ବା ବ୍ଲକର ୬ଟି ପଞ୍ଚାୟତର ୱାର୍ଡସଭ୍ୟଙ୍କ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବା ବ୍ଲକ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଆୟୋଜିତ ଦିନିକିଆ ତାଲିମ ଶିବିରରେ ରତାପାଟ, ମାଳତୀ, ଗୋପାଳପୁର, ଯାନିସାହି, ଭଗ୍ଚାରିକା, କୋଲେଶ୍ୱର ପଞ୍ଚାୟତର ୱାର୍ଡ ସଭ୍ୟ ଗଣ ତାଲିମରେ ଅଂଶଗ୍ରହଣ କରିଥିଲେ। କଟକ ଜିଲାପରିଷଦ ଓ ବଡ଼ମ୍ବା ପଞ୍ଚାୟତ ସମିତିର ମିଳିତ ସହଯୋଗରେ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମକୁ ବିଡ଼ିଓ ଅଭିଲିପ୍ସା ସ୍ୱାଇଁ ପରିଚାଳନା କରିଥିବାବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଗଣ ସହଯୋଗ କରିଥିଲେ। ଏସଆଇଆରଡିର କାହ୍ନୁ ଚରଣ ମହାପାତ୍ର ଓ ଦେବବ୍ରତ ମାନସ କୁମାର ମାନସିଂହ ତାଲିମଦାତା ଭାବେ ଯୋଗଦେଇ ୱାର୍ଡସଭ୍ୟଙ୍କ ଦାୟିତ୍ୱ, କର୍ତ୍ତବ୍ୟ, କାର୍ଯ୍ୟ ପ୍ରଣାଳୀ, ପଲ୍ଲୀସଭା, ଗ୍ରାମସଭା,ଅର୍ଥ ଆୟୋଗ, ଗ୍ରାମୀଣ ଆବାସ ଯୋଜନା, ସ୍ଥାୟୀ କମିଟି ଗଠନ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା, ପଞ୍ଚାୟତ ବିକାଶ ଯୋଜନା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ବିଶେଷକରି ପଞ୍ଚାୟତ ବିକାଶରେ ୱାର୍ଡ ସଭ୍ୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ତାଲିମଦାତା ସୂଚନା ପ୍ରଦାନ କରିଥିଲେ।

# ଥାନା ସମ୍ମୁଖରେ ଆତ୍ମାହୁତି ଦେଇଥିବା ରଶ୍ମିତାଙ୍କୁ ଶ୍ରଦ୍ଧାଞ୍ଜଳି

ମାହାଙ୍ଗା, ୪।୯ (ଯଯାତି ସିଂହ)



ମାହାଙ୍ଗା ବ୍ଲକ ଆନନ୍ଦପୁର ପଞ୍ଚାୟତ ଖର୍ତ୍ତଙ୍ଗ ଗାଁର ରଶ୍ମିତା ଦାସଙ୍କ ଦ୍ୱାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା କଟକ ଜିଲା ଯାଦବ ଉନ୍ନୟନ ପରିଷଦ ପକ୍ଷରୁ ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର କାର୍ତ୍ତିକ ଚନ୍ଦ୍ର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଯାଦବ ଉନ୍ନୟନ ପରିଷଦ ଉପସଭାପତି ଗୌରାଙ୍ଗ ଚରଣ ଦାସ, ପ୍ରଶାନ୍ତ ବେହେରା, ଦିଲୀପ ଦାସ, ଶୁଭ ନାୟକ, କୃଷ୍ଣଚନ୍ଦ୍ର ଦାସ, ଦେବେନ୍ଦ୍ର ଦାସ, ରସାନନ୍ଦ ବାରିକ, ରଘୁନନ୍ଦନ ଦାସ, ଯୁଗ୍ମ ସମ୍ପାଦକ ଅନନ୍ତ ପଲେଇ, ମୁଖ୍ୟ ଉପଦେଷ୍ଟା ରବୀନ୍ଦ୍ରନାଥ ଦାସ, ଉପଦେଷ୍ଟା ରବି ଦାସ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ରଶ୍ମିତାଙ୍କ ସ୍ୱାମୀଙ୍କୁ ଏକ ଚୋରି ମାମଲାରେ ମାହାଙ୍ଗା ପୋଲିସ ଗିରଫ କରିଥିବା ବେଳେ ସେ ଏହାକୁ ବିରୋଧ କରିଥିଲେ। ତାଙ୍କ ସ୍ୱାମୀ ଚୋରି କରିନାହାନ୍ତି ବୋଲି ରଶ୍ମିତା ଥାନାରେ ଅଭିଯୋଗ କରିବାକୁ ଯାଇଥିବାବେଳେ ଆଇଆଇସି ବିଜୟ ମଲ୍ଲିକ ଓ ଏସ୍ଆଇ ଇପ୍ସିତା ପ୍ରିୟଦର୍ଶିନୀ ଥାନା ଭିତରେ ବିଭିନ୍ନ ପ୍ରକାର ଗାଳିଗୁଲଜ କରି ନିର୍ଯାତନା ଦେବାରୁ ରଶ୍ମିତା ପୋଲିସର ଏଭଳି ଭାଷାକୁ ସହି ନ ପାରି ନିଜ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମାହୁତି ଦେଇଥିଲେ। ପୋଲିସମାନେ ଯଦି ଏଭଳି ବର୍ବର ହୁଅନ୍ତି କେବେହେଲେ ସୁସ୍ଥ ବାତାବରଣ ଆସି ପାରିବ ନାହିଁ ବୋଲି ବିଶିଷ୍ଟ ବକ୍ତାମାନେ ମତ ଦେଇଥିଲେ। ଏହାର ପ୍ରକୃତ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ, କଟକ ଜିଲାପାଳ ଓ ପୋଲିସ ମହାନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରିଛନ୍ତି। ଏଥିସହ ଅତିଥିମାନେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରେଣୁ ଦାସ, ଗାୟତ୍ରୀ ଦାସ, ମିନତି ଦାସ, ଲାବଣ୍ୟବତୀ ଦାସ, ଭଞ୍ଜ କିଶୋର ବେହେରା, ରଜତ ଦାସ, ଶିବ ଚରଣ ଦାସ ପ୍ରମୁଖ ଯୋଗଦେଇ ରଶ୍ମିତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

## ଫେସ୍‌ବୁକ୍‌ରେ ଯୁବତୀଙ୍କୁ ଧମକ ଦେଇ ଯୁବକ ଗିରଫ

ନିଶ୍ଚିନ୍ତକୋଇଲି,୪।୯
(ଅଶୋକ କୁମାର ମହାପାତ୍ର)

ନେମାଳ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଫେସ୍‌ବୁକ୍‌ରେ ଧମକ ଦେଇ ନୟାଗଡ଼ ଜିଲା ଅଞ୍ଚଳର ଜଣେ ଯୁବକ ଗିରଫ ହେବା ଘଟଣାଟି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ନେମାଳ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ନୟାଗଡ଼ ଜିଲା ଫତେଗଡ ଥାନା ଭଗବାନପୁର ଗାଁର କାର୍ତ୍ତିକ କୁମାର ନାୟକ ଫେସ୍‌ବୁକ୍‌ରେ ଧମକ ଦେଇ ଆସୁଥିଲେ। ଏ ସମ୍ପର୍କରେ ଯୁବତୀ ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ନଂ. ୧୧୮/୨୪ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଖୋର୍ଦ୍ଧା ଜିଲା ଲିଙ୍ଗରାଜ ଥାନା ଅଞ୍ଚଳରୁ କାର୍ତ୍ତିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ନେମାଳ ଥାନା ଆଇଆଇସି ସୁଶୀଲ କୁମାର ନାୟକ କହିଛନ୍ତି।

## କେନାଲରେ ଭାସିଯାଇ ବୃଦ୍ଧଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି, ୪।୯(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଥାନା ସରପଡ଼ା ପଞ୍ଚାୟତ ବଡ଼କଥନ ଗାଁର ଜଣେ ବୃଦ୍ଧ କେନ୍ଦ୍ରାପଡ଼ା କେନାଲକୁ ବୁଧବାର ମଧ୍ୟାହ୍ନରେ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ଭାସିଯାଇ ମୃତ୍ୟୁ ଘଟିଛି। ସେ ହେଲେ ଗାଁର ଭିକାରୀ ଚରଣ ସ୍ୱାଇଁ(୬୩)। କେନ୍ଦ୍ରାପଡ଼ା କେନାଲରେ ଭିକାରୀ ପ୍ରଖର ସ୍ରୋତରେ ଭାସିଯାଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବରପାଇ ନିଶ୍ଚିନ୍ତକୋଇଲି ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏ ସମ୍ପର୍କରେ ତାଙ୍କର ପୁତ୍ରବଧୂ ଅର୍ଚ୍ଚନା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଖବରପାଇ ସ୍ଥାନୀୟ ସରପଞ୍ଚ ବିବେକାନନ୍ଦ ଆଚାର୍ଯ୍ୟ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

## ଅନ୍ତର୍ଜାତୀୟ ସ୍ତରରେ ଶୁଭଶ୍ରୀଙ୍କ ସଫଳତା



ସାଲେପୁର,୪।୯(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ୍‌ର ତରିତୋ ଗାଁର ସରୋଜ ଶତପଥୀ ଓ ଭୁବନମୋହିନୀଙ୍କ କନ୍ୟା ଶୁଭଶ୍ରୀ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ନିଜର ଶିକ୍ଷା ଓ ଗବେଷଣା ନେଇ କୃତିତ୍ୱ ଅର୍ଜନ କରିଥିବାରୁ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି। ଜର୍ମାନୀର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଟେକ୍‌ନିକ୍ ୟୁନିଭର୍ସିଟି ଏବଂ ଆମେରିକାର ୟୁ.ସି.ବର୍କଲେ ଲ୍ୟାବ ଭଳି ବିଶ୍ୱର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ତାଙ୍କୁ ସେଠାରେ ନିଯୁକ୍ତି ଦେବାକୁ ଅଗ୍ରାଧିକାର ଦେଇଛନ୍ତି। ସେ ବର୍ତ୍ତମାନ ଆମେରିକାରେ ଥିବା ବର୍କଲେସ୍ଥିତ ଗବେଷଣା କେନ୍ଦ୍ରରେ ମାଟେରିଆଲ୍ ସାଇନ୍ସରେ ଉଚ୍ଚ ଗବେଷଣା କରୁଛନ୍ତି। ସେ ସାଲେପୁର ଇଂରାଜୀ ମିଡ଼ିୟମ୍ ସ୍କୁଲରେ ପିଲାବେଳୁ ପାଠ ପଢୁଥିବାବେଳେ ତାଙ୍କର ଏହି ସଫଳତାକୁ ନେଇ ଅନୁଷ୍ଠାନର ସମ୍ପାଦକ ରବୀନ୍ଦ୍ରନାଥ କର ଓ ଶିକ୍ଷାବିତ୍ ଚିତ୍ତରଞ୍ଜନ ଶତପଥୀ ଶୁଭଶ୍ରୀଙ୍କ ଏହି ସଫଳତା ନେଇ ଆନନ୍ଦ ପ୍ରକାଶ କରିଛନ୍ତି।

## ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୪।୯
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ପଞ୍ଚାୟତ ଏକରୁଖି ଗାଁର ରଞ୍ଜନ କୁମାର ସାମଲ (୫୦)ଙ୍କର ହୃଦ୍‌ଘାତରେ କଟକ ବଡ଼ ଡାକ୍ତରଖାନା ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ରଞ୍ଜନ ଜଗତ୍‌ସିଂହପୁର ଜିଲାରେ ପଞ୍ଚାୟତ ଅଡିଟର ରୂପେ କାର୍ଯ୍ୟ କରିଥିଲେ। ମଙ୍ଗଳବାର ରାତ୍ରିରେ ତାଙ୍କ ଦେହ ଅସୁସ୍ଥ ହେବାରୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ବୁଧବାର ମୃତଦେହକୁ ଗାଁକୁ ଅଣାଯାଇ ଶ୍ମଶାନରେ ସଂସ୍କାର କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ପାୟଲ ସାମଲ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଅମିୟ ବିଶ୍ୱାଳ, ସଞ୍ଜୟ ବେହେରା, ପୂର୍ବତନ ସରପଞ୍ଚ ଦିଲୀପ କୁମାର ରାଉତ, ଜ୍ୟୋତିରଞ୍ଜନ ସ୍ୱାଇଁ, ମୃତ୍ୟୁଞ୍ଜୟ ସ୍ୱାଇଁ, ଦେବେନ୍ଦ୍ର ସାହୁ, ହେମନ୍ତ ରାଉତ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।


Tel. Ph. No : 06815-222542
E-mail I.D : eerbparala@yahoo.com

**GOVERNMENT OF ODISHA** No.B-222

**OFFICE OF THE SUPERINTENDING ENGINEER, PARALAKHEMUNDI(R&B) DIVISION, PARALAKHEMUNDI**

**e-Procurement Notice**

Bid Identification No. S.E., PKD. R&B DIVN.-05/2024-25

**No. 2752** **Date : 03.09.2024**

**INVITATION FOR BIDS**

| | | | |
|---|---|---|---|
| 1 | The Superintending Engineer, Paralakhemundi (R&B) Division on behalf of Governor of Odisha invites Percentage rate bid in **Double/Single cover** system to be received in on **ONLINE MODE** only for the construction of works as detailed in the table below : | | |
| 2 | Nature of works | : | Building & Roads works |
| 3 | No. of works | : | 08 [Eight] No. of works |
| 4 | Estimated cost (Approximately) | : | Sl No. 01 to 02) Rs. 99.90 Lakhs to Rs. 53.34 Lakhs<br>Sl No. 03 to 08) Rs. 29.46 Lakhs to Rs. 12.96 Lakhs |
| 5 | Bid cost | : | Sl No. 01 to 02) Rs.10,000/-<br>Sl No. 03 to 08) Rs.6,000/- |
| 6 | Class of contractor | : | Sl No. 01 to 11) "B" class / "C" class / "D" class |
| 7 | Availability of Bid Documents in the website | : | 10.00 Hrs of Dt. 12.09.2024 to 17.00 Hrs. of Dt.26.09.2024 |
| 8 | Date of opening of the Bid | : | 12.00 Hrs. of Dt.27.09.2024 |
| 9 | The Bidders have to participate in **ONLINE** bidding only. Further details can be seen from the website http://tendersorissa.gov.in. Any Addendum / Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

OIPR-34065/11/0005/2425
Sd./- Superintending Engineer
Paralakhemundi (R&B) Division



**OFFICE OF THE DEPUTY DIRECTOR, SIMILIPAL SOUTH WILDLIFE DIVISION, BARIPADA**

PHONE : 06792-259126, FAX : 06792-256705, e-mail : dfo.similipalsouthwl@odisha.gov.in

**QUOTATION CALL NOTICE**

**No. : 4263**
**Date : 03.09.2024**

No.MM-139 : Sealed Quotations are invited from reputed manufacturers / distributors / authorized dealers for Supply of Weather Guard for Trap Camera as per specification and size for use of Trap Camera under Similipal South WL Division.

**Specification**

| | | |
|---|---|---|
| 01 | Item | Weather guard for Camera Traps / Trail Camera |
| 02 | Quantity | 500 nos. |
| 03 | Dimension | 8" (Length) x 7" (Width) x 4" (Thickness) |
| 04 | Durability | Rust proof |
| 05 | Colour | Forest green/camouflage |
| 06 | Additional feature | Protection from all Weather |
| 07 | | Locking facilities |
| 08 | | Spike over the outer surface |
| 09 | | Easy to Fix on standing tree |

**Terms and Conditions :**

- The sealed quotation with a valid document of proof of manufacturer / Supplier may be sent either by Registered post / Speed Post / Courier Service / By Hand and should be superscribed "Quotation for Supply Camera Trap Cover", on the envelope.
- Earnest Money Deposit (EMD) of Rs.50,000/- (Rupees Fifty thousand) only shall be submitted along with quotation. EMD will be in the form of Demand Draft/Cheque/Bank Guarantee in favour of Deputy Director, Similipal South WL Division, Baripada payable at Baripada. The EMD will be refunded to the unsuccessful supplier. The EMD for the successful supplier will be released only after supply of the goods as per specification.
- The sealed quotation should be submitted to the Deputy Director, Similipal South WL Division At : Bhanjpur, PO : Baripada, Dist : Mayurbhanj, PIN : 757002. on or before **20.09.2024 by 02.00 P.M.** (in any working day). The quotations will be opened in presence of suppliers or their authorized representatives on **20.09.2024 at 04.00 P.M.** and same will be finalised on the same day by the Selection Committee.
- The qualified supplier has to supply all the materials within **30 days** from the date of placement of supply order. Issue of supply order depending on availability of fund.
- The undersigned reserves the right to accept / reject any or all quotations without assigning any reason thereof.
- For more details please log in to **www.similipal.org**

Sd./- Deputy Director
Similipal South WL Division, Baripada
OIPR-08127/11/0012/2425



**EMPANELLMENT OF GUEST FACULTY AT SIDAC**

**No.PP-19:**State Institute for Development of Arts & Crafts, Bhubaneswar invites applications from qualified & experienced trainers to be empanelled as Guest Faculty for State Level & District Level Training Courses managed by SIDAC. For detailed term & conditions and applications form, please visit the website **www.sidacodisha.org.in.** The last date for submission of application is upto **5.00 PM** on **04.10.2024.**

**Member Secretary**

**State Institute for development of Arts & Crafts**
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030
Tel.No. +91 (0)674 2350318, E-mail: sidacorissa@gmail.com,
www.sidacodisha.org.in OIPR-31036/11/0006/2425



**OFFICE OF THE CHIEF CONSTRUCTION ENGINEER, DHENKANAL (R&B) CIRCLE, DHENKANAL**

2nd Corrigendum to bid Identification No. C.C.E. DKL (R&B) 03/2024-25
Letter No. 1778/Dtd.03.09.2024

No.B-227 : The Bids invited vide Bid Identification No. C.C.E. DKL (R&B) 03/2024-25 vide Letter No.1575 dt. 07.08.2024 has been modified are as follows.

1. The Bid document for the above notice will be available in the website : www.tendersodisha.gov.in from Dt. 11.09.2024 to 5.00 PM of Dt.25.09.2024 for online bidding and shall be opened at 11.30 AM on Dt. 26.08.2024

All other terms and conditions of the above Tender Call Notice will remain unchanged.

Sd./- C.E., Dhenkanal (R&B) Circle, Dhenkanal
OIPR-34132/11/0010/2425



**Information & Public Relations Department Government of Odisha**

**No.56** **Date:04.09.2024**

**Extension of RFP date for PR/Social Media Agency**

**Reference-RFP No.10163, Dtd.16.08.2024**

**No.Z-**The last date for submission of proposal in response to RFP No: 10163, dtd. 16th August, 2024 for engagement of PR/Social Media Agency, published in different Newspapers on 17th August, 2024 is being extended. A corrigendum in this regard shall be published in Newspapers shortly.

**Sd./- Director**
**OIPR-15001/11/0142/2425**



ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

**GOVERNMENT OF ODISHA**

**DISTRICT PROJECT OFFICE, SAMAGRA SIKSHYA, KEONJHAR**

**Email ID: dpckeonjhar@gmail.com, Ph.: 06766-254103 (Office)**

**Letter No. 2156/CIVIL** **Date: 03.09.2024 (File No. 257)**

**CORRIGENDUM**

**In Connection with Tender Call Notice No. 2048 Dated: 02.09.2024**

**TOWARDS PROCUREMENT AND INSTALLATION OF 732 NOS. INCINERATOR & 732 NOS. VENDING MACHINE FOR DIFFERENT SCHOOLS OF KEONJHAR DISTRICT**

No. n-84: The following corrigendum are made to the Tender laid down in the Letter No. 2048 Dated: 02.09.2024 for procurement and installation of 732 Nos. incinerator & 732 Nos. Vending Machine for different schools of Keonjhar district. The detail can be downloaded from **https://kendujhar.odisha.gov.in / https://osepa.odisha.gov.in**.

**DETAIL REVISED DATES RELATING TO BID**

| | |
|---|---|
| Date of Publication | 03.09.2024 |
| Last Date/Time of Bid Submission | 17.09.2024 at 11.00 A.M. (Through Regd./Speed Post only) |
| Date of Technical BID Opening | 17.09.2024 at 12.00 Noon |
| Date of Financial BID Opening | 17.09.2024 at 3.00 P.M. (After Sample Verification) |
| Place of Opening of Bid Address | District Project Office Sarva Sikshya Abhiyan, Keonjhar |

The other portions of the Tender remain unchanged.

**N.B.:** Further corrigendum (if any) will be hoisted in the above website only. All concerned are informed to visit the website regularly.

By the order of Collector-cum-Chairman, SS, Keonjhar

**Sd./- 03.09.2024**
**District Project Co-ordinator,**
**Samagra Sikshya, Keonjhar**

OIPR-27120/11/0003/2425



**ଓଡ଼ିଶା ସରକାର**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା**

**ଘୋଷଣା**

**File No. LA Case No. 01/2020** **Dated: 23.08.2024**
**Issue No. 995/LA/KHD/24**

No. XXXIII-24: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଜୟଦେବ ବିହାର, ଥାନା: ନିଉ କ୍ୟାପିଟାଲ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାଥ୍‌ମେଟିକ୍ସଠାରୁ ଇମ୍‌ଫୋସିଟି ମଧ୍ୟ ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ଏ୧.୪୬୬ ଡିସିମିଲ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୪୪୬୩ ତା୨୧।୦୯।୨୦୨୦ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଜୟଦେବ ବିହାର, ଥାନା: ନିଉ କ୍ୟାପିଟାଲ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **http://www.khordha.nic.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଖୋର୍ଦ୍ଧା ତହସିଲ: ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜୟଦେବ ବିହାର | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ୨.୭୬୮ ଡିସିମିଲ | ଏ୧.୪୬୬ ଡିସିମିଲ | ଏଥି ସହିତ ସଂଲଗ୍ନ |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ଖୋର୍ଦ୍ଧା ତହସିଲ: ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୩୧।୦୮।୨୦୨୪।

ରାଜ୍ୟପାଳଙ୍କ ଆଦେଶକ୍ରମ
ସ୍ୱା./– (ଚଞ୍ଚଳ ରାଣା), ଜିଲ୍ଲାପାଳ, ଖୋର୍ଦ୍ଧା

ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ
ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ଜୟଦେବ ବିହାର

| ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| | | | ୩୫୨ | ୬୨୯/ ୩୩୪୩ | ଘରବାରି–୨ | ଏ.୦.୧୦୫ | ଏ.୦.୦୨୫ | ଲକ୍ଷ୍ମୀନାରାୟଣ ଦାସ ଓଗେର, ପି.: ବାଳମୁକୁନ୍ଦ ଦାସ, ସା: ନିଜିଗାଁ |
| | | | ୪୫୩/ ୬୨୫ | ୬୪୬/ ୨୩୩୩ | ଘରବାରି–୨ | ଏ.୦.୦୫୦ | ଏ.୦.୦୦୬ | କଲ୍ୟାଣୀ ଲକ୍ଷ୍ମୀ ମହାନ୍ତି, ସ୍ୱା: ବିନୟ ନନ୍ଦ ମହାନ୍ତି, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୪୫୩/ ୧୩୨୫ | ୬୪୫/ ୪୦୮୫ | ଘରବାରି | ଏ.୦.୦୪୩ | ଏ.୦.୦୪୩ | ଚିତ୍ତରଞ୍ଜନ ବେହେରା, ପି.: ଲିଙ୍ଗରାଜ ବେହେରା, ମୈତ୍ରୀ ବିହାର, ଭୁବନେଶ୍ୱର |
| | | | ୪୫୩/ ୧୭୩୭ | ୬୪୫/ ୪୮୭୫ | ଘରବାରି | ଏ.୦.୦୧୯ | ଏ.୦.୦୧୯ | ଏସ୍.ଏନ୍. ଡେଭଲପର୍ସ, ସବ୍ୟସାଚୀ ପଟ୍ଟନାୟକ, ପି.: ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ, ଶହୀଦ ନଗର, ଭୁବନେଶ୍ୱର |
| | | | ୪୫୩/ ୧୮୦୦ | ୬୪୫/ ୭୮୯୨ | ଘରବାରି | ଏ.୦.୧୦୯ | ଏ.୦.୦୬୪ | ଏସ୍.ଏନ୍. ଡେଭଲପର୍ସ, ସବ୍ୟସାଚୀ ପଟ୍ଟନାୟକ, ପି.: ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ, ଶହୀଦ ନଗର, ଭୁବନେଶ୍ୱର |
| | | | ୩୭୧ | ୬୪୬ | ଘରବାରି–୨ | ଏ.୦.୦୭୨ | ଏ.୦.୦୭୨ | ସନ୍ତୋଷ କୁମାର ବେହେରା, ପି.: ସାଧୁ ଚରଣ ବେହେରା, ଖିରିଖିଆ ପାଟଣା, ନିମାପଡ଼ା |
| | | | ୪୦୪ | ୬୪୬/ ୨୩୩୨ | ଘରବାରି–୨ | ଏ.୦.୦୯୦ | ଏ.୦.୦୯୦ | ସୁଦର୍ଶନ ପଣ୍ଡା, ପି.: ସନାତନ ପଣ୍ଡା, ମଦନ ମୋହନ ଶୁକ୍ଳା, ପି.: ଗତିକୃଷ୍ଣ ଶୁକ୍ଳା, କଟକ |
| | | | ୩୫୩ | ୬୩୬ | ଘରବାରି–୨ | ଏ.୦.୮୧୧ | ଏ.୦.୧୫୭ | ଲକ୍ଷ୍ମୀନାରାୟଣ ଦାସ ଓଗେର, ପି.: ବାଳମୁକୁନ୍ଦ ଦାସ, ସା: ନିଜିଗାଁ |
| | | | ୩୫୩ | ୬୩୭ | ଶାରଦ–୩ | ଏ.୦.୦୭୧ | ଏ.୦.୦୨୮ | ଲକ୍ଷ୍ମୀନାରାୟଣ ଦାସ ଓଗେର, ପି.: ବାଳମୁକୁନ୍ଦ ଦାସ, ସା: ନିଜିଗାଁ |
| | | | ୬୧ | ୬୪୬/ ୨୩୯୧ | ଘରବାରି–୨ | ଏ.୦.୨୧୫ | ଏ.୦.୨୧୫ | କିଶୋରୀ ହରିଚନ୍ଦନ, ସ୍ୱା.: କାଶୀନାଥ ହରିଚନ୍ଦନ ଓଗେର, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୬୧ | ୬୪୬/ ୨୩୯୨ | ସଡ଼କ | ଏ.୦.୦୪୦ | ଏ.୦.୦୩୪ | କିଶୋରୀ ହରିଚନ୍ଦନ, ସ୍ୱା.: କାଶୀନାଥ ହରିଚନ୍ଦନ ଓଗେର, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୬୧ | ୬୪୪ | ଶାରଦ–୩ | ଏ.୦.୧୩୯ | ଏ.୦.୦୯୬ | କିଶୋରୀ ହରିଚନ୍ଦନ, ସ୍ୱା.: କାଶୀନାଥ ହରିଚନ୍ଦନ ଓଗେର, ନୟାପଲ୍ଲୀ, ଭୁବନେଶ୍ୱର |
| ଜୟଦେବ ବିହାର | ଭୁବନେଶ୍ୱର | ସହରାଞ୍ଚଳ | ୪୫୩/ ୧୩୨୫ | ୬୪୪/ ୪୦୮୪ | ଘରବାରି | ଏ.୦.୦୧୧ | ଏ.୦.୦୧୧ | ଚିତ୍ତରଞ୍ଜନ ବେହେରା, ପି.: ଲିଙ୍ଗରାଜ ବେହେରା, ମୈତ୍ରୀ ବିହାର, ଭୁବନେଶ୍ୱର |
| | | | ୧୪୨୬/ ୧୧୪୭ | ୬୪୪/ ୪୫୪୮ | ଘରବାରି–୨ | ଏ.୦.୦୭୨ | ଏ.୦.୦୭୨ | ହରଚାନ୍ଦ ମେହେର, ପି.: ଧରଣୀଧର ମେହେର, ସମ୍ବଲପୁର |
| | | | ୪୫୩/ ୮୭୩ | ୬୪୪/ ୪୬୮୭ | ଶାରଦ–୩ | ଏ.୦.୦୨୯ | ଏ.୦.୦୨୯ | ହରଚାନ୍ଦ ମେହେର, ପି.: ଧରଣୀଧର ମେହେର, ସମ୍ବଲପୁର |
| | | | ୪୫୩/ ୧୭୩୪ | ୬୪୪/ ୪୮୭୨ | ଘରବାରି | ଏ.୦.୧୩୪ | ଏ.୦.୦୧୬ | ଏସ୍.ଏନ୍. ଡେଭଲପର୍ସ, ସବ୍ୟସାଚୀ ପଟ୍ଟନାୟକ, ପି.: ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ, ଶହୀଦ ନଗର, ଭୁବନେଶ୍ୱର |
| | | | ୪୫୩/ ୧୮୮୮ | ୬୪୪/ ୭୯୩୧ | ଘରବାରି | ଏ.୦.୦୨୩ | ଏ. ୦.୦୨୩ | ଚିତ୍ତରଞ୍ଜନ ବେହେରା, ପି.: ଲିଙ୍ଗରାଜ ବେହେରା, ମୈତ୍ରୀ ବିହାର, ଭୁବନେଶ୍ୱର |
| | | | ୬୧ | ୬୪୦ | ଶାରଦ–୩ | ଏ.୦.୦୫୦ | ଏ.୦.୦୫୦ | କିଶୋରୀ ହରିଚନ୍ଦନ, ସ୍ୱା.: କାଶୀନାଥ ହରିଚନ୍ଦନ ଓଗେର, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୬୧ | ୬୩୯ | ଶାରଦ–୩ | ଏ.୦.୦୪୧ | ଏ.୦.୦୩୦ | କିଶୋରୀ ହରିଚନ୍ଦନ, ସ୍ୱା.: କାଶୀନାଥ ହରିଚନ୍ଦନ ଓଗେର, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୪୫୩/ ୧୧୮୮ | ୬୩୯/ ୪୭୯୧ | ଘରବାରି | ଏ.୦.୨୫୨ | ଏ.୦.୧୮୮ | ପ୍ରତିମା ରାଣୀ ସାହୁ, ସ୍ୱା.: ସୁଦର୍ଶନ ସାହୁ, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୪୫୩/ ୧୨୧୬ | ୬୩୯/ ୪୮୦୦ | ଘରବାରି | ଏ.୦.୩୧୭ | ଏ.୦.୧୨୩ | ସୁଦର୍ଶନ ସାହୁ, ପି.: ଚୈତନ୍ୟ ଚରଣ ସାହୁ, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୮୦ | ୬୪୦/ ୨୩୨୬ | ଘରବାରି–୨ | ଏ.୦.୦୭୫ | ଏ.୦.୦୭୫ | ଗୀତାରାଣୀ ମହାନ୍ତି, ସ୍ୱା.: ପ୍ରମୋଦ କିଶୋର ମହାନ୍ତି, କଟକ |

ମୋଟ ରକବା ଏ.୨.୭୬୮ ଡିସିମିଲ, ଅଧିଗୃହୀତ ରକବା ଏ.୧.୪୬୬ ଡିସିମିଲ।

ସ୍ୱା./– (କ୍ରୀଷ୍ଣା କୁମାର ଜେନା)
ଭୂ–ଅର୍ଜନ ଅଧିକାରୀ, ଖୋର୍ଦ୍ଧା

COLKHD-LA-MISC-0041-2022/9/2024 OIPR-24351/14/0033/2425

# ପୂଜାମଣ୍ଡପରେ ନିଶା, ଡିଜେ ମନା

## ବାଜିବନି ଡିଜେ, ୭ଦିନ ହେବ

ଖୋର୍ଦ୍ଧା,୪।୯(ପ୍ରଭାତ ପାଣିଗ୍ରାହୀ)



ଆସୁଛି ପାର୍ବଣ ଋତୁ। ଧରାପୃଷ୍ଠକୁ ଓହ୍ଲାଇବେ ଦେବଦେବୀ। ପ୍ରଥମେ ଅଗ୍ରପୂଜ୍ୟ ଶ୍ରୀଗଣେଶ ଧରାପୃଷ୍ଠରେ ଅବତରଣ କରିବେ। ତେଣୁ ସଜେଇ ହେଉଛି ପୂଜାମଣ୍ଡପ। ଖୋର୍ଦ୍ଧା ସହରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ଆଡ଼ମ୍ବରରେ ଗଣେଶ ପୂଜା କରାଯାଉଛି। ଗତବର୍ଷ ଛୋଟ ବଡ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଇଥିଲେ ଶ୍ରୀଗଣେଶ। ଚଳିତବର୍ଷ ଏହାଠାରୁ ଅଧିକ ମଣ୍ଡପରେ ଗଣେଶଙ୍କ ପୂଜା ହେବ। ଶୃଙ୍ଖଳିତ ପୂଜା ଆୟୋଜନ ପାଇଁ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ପକ୍ଷରୁ ସହରର ପୂଜା କମିଟି ସଦସ୍ୟମାନଙ୍କୁ ନେଇ ବୁଧବାର ଥାନା ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀନିବାସ ମହାନ୍ତି, ସଦର ଏସ୍‌ଡିପିଓ ଅନିଲ ମହାନ୍ତି ଏବଂ ଟାଉନ ଥାନାଧିକାରୀ ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୨୬ଟି ପୂଜାମଣ୍ଡପ କମିଟିର ୫୫ଜଣ ସଦସ୍ୟ ଯୋଗଦେଇଥିଲେ। ଶୃଙ୍ଖଳିତ ପୂଜା ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ପୂଜାମଣ୍ଡପରେ ଧୂମ୍ରପାନ, ମଦ୍ୟପାନକୁ ନିଷେଧ କରାଯାଇଛି। ୭ ଦିନ ଧରି ପୂଜା ଚାଲିବ। ଚଳିତ ବର୍ଷରେ ପୂଜା ପେଣ୍ଡାଲ ଏବଂ ଭସାଣିରେ ଡିଜେକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। କୌଣସି ପୂଜାମଣ୍ଡପରେ ଯେପରି କୌଣସି ଅଘଟଣ ଅଥବା ଶର୍ଟ୍‌ସର୍କିଟଜନିତ ସମସ୍ୟା ନ ଉପୁଜିବ ସେଥିପ୍ରତି ଧ୍ୟାନ ଦେବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି। ଆକର୍ଷଣୀୟ ପୂଜା ଆୟୋଜନ ଲାଗି ନିଜ ସ୍ତରରେ ପ୍ରତିଯୋଗିତା ମନୋଭାବ ନ ରଖି ପରସ୍ପର ମଧ୍ୟରେ ଭାଇଚାରା, ସ୍ନେହ ପୂର୍ବକ ପୂଜା ଆୟୋଜନ ପାଇଁ ଅତିରିକ୍ତ ଏସ୍‌ପି ମହାନ୍ତି ପରାମର୍ଶ ଦେଇଥିଲେ।

# ଲାଗିଲା ବ୍ୟାରେଜ ଗେଟ୍, ଚାଷୀକୁଳ ଆଶ୍ୱସ୍ତ

ନିରାକାରପୁର,୪।୯(ମାନସ ଚନ୍ଦ୍ର ପଟ୍ଟନାୟକ)



ଠିକା ସଂସ୍ଥା ଓଡ଼ିଶା କନଷ୍ଟ୍ରକଶନ କମ୍ପାନୀ (ଓସିସି)ର ଅବହେଳା ସାଙ୍ଗକୁ ଅନୁକୂଳ ପାଣିପାଗ ନ ହୋଇପାରିବା ସହ କ୍ଷୁଦ୍ର ଜଳସେଚନ ବିଭାଗର ଆପ୍ରାଣ ପ୍ରଚେଷ୍ଟା ସତ୍ତ୍ୱେ ମଧ୍ୟ ଦୀର୍ଘ ୨ ସପ୍ତାହ ବ୍ୟାପୀ ରାମେଶ୍ୱର ବ୍ୟାରେଜରେ ୨ଟି ଗେଟ୍ ଲାଗିପାରୁ ନ ଥିଲା। ଯଦ୍ୱାରା ମଳାଗୁଣୀ ନଦୀରେ ବ୍ୟାପକ ବର୍ଷାଜଳ ପ୍ରବାହକୁ ନେଇ ନଦୀ ଉପକୂଳବର୍ତ୍ତୀ ଅଧିବାସୀଙ୍କ ସମେତ ସ୍ଥାନୀୟ ଚାଷୀକୁଳ ମଧ୍ୟ ଚିନ୍ତାରେ ପଡ଼ିଥିଲେ। ତେବେ ବୁଧବାର ବିଭାଗୀୟ ସହକାରୀ ଯନ୍ତ୍ରୀ ସନ୍ତୋଷ ରାୟଙ୍କ ତାଗିଦ୍ ପରେ ଯୁଦ୍ଧକାଳୀନ ଭିତ୍ତିରେ ୪ ଓ ୫ ନମ୍ବର ବିଶିଷ୍ଟ ୨ଟି ଗେଟ୍ ସଂଯୋଗ କରାଯାଇଛି। ଏହା ପରେ ଚାଷୀକୁଳ ଓ ଅଧିବାସୀ ଆଶ୍ୱସ୍ତ ହୋଇଛନ୍ତି। କାରଣ କ୍ଷତିଗ୍ରସ୍ତ ୨ଟି ଯାକ ଗେଟ୍ ଲଗା ଯାଇ ନ ଥିବାରୁ ଦୀର୍ଘ ୨ବର୍ଷ ହେବ ବାଲିବସ୍ତାରେ ବନ୍ଧ ଦିଆଯାଇ ସମୁଦ୍ରକୁ ଶଙ୍ଖେ ଭଳି ବର୍ଷା ପାଣିକୁ ଅଟକ ରଖିବାକୁ ଚେଷ୍ଟା କରାଯାଇଥିଲା। ଏହା ସତ୍ତ୍ୱେ ଗଳାବାଟ ଦେଇ ବ୍ୟାରେଜ୍‌ଟି ଶୁଖିଲା ପଡ଼ିବା ସହ ବର୍ଷା ଦିନେ ଚାଷଜମି ବାଲିଚର ହୋଇ ଫସଲ ହାନି ଘଟୁଥିଲା। ଧାନ ଚାଷ ପାଇଁ ଆବଶ୍ୟକ ସମୟରେ ନଦୀରେ ପାଣି ଟୋପେ ରହି ନ ପାରିବା କାରଣରୁ ଗତବର୍ଷ ମରୁଡ଼ି ପରିସ୍ଥିତି ଉପୁଜିଥିଲା। ଏନେଇ ଚାଷୀ ଓ ସ୍ଥାନୀୟବାସୀଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ପରେ କ୍ଷୁଦ୍ର ଜଳସେଚନ ପକ୍ଷରୁ ୪ କୋଟି ଟଙ୍କା ଦିଆଯାଇଥିଲା। ଏହାର ସଂଯୋଗ ନିମନ୍ତେ ଓସିସିକୁ ଗେଟ ସଂଯୋଗ ନିମନ୍ତେ ଦାୟିତ୍ୱ ଦିଆଯାଇଥିଲା।

# ଦିବ୍ୟାଙ୍ଗ ମହିଳାଙ୍କୁ ମିଳୁନି ଜମିପଟ୍ଟା

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା



ଖୋର୍ଦ୍ଧା,୪।୯(ପ୍ରଭାତ ପାଣିଗ୍ରାହୀ)

ବିକାଶରେ ଦିବ୍ୟାଙ୍ଗଙ୍କ ସହଭାଗିତାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ତେବେ ଦିବ୍ୟାଙ୍ଗ ମାଆ, ଝିଅ ମୌଳିକ ସୁବିଧା, ସ୍ଥାୟୀ ଜମି ପଟ୍ଟା ପାଇବା ପାଇଁ ପ୍ରଶାସନ ପାଖକୁ ବାରମ୍ବାର ଦୌଡ଼ି ସବୁଠି ନିରାଶ ହେବା ପରେ ଶେଷରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପ୍ରଶାସନ ପକ୍ଷରୁ ତାଙ୍କୁ ପୁଣି ପ୍ରତିଶ୍ରୁତି ଦିଆଯାଇଛି। ତତ୍କାଳୀନ ଜିଲାପାଳ ତାଙ୍କୁ ସରକାରୀ ସ୍ତରରେ ଭୂମିହୀନ ଜମିପଟ୍ଟା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଜଣେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଜମିପଟ୍ଟା ଦେବାକୁ ମୋଟା ଅଙ୍କ ମାଗିଥିଲେ। ତେବେ ଏ ନେଇ ସମ୍ପୃକ୍ତ ଦିବ୍ୟାଙ୍ଗ ପରିବାର ଅକ୍ଷମତା ପ୍ରକାଶ କରିବାରୁ ଗତ ୩ବର୍ଷ ଧରି ଜମି ଚିହ୍ନଟ କରାଯିବା ସତ୍ତ୍ୱେ ତାଙ୍କୁ ପଟ୍ଟା ଦିଆଯାଉନାହିଁ ବୋଲି କୋହଭରା କଣ୍ଠରେ କହିଛନ୍ତି।

ସୂଚନା ଅନୁଯାୟୀ, ବାଲୁଗାଁ ଅଞ୍ଚଳର ମାମି ନନ୍ଦ ଏବଂ ତାଙ୍କ ଝିଅ ବର୍ଷା ନନ୍ଦ ଦିବ୍ୟାଙ୍ଗ। ଜମିପଟ୍ଟା ସମେତ ଅନ୍ୟ ସମସ୍ୟା ଓ ଆର୍ଥିକ ସହଯୋଗ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କୁ ଭେଟି ସମସ୍ୟା ଜଣାଇଥିଲେ। ଖୁବ୍‌ଶୀଘ୍ର ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ମାମି କହିଛନ୍ତି। ମାମି କହିଛନ୍ତି, ମୋତେ ଏକହଜାର ଟଙ୍କା ଏବଂ ଝିଅକୁ ୧୫ଶହ ଟଙ୍କା ଦିବ୍ୟାଙ୍ଗ ଭତ୍ତା, ଚାଉଳ ବ୍ୟତୀତ ଅନ୍ୟ କୌଣସି ସୁବିଧା ନାହିଁ। ଚଳିବା ପାଇଁ ଅନ୍ୟ କୌଣସି ସାଧନ ନାହିଁ। ମୋ' ଉପରେ ୮୦ ବର୍ଷୀୟ ବୃଦ୍ଧଙ୍କ ଦାୟିତ୍ୱ ମଧ୍ୟ ରହିଛି। ଘର ଖଣ୍ଡିଏ ଯୋଗାଇଦେବା ପାଇଁ ସ୍ଥାନୀୟ ପ୍ରଶାସନଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଦୌଡ଼ି ନୟାନ୍ତ ହେଲୁଣି, ତେବେ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳୁଛି, କୌଣସି କାର୍ଯ୍ୟକାରୀ କରାଯାଉନାହିଁ। ଘରପଟ୍ଟାଟିଏ ପାଇବା ପାଇଁ ଏ କାର୍ଯ୍ୟାଳୟରୁ ସେ କାର୍ଯ୍ୟାଳୟକୁ ଦୌଡ଼ି ୩ବର୍ଷ ବିତିଗଲାଣି। ଘରେ କେହି ରୋଜଗାରିଆ ନାହାନ୍ତି। ଜଣେ ୮୦ ବର୍ଷୀୟ ବୟୋବୃଦ୍ଧ, ସାନଝିଅଙ୍କ ସମେତ ୪ ପ୍ରାଣୀ କୁଟୁମ୍ବ। ଚାଳଛପର ଘର ଭାଙ୍ଗି ଆଁ କଲାଣି। ଖରା, ବର୍ଷା, ଶୀତ କାକରରେ ପୂରା ପରିବାର ପଡ଼ିଛନ୍ତି। ଓଳିଏ ଖାଇଲେ, ଆର ଓଳି ଉପାସ ରହୁଛନ୍ତି। ଆର୍ଥିକ ଅନଟନ କାରଣରୁ ବର୍ଷା ଓ ତାଙ୍କ ସାନଭଉଣୀ ପାଠପଢାରେ ଡୋରି ବାନ୍ଧି ହେଲାଣି। ଭଲ ପାଠ ପଢି ଜଣେ ଆଇଏଏସ୍ ହେବାକୁ ମନସ୍ଥ କରିଛନ୍ତି ବର୍ଷା। ସେ କୁହନ୍ତି ଆମେ ଦିବ୍ୟାଙ୍ଗ ଗରିବ ପରିବାର ହୋଇଥିବାରୁ ବଞ୍ଚିବା ପାଇଁ ସଂଘର୍ଷ କରୁଛୁ। ମୋ'ଭଳି ଦିବ୍ୟାଙ୍ଗ ପିଲାମାନେ ପାଠ ପଢ଼ିବାର ଇଚ୍ଛା ରଖିଥିଲେ ମଧ୍ୟ ଆର୍ଥିକ ବୋଝ ଆଗରେ ସେଥିରୁ ବଞ୍ଚିତ ହେଉଛନ୍ତି। ଏଣୁ ସ୍ଥିର କରିଛି ଭଲ ପାଠପଢି ଜଣେ ବଡ଼ ଅଫିସର ହେବି।

# ପରକୀୟା ପ୍ରୀତିରୁ ହତ୍ୟା ଘଟଣାରେ ୨ ଗିରଫ

ପିପିଲି,୪।୯(ପ୍ରଭାତ କୁମାର ମହାପାତ୍ର): ଗତ ୧ ତାରିଖ ରାତିରେ ପରକୀୟା ପ୍ରୀତିରୁ ବବୁଲ୍ ଓରଫ ନୀଳକଣ୍ଠ ପାଇକରାୟ(୨୬)ଙ୍କୁ ହତ୍ୟା ଘଟଣାରେ ବୁଧବାର ପିପିଲି ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଯାଇଛି ବୋଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି। ସେମାନେ ହେଲେ ବାଲିମେଳା ସାହିର ଭରତ ମଲିକଙ୍କ ବଡ଼ ପୁଅ ତପନ ଦାସ ଓ ସାନପୁଅ ଅନାଦି ଦାସ ବୋଲି ଜଣାପଡ଼ିଛି।

---

Tel. Ph. No : 06815-222542
E-mail I.D : eerbparala@yahoo.com

**GOVERNMENT OF ODISHA** No.B-222

**OFFICE OF THE SUPERINTENDING ENGINEER, PARALAKHEMUNDI(R&B) DIVISION, PARALAKHEMUNDI**

**e-Procurement Notice**

Bid Identification No. S.E., PKD. R&B DIVN.-05/2024-25

**No. 2752** **Date : 03.09.2024**

**INVITATION FOR BIDS**

| | | | |
|---|---|---|---|
| 1 | The Superintending Engineer, Paralakhemundi (R&B) Division on behalf of Governor of Odisha invites Percentage rate bid in **Double/Single cover** system to be received in on **ONLINE MODE** only for the construction of works as detailed in the table below : | | |
| 2 | Nature of works | : | Building & Roads works |
| 3 | No. of works | : | 08 [Eight] No. of works |
| 4 | Estimated cost (Approximately) | : | Sl No. 01 to 02) Rs. 99.90 Lakhs to Rs. 53.34 Lakhs<br>Sl No. 03 to 08) Rs. 29.46 Lakhs to Rs. 12.96 Lakhs |
| 5 | Bid cost | : | Sl No. 01 to 02) Rs.10,000/-<br>Sl No. 03 to 08) Rs.6,000/- |
| 6 | Class of contractor | : | Sl No. 01 to 11) "B" class / "C" class / "D" class |
| 7 | Availability of Bid Documents in the website | : | 10.00 Hrs of Dt. 12.09.2024 to 17.00 Hrs. of Dt.26.09.2024 |
| 8 | Date of opening of the Bid | : | 12.00 Hrs. of Dt.27.09.2024 |
| 9 | The Bidders have to participate in **ONLINE** bidding only. Further details can be seen from the website http://tendersorissa.gov.in. Any Addendum / Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

OIPR-34065/11/0005/2425

Sd./- Superintending Engineer
Paralakhemundi (R&B) Division

---

SIMILIPAL

**OFFICE OF THE DEPUTY DIRECTOR, SIMILIPAL SOUTH WILDLIFE DIVISION, BARIPADA**

PHONE : 06792-259126, FAX : 06792-256705, e-mail : dfo.similipalsouthwl@odisha.gov.in

**QUOTATION CALL NOTICE**

No. : 4263
Date : 03.09.2024

No.MM-139 : Sealed Quotations are invited from reputed manufacturers / distributors / authorized dealers for Supply of Weather Guard for Trap Camera as per specification and size for use of Trap Camera under Similipal South WL Division.

**Specification**

| | | |
|---|---|---|
| 01 | Item | Weather guard for Camera Traps / Trail Camera |
| 02 | Quantity | 500 nos. |
| 03 | Dimension | 8" (Length) x 7" (Width) x 4" (Thickness) |
| 04 | Durability | Rust proof |
| 05 | Colour | Forest green/camouflage |
| 06 | Additional feature | Protection from all Weather |
| 07 | | Locking facilities |
| 08 | | Spike over the outer surface |
| 09 | | Easy to Fix on standing tree |

**Terms and Conditions :**

- The sealed quotation with a valid document of proof of manufacturer / Supplier may be sent either by Registered post / Speed Post / Courier Service / By Hand and should be superscribed "Quotation for Supply Camera Trap Cover", on the envelope.
- Earnest Money Deposit (EMD) of Rs.50,000/- (Rupees Fifty thousand) only shall be submitted along with quotation. EMD will be in the form of Demand Draft/Cheque/Bank Guarantee in favour of Deputy Director, Similipal South WL Division, Baripada payable at Baripada. The EMD will be refunded to the unsuccessful supplier. The EMD for the successful supplier will be released only after supply of the goods as per specification.
- The sealed quotation should be submitted to the Deputy Director, Similipal South WL Division At : Bhanjpur, PO : Baripada, Dist : Mayurbhanj, PIN : 757002. on or before **20.09.2024 by 02.00 P.M.** (in any working day). The quotations will be opened in presence of suppliers or their authorized representatives on **20.09.2024 at 04.00 P.M.** and same will be finalised on the same day by the Selection Committee.
- The qualified supplier has to supply all the materials within **30 days** from the date of placement of supply order. Issue of supply order depending on availability of fund.
- The undersigned reserves the right to accept / reject any or all quotations without assigning any reason thereof.
- For more details please log in to **www.similipal.org**

OIPR-08127/11/0012/2425

Sd./- Deputy Director
Similipal South WL Division, Baripada

---

**EMPANELLMENT OF GUEST FACULTY AT SIDAC**

**No.PP-19:**State Institute for Development of Arts & Crafts, Bhubaneswar invites applications from qualified & experienced trainers to be empanelled as Guest Faculty for State Level & District Level Training Courses managed by SIDAC. For detailed term & conditions and applications form, please visit the website **www.sidacodisha.org.in.** The last date for submission of application is upto **5.00 PM** on **04.10.2024.**

**Member Secretary**

**State Institute for development of Arts & Crafts**
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030
Tel.No. +91 (0)674 2350318, E-mail: sidacorissa@gmail.com, www.sidacodisha.org.in OIPR-31036/11/0006/2425

---

**OFFICE OF THE CHIEF CONSTRUCTION ENGINEER, DHENKANAL (R&B) CIRCLE, DHENKANAL**

**2nd Corrigendum to bid Identification No. C.C.E. DKL (R&B) 03/2024-25**
Letter No. 1778/Dtd.03.09.2024

No.B-227 : The Bids invited vide Bid Identification No. C.C.E. DKL (R&B) 03/2024-25 vide Letter No.1575 dt. 07.08.2024 has been modified are as follows.

1. The Bid document for the above notice will be available in the website : www.tendersodisha.gov.in from Dt. 11.09.2024 to 5.00 PM of Dt.25.09.2024 for online bidding and shall be opened at 11.30 AM on Dt. 26.08.2024

All other terms and conditions of the above Tender Call Notice will remain unchanged.

Sd./- C.E., Dhenkanal (R&B) Circle, Dhenkanal

OIPR-34132/11/0010/2425

---

**Information & Public Relations Department Government of Odisha**

**No.56** **Date:04.09.2024**

**Extension of RFP date for PR/Social Media Agency**

**Reference-RFP No.10163, Dtd.16.08.2024**

**No.Z-**The last date for submission of proposal in response to RFP No: 10163, dtd. 16th August, 2024 for engagement of PR/Social Media Agency, published in different Newspapers on 17th August, 2024 is being extended. A corrigendum in this regard shall be published in Newspapers shortly.

**Sd./- Director**
**OIPR-15001/11/0142/2425**

---

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

**GOVERNMENT OF ODISHA**

**DISTRICT PROJECT OFFICE, SAMAGRA SIKSHYA, KEONJHAR**

Email ID: dpckeonjhar@gmail.com, Ph.: 06766-254103 (Office)

**Letter No. 2156/CIVIL** **Date: 03.09.2024 (File No. 257)**

**CORRIGENDUM**

**In Connection with Tender Call Notice No. 2048 Dated: 02.09.2024**

**TOWARDS PROCUREMENT AND INSTALLATION OF 732 NOS. INCINERATOR & 732 NOS. VENDING MACHINE FOR DIFFERENT SCHOOLS OF KEONJHAR DISTRICT**

No. n-84: The following corrigendum are made to the Tender laid down in the Letter No. 2048 Dated: 02.09.2024 for procurement and installation of 732 Nos. incinerator & 732 Nos. Vending Machine for different schools of Keonjhar district. The detail can be downloaded from **https://kendujhar.odisha.gov.in / https://osepa.odisha.gov.in**.

**DETAIL REVISED DATES RELATING TO BID**

| | |
|---|---|
| Date of Publication | 03.09.2024 |
| Last Date/Time of Bid Submission | 17.09.2024 at 11.00 A.M. (Through Regd./Speed Post only) |
| Date of Technical BID Opening | 17.09.2024 at 12.00 Noon |
| Date of Financial BID Opening | 17.09.2024 at 3.00 P.M. (After Sample Verification) |
| Place of Opening of Bid Address | District Project Office Sarva Sikshya Abhiyan, Keonjhar |

The other portions of the Tender remain unchanged.

**N.B.:** Further corrigendum (if any) will be hoisted in the above website only. All concerned are informed to visit the website regularly.

By the order of Collector-cum-Chairman, SS, Keonjhar

**Sd./- 03.09.2024**
**District Project Co-ordinator, Samagra Sikshya, Keonjhar**

OIPR-27120/11/0003/2425

---

## ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା
### ଘୋଷଣା

**File No. LA Case No. 01/2020** **Dated: 23.08.2024**
**Issue No. 995/LA/KHD/24**

No. XXXIII-24: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଜୟଦେବ ବିହାର, ଥାନା: ନିଉ କ୍ୟାପିଟାଲ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାଥମେଟିକ୍ସଠାରୁ ଇମ୍ଫୋସିଟି ମଧ୍ୟ ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ଏ୧.୪୬୬ ଡିସିମିଲ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୪୪୬୩ ତା୨୧।୦୯।୨୦୨୦ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଜୟଦେବ ବିହାର, ଥାନା: ନିଉ କ୍ୟାପିଟାଲ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **http://www.khordha.nic.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ଖୋର୍ଦ୍ଧା** **ତହସିଲ: ଭୁବନେଶ୍ୱର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜୟଦେବ ବିହାର | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ୨.୭୬୮ ଡିସିମିଲ | ଏ୧.୪୬୬ ଡିସିମିଲ | ଏଥି ସହିତ ସଂଲଗ୍ନ |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ଖୋର୍ଦ୍ଧା** **ତହସିଲ: ଭୁବନେଶ୍ୱର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୩୧।୦୮।୨୦୨୪।

ରାଜ୍ୟପାଳଙ୍କ ଆଦେଶକ୍ରମ
ସ୍ୱା./– (ଚଞ୍ଚଳ ରାଣା), ଜିଲ୍ଲାପାଳ, ଖୋର୍ଦ୍ଧା

**ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ**
**ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ଜୟଦେବ ବିହାର**

| ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| | | | ୩୫୨ | ୬୨୯/୩୩୪୩ | ଘରବାରି-୨ | ଏ.୦.୧୦୫ | ଏ.୦.୦୨୫ | ଲକ୍ଷ୍ମୀନାରାୟଣ ଦାସ ଓଗେର, ପି.: ବାଳମୁକୁନ୍ଦ ଦାସ, ସା: ନିଜିଗାଁ |
| | | | ୪୫୩/୬୨୫ | ୬୪୬/୨୩୩୩ | ଘରବାରି-୨ | ଏ.୦.୦୫୦ | ଏ.୦.୦୦୬ | କଲ୍ୟାଣୀ ଲକ୍ଷ୍ମୀ ମହାନ୍ତି, ସ୍ୱା: ବିନୟ ନନ୍ଦ ମହାନ୍ତି, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୪୫୩/୧୩୨୫ | ୬୪୫/୪୦୮୫ | ଘରବାରି | ଏ.୦.୦୪୩ | ଏ.୦.୦୪୩ | ଚିତ୍ତରଞ୍ଜନ ବେହେରା, ପି.: ଲିଙ୍ଗରାଜ ବେହେରା, ମୈତ୍ରୀ ବିହାର, ଭୁବନେଶ୍ୱର |
| | | | ୪୫୩/୧୭୩୭ | ୬୪୫/୪୮୭୫ | ଘରବାରି | ଏ.୦.୦୧୯ | ଏ.୦.୦୧୯ | ଏସ୍.ଏନ୍. ଡେଭଲପର୍ସ, ସବ୍ୟସାଚୀ ପଟ୍ଟନାୟକ, ପି.: ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ, ଶହୀଦ ନଗର, ଭୁବନେଶ୍ୱର |
| | | | ୪୫୩/୧୮୦୦ | ୬୪୫/୭୮୯୨ | ଘରବାରି | ଏ.୦.୧୦୯ | ଏ.୦.୦୬୪ | ଏସ୍.ଏନ୍. ଡେଭଲପର୍ସ, ସବ୍ୟସାଚୀ ପଟ୍ଟନାୟକ, ପି.: ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ, ଶହୀଦ ନଗର, ଭୁବନେଶ୍ୱର |
| | | | ୩୭୧ | ୬୪୬ | ଘରବାରି-୨ | ଏ.୦.୦୭୨ | ଏ.୦.୦୭୨ | ସନ୍ତୋଷ କୁମାର ବେହେରା, ପି.: ସାଧୁ ଚରଣ ବେହେରା, ଖିରିଖିଆ ପାଟଣା, ନିମାପଡ଼ା |
| | | | ୪୦୪ | ୬୪୬/୨୩୩୨ | ଘରବାରି-୨ | ଏ.୦.୦୯୦ | ଏ.୦.୦୯୦ | ସୁଦର୍ଶନ ପଣ୍ଡା, ପି.: ସନାତନ ପଣ୍ଡା, ମଦନ ମୋହନ ଶୁକ୍ଳା, ପି.: ଗତିକୃଷ୍ଣ ଶୁକ୍ଳା, କଟକ |
| | | | ୩୫୩ | ୬୩୬ | ଘରବାରି-୨ | ଏ.୦.୮୧୧ | ଏ.୦.୧୫୭ | ଲକ୍ଷ୍ମୀନାରାୟଣ ଦାସ ଓଗେର, ପି.: ବାଳମୁକୁନ୍ଦ ଦାସ, ସା: ନିଜିଗାଁ |
| | | | ୩୫୩ | ୬୩୭ | ଶାରଦ-୩ | ଏ.୦.୦୭୧ | ଏ.୦.୦୨୮ | ଲକ୍ଷ୍ମୀନାରାୟଣ ଦାସ ଓଗେର, ପି.: ବାଳମୁକୁନ୍ଦ ଦାସ, ସା: ନିଜିଗାଁ |
| | | | ୬୧ | ୬୪୬/୨୩୯୧ | ଘରବାରି-୨ | ଏ.୦.୨୧୫ | ଏ.୦.୨୧୫ | କିଶୋରୀ ହରିଚନ୍ଦନ, ସ୍ୱା.: କାଶୀନାଥ ହରିଚନ୍ଦନ ଓଗେର, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୬୧ | ୬୪୬/୨୩୯୨ | ସଡ଼କ | ଏ.୦.୦୪୦ | ଏ.୦.୦୩୪ | କିଶୋରୀ ହରିଚନ୍ଦନ, ସ୍ୱା.: କାଶୀନାଥ ହରିଚନ୍ଦନ ଓଗେର, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୬୧ | ୬୪୪ | ଶାରଦ-୩ | ଏ.୦.୧୩୯ | ଏ.୦.୦୯୬ | କିଶୋରୀ ହରିଚନ୍ଦନ, ସ୍ୱା.: କାଶୀନାଥ ହରିଚନ୍ଦନ ଓଗେର, ନୟାପଲ୍ଲୀ, ଭୁବନେଶ୍ୱର |
| ଜୟଦେବ ବିହାର | ଭୁବନେଶ୍ୱର | ସହରାଞ୍ଚଳ | ୪୫୩/୧୩୨୫ | ୬୪୪/୪୦୮୪ | ଘରବାରି | ଏ.୦.୦୧୧ | ଏ.୦.୦୧୧ | ଚିତ୍ତରଞ୍ଜନ ବେହେରା, ପି.: ଲିଙ୍ଗରାଜ ବେହେରା, ମୈତ୍ରୀ ବିହାର, ଭୁବନେଶ୍ୱର |
| | | | ୧୪୨୬/୧୧୪୭ | ୬୪୪/୪୫୪୮ | ଘରବାରି-୨ | ଏ.୦.୦୭୨ | ଏ.୦.୦୭୨ | ହରଚାନ୍ଦ ମେହେର, ପି.: ଧରଣୀଧର ମେହେର, ସମ୍ବଲପୁର |
| | | | ୪୫୩/୮୭୩ | ୬୪୪/୪୬୮୭ | ଶାରଦ-୩ | ଏ.୦.୦୨୯ | ଏ.୦.୦୨୯ | ହରଚାନ୍ଦ ମେହେର, ପି.: ଧରଣୀଧର ମେହେର, ସମ୍ବଲପୁର |
| | | | ୪୫୩/୧୭୩୪ | ୬୪୪/୪୮୭୨ | ଘରବାରି | ଏ.୦.୧୩୪ | ଏ.୦.୦୧୬ | ଏସ୍.ଏନ୍. ଡେଭଲପର୍ସ, ସବ୍ୟସାଚୀ ପଟ୍ଟନାୟକ, ପି.: ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ, ଶହୀଦ ନଗର, ଭୁବନେଶ୍ୱର |
| | | | ୪୫୩/୧୮୮୮ | ୬୪୪/୭୯୩୧ | ଘରବାରି | ଏ.୦.୦୨୩ | ଏ. ୦.୦୨୩ | ଚିତ୍ତରଞ୍ଜନ ବେହେରା, ପି.: ଲିଙ୍ଗରାଜ ବେହେରା, ମୈତ୍ରୀ ବିହାର, ଭୁବନେଶ୍ୱର |
| | | | ୬୧ | ୬୪୦ | ଶାରଦ-୩ | ଏ.୦.୦୫୦ | ଏ.୦.୦୫୦ | କିଶୋରୀ ହରିଚନ୍ଦନ, ସ୍ୱା.: କାଶୀନାଥ ହରିଚନ୍ଦନ ଓଗେର, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୬୧ | ୬୩୯ | ଶାରଦ-୩ | ଏ.୦.୦୪୧ | ଏ.୦.୦୩୦ | କିଶୋରୀ ହରିଚନ୍ଦନ, ସ୍ୱା.: କାଶୀନାଥ ହରିଚନ୍ଦନ ଓଗେର, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୪୫୩/୧୧୮୮ | ୬୩୯/୪୭୯୧ | ଘରବାରି | ଏ.୦.୨୫୨ | ଏ.୦.୧୮୮ | ପ୍ରତିମା ରାଣୀ ସାହୁ, ସ୍ୱା.: ସୁଦର୍ଶନ ସାହୁ, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୪୫୩/୧୨୧୬ | ୬୩୯/୪୮୦୦ | ଘରବାରି | ଏ.୦.୩୧୭ | ଏ.୦.୧୨୩ | ସୁଦର୍ଶନ ସାହୁ, ପି.: ଚୈତନ୍ୟ ଚରଣ ସାହୁ, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୮୦ | ୬୪୦/୨୩୨୬ | ଘରବାରି-୨ | ଏ.୦.୦୭୫ | ଏ.୦.୦୭୫ | ଗୀତାରାଣୀ ମହାନ୍ତି, ସ୍ୱା.: ପ୍ରମୋଦ କିଶୋର ମହାନ୍ତି, କଟକ |

ମୋଟ ରକବା ଏ.୨.୭୬୮ ଡିସିମିଲ, ଅଧିଗୃହୀତ ରକବା ଏ.୧.୪୬୬ ଡିସିମିଲ।

COLKHD-LA-MISC-0041-2022/9/2024 OIPR-24351/14/0033/2425

ସ୍ୱା./– (କ୍ରୀଷ୍ଣା କୁମାର ଜେନା)
ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା

**ଗ୍ରାମରେ ଲାଗିଲା ମାଓବାଦୀ ବିରୋଧୀ ପୋଷ୍ଟର**

ଫୁଲବାଣୀ, (ରାକେଶ କୁମାର ରାଉତ): କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକର ବିଭିନ୍ନ ଗ୍ରାମରେ ବୁଧବାର ମାଓବାଦୀ ବିରୋଧୀ ପୋଷ୍ଟର ମରାଯାଇଛି। ଏହି ପୋଷ୍ଟର କନ୍ଧମାଳ-ବୌଦ୍ଧ ଆଦିବାସୀ ସୁରକ୍ଷା ମଞ୍ଚ ପକ୍ଷରୁ ଗୋଛାପଡା, ବାଲନ୍ଦାପଡ଼ା, ସାଡିଙ୍ଗିଆ, ପକାରୀ ଓ ସୁଟାଣି ଘାଟି ଅଞ୍ଚଳରେ ଲାଗିଥିବା ଦେଖିବାକୁ ମିଳିଛି। ଆସନ୍ତୁ ସମସ୍ତେ ମିଳିମିଶି ଶପଥ ନେବା ମାଓବାଦୀଙ୍କୁ ଗ୍ରାମରେ ପୂରେଇ ଦେବା ନାହିଁ। ସେମାନଙ୍କୁ ଦୂରେଇ ଦେବା ବୋଲି ପୋଷ୍ଟରରେ ଉଲ୍ଲେଖ ଥିବା ଦେଖିବାକୁ ମିଳିଛି।

# ଅର୍ଥ ଲୁଟ୍ ପାଇଁ ବିବାହ ନାଟକ

ଭୁବନେଶ୍ୱର,୪।୯ (ସୂର୍ଯ୍ୟକାନ୍ତ ବେହେରା)

**ନିଜକୁ ଅଧିକାରୀ ପରିଚୟ ଦେଇ ଜାଲ ବିଛାଉଛନ୍ତି**

ବିଭିନ୍ନ ମାଟ୍ରିମୋନି ସାଇଟ୍ କିମ୍ବା ସୋସିଆଲ ମିଡିଆ ଜରିଆରେ ବହୁ ଯୁବତୀଯୁବକ ବିବାହ ବନ୍ଧନରେ ବାନ୍ଧି ହୋଇ ଦାମ୍ପତ୍ୟ ଜୀବନ ବିତାଉଛନ୍ତି। କିନ୍ତୁ କିଛି ଅପରାଧୀ ଏହି ପ୍ଲାଟଫର୍ମକୁ ବ୍ୟବହାର କରି ଅନ୍ୟକୁ ଠକି ଟଙ୍କା ଲୁଟୁଛନ୍ତି। ଏପରି କି ନିଜ ପରିଚୟକୁ ଗୋପନ ରଖି କେତେବେଳେ ନିଜକୁ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀ ତ' ପୁଣି କେତେବେଳେ ପୋଲିସ, ସିବିଆଇ ଆଦି ବଡ଼ ବଡ଼ ଅଧିକାରୀଙ୍କ ପରିଚୟ ଦେଇ ଜାଲରେ ଫସାଇବା ପରେ ସହଜରେ ଠକି ଦେଉଛନ୍ତି। ରାଜଧାନୀରେ କମିଶନରେଟ ପୋଲିସ ଗତ ୨ବର୍ଷ ମଧ୍ୟରେ ଏମିତି ଅନେକ ଅପରାଧୀଙ୍କୁ ଗିରଫ କରିଛି। ତେବେ ଅଭିଯୁକ୍ତମାନେ ଟଙ୍କା ଠକିବା ଉଦ୍ଦେଶ୍ୟ ରଖି ଏକାଧିକ ବିବାହ କରୁଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି। ଏହାସହ ଅଭିଯୁକ୍ତମାନେ ଠକେଇ ଟଙ୍କାରେ ଅୟସ ଜୀବନ ବିତାଇବାକୁ ଏଭଳି କରିଥାନ୍ତି। ଏଭଳି ଠକାମିରୁ ବର୍ତ୍ତିବା ପାଇଁ ସାମାଜିକ କର୍ମୀ ନମ୍ରତା ଚଢ଼ା କହିଛନ୍ତି, ଏଥିପାଇଁ ଯୁବତୀମାନେ ପ୍ରଥମେ ସଚେତନ ହେବା ଆବଶ୍ୟକ। ବିବାହକୁ ଜୀବନର ଏକମାତ୍ର ଲକ୍ଷ୍ୟ ବୋଲି ଭାବିବା ଉଚିତ ନୁହେଁ। ପ୍ରଥମେ କ୍ୟାରିଅରକୁ ଦେଖନ୍ତୁ। ଯଦି ବିବାହ ପ୍ରସ୍ତାବ ପଡୁଛି ତା'ହେଲେ ଉଚିତ୍ ଯାଞ୍ଚ କରି ପୁଅ ବିଷୟରେ ଜାଣିବା ଆବଶ୍ୟକ। ପରିବାର ଲୋକଙ୍କ ସହମତି ପରେ ବିବାହ ପାଇଁ ରାଜି ହେବା ଜରୁରୀ। କିନ୍ତୁ ସୋସିଆଲ ମିଡିଆରେ ବିବାହ ପ୍ରସ୍ତାବ ଆସିଲେ ସହଜରେ ରାଜି ହେବା ଠିକ ନୁହେଁ। ଏହାସହ ଯେଉଁମାନେ ଠକାମିର ଶିକାର ହେଉଛନ୍ତି, ସେମାନେ ଆଗକୁ ଆସି ଅଭିଯୋଗ କରିବା ନିହାତି ଆବଶ୍ୟକ ବୋଲି ଚଢ଼ା କହିଛନ୍ତି।

## ଧରାପଡ଼ିଥିବା ୩ ଅପରାଧୀଙ୍କ କାରନାମା

- ୨୦୨୪ ଅଗଷ୍ଟ ୭ରେ ଯାଜପୁର ବିଞ୍ଝାରପୁର ଥାନା ବଡ଼ମଲ୍ଲୀପୁରର ସତ୍ୟଜିତ ସାମଲ ମାଟ୍ରିମୋନିଆଲ ସାଇଟରେ ନିଜକୁ ଗୋଇନ୍ଦା ଅଧିକାରୀ, ପାଇଲଟ, କ୍ରାଇମବ୍ରାଞ୍ଚ ଓ କର୍ପୋରେଟ ମୁଖ୍ୟ ଚାକିରି କରିଥିବା ଦର୍ଶାଇ ୫ଜଣଙ୍କୁ ବିବାହ କରିଥିଲେ। ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟିବା ପରେ ସେହି ପଇସାରେ ଅୟସ ଜୀବନ ବିତାଉଥିଲେ। ଜଣେ ମହିଳା କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଥିଲା।
- ୨୦୨୪ ସେପ୍ଟେମ୍ବର ୧ରେ ମିଛ ପରିଚୟ ଦେଇ ଯୁବତୀମାନଙ୍କୁ ପ୍ରେମ ଜାଲରେ ଫସାଇ ପରବର୍ତ୍ତୀ ସମୟରେ ୩ ଜଣଙ୍କୁ ବିବାହ କରିଥିବା ଜଣେ ନକଲି ଇନ୍ସପେକ୍ଟରଙ୍କୁ ଖଣ୍ଡଗିରି ପୋଲିସ ଗିରଫ କରିଛି। ଅଭିଯୁକ୍ତ ଭଦ୍ରକର ସୁବାସ ଚନ୍ଦ୍ର କହଁର। ବୟସ ୫୫ ହୋଇଥିଲେ ମଧ ଫେସ୍‌ବୁକ ପ୍ରୋଫାଇଲରେ ପରିଚୟ ଲୁଚାଇ ନିଜକୁ ଇନ୍ସପେକ୍ଟର ମନୋଜ କୁମାର ମିଶ୍ର ବୋଲି ଦର୍ଶାଇଥିଲେ। ଠକାମିରେ ପଡ଼ି ବିବାହ କରିଥିବା ମହିଳା ଜଣଙ୍କ କାର ନମ୍ବରରୁ ଜାଣିବା ପରେ ଥାନାରେ ଅଭିଯୋଗ କରିବାରୁ ଘଟଣା ପଦାକୁ ଆସିଥିଲା।
- ୨୦୨୨ ଫେବୃଆରୀ ୧୯ ରେ ନକଲି ଡାକ୍ତର ରମେଶ ସ୍ୱାଇଁ ଗିରଫ ହୋଇଥିଲେ। ନିଜକୁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପଦସ୍ଥ ଅଧିକାରୀ ପରିଚୟ ଦେଇ ୧୮ ମହିଳାଙ୍କୁ ବିବାହ କରିବା ପରେ ଟଙ୍କା, ସୁନାଗହଣା ଆଦି ଠକିଥିଲେ। ନିଜକୁ ୫୦ ବର୍ଷ ହୋଇଥିଲେ ବି ସେ ମାଟ୍ରିମୋନି ସାଇଟରେ ୪୪ବର୍ଷ ବୋଲି ଦର୍ଶାଇଥିଲେ। ବଡ଼ କଥା ହେଉଛି ଅଭିଯୁକ୍ତ ରମେଶ ସ୍ୱାମୀଙ୍କଠାରୁ ଅଲଗା ରହୁଥିବା ଓ ବିଧବା ଆଦି ନାମୀଦାମୀ ମହିଳାଙ୍କୁ ପ୍ରେମ ଜାଲରେ ପକାଇ ବାହା ହୋଇଥିଲେ। ତେବେ ଅଧିକାଂଶ ମହିଳା ବାହାର ରାଜ୍ୟର ବୋଲି ଜଣାପଡ଼ିଥିଲା। ଉକ୍ତ ମହିଳାମାନେ କିଏ ଡାକ୍ତର ତ ପୁଣି କିଏ ଶିକ୍ଷୟିତ୍ରୀ ଏବଂ ଓକିଲ ଭଳି ପଦବୀରେ ରହିଥିଲେ। ନକଲି ଡାକ୍ତର ସେମାନଙ୍କ ପାଖରେ କିଛି ଦିନ ରହିବା ପରେ ଡ୍ୟୁଟିରେ ବାହାନା ଦେଖାଇ ସେମାନଙ୍କଠାରୁ ଲୁଟିବା ପରେ ଓଡ଼ିଶା ପଳାଇ ଆସୁଥିଲେ। କିନ୍ତୁ ରମେଶଙ୍କ ଏହି ନାଟକ ବେଶିଦିନ ତିଷ୍ଠି ପାରି ନ ଥିଲା। ଆସାମର ମହିଳା ଡାକ୍ତର ଓ ପଞ୍ଜାବର ଶିକ୍ଷୟିତ୍ରୀ ଖୋଜିଖୋଜି ଓଡ଼ିଶାରେ ପହଞ୍ଚିବା ପରେ ତାଙ୍କର ଅସଲ ଚେହେରା ସାମ୍ନାକୁ ଆସିଥିଲା।

## ଅଭିଯୁକ୍ତ ନାବାଳକଙ୍କ ବାପା ଗିରଫ

ଭୁବନେଶ୍ୱର,୪।୯ (ସୂର୍ଯ୍ୟକାନ୍ତ ବେହେରା)

**ଏକତରଫା ପ୍ରେମକୁ ବିରୋଧରୁ ହତ୍ୟା ଘଟଣା**


ଚିତ୍ତରଞ୍ଜନ ପୃଷ୍ଟି

ଏକତରଫା ପ୍ରେମ ବ୍ୟାପାରକୁ ନେଇ ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ରଘୁନାଥ ନଗର ଶୁକ ବିହାର ଅଞ୍ଚଳରେ ଜଗତ ମଲ୍ଲିକ ଓରଫ ଜଗା (୩୩) ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତ ନାବାଳକଙ୍କ ବାପା ଚିତ୍ତରଞ୍ଜନ ପୃଷ୍ଟି ଓରଫ ବାପୁନିଙ୍କୁ ବୁଧବାର ଗିରଫ କରିଛି। ତାଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ହତ୍ୟା ଘଟଣାରେ ବାପୁନି ଷଡ଼ଯନ୍ତ୍ରକାରୀ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ଏନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

ସୂଚନା ଅନୁସାରେ, ଶୁକ ବିହାରର ଜଗା ଅଟୋ ଚଳାଇ ପରିବାର ପୋଷଣ କରନ୍ତି। ଆଉ ସେହି ସାହିର ଜଣେ ଯୁକ୍ତ୨ରେ ପଢୁଥିବା ନାବାଳକ ଜଗାଙ୍କ ନାବାଳିକା ଝିଅାରୀଙ୍କୁ ଏକତରଫା ପ୍ରେମ କରୁଥିଲେ। ଏହି ଖବର ଜଣାପଡ଼ିବା ପରେ ଜଗା ନିଜ ଝିଅାରୀ ଏବଂ ଉକ୍ତ ନାବାଳକଙ୍କୁ ତାଗିଦ୍ କରିଥିଲେ। ଏହାପରେ ବି ନାବାଳକ ଜଣଙ୍କ ଜଗାଙ୍କ ଝିଅାରୀ ପଛରେ ପଡ଼ି ରାସ୍ତାରେ କମେଣ୍ଟ ମାରୁଥିଲେ। ଏହାକୁ ନେଇ ଜଗାଙ୍କ ସ୍ତ୍ରୀ, ତାଙ୍କ ଭାଉଜ ଓ କିଛି ମହିଳା ଉକ୍ତ ନାବାଳକଙ୍କୁ ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ଏନେଇ ଜଗା ଏବଂ ତାଙ୍କ ପରିବାର ଲୋକଙ୍କ ବିରୋଧରେ ନାବାଳକଙ୍କ ବାପା ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଉଭୟ ପରିବାର ଓ କିଛି ମହିଳାଙ୍କୁ ଡାକି ଥାନାରେ ପଚରାଉଚରା କରିବା ସହ ଘଟଣାର ସମାଧାନ କରିଥିଲେ। ଏହାପରେ ବି ନାବାଳକ ଜଣଙ୍କ ଥାନା ପରିସରରେ ଜଗାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପ୍ରତିଶୋଧ ପରାୟଣ ହୋଇ ମନରେ କୁହୁଳିଥିବା ରାଗକୁ ନାବାଳକ ଜଣଙ୍କ ନିୟନ୍ତ୍ରଣ କରି ନ ପାରି ଜଗାଙ୍କୁ ଗତ ୨୮ ତାରିଖରେ ଖଣ୍ଡାରେ ହାଣି ହତ୍ୟା କରିଥିଲେ। ଉକ୍ତ ନାବାଳକ ଏବେ ବାଳ ସୁଧାର ଗୃହରେ ଅଛନ୍ତି।

## ଟଙ୍କା ନ ଦେବାରୁ ପିଉସୀଙ୍କୁ ହତ୍ୟା

ବେତନଟୀ,୪।୯(ଧରଣୀଧର ମହାନ୍ତି)

**ଅଭିଯୁକ୍ତ ପୁତୁରା ଗିରଫ**



ଟଙ୍କା ନ ଦେବାରୁ ପିଉସୀଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି ପୁତୁରା। ଏପରିକି ଦୋଷ ଲୁଚାଇବାକୁ ଛୁରିକୁ କୂଅରେ ଫିଙ୍ଗିଦେବା ସହ ମା'ଙ୍କୁ ଫୋନ୍ କଲ୍ କରି ପିଉସୀ ତଳେ ପଡ଼ିଯାଇଥିବା ଜଣାଇଥିଲେ ଯୁବକ। ପଡ଼ୋଶୀ ସତ ଜାଣିପାରି ପାଟି କରିବାରୁ ଅଭିଯୁକ୍ତ ଯୁବକ ଖସିଯିବାକୁ ଚେଷ୍ଟା କରିଥିଲେ। ପଡ଼ୋଶୀମାନେ ତାଙ୍କୁ କାବୁ କରି ଏକ ଖୁଣ୍ଟରେ ବାନ୍ଧି ପକାଇଥିଲେ। ବୁଧବାର ଅପରାହ୍ନରେ ଏଭଳି ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଦହିକୋଟି ଗ୍ରାମରେ। ମୃତା ମହିଳା ହେଲେ ଗ୍ରାମର ଚାରୁଲତା ମିଶ୍ର। ପୋଲିସ ଅଭିଯୁକ୍ତ ଚାରୁଲତାଙ୍କ ପୁତୁରା ତନ୍ମୟ ମିଶ୍ର(୨୧)ଙ୍କୁ ଗିରଫ କରିଛି। ଏନେଇ ମୃତା ଚାରୁଲତାଙ୍କ ଭାଇ ବ୍ରଜରାଜ ମିଶ୍ରଙ୍କ ଲିଖିତ ଅଭିଯୋଗକ୍ରମେ ବେତନଟୀ ଥାନାରେ ଏକ ହତ୍ୟା ମାମଲା (ନଂ.୨୬୩/୨୪) ରୁଜୁ କରାଯାଇଛି।

ସୂଚନା ଅନୁଯାୟୀ, ତନ୍ମୟ ବାରିପଦାର ଏକ ଘରୋଇ କଲେଜରେ ଡିପ୍ଲୋମା ପଢୁଥିବା ବେଳେ ଘରକୁ ବୁଲିବାକୁ ଆସିଥିଲେ। ତନ୍ମୟଙ୍କ ମା' ଜଣେ ଶିକ୍ଷୟିତ୍ରୀ ହୋଇଥିବାରୁ ସେ ସ୍କୁଲରେ ଥିଲେ। ତନ୍ମୟ ଘରେ ଥିବା ପିଉସୀ ଚାରୁଲତାଙ୍କୁ ଟଙ୍କା ମାଗିଥିଲେ। ସେ ଟଙ୍କା ନ ଦେବାରୁ ଏଥିରେ ଉତ୍ତ୍ୟକ୍ତ ହୋଇ ତନ୍ମୟ ଏକ ଧାରୁଆ ଛୁରିରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତନ୍ମୟ ଛୁରିକୁ ଘର ସମ୍ମୁଖରେ ଥିବା ଏକ କୂଅରେ ପକାଇ ଦେଇଥିବା ବେଳେ ପିନ୍ଧିଥିବା ପୋଷାକକୁ ସଫା କରି ଶୁଖାଇ ଦେଇଥିଲେ। ଖବରପାଇ ବେତନଟୀ ଆଇଆଇସି ସସ୍ମିତା ମହାନ୍ତଙ୍କ ସମେତ ଏକ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ତନ୍ମୟଙ୍କୁ ଗିରଫ କରିଥିଲା। ବାରିପଦାରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିଛି।

## ହୋଟେଲ ବାଥ୍‌ରୁମ୍‌ରେ ମହିଳାଙ୍କ ଭିଡିଓ କରି ଫସିଲେ ଇଞ୍ଜିନିୟର

ଭୁବନେଶ୍ୱର,୪।୯(ସତ୍ୟଜିତ୍ ରାଉତ)

**ଅଭିଯୁକ୍ତଙ୍କୁ ଧରିଲା ହର୍ ଟିମ୍**

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଥିବା ଏକ ହୋଟେଲ ବାଥ୍‌ରୁମ୍‌ରେ ବୁଧବାର ଜଣେ ମହିଳା ଗାଧୋଉଥିବା ବେଳେ ଏହାର ଭିଡିଓ ଶୁଟ୍ କରି ଜଣେ ଇଞ୍ଜିନିୟର ଫସିଛନ୍ତି। କମିଶନରେଟ୍ ପୋଲିସର ହାଇ-ଏଫିସିଏନ୍‌ସି ରେସ୍ପନ୍ସ (ହର୍) ଟିମ୍ ସମ୍ପୃକ୍ତ ଇଞ୍ଜିନିୟରଙ୍କୁ ଧରିବାରେ ସକ୍ଷମ ହୋଇଛି। ଅଭିଯୁକ୍ତ ଇଞ୍ଜିନିୟର ହେଲେ ତାମିଲନାଡୁର ଚନ୍ଦ୍ର ଶେଖରନ୍। ଲକ୍ଷ୍ମୀସାଗର ଥାନା ପକ୍ଷରୁ ଚନ୍ଦ୍ର ଶେଖରନ୍‌ଙ୍କୁ ଗିରଫ କରାଯାଇଛି। ମହିଳାଙ୍କ ଏତଲା ଆଧାରରେ ଥାନା ପକ୍ଷରୁ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ୪୫ ବର୍ଷୀୟା ମହିଳାଙ୍କ ଘର ଛତିଶଗଡ଼ରେ। ତାଙ୍କ ଝିଅ ବ୍ୟାଙ୍କ ପିଓ ପାଇଛନ୍ତି। ସେ ଭୁବନେଶ୍ୱରର ଏକ ବ୍ୟାଙ୍କରେ ଚାକିରିରେ ଯୋଗ ଦେବାର ଥିଲା। ଏଥିପାଇଁ ମା' ଓ ଝିଅ ମଙ୍ଗଳବାର ଭୁବନେଶ୍ୱର ଆସି ଲକ୍ଷ୍ମୀସାଗରସ୍ଥିତ ଉକ୍ତ ହୋଟେଲରେ ରହିଥିଲେ। ଅନ୍ୟପକ୍ଷରେ ଚନ୍ଦ୍ର ଶେଖରନ୍ ପଶ୍ଚିମ ଓଡ଼ିଶାର ଏକ ବେସରକାରୀ କମ୍ପାନୀରେ ଇଞ୍ଜିନିୟର ଥିବାବେଳେ ୨ଦିନ ହେଲା କମ୍ପାନୀ କାମରେ ଭୁବନେଶ୍ୱର ଆସି ଉକ୍ତ ହୋଟେଲରେ ରହିଥିଲେ। ଚନ୍ଦ୍ର ଶେଖରନ୍‌ଙ୍କ ରୁମ୍ ଓ ଅଭିଯୋଗକାରିଣୀଙ୍କ ରୁମ୍ ପାଖାପାଖି ଥିଲା। ମହିଳା ଜଣଙ୍କ ବୁଧବାର ସକାଳେ ବାଥରୁମ୍‌ରେ ଥିଲେ। ଏହି ସମୟରେ ବାଥୁରମ୍ ଏକ୍‌ଜଷ୍ଟ ଭେଣ୍ଟ ଫାଙ୍କ ଦ୍ୱାରା ମୋବାଇଲରେ ଚନ୍ଦ୍ରଶେଖରନ୍ ଭିଡିଓ ଶୁଟ୍ କରୁଥିଲେ। ଏହାକୁ ମହିଳା ଜଣଙ୍କ ଦେଖି ବିରୋଧ କରିଥିଲେ। ଏନେଇ ହୋଟେଲ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଚନ୍ଦ୍ର ଶେଖରନଙ୍କୁ ଡକାଯାଇ ପଚରାଯାଇଥିଲା। ପରିସ୍ଥିତି ବିଗିଡ଼ିବାରୁ ଚନ୍ଦ୍ରଶେଖରନ୍ ହୋଟେଲରୁ କୌଶଳ କରି ଫେରାର ହୋଇଯାଇଥିଲେ। ମହିଳା ଜଣଙ୍କ ଏନେଇ ହର୍ ଟିମ୍‌କୁ ଜଣାଇ ଅଭିଯୋଗ କରିଥିଲେ। ଚନ୍ଦ୍ରଶେଖର ଲକ୍ଷ୍ମୀସାଗର ଅଞ୍ଚଳରେ ରହିବା ପାଇଁ ଆଉ ଏକ ହୋଟେଲ ଖୋଜୁଥିବାବେଳେ ହର୍ ଟିମ୍ ତାଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ପରେ ତାଙ୍କୁ ଲକ୍ଷ୍ମୀସାଗର ଥାନାକୁ ହସ୍ତାନ୍ତର କରାଯାଇଥିଲା।

## କାର୍ ପାର୍କିଂକୁ ନେଇ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ, ୨ ଗିରଫ

ଭୁବନେଶ୍ୱର,୪।୯ (ସୂର୍ଯ୍ୟକାନ୍ତ ବେହେରା)

କାର ପାର୍କିଂକୁ ନେଇ ଜଣେ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଇନଫୋସିଟି ଥାନା ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା ଭଦ୍ରକର ଶୁଭମ ଜେନା ଓ ଜଗତ୍‌ସିଂହପୁରର ଶ୍ରେୟାନ ପରିଡା। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ କେତେଜଣ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆକ୍ରମଣରେ ଆହତ ହୋଇଥିବା ଛାତ୍ର ହେଲେ ଦିବ୍ୟରଞ୍ଜନ। ସେ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଏକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ପଢୁଛନ୍ତି। ଉକ୍ତ ବିଶ୍ୱବିଦ୍ୟାଳୟ ରାସ୍ତାରେ ଅଗଷ୍ଟ ୨ ମଧ୍ୟାହ୍ନରେ ରଙ୍ଗସାଇଡ୍ କାର ପାର୍କିଂକୁ ନେଇ ଦିବ୍ୟରଞ୍ଜନ ଅଭିଯୁକ୍ତଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ବୁଧବାର ଅପରାହ୍ନ ୨ଟାରେ ଦିବ୍ୟରଞ୍ଜନ ଓ ତାଙ୍କର ଜଣେ ବନ୍ଧୁ ମଧ୍ୟାହ୍ନ ଭୋଜନ କରିବା ଲାଗି ଯାଇଥିବା ବେଳେ ଦୁଇ ଅଭିଯୁକ୍ତ କେତେଜଣ ସହଯୋଗୀଙ୍କୁ ଫୋନ୍ କରି ଘଟଣା ସ୍ଥଳକୁ ଡାକିଥିଲେ। ପରେ ସମସ୍ତେ ମିଶି ଦିବ୍ୟରଞ୍ଜନଙ୍କୁ ପ୍ରବଳ ମାଡ ମାରିଥିଲେ। ଫଳରେ ତାଙ୍କ ଶରୀରର ଏକାଧିକ ସ୍ଥାନରେ ଗୁରୁତର ଆଘାତ ଲାଗିଥିଲା। ଏନେଇ ଦିବ୍ୟରଞ୍ଜନଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ସିଟି ଆଣ୍ଡ ଜିଏସ୍‌ଟିର ପୂର୍ବତନ ଆସିଷ୍ଟାଣ୍ଟ କମିଶନର ବିନୟଙ୍କ ନାମରେ ଭିଜିଲାନ୍ସ ଯୋଡ଼ିଲା ଆୟ ବହିର୍ଭୂତ ସମ୍ପତ୍ତି ମାମଲା

କଟକ,୪।୯ (କାର୍ତ୍ତିକ ସାହୁ)

ଲାଞ୍ଚ ଦାବି କରିବା ଓ ସରକାରୀ ଟ୍ୟାକ୍ସ ବାବଦ ୫,୮୫,୩୫୬ ଟଙ୍କା ତୋସରପାତ କରିବା ଅଭିଯୋଗରେ ଜେଲରେ ଥିବା ଯାଜପୁର ସିଟି ଆଣ୍ଡ ଜିଏସ୍‌ଟିର ପୂର୍ବତନ ଆସିଷ୍ଟାଣ୍ଟ କମିଶନର ବିନୟ ଭୂଷଣ ତ୍ରିପାଠୀଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଛି। କଟକ ଭିଜିଲାନ୍ସ ପକ୍ଷରୁ ଗତ ଅଗଷ୍ଟ ୧୮ରେ ତ୍ରିପାଠୀଙ୍କର ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ପରେ ତ୍ରିପାଠୀଙ୍କର ଆୟ, ବ୍ୟୟ ଓ ସମ୍ପତ୍ତି ଆଦିକୁ ହିସାବ କରାଯାଇଥିଲା। ତେବେ ସେ ୧ କୋଟି ଟଙ୍କା ମୂଲ୍ୟର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ପକ୍ଷରୁ ଆକଳନ କରାଯାଇଥିଲା। ଏନେଇ କଟକ ଭିଜିଲାନ୍ସ ଥାନାରେ ମାମଲା (ନଂ.୨୪/୨୦୨୪) ରୁଜୁ ହୋଇଛି।

## ମଦ୍ରାସାରେ ଛପା ହେଉଥିଲା ଜାଲ୍ ନୋଟ୍

ବାସୁଦେବପୁର,୪।୯ (ନାରାୟଣ ପ୍ରସାଦ ବାରିକ୍)

- **ଉତ୍ତରପ୍ରଦେଶରୁ ଚେର ଲମ୍ବିଛି ବାସୁଦେବପୁରକୁ**
- **ପୁଅ ଦୋଷ କରିଥିଲେ ଦଣ୍ଡ ପାଉ: ଗିରଫ ଜାହିରଙ୍କ ବାପା**

ଉତ୍ତରପ୍ରଦେଶର ପ୍ରୟାଗରାଜର ଏକ ମଦ୍ରାସାରେ ଛପା ଚାଲିଥିଲା ଜାଲ୍ ନୋଟ୍। ଏହି ଜାଲ୍ ନୋଟ୍ କାରବାରର ଚେର ଭଦ୍ରକ ଜିଲାର ବାସୁଦେବପୁରକୁ ଲମ୍ବିଛି। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଉତ୍ତରପ୍ରଦେଶ ପୋଲିସ ଗିରଫ କରିଥିବା ବେଳେ ସେମାନଙ୍କ ମଧ୍ୟରେ ବାସୁଦେବପୁର ପୌରପାଳିକା ଅଧୀନ ଶୁକଦେବପୁର ଗ୍ରାମର ଜାହିର ଖାଁ(୨୦) ଅଛନ୍ତି।

ଗତ ୨୮ ତାରିଖରେ ଏହି ଘଟଣା ଘଟିଥିବା ବେଳେ ଏବେ ଖବର ସାମ୍ନାକୁ ଆସିଛି। ଶୁକଦେବପୁର ଗ୍ରାମର ଆଜାଦବସ୍ତୀର ସାଜିଦ ଖାଁଙ୍କ ପୁଅ ଜାହିର। ତାଙ୍କ ବାପାଙ୍କ କହିବା ଅନୁଯାୟୀ, ୬ବର୍ଷ ହେଲା ଉତ୍ତରପ୍ରଦେଶର ପ୍ରୟାଗରାଜସ୍ଥିତ ଜାମିଆ ଅବିଦିଆ ମଦ୍ରାସାରେ ଜାହିର ପାଠ ପଢୁଥିଲେ। ଜାଲ୍ ନୋଟ୍ କାରବାରରେ ଜାହିର ସମ୍ପୃକ୍ତ ଥିବାରୁ ତାଙ୍କୁ ଗିରଫ କରାଯାଇଥିବା ନେଇ ଉତ୍ତରପ୍ରଦେଶର ଜଣେ ଆଇନଜୀବୀ ତାଙ୍କୁ ଫୋନ୍ ମାଧ୍ୟମରେ ଜଣାଇଥିଲେ। ଏପରିକି ତାଙ୍କ ପୁଅର ଜାମିନ୍ କରାଇଦେବେ ବୋଲି ସେ କହିଥିଲେ। ଜାହୀରଙ୍କ ଏତାଦୃଶ କାର୍ଯ୍ୟକୁ ବାପା ସାଜିଦ୍ ନିନ୍ଦା କରିବା ସହ ପୁଅ ଯଦି କିଛି ଦୋଷ କରିଛି, ତେବେ ସେ ଦଣ୍ଡ ପାଉ ବୋଲି କହିବା ସହ କୌଣସି ବାପା ମା' ଏପରି କାର୍ଯ୍ୟରେ ସମ୍ପୃକ୍ତ ଥିବା ପୁଅକୁ ଘଣ୍ଟ ଘୋଡ଼ାନ୍ତୁ ନାହିଁ ବୋଲି କହିଥିଲେ। ୩ ମାସ ତଳେ ଜାହିର ଘରକୁ ଆସିଥିବା ବେଳେ ପୁଅର ଏପରି କାର୍ଯ୍ୟକଳାପ ବିଷୟରେ ସେ ପୂର୍ବରୁ ଅବଗତ ନ ଥିଲେ। ପୋଲିସ ଘଟଣାର ତଦନ୍ତ କଲେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି। ସାଜିଦ୍ ଜଣେ ଜଡ଼ିବୁଟି ଚିକିତ୍ସକ ଭାବେ କାର୍ଯ୍ୟ କରନ୍ତି। ୩ ମାସ ପୂର୍ବେ ଜାହିର ଘରକୁ ଆସି ଯିବା ବେଳେ ତାଙ୍କୁ ନ ଜଣାଇ ଘରେ ଥିବା ୨୦ ହଜାର ଟଙ୍କା ନେଇଯାଇଥିଲେ। ରାସ୍ତାରେ ତାଙ୍କର ଜଣେ ସାଙ୍ଗ ସହ ଫୋନ୍ ଯୋଗେ ଯୋଗାଯୋଗ କରି ବାପା ରଖିଥିବା ୨୦ ହଜାର ଟଙ୍କା ସେ ନେଇଯାଇଥିବା ତାଙ୍କ ଘରେ ଜଣାଇଦେବାକୁ କହିଥିଲେ। ପୋଲିସକୁ ତଦନ୍ତ ବେଳେ ସେ ସହଯୋଗ କରିବେ ବୋଲି ସାଜିଦ୍ କହିଛନ୍ତି। ତେବେ ଏହି ଘଟଣା ସମ୍ପର୍କରେ ବାସୁଦେବପୁର ପୋଲିସ ପାଖରେ ବିଶେଷ କିଛି ସୂଚନା ନାହିଁ। ଜାତୀୟ ଗଣମାଧ୍ୟମରେ ପ୍ରସାରଣ ପରେ ଖବର ଜଣାପଡ଼ିଛି। ୟୁପି ପୋଲିସ ଆସିଲେ ତଦନ୍ତରେ ସହଯୋଗ କରାଯିବ ବୋଲି ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ କହିଛନ୍ତି।

## ଟୁରୁଡ଼ି ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଲମ୍ବିତ

ନବରଙ୍ଗପୁର,୪।୯(ସଦାଶିବ ପ୍ରହରାଜ)

**୬୫ ଲକ୍ଷ ଟଙ୍କା ହଡ଼ପ ନେଇ ଥାନାରେ ଅଭିଯୋଗ**


ସୁରେନ୍ଦ୍ର ଭତ୍ରା

୬୫ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗରେ ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ଟୁରୁଡ଼ି ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର ଭତ୍ରାଙ୍କୁ ଜିଲାପାଳ ନିଲମ୍ବନ କରିଛନ୍ତି। ଏଥିସହ ଜିଲା ବାହାରକୁ ନ ଯିବାକୁ ତାଙ୍କୁ ଚିଠି କରାଯାଇଛି। ଉମରକୋଟ ବ୍ଲକ୍ କାର୍ଯ୍ୟାଳୟରେ ଯୋଗଦେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାନୁଯାୟୀ, ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର ନେଇ ରାଇଘର ବିଡିଓ ଲକ୍ଷ୍ମୀସାଗର ମାଝୀ ଜାଣିବା ପରେ ପ୍ରାୟ ୧ ମାସ ହେବ ସେ ଏହାର ତଦନ୍ତ କରୁଥିଲେ। ତଦନ୍ତରେ କିନ୍ତୁ ଟୁରୁଡି ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର ଭତ୍ରା ସହଯୋଗ କରି ନ ଥିଲେ। ଏଣୁ ବିଡିଓ ମାଝୀ ନବରଙ୍ଗପୁର ଜିଲାପାଳଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ଜିଲାପାଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭତ୍ରାଙ୍କୁ ନିଲମ୍ବିତ କରିଛନ୍ତି। ଏଥିସହ ଭାତ୍ରାଙ୍କ ବିରୋଧରେ କୁନ୍ଦେଇ ଥାନାରେ ଏକ ମାମଲା (ନଂ. ୮୬/୨୪) ରୁଜୁ ହୋଇଥିବା ନେଇ ଭାରପ୍ରାପ୍ତ ଜିଲା ପଞ୍ଚାୟତ ଅଧିକାରୀ ପଦ୍ମନାଭ ତ୍ରିପାଠୀ ସୂଚନା ଦେଇଛନ୍ତି।

## ୧୨୦ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

ସମ୍ବଲପୁର,୪।୯ (ପ୍ରମୋଦ ବହିଦାର)


ଜବତ ବ୍ରାଉନ ସୁଗାର।

ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ ସୁନାପାଲି ଅଞ୍ଚଳରେ ଅବକାରୀ ବିଭାଗ ବୁଧବାର ଚଢ଼ାଉକରି ବେଆଇନ ଭାବେ ଗଚ୍ଛିତ ପ୍ରାୟ ୧୨୦ ଗ୍ରାମ ଓଜନର ବ୍ରାଉନ ସୁଗାର(ହେରୋଇନ) ଜବତ କରିଛି। ଏହାର ଅନୁମାନିକ ମୂଲ୍ୟ ୧୨ଲକ୍ଷ ଟଙ୍କା ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁନାପାଲି ଅଞ୍ଚଳର ମହମ୍ମଦ ନସିମ(୩୯) ଓ ଧନକଉଡ଼ା ଗେଙ୍ଗୁଟିପାଲିର ବିନୋଦ ସାମଲ(୩୧)।

ଅବକାରୀ ବିଭାଗ ସୂଚନା ମତେ, ସମ୍ବଲପୁର ସହରକୁ କୋଲକାତାରୁ ଟ୍ରେନ ଯୋଗେ ବ୍ରାଉନସୁଗାର ଚାଲାଣ ହେଉଥିବା ସମ୍ପର୍କରେ ବିଭାଗକୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ବ୍ରାଉନସୁଗାର ଚୋରା ଚାଲାଣକାରୀ ଓହ୍ଲାଇବାକୁ ଥିବା ଷ୍ଟେଶନରେ ଅବକାରୀ ବିଭାଗ ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ସେଠାରେ ଛକି ରହିଥିଲେ। ହେଲେ ଅବକାରୀ ବିଭାଗ କର୍ମଚାରୀଙ୍କୁ ଚକ୍‌ମା ଦେଇ ଉକ୍ତ ଷ୍ଟେଶନରେ ନ ଓହ୍ଲାଇ ଏହାର ପୂର୍ବ ଏକ ଷ୍ଟେଶନରେ ଓହ୍ଲାଇ ଯାଇଥିଲେ। ସେଠାରୁ ସେମାନେ ଏକ ସ୍କୁଟି ଯୋଗେ ବ୍ରାଉନସୁଗାର ଧରି ସୁନାପାଲି ଅଞ୍ଚଳରେ ପହଞ୍ଚିଥିଲେ। ଅନ୍ୟପକ୍ଷରେ ଅବକାରୀ ବିଭାଗ କର୍ମଚାରୀ ଚାଲାଣକାରୀଙ୍କ ଚାଲ୍ ସମ୍ପର୍କରେ ଖବର ପାଇ ସୁନାପାଲିରେ ପହଞ୍ଚି ବ୍ରାଉନସୁଗାର ସହ ୨ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ସେମାନଙ୍କ ନିକଟରୁ ବ୍ରାଉନସୁଗାର ସହ ଚାଲାଣରେ ବ୍ୟବହୃତ ସ୍କୁଟର(ଓଡି-୧୫-ଏନ୍-୪୭୧୯) ଓ ଏକ ସ୍ମାର୍ଟଫୋନ ଜବତ କରାଯାଇଛି। ଅତୀତରେ ମଧ ଏହି ଅଞ୍ଚଳରୁ ବହୁବାର ବ୍ରାଉନସୁଗାର ଜବତ ହୋଇଛି।

## ବରସୁଆଁ ଲୌହଖଣିରେ ସିବିଆଇ ଚଢ଼ାଉ

ଟେନସା,୪।୯(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା ଟେନସା ସ୍ଥିତ ବରସୁଆଁ ଲୌହ ଖଣି (ସେଲ)ରେ ସିବିଆଇ ପକ୍ଷରୁ ଚଢ଼ାଉ ହୋଇଛି। ଶହଶହ କୋଟି ଟଙ୍କାର ହେରଫେର ହୋଇଥିବା ଜଣାପଡିବା ପରେ ପ୍ରଥମେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ହେଲେ କିଛି ତଥ୍ୟ ଠିକଭାବେ ମିଳି ନ ଥିବାରୁ ପୁଣି ସୋମବାରଠାରୁ ଚଢ଼ାଉ ଜାରି ରହିଛି। ଲୌହ ଖଣିର କିଛି ଅଧିକାରୀଙ୍କୁ ପଚରା ଉଚରା କରାଯାଉଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ୨୦୨୩ ଫେବୃଆରୀରେ ବରସୁଆଁ ଲୌହ ଖଣିର ଡେଲିରୁ କିଛି ଲୁହାପଥର ଗୁଣ୍ଡ ବିକ୍ରି ହେବା ଟାଟା କରାଯାଇଥିଲା। ଏହି ଟାଟା ପ୍ରଥମେ ଖଣି ଉପନିର୍ଦ୍ଦେଶକ ଅଫିସରୁ ମାନ ନିରୂପଣ କରିସାରିବା ପରେ ପରିବହନ ପାଇଁ ଅନୁମତି ଦିଆଯାଇଥିଲା। କିନ୍ତୁ ଯେଉଁ ମାନ ନିରୂପଣ କରାଯାଇ ଥିଲା ସେହି ଗେଡ଼ର ଲୁହାପଥର ଗୁଣ୍ଡ ପରିବହନ ନ କରି ଅଧିକ ଗ୍ରେଡ୍‌ର ଲୁହାପଥର ଗୁଣ୍ଡ ପରିବହନ ହୋଇ ଥିବା ନେଇ ଅଭିଯୋଗ ହୋଇଥିଲା।

# ନକଲି ସୁନା ରଖି ୫୫ ଲକ୍ଷ ଋଣ

ବାଲିଗୁଡ଼ା/ଫୁଲବାଣୀ, ୪।୯ (ସଞ୍ଜୟ ପାଣିଗ୍ରାହୀ/ ରାକେଶ କୁମାର ରାଉତ)

**ସ୍ୱର୍ଣ୍ଣକାର ଫେରାର**



ବନ୍ଦ ରହିଥିବା ସୁନା ଦୋକାନ ।

କନ୍ଧମାଳ ଜିଲା ବାଲିଗୁଡ଼ା ବ୍ଲକ ୟୁକୋ ବ୍ୟାଙ୍କରେ ଏକ ସୁନା ଋଣ ଜାଲିଆତି ମାମଲା ସାମ୍ନାକୁ ଆସିଛି। ନକଲି ସୁନା ରଖି ପ୍ରାୟ ୫୫ ଲକ୍ଷ ଟଙ୍କା ଦୁଇ ଜଣଙ୍କ ନାମରେ ଉଠାଇ ନିଆଯାଇଛି। ବ୍ୟାଙ୍କର ଖୋଦ୍ ସ୍ୱର୍ଣ୍ଣକାର ଏହି କଳାକାରନାମା କରିଥିବା ଜଣାପଡ଼ିବା ପରେ ସେ ଫେରାର ହୋଇଯାଇଛନ୍ତି। ଖୋଳତାଡ଼ ପରେ ବନ୍ଧକ ସୁନା ନକଲି ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ବାଲିଗୁଡ଼ା ଅଞ୍ଚଳର ପି.ସତ୍ୟରାମ ଆଚାରୀ ୟୁକୋ ବ୍ୟାଙ୍କରେ ସ୍ୱର୍ଣ୍ଣକାର ଭାବେ ୩ ବର୍ଷ ଧରି ଦାୟିତ୍ୱ ତୁଲାଉଥିଲେ। ତାଙ୍କର କାମ ହେଉଛି ଯେଉଁମାନେ ସୁନା ବନ୍ଧକ ରଖି ଋଣ ପାଇଁ ଆସିବେ, ସେହି ସୁନାର ମାନ ପରୀକ୍ଷଣ କରି ସାର୍ଟିଫିକେଟ ଦେବେ। ଆଚାରୀଙ୍କର ଏକ ସୁନା ଦୋକାନ ବାଲିଗୁଡ଼ାରେ ରହିଛି। ସେଠାରେ ଆଚାରୀ ଦୁଇ ଜଣଙ୍କୁ ଦୋକାନରେ ରଖି କାମ କରାଉଥିଲେ। ସେ ଚତୁରତାର ସହ ନିଜ ଦୋକାନରେ କାମ କରୁଥିବା ଦୁଇ ଜଣ କର୍ମଚାରୀଙ୍କ ନାଁରେ ପ୍ରାୟ ୫୫ ଲକ୍ଷ ଟଙ୍କାର ସୁନା ଋଣ ନେଇଥିଲେ। ଦୋକାନରେ କାମ କରୁଥିବା ରୁନୁବାଳା ପ୍ରଧାନଙ୍କ ଦସ୍ତଖତ ନେଇ ୨୦୨୧ରେ ବ୍ୟାଙ୍କରେ ନକଲି ସୁନା ଅଳଙ୍କାର ବନ୍ଧକ ରଖି ୨୫ ଲକ୍ଷ ଟଙ୍କା ଋଣ ମଞ୍ଜୁର କରି ନେଇଥିଲେ। ପରେ ରୁନୁବାଳାଙ୍କ ଆକାଉଣ୍ଟରୁ ସମସ୍ତ ଟଙ୍କା ନିଜ ଆକାଉଣ୍ଟକୁ ପଠାଇ ଦେଇଥିଲେ। ୩ ବର୍ଷ ପରେ ଋଣ ଅବଧି ଶେଷ ହୋଇଯିବାରୁ ବ୍ୟାଙ୍କ ପକ୍ଷରୁ ଗତ ଜୁଲାଇରେ ଘଟଣାର ଖୋଳତାଡ଼ କରାଯାଇ ରୁନୁବାଳା ଋଣ ପରିଶୋଧ କରୁ ନ ଥିବା ଜଣାପଡ଼ିବାରୁ ବ୍ୟାଙ୍କ ପକ୍ଷରୁ ତାଙ୍କୁ ୩୪ ଲକ୍ଷ ଟଙ୍କା ପରିଶୋଧ କରିବାକୁ ନୋଟିସ୍ ଜାରି କରିଥିଲା। ସେ କୌଣସି ଋଣ ନେଇ ନ ଥିବା କହିବା ପରେ ଘଟଣା ଜଣାପଡ଼ିଥିଲା। ତଦନ୍ତ ପରେ ଜାଲିଆତି କରି ନକଲି ସୁନା ଦେଇ ବିପୁଳ ପରିମାଣର ଋଣ ନିଆଯାଇଥିବା ଜଣାପଡ଼ିଥିଲା। ସେହିପରି ଜି. ସୀମାଞ୍ଚଳ ରେଡ୍ଡିଙ୍କ ନାମରେ ମଧ ପ୍ରାୟ ୩୦ ଲକ୍ଷ ଟଙ୍କାର ଋଣ ଉଠାଯାଇଥିବା ଜଣାପଡ଼ିଛି। ଏତେ ଟଙ୍କାର ଋଣ ପରିଶୋଧ ନ ହେବାରୁ ବ୍ୟାଙ୍କ ପକ୍ଷରୁ ସେମାନଙ୍କ ଦ୍ୱାରା ବ୍ୟାଙ୍କରେ ଦାଖଲ ହୋଇଥିବା ସୁନା ଅନ୍ୟ ଜଣେ ସୁନାରୀଙ୍କ ଦ୍ୱାରା ଯାଞ୍ଚ ପରେ ତାହା ମଧ ନକଲି ବୋଲି ଜଣାପଡ଼ିଥିଲା। ଏହି ୫୫ ଲକ୍ଷ ଟଙ୍କାର ଦୁର୍ନୀତି ପଛରେ ବ୍ୟାଙ୍କ କର୍ମଚାରୀଙ୍କ ହାତଥିବା ସନ୍ଦେହ କରାଯାଉଛି। ଇତି ମଧ୍ୟରେ ଆଚାରୀ ଗତ ଜୁଲାଇରୁ ସୁନା ଦୋକାନ ବନ୍ଦ କରି କେଉଁଆଡ଼େ ଚାଲି ଯାଇଛନ୍ତି। ମଙ୍ଗଳବାର ଫୁଲବାଣୀ ୟୁକୋ ବ୍ୟାଙ୍କର ଆସିଷ୍ଟାଣ୍ଟ ମ୍ୟାନେଜର କାହ୍ନୁ ଚରଣ ସାହୁ ଓ ଭଞ୍ଜନଗରର ଜଣେ ସ୍ୱର୍ଣ୍ଣକାର ବାଲିଗୁଡ଼ା ୟୁକୋ ବ୍ୟାଙ୍କକୁ ଆସି ମାମଲାର ତଦନ୍ତ କରିଛନ୍ତି। ଘଟଣା ସମ୍ପର୍କରେ ଶାଖା ପରିଚାଳକଙ୍କୁ ପଚାରିବାରୁ ସମସ୍ତ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି।

## ଖସିଲା ଶେୟାର ବଜାର

ନୂଆଦିଲ୍ଲୀ, (ଅଭୟ ଦାଶ): କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୨୦୩ (୨୦୨.୮୦) ପଏଣ୍ଟ କମି ୮୨,୩୫୩(୮୨,୩୫୨.୬୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୮୧ (୮୧.୧୫) ପଏଣ୍ଟ ହ୍ରାସ ଘଟି ୨୫,୧୯୯ (୨୫,୧୯୮.୭୦) ଅଙ୍କରେ କାରବାର ଶେଷ କରିଥିଲା।

# ସାରା ବିଶ୍ୱରେ ଓଡ଼ିଶା ଚାଉଳର ଚାହିଦା ସର୍ବାଧିକ




### ୨ ଦିନିଆ ଅଲ ଓଡ଼ିଶା ରାଇସ ମିଲର୍ସ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର,୪।୯ (ଅଭୟ ଦାଶ)

ପ୍ରତିବର୍ଷ ଭଳି ଚଳିତ ମଧ୍ୟ ଅଲ ଓଡ଼ିଶା ରାଇସ ମିଲର୍ସ ଆସୋଶିଏଶନ (ଅରୋମା/ଏଓଆରଏମଏ)ର ୨ ଦିନିଆ ଅଲ ଓଡିଶା ରାଇସ ମିଲର୍ସ କନକ୍ଲେଭ-୨୦୨୪ ବୁଧବାର ଉଦ୍‌ଯାପିତ ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, ଉଭୟ ସରକାରୀ ଓ ଘରୋଇ ପ୍ରତିଷ୍ଠାନର ମିଳିତ ସହଯୋଗରେ ସେପ୍ଟେମ୍ବର ୩ରୁ ଭୁବନେଶ୍ୱର ଠାରେ ଆୟୋଜିତ ଏହି ୨ ଦିନିଆ ସମ୍ମିଳନୀରେ ରାଜ୍ୟର ପ୍ରାୟ ୫୦୦ ମିଲର୍ସ ଓ ୧୫୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। ସମ୍ମିଳନୀର ୨ୟ ଦିନ ବା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଥିଲେ, ଓଡ଼ିଶାର ଚାଉଳ ସାରା ବିଶ୍ୱରେ ସର୍ବାଧିକ ଚାହିଦା ବହନ କରିଥାଏ। କାରଣ ଆମ ମିଲର୍ସମାନେ ଉନ୍ନତମାନ ଚାଉଳ ଉତ୍ପାଦନ ସହ ରପ୍ତାନି ମଧ୍ୟ କରିଥାନ୍ତି। ବିଶେଷକରି ଗୁଣାତ୍ମକମାନର କଞ୍ଚାମାଲ ଓ ଠିକ୍ ଭାବେ ତା'ର ପ୍ରସ୍ତୁତି ଯୋଗୁ ଚାଉଳମାନ ଉଚ୍ଚ କୋଟିର ହୋଇଥାଏ ବୋଲି ସାମଲ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିଭଳି ବାଚସ୍ପତି ସୁରମା ପାଢ଼ୀ କହିଥିଲେ ମିଲର୍ସମାନେ କୃଷକଙ୍କର ମେରୁଦଣ୍ଡ ଭାବେ କାର୍ଯ୍ୟ କରିଥାନ୍ତି। ସେମାନେ ଆମର ଚାଷୀଭାଇଙ୍କଠାରୁ ଧାନ କ୍ରୟ କରି ଠିକ୍ ଭାବେ ତା'ର ପ୍ରକ୍ରିୟାକରଣ କରି ଉଭୟ ଘରୋଇ ଓ ବିଦେଶ ବଜାରର ଚାହିଦା ମେଣ୍ଟାଇଥାନ୍ତି। ଅପରପକ୍ଷରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗୋକୁଳାନନ୍ଦ ମଲ୍ଲିକ ଉଭୟ ଚାଷୀ ଓ ମିଲର୍ସଙ୍କ ସମ୍ପର୍କ ସହିତ ସରକାରଙ୍କ ସହଯୋଗ ଆଦି ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏ ସମ୍ପର୍କରେ ଅରୋମାର ସଭାପତି ମହେଶ କୁମାର ବଂଶଲ ମିଲର୍ସମାନଙ୍କର ଆବଶ୍ୟକତା ଓ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରିଥିଲାବେଳେ ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାସ ଦରବୃଦ୍ଧି ଓ ସବ୍‌ସିଡି ଓ ସରକାରୀ ସୁବିଧା ଆଦି ସମ୍ପର୍କରେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିଭଳି ବିଭିନ୍ନ ବିଷୟ ଉପରେ ସ୍ୱତନ୍ତ୍ର ଆଲୋଚନା ଓ ଅଧିବେଶନ ଆୟୋଜନ କରାଯାଇଥିଲା।

# ଗୋଦ୍‌ରେଜ୍ ଆଣ୍ଡ ବଏସ୍ ପକ୍ଷରୁ ଜୁଏଲର୍ସଙ୍କୁ ସଚେତନତା କାର୍ଯ୍ୟକ୍ରମ

### 'ଡିଫେଣ୍ଡର ଅରୁମ ପ୍ରୋ' ଉନ୍ମୋଚନ




ଭୁବନେଶ୍ୱର,୪।୯ (ଅନୁରାଧା ମହାରଣା)

ଗୋଦ୍‌ରେଜ୍ ଏଣ୍ଟରପ୍ରାଇଜେସ୍ ଗ୍ରୁପ୍ ଅଧୀନ ଗୋଦ୍‌ରେଜ୍ ଆଣ୍ଡ୍ ବଏସର ଗୋଦ୍‌ରେଜ୍ ସିକ୍ୟୁରିଟି ସଲ୍ୟୁଶନ ପକ୍ଷରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଅତ୍ୟାଧୁନିକ ହାଇ ସିକ୍ୟୁରିଟି ଉତ୍ପାଦ 'ଡିଫେଣ୍ଡର ଅରୁମ ପ୍ରୋ' ବୁଧବାର ଉନ୍ମୋଚନ କରାଯାଇଛି। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ନୂତନ ଗୁଣବତ୍ତା ନିୟନ୍ତ୍ରଣ ଆଦେଶ (କ୍ୟୁସିଓ) ପ୍ରଚଳନ କରାଯିବା ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଜୁନ୍ ୨୦୨୪ରୁ ବିଆଇଏସ୍-ସାର୍ଟିଫାଏଡ୍ ହାଇସିକ୍ୟୁରିଟି ସେଫ୍, ଡୋର୍ ଏବଂ ଲକର ବିକ୍ରି ବାଧ୍ୟତାମୂଳକ କରାଯାଇଛି। ଏହି ନିର୍ଦ୍ଦେଶନାମାନୁସାରେ ଗହଣା ବ୍ୟବସାୟୀମାନଙ୍କୁ ସେମାନଙ୍କର ସୁରକ୍ଷା ଭିତ୍ତିଭୂମିକୁ ସାର୍ଟିଫାଏଡ୍ ଉତ୍ପାଦରେ ଅପ୍‌ଗ୍ରେଡ୍ କରିବା ନେଇ କମ୍ପାନୀ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛି। ଅଳଙ୍କାର ଶିଳ୍ପ ପାଇଁ ବିଶେଷ ଭାବରେ ପ୍ରସ୍ତୁତ କରାଯାଇଥିବା 'ଡିଫେଣ୍ଡର ଅରୁମ ପ୍ରୋ' ଗହଣା ବ୍ୟବସାୟୀଙ୍କ ଆବଶ୍ୟକତା ଅନୁଯାୟୀ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ ପ୍ରଦାନ କରୁଛି। ଡିଫେଣ୍ଡର ଅରୁମ ପ୍ରୋ ବ୍ୟତୀତ ଗୋଦ୍‌ରେଜ୍ ଆଣ୍ଡ ବଏସ୍‌ର ସୁରକ୍ଷା ସମାଧାନ ବ୍ୟବସାୟ 'ସ୍ମାର୍ଟଫୋଗ୍' ସିଷ୍ଟମ୍ ଆରମ୍ଭ କରାଯାଇଛି। ଏହି ଅବସରରେ ଗୋଦ୍‌ରେଜ୍ ସିକ୍ୟୁରିଟି ସଲ୍ୟୁଶନ କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ପୁଷ୍କର ଗୋଖଲେ କହିଛନ୍ତି, ବ୍ୟାଙ୍କ ହେଉ କି ଘରେ ଲୋକଙ୍କ ଅଳଙ୍କାର, ଜରୁରୀ କାଗଜପତ୍ର କିପରି ସୁରକ୍ଷିତ ରହିବ ସେନେଇ ଗୋଦ୍‌ରେଜ୍ ସବୁବେଳେ ତତ୍ପରତା ପ୍ରକାଶ କରିଥାଏ। ଅଗ୍ନି ନିରାପତ୍ତା ସୁରକ୍ଷା ପ୍ରଦାନ କରୁଥିବା ଲକର ବଜାର ପ୍ରବେଶ କରିସାରିଥିବାବେଳେ ଆଗାମୀ ଦିନରେ ଜଳ ନିରାପତ୍ତା ସୁରକ୍ଷା ପ୍ରଦାନ କରୁଥିବା ଲକର୍ ପ୍ରସ୍ତୁତି କରିବାକୁ କମ୍ପାନୀ ଯୋଜନା ରଖିଥିବା ସେ କହିଛନ୍ତି।

# ଏମ୍‌ଜି ମୋଟର ସେଣ୍ଟ୍ରାଲର ପ୍ରଥମ ଡେଲିଭରି

ଭୁବନେଶ୍ୱର,୪।୯ (ଅନୁରାଧା ମହାରଣା)



ଏମ୍‌ଜି ମୋଟର ସେଣ୍ଟ୍ରାଲର ଖଣ୍ଡଗିରିସ୍ଥିତ ଶୋ'ରୁମ୍ ପକ୍ଷରୁ ପ୍ରଥମ କାର୍ ଏମ୍‌ଜି କୋମେଟ୍ ଇଭି ମଙ୍ଗଳବାର ଗ୍ରାହକଙ୍କୁ ହସ୍ତାନ୍ତର (ଡେଲିଭରି) କରାଯାଇଛି। ସାରା ଦେଶରେ ଏମ୍‌ଜି ମୋଟର ବ୍ୟବସାୟ ବିସ୍ତାର କରିଥିବାବେଳେ ଏହି ଶୋ'ରୁମ୍ ମଧ୍ୟ ଗ୍ରାହକଙ୍କ ସନ୍ତୁଷ୍ଟିକୁ ଦୃଷ୍ଟି ରଖି ଆରମ୍ଭ କରାଯାଇଥିବା ଏହାର ସେଲ୍‌ସ ହେଡ୍ ଦେବାଶିଷ ଦାସ କହିଛନ୍ତି। ଗତ ୨ ମାସ ମଧ୍ୟରେ ଗ୍ରାହକଙ୍କ ଭଲ ପ୍ରତିକ୍ରିୟା ମିଳୁଥିବାବେଳେ ଡେଲିଭରି ପରବର୍ତ୍ତୀ ସର୍ଭିସ୍, ଉତ୍ତମ ଗୁଣବତ୍ତା, ମୋବାଇଲ(ଭ୍ରାମ୍ୟମାଣ) ଚାର୍ଜିଂ ଷ୍ଟେଶନ ଆଦି ସୁବିଧା ଉପଲବ୍ଧ ରହିବ। ତେବେ ଏହି ଷ୍ଟୋରରେ ଏମ୍‌ଜି କୋମେଟ୍ ଇଭି ସହ ମଜି ହେକ୍ଟର, ଏମ୍‌ଜି ଆଷ୍ଟର, ଏମ୍‌ଜି ଜେଡ୍ଏସ୍ ଇଭି, ଏମ୍‌ଜି ଗ୍ଲଷ୍ଟର, ଏମ୍‌ଜି ହେକ୍ଟର ଆଦି ଉପଲବ୍ଧ ରହିଛି। ମଞ୍ଚେଶ୍ୱରରେ ଏହାର ସର୍ଭିସ୍ ଷ୍ଟେଶନ ରହିଥିବାବେଳେ ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଥିବା ଦାସ କହିଛନ୍ତି। ଆଗକୁ ବ୍ରହ୍ମପୁର ଓ ଯାଜପୁରରେ ଷ୍ଟୋର ଖୋଲାଯିବା ଯୋଜନା ରହିଛି। ଭାରତୀୟ(ଗୁଜରାଟ) ଉତ୍ପାଦିତ ଯାନ ବିଶେଷ କରି ପେଟ୍ରୋଲ, ଡିଜେଲ ଓ ଇଲେକ୍ଟ୍ରିସିଟି ପରିଚାଳିତ କାର୍ ଏଠାରେ ଗ୍ରାହକ ପାଇବେ । ଦେଶର ଅନ୍ୟାନ୍ୟ ଷ୍ଟୋର ପରି ଏହି ଷ୍ଟୋର ଗ୍ରାହକଙ୍କ ବିଶ୍ୱାସଭାଜନ ହୋଇପାରିବ ବୋଲି ଏମ୍‌ଜି ମୋଟରର ମ୍ୟାନେଜିଂ ଡାଇରେକ୍ଟର ବିଶାଲ ଧାୱନ୍, ଡାଇରେକ୍ଟର ସିନୁ ଧାୱନ୍, ସେଣ୍ଟ୍ରାଲ ଏମ୍‌ଜିର ଏମ୍‌ଡି ଆଦର୍ଶ ଧାୱନ୍, ସେଲ୍‌ସ ହେଡ୍ ଦେବାଶିଷ ଦାସ, ସିଇଓ ସନ୍ଦୀପ କୁମାର ଓଝା, ଜିଏମ୍(ସେଲସ୍) ପାର୍ଥସାରଥି ରାଉତରାୟ ପ୍ରମୁଖ ଆଶା ପ୍ରକାଶ କରିଛନ୍ତି।

# ସୁରକ୍ଷିତ ୟୁପିଆଇ କାରବାରକୁ ଗୁରୁତ୍ୱ

ନୂଆଦିଲ୍ଲୀ,୪।୯ (ଅଭୟ ଦାଶ)

କ୍ରମାଗତ ଭାବେ ଘରୋଇ ବଜାରରେ ଡିଜିଟାଲ କାରବାର ବୃଦ୍ଧି ପାଉଛି। ଏପରିକି ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ)ର କାରବାରକୁ ଅଧିକ ସକ୍ଷମ ଓ ସୁରକ୍ଷିତ କରିବାକୁ ବିଭିନ୍ନ ଫିନ୍‌ଟେକ୍ ପ୍ଲାଟ୍‌ଫର୍ମ ନୂଆ ନୂଆ ଆପ୍ ଉନ୍ମୋଚନକରି ସୁରକ୍ଷିତ ୟୁପିଆଇ କାରବାରକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଅପରପକ୍ଷରେ ଭାରତର ଲକ୍ଷ ଲକ୍ଷ ଗ୍ରାହକଙ୍କ ଲାଗି ଭାରତପେ ୟୁପିଆଇ ଥାର୍ଡ ପାର୍ଟି ଆପ୍ଲିକେଶନ ପ୍ରୋଭାଇଡର (ଟିପିଏପି) ଅଫରିଂ ସେବାର ଶୁଭାରମ୍ଭ ସହ ଗ୍ରାହକ ଦେୟ ଘୋଷଣା ପାଇଁ ବ୍ରାଣ୍ଡର ପୋଷ୍ଟ ପେ ଆପ୍‌କୁ ରିବ୍ରାଣ୍ଡ୍ କରିଛି। ଏହା ଜରିଆରେ ଲକ୍ଷ ଲକ୍ଷ ଗ୍ରାହକ ଡିଜିଟାଲ ପେମେଣ୍ଟ ବ୍ୟବହାର କରିବାକୁ ସକ୍ଷମ ହେବେ ଏବଂ ଭାରତପେ ଆପ୍ ଜରିଆରେ ସେମାନଙ୍କ ୟୁପିଆଇ ଆଇଡି ମଧ୍ୟ ସୃଷ୍ଟି କରିପାରିବେ। ଏପରିକି ଆଣ୍ଡ୍ରୋଏଡ୍ ବ୍ୟବହାରକାରୀମାନେ ପ୍ଲେ ଷ୍ଟୋରରୁ ଏହି ଆପ୍‌କୁ ଡାଉନଲୋଡ୍ ମଧ୍ୟ କରିପାରିବେ। ନିକଟରେ କମ୍ପାନୀ ଏକ କ୍ଷୁଦ୍ର ଫାଇନାନ୍ସ ବ୍ୟାଙ୍କ ସହ ସହଭାଗୀ ହୋଇଛି।

ଏ ସମ୍ପର୍କରେ ଭାରତପେ'ର ସିଇଓ ନଳିନ ନେଗି କହିଛନ୍ତି, ଆମେ ଆମର ଗ୍ରାହକ ଓ ବଣିକମାନଙ୍କ ଲାଗି ଏକ ପସନ୍ଦଯୋଗ୍ୟ ପ୍ଲାଟ୍‌ଫର୍ମ ପ୍ରଦାନ ସହ ଭାରତ ନିର୍ମାଣରେ ଆବଶ୍ୟକ ସହଯୋଗ ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଏପରିକି ବର୍ଷ ବର୍ଷ ଧରି ଆମେ ଦେୟ ଓ ଋଣ ମଧ୍ୟରେ ଆମର ଅଭିନବ ଉତ୍ପାଦ ସହିତ ୧.୩ କୋଟିରୁ ଅଧିକ ବ୍ୟବସାୟୀଙ୍କୁ ସଶକ୍ତ କରିପାରିଛୁ। ସେହିଭଳି ଆମର ୟୁପିଆଇ ଟିପିଏପି ପ୍ଲାଟ୍‌ଫର୍ମ ସହ ବ୍ୟକ୍ତିଗତ ଓ ବ୍ୟବସାୟିକ ଆବଶ୍ୟକତା ପୂରଣ ଲାଗି ଆମେ ଭାରତର ଲକ୍ଷ ଲକ୍ଷ ଲୋକଙ୍କୁ ନିରାପଦ ଓ ସୁରକ୍ଷିତ ୟୁପିଆଇ କାରବାର କରିବାକୁ ସକ୍ଷମ କରାଇବାକୁ ଲକ୍ଷ୍ୟ ରଖିଛୁ। ସେହିପରି ୟୁପିଆଇର ବ୍ୟବହାର ସର୍ବତ୍ର ହେଉଥିଲାବେଳେ ଗତ କିଛି ବର୍ଷ ମଧ୍ୟରେ ଏହାର ଅଭିବୃଦ୍ଧି ଘଟିଛି। ଏପରିକି ଗ୍ରାହକଙ୍କ ଆବଶ୍ୟତା ପୂରଣ ଲାଗି ଆମେ ଏହି ନୂତନ ଆପ୍‌କୁ ଡିଜାଇନ ମଧ୍ୟ କରିଛୁ। ଏଥିରେ ବହୁ ବୈଶିଷ୍ଟ୍ୟ ସାମିଲ ରହିଥିବାରୁ ଏହା ଜରିଆରେ ଗ୍ରାହକ ସମସ୍ତ ସୁବିଧା ପାଇପାରିବେ। ଆସନ୍ତା ମାସରେ ଆମେ ଭାରତପେ ପ୍ଲାଟ୍‌ଫର୍ମରେ ଆଉ କିଛି ନୂଆ ବୈଶିଷ୍ଟ୍ୟ ଯୋଗକରିବୁ।

# ସୁଯୋଗ ମିଳିଲେ ମହିଳାମାନେ ବହୁ ଆଗକୁ ଯାଇପାରିବେ: ଅଭ୍ୟୁଦୟ




### ସାଗରିକାଙ୍କୁ 'ୱିଙ୍ଗସ୍ ଅଫ୍ ଷ୍ଟିଲ୍' ପୁରସ୍କାର

ଭୁବନେଶ୍ୱର,୪।୯ (ଅଭୟ ଦାଶ)

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍)ର ଯାଜପୁର ୟୁନିଟ୍ (ପ୍ଲାଣ୍ଟ) ସୁରକ୍ଷା ବିଭାଗର କମାଣ୍ଡୋ ଟିମ୍ ସଦସ୍ୟା ସାଗରିକା ସୋରେନଙ୍କୁ 'ଲିଙ୍ଗ ଓ ବିବିଧତା' ବର୍ଗରେ ସମ୍ମାନଜନକ 'ୱିଙ୍ଗସ୍ ଅଫ୍ ଷ୍ଟିଲ୍' ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ଷ୍ଟିଲ୍ ଆସୋସିଏସନ (ଆଇଏସ୍ଏ) ପକ୍ଷରୁ ନୂଆଦିଲ୍ଲୀ ଠାରେ ୨ ଦିନିଆ ଭାରତୀୟ ଇସ୍ପାତ ସମ୍ମିଳନୀ/ ଏସଏ ଷ୍ଟିଲ୍ କନ୍‌କ୍ଲେଭର ୫ମ ସଂସ୍କରଣ ବୁଧବାରଠାରୁ ଆୟୋଜିତ ହୋଇଛି। ଏହି ଅବସରରେ ସାଗରିକା ସୋରେନଙ୍କୁ ଇସ୍ପାତ ସଚିବ ନଗେନ୍ଦ୍ରନାଥ ସିହ୍ନା ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଦୃଢ଼ ସାହସ ଓ ସଂକଳ୍ପ ଦେଖାଇଥିବା ସାଗରିକାଙ୍କୁ କେନ୍ଦ୍ର ଭାରି ଶିଳ୍ପ ଏବଂ ଇସ୍ପାତ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ସାଗରିକାଙ୍କୁ ଜୁରି ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଅନେକଙ୍କ ପାଇଁ ପ୍ରେରଣା ସାଜିଥିବା ସାଗରିକାଙ୍କୁ ତାଙ୍କ ନେତୃତ୍ୱ ଓ ଅଗ୍ରଣୀ ମାନସିକତା ପାଇଁ ଏହି ପୁରସ୍କାର ଦିଆଯାଇଛି। ଏପରିକି ଆଇଏସ୍ଏ ପକ୍ଷରୁ ସାଗରିକାଙ୍କୁ ଉକ୍ତ ପୁରସ୍କାର ମିଳିବା ଆମ ପାଇଁ ଏକ ଗୌରବର ବିଷୟ ହୋଇଥିଲାବେଳେ ତାଙ୍କ ନିଷ୍ଠା, ନେତୃତ୍ୱ ଓ ସାହସ ବେଶ୍ ପ୍ରେରଣାଦାୟକ । ସେହିଭଳି ଆମେ ବିଶ୍ୱାସକରୁ ଯେ ସୁଯୋଗ ମିଳିଲେ ମହିଳାମାନେ ବହୁ ଆଗକୁ ଯାଇପାରିବେ। ଏପରିକି ଆମେ ଏପରି ଏକ କର୍ମକ୍ଷେତ୍ର ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛୁ,ଯେଉଁଠି ମହିଳାମାନେ ସଶକ୍ତ ହୋଇ ଲକ୍ଷ୍ୟ ହାସଲ କରିବା ସହ ସକାରାତ୍ମକ ପ୍ରଭାବ ମଧ୍ୟ ଆଣିପାରିବେ। ଅପରପକ୍ଷରେ ସାଗରିକା କହିଛନ୍ତି, ଏହି ପୁରସ୍କାର ପାଇବା ମୋ ପାଇଁ ଏକ ବଡ଼ ଉପଲବ୍ଧି ହୋଇଥିଲାବେଳେ ପୃଷ୍ଠଭୂମି ନିର୍ବିଶେଷରେ ମହିଳାମାନେ ଯେକୌଣସି କ୍ଷେତ୍ରରେ ଉତ୍କୃଷ୍ଟ ହୋଇପାରିବେ।


## ସେଣ୍ଟ୍ରାଲ ହସ୍ପିଟାଲ, ଗାର୍ଡେନ ରିଚ୍‌ଠାରେ ଠିକା ସ୍ୱାସ୍ଥ୍ୟ ଚିକିତ୍ସକଙ୍କ ନିଯୁକ୍ତି ଲାଗି 'ୱାକ୍-ଇନ୍-ଇଣ୍ଟରଭ୍ୟୁ'

**କର୍ମନିଯୁକ୍ତି ବିଜ୍ଞପ୍ତି ନଂ. ୦୨/୨୦୨୪ (ମେଡ୍) ସିଏମ୍‌ପି/ସିଏଚ୍/ ଗାର୍ଡେନ ରିଚ୍ (ଆଇଆର୍‌ଏଚ୍‌ଏସ୍ ଖାଲିପଦବୀ)**

ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍, ଭାରତ ସରକାର, ରେଳ ମନ୍ତ୍ରଣାଳୟ ସେଣ୍ଟ୍ରାଲ ହସ୍ପିଟାଲ, ଗାର୍ଡେନ ରିଚ୍‌ଠାରେ ଏକ ବର୍ଷର ପ୍ରାରମ୍ଭିକ ଅବଧି ପାଇଁ କିମ୍ବା ୟୁପିଏସ୍‌ସି ଚୟନିତ ଡାକ୍ତରଙ୍କ ଦ୍ୱାରା ପ୍ରତିବଦଳ ହେବା ପର୍ଯ୍ୟନ୍ତ (ଯାହା ପୂର୍ବରୁ ହେଉଥିବ) ୦୨ (ଦୁଇ) ପୂର୍ଣ୍ଣକାଳୀନ "ଠିକା ସ୍ୱାସ୍ଥ୍ୟ ଚିକିତ୍ସା ବିଶେଷଜ୍ଞ" (ଅର୍ଥୋପେଡିକ୍ସ ବିଶେଷଜ୍ଞ ଏବଂ ଜେନେରାଲ ମେଡିସିନ୍ ବିଶେଷଜ୍ଞ) ଙ୍କ ନିଯୋଜନ ଲାଗି ଏକ 'ୱାକ୍-ଇନ୍-ଇଣ୍ଟରଭ୍ୟୁ' ସଞ୍ଚାଳନ କରିବ । 'ୱାକ୍-ଇନ୍-ଇଣ୍ଟରଭ୍ୟୁ' ନିମ୍ନଲିଖିତ ଅନୁସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ:

| ୱାକ୍-ଇନ୍-ଇଣ୍ଟରଭ୍ୟୁର ତାରିଖ ଓ ସମୟ | ସ୍ଥାନ |
|---|---|
| ୧୯ ସେପ୍ଟେମ୍ବର ୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକା ପରଠାରୁ | ମେଡିକାଲ ଡାଇରେକ୍ଟରଙ୍କ କାର୍ଯ୍ୟାଳୟ, ଦକ୍ଷିଣ ପୂର୍ବ ରେଳପଥ, ସେଣ୍ଟ୍ରାଲ ହସ୍ପିଟାଲ, ଗାର୍ଡେନ ରିଚ୍, କୋଲକାତା-୭୦୦୦୪୩ |

ଅଧିସୂଚନା ସମ୍ବନ୍ଧୀୟ ସବିଶେଷ ନିୟମ ଓ ସର୍ତ୍ତାବଳୀ, ଆବେଦନ ଫର୍ମ ତଥା ଅନ୍ୟାନ୍ୟ ବିବରଣୀ ପାଇଁ, ପ୍ରାର୍ଥୀମାନେ ଆମର ୱେବ୍‌ସାଇଟ୍ **www.ser.indianrailways.gov.in** ପରିଦର୍ଶନ କରିପାରନ୍ତି **(ବିଭାଗ > କାର୍ମିକ > ଗେଜେଟେଡ୍ ଅଧିସୂଚନାକୁ ଯାଆନ୍ତୁ)** । ଅଧିକନ୍ତୁ, 'ଶୁଦ୍ଧିପତ୍ର', 'ଯୋଗପତ୍ର', 'ବାତିଲକରଣ', ଯଦି ଥାଏ, କେବଳ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ । ଦୟାକରି ନିୟମିତ ବ୍ୟବଧାନରେ ଆମର ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ ।

(PR-558) **ସାଧାରଣ ପରିଚାଳକ (କାର୍ମିକ)**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ



## PUBLIC NOTICE

Notice is hereby given to the Public that "**ADIYOGI MINERALS**". Bearing PAN No. ACGFA3379J, GST No.: 21ACGFA3379J1ZF by virture of Partnership Deed on Dated: 28.06.2024 and vide firm Regn. No.: **1820202400807** has reconstituted the Partnership on 24th Day of August, 2024 firm as follows:

| Sl. No. | Name of Partner | Position as on 24.08.2024 |
|---|---|---|
| 1 | Sri Sarat Kumar Samal | Continuing Partner |
| 2 | Sri Shyamal Ganguly | Retired Partner |
| 3 | Sri Vimlesh Kumar Singh | Retired Partner |
| 4 | Smt. Kalpana Ganguly | New Admitted Partner |

The firm has only two Partners i.e., **Sri Sarat Kumar Samal** and **Smt. Kalpana Ganguli.**

Henceforth there is no right of **Sri Shyamal Ganguli** and **Sri Vimlesh Kumar Singh** in the business of **ADIYOGI Minerals.**

**Sd./- Managing Partner**
**(Sarat Kumar Samal)**



## OFFICE OF THE ASSISTANT DIRECTOR OF SERICULTURE, DHENKANAL

Qr No- 3R/10, Near Civil Court, Dhenkanal- 759001
**Email: ads-dhenkanal@gov.in / adsdhenkanal@yahoo.com**

L-56: Sealed Tenders are invited from the Government / Semi-Government (including registered co-operative societies/ original manufacturers for supply of **Vermin compost & Organic Manures (Multi Content)** may be quote their rate in separate seal covers and the tender documents which may be downloaded from the website http://dhenkanal.nic.in. The last date & time for submission of Tender is 19.09.2024 by 05:30 PM, failing which the related quotations shall not be considered.

The undersigned reserves the right to reject or accept any or all the quotations without assigning any reason thereof.

OIPR-01439/11/0003/2425 **Assistant Director, Sericulture, Dhenkanal**



## Government of Odisha

No.C-548:

## Housing and Urban Development Department

**No.HUD-OE-MISC-0006/2019 16169 /HUD, Dated.16.08.2024**

**TENDER CALL NOTICE**

1. Sealed tenders/quotations on plain paper/ letter pad are invited by the undersigned from the local authorized Dealers/ Suppliers and Registered Firms having their own office/ shop at Bhubaneswar only, with valid GST Registration No., Income Tax clearance up to last assessment year/ copy of the last year return filed before the Income Tax Authorities, Valid PAN and for supply of **one HP All-in-One (Specification mentioned below)** for official use of Principal Secretary to Govt. of Housing and Urban Development Department.

The tender complete in all respect should reach before the undersigned on or before **04.09.2024 by 11.00 A.M** and the received tenders/ quotations will be opened on the same day at **12.00 P.M** in the presence of the Tenderer or their authorized representative, if they so desire. In case this day is declared a Holiday for any reason, the quotations will be received and opened on the next working day at the scheduled time.

The incomplete tender or tenders received after the scheduled date and time shall be rejected.

The undersigned reserves the right to reject all or any tender received without assigning any reason thereof.

**Specification**

HP Pavilion 80.01 cm (31.5) All-in-One Desktop PC 32-b1902in
17 Processor, 13th Generation, 32GB RAM, 1TB SSD, 4BG Graphics, Window Home-11, with 32inch screen, 1 Year Warranty

**Sd./-**
OIPR-13001/11/0003/2425 **Under Secretary to Government**



## MAHILA VIKAS SAMABAYA NIGAM

**(Govt. of Odisha Undertaking)**
**2nd Floor, W&CD Complex, Plot No.483 (Pt), Unit-VI**
**Ganganagar, Bhubaneswar-751001**
**Ph.No.2533223, 2533214,**
**E-mail:mvsn_bbsr@yahoo.com**

**Ref.1216/MVSN** **Date 02.09.24**

## SHORT TENDER CALL NOTICE

**No.CAD-** Sealed tenders are invited from interested GST registered firms/agencies/ for supply of "Sling Bags" with logo to be used in the launching of SUBHADRA, a flagship scheme by the Government of Odisha. The tender completed in all respect shall be submitted in the Office of Managing Director, Mahila Vikas Samabaya Nigam, 2nd Floor, W&CD Complex, Plot No.483(Pt), Unit-VI, Ganganagar, Bhubaneswar- 751001 on or before **Dt.11.09.2024 by 5 P.M.** through Register Post/ Speed Post/Couriers only. The tender document containing tender schedule and other relevant information and terms & conditions of Tender can be downloaded from the website- **www.wcd.odisha.gov.in** from **04.09.2024** to **11.09.2024.** A non-refundable Bank Draft for Rs.1,500/- towards tender fee in shape of DD in favour of Managing Director, Mahila Vikas Samabaya Nigam (MVSN) drawn in any Nationalized Bank payable at Bhubaneswar. Further, Rs.15,000/- towards EMD in the form of DD drawn in any Nationalized Bank payable at Bhubaneswar along with the tender document. Interested agencies/ suppliers may apply for the item.

The authority reserves the right to modify/cancel the Tender at any point of time.

**Sd./-Managing Director**
**Mahila Vikas Samabaya Nigam**
**OIPR-33003/11/0004/2425**



## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

No. XXXIII-29

## ନୋଟିସ

**ଆଦେଶ - ୫, ନିୟମ - ୨୦ ଦେୱାନୀ କାର୍ଯ୍ୟବିଧି ସଂହିତା - ୧୯୦୮ ଅନୁଯାୟୀ ଏଲ.ଏ. କେସ୍ ନଂ.- ୨୧୫/୨୦୧୯**

ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା ... ଆବେଦନକାରୀ

ବନାମ

୧. ଅକ୍ରୁର ଦେହୁରୀ, ୨. ନେତ୍ରାନନ୍ଦ ଦେହୁରୀ, ପିତା: ଦାମ ଦେହୁରୀ, ୩. ନେତ ଦେହୁରୀ, ସ୍ୱାମୀ: ଭୋଳି ଦେହୁରୀ, ୪. ପ୍ରହ୍ଲାଦ ଦେହୁରୀ, ୫. ବାସୁଦେବ ଦେହୁରୀ, ୬. ଦ୍ରୌପଦୀ ଦେହୁରୀ, ୭. ପଦ୍ମା ଦେହୁରୀ, ୮. ମଣି ଦେହୁରୀ, ପିତା: ଭୋଳି ଦେହୁରୀ, ୯. ପ୍ରତାପ ଦେହୁରୀ, ୧୦. ଆକୁଳାନନ୍ଦ ଦେହୁରୀ, ୧୧. ଗୋକୁଳ ଦେହୁରୀ, ୧୨. ବଣି ଦେହୁରୀ, ୧୩. ଅଞ୍ଜନା ଦେହୁରୀ, ପିତା: ବଳରାମ ଦେହୁରୀ, ୧୪. ଶଶି ଦେହୁରୀ, ପିତା: ପଞ୍ଚୁ ଦେହୁରୀ, ୧୫. ଉଷା ଦେହୁରୀ, ୧୬. ବଛି ଦେହୁରୀ, ପିତା: ପାଣ୍ଡବ ଦେହୁରୀ, ୧୭. ବିକୁ ଦେହୁରୀ, ସ୍ୱାମୀ: ହରି ଦେହୁରୀ, ୧୮. ଦାମ ଦେହୁରୀ, ପିତା: ରାମ ଦେହୁରୀ, ଗ୍ରାମ: ପଥରଗାଡ଼ିଆ, ପୋ.: ଦାରୁଠେଙ୍ଗ, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୧୯. ପୁଷ୍ପଲତା ସାମନ୍ତ, ସ୍ୱାମୀ: ହୃଦୟଚନ୍ଦ୍ର ସାମନ୍ତ, ଗ୍ରାମ: ନରଣପୁର, ଥାନା: ବାଙ୍କି, ଜିଲ୍ଲା: କଟକ, ୨୦. ପ୍ରଦୀପ କୁମାର ମହାନ୍ତି, ପିତା: ଉପେନ୍ଦ୍ର ମହାନ୍ତି, ଗ୍ରା/ପୋ./ଥାନା/ଜିଲ୍ଲା: ଢେଙ୍କାନାଳ, ୨୧. ପ୍ରଦୀପ୍ତ କୁମାର ମହାପାତ୍ର, ପିତା: ବୈକୁଣ୍ଠନାଥ ମହାପାତ୍ର, ସା: ସତ୍ୟନଗର, ପ୍ଲଟ ନଂ. ୩୬, ଫ୍ଲାଟ ନଂ. ୨୦୩, ଜାପାନିଜ୍ ପ୍ୟାଲେସ୍, ଭୁବନେଶ୍ୱର, ୨୨. ମନୋଜ କୁମାର ସିଂହ, ପିତା: ଏନ୍.ପି. ସିଂହ, ସା: ପୁଷ୍ପକ ମଧୁପାଟଣା, ଥାନା/ଜିଲ୍ଲା: କଟକ, ୨୩. ସଂଗ୍ରାମ କେଶରୀ ଧିର, ପିତା: ଘନଶ୍ୟାମ ଧିର, ସା: ଗଡ଼ଖଙ୍କିରା, ପୋ/ଥାନା: ନିହାଲ ପ୍ରସାଦ, ଜିଲ୍ଲା: ଢେଙ୍କାନାଳ, ୨୪. ଦେବବ୍ରତ ଧିର, ପିତା: ନୃସିଂହ ଚରଣ ଧିର, ସା: ଏନ୍-୩/୩୩୮, ଆଇ.ଆର୍.ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ୨୫. ଗୀତାଞ୍ଜଳି ମହାନ୍ତି, ସ୍ୱାମୀ: ମହେନ୍ଦ୍ର ମହାନ୍ତି, ସା: ମରଡ଼ାପଲ୍ଲୀ, ପୋ: ଗଡ଼ସାହି, ଥାନା: କଣାସ, ଜିଲ୍ଲା: ପୁରୀ, ୨୬. ସନ୍ଧ୍ୟାରାଣୀ ନାୟକ, ସ୍ୱାମୀ: କବିସୂର୍ଯ୍ୟ ନାୟକ, ସା: ଏଫ୍-୧୯/୧, ରେଲୱେ କଲୋନୀ, ପୋ/ଥାନା: ମଞ୍ଚେଶ୍ୱର, ଭୁବନେଶ୍ୱର, ୨୭. ମନୋରଞ୍ଜନ ମହାନ୍ତି, ଚିନ୍ତାମଣି ମହାନ୍ତି, ସା: ଏମ୍.ଆଇ.ଜି.-୧-୧୬/୧୨, ବି.ଡି.ଏ. କଲୋନୀ, ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୨୮. ଜ୍ୟୋତିରଞ୍ଜନ ରାଉତ, ପିତା: କୃଷ୍ଣଚନ୍ଦ୍ର ରାଉତ, ଗ୍ରାମ/ପୋ: ଗଣ୍ଡରପୁର, ଥାନା: ନନ୍ଦନକାନନ, ଜିଲ୍ଲା: ଖୋର୍ଦ୍ଧା, ୨୯. ବିଜୟ କୁମାର ପରିଡ଼ା, ପିତା: କୈଳାସ ଚନ୍ଦ୍ର ପରିଡ଼ା, ସା: ସୁନ୍ଦରପୁର, ପୋ: ଦାରୁଠେଙ୍ଗ, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା ..... ବିରୋଧୀପକ୍ଷମାନେ।

ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ତଥା ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. କେସ୍ ନଂ. ୨୧୫/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗ୍ରହୀତ ଭୂମିର ବିସ୍ତୃତ ବିବରଣୀ ଯଥା: ଜିଲ୍ଲା: ଖୋର୍ଦ୍ଧା, ମୌଜା: ସୁନ୍ଦରପୁର, ଖାତା ନଂ. ୧୨୨, ପ୍ଲଟ ନଂ. ୫୩୫/୮୯୯, ରକବା ଏ୦.୦୫୦ଡି. ଅଟେ। ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କ ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦବିର କରିପାରିବେ। ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତାଂ୫।୧୧।୨୦୨୪ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ, ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ। ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା୨୭।୦୮।୨୦୨୪ରିଖ Draft Notice is approved. Petitioner to get it published in any of the four most widely circulate odia daily newspaper namely The Samaj, The Sambad, The Prameya & The Dharitri within 15 days.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି
ପ୍ରାଧିକାରୀ ଅଦାଲତ, କଟକ

OIPR-24351/14/0032/2425



Your classified advertisement published in Dharitri will be listed free in Dharitri online edition :
**www.dharitri.com**

# ଛାତ୍ର କଂଗ୍ରେସର ବିଧାନସଭା ଘେରାଉ ଉଦ୍ୟମ

## ଛାତ୍ର ସଂସଦ ନିର୍ବାଚନ ଦାବି

ଭୁବନେଶ୍ୱର, ୪।୯(ସୁନିତ୍ ମିଶ୍ର)

ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ର ସଂସଦ ନିର୍ବାଚନ ଦାବି ନେଇ ବୁଧବାର ବିଧାନସଭା ଘେରାଉ ଉଦ୍ୟମ କରାଯାଇଥିଲା। ଛାତ୍ର କଂଗ୍ରେସ କର୍ମୀମାନେ କଂଗ୍ରେସ ଭବନଠାରୁ ଏକ ରାଲିରେ ବାହାରି ବିଧାନସଭା ଅଭିମୁଖେ ଯିବା ସମୟରେ ଲୋୟର ପିଏମ୍‌ଜିଠାରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଏହାପରେ ଛାତ୍ର କଂଗ୍ରେସ କର୍ମୀ ଓ ପୋଲିସଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପୋଲିସ କେତେଜଣ ଛାତ୍ର କଂଗ୍ରେସ ନେତାଙ୍କୁ ଅଟକ ରଖି ପରବର୍ତ୍ତୀ ସମୟରେ ଛାଡ଼ିଦେଇଥିବା ଜଣାପଡ଼ିଛି।

ଏହି ଅବସରରେ ଉଦିତ୍ କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ବନ୍ଦକରି ସରକାର ନେତୃତ୍ୱ ସୃଷ୍ଟି କରିବାପାଇଁ ଚାହୁଁନାହାନ୍ତି। ଛାତ୍ରମାନେ ହେଉଛନ୍ତି ଆଗାମୀ ଦିନର ଭବିଷ୍ୟତ। ଭବିଷ୍ୟତର ପିଢ଼ିକୁ ଏ ସରକାର ଅଣଦେଖା କରିବାକୁ ଚେଷ୍ଟା କରୁଛନ୍ତି। ପୂର୍ବର ବିଜେଡି ସରକାର ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିଥିଲେ। ଭାଜପା ସରକାରରେ ଏହାର ପୁନରାବୃତ୍ତି କରାଯାଇଛି। ଏଥିରୁ ସ୍ୱଷ୍ଟ ଅନୁମେୟ ଉଭୟ ଭାଜପା ଏବଂ ବିଜେଡି ଛାତ୍ରୀଛାତ୍ରଙ୍କୁ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ରଖିବା ପାଇଁ ଷଡ଼ଯନ୍ତ୍ର ଚଳାଇଛନ୍ତି। ତଥାପି ସରକାରଙ୍କ ଏଭଳି ଷଡ଼ଯନ୍ତ୍ରକୁ ଛାତ୍ର କଂଗ୍ରେସ କେବେହେଲେ ବରଦାସ୍ତ କରିବ ନାହିଁ। ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ କେନ୍ଦ୍ରମନ୍ତ୍ରୀ ଯେଉଁ ହୀନ ପ୍ରୟାସ କରୁଛନ୍ତି ତାହ ନିନ୍ଦନୀୟ। ଅପରପକ୍ଷେ ଛାତ୍ର କଂଗ୍ରେସ ସଭାପତି ତାଙ୍କ ବକ୍ତବ୍ୟରେ ମଧ୍ୟ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପ୍ରସଙ୍ଗକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି। ଆଗାମୀ ଦିନରେ ରାଜ୍ୟ ସରକାର ଯଦି ଛାତ୍ରୀଛାତ୍ରଙ୍କ ନ୍ୟାଯ୍ୟ ଦାବିରେ କୌଣସି ବାଧା ସୃଷ୍ଟି କରନ୍ତି ତେବେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ଚୁପ୍ ବସିବ ନାହିଁ ବୋଲି ଉଦିତ୍ କହିଛନ୍ତି।


ଛାତ୍ର କଂଗ୍ରେସ କର୍ମୀ ବୁଧବାର ଛାତ୍ର ସଂସଦ ନିର୍ବାଚନ ଦାବି ନେଇ ବିଧାନସଭା ଅଭିମୁଖେ ଯାଉଛନ୍ତି।

# ନବୀନଙ୍କୁ ମହିଳା ଭୋଟବ୍ୟାଙ୍କ କମିଯିବା ଭୟ ଘାରିଛି: ଭାଜପା

ଭୁବନେଶ୍ୱର, ୪।୯(ସୁନିତ୍ ମିଶ୍ର)

ବିଜେଡି ସରକାର ୨୪ ବର୍ଷ ଶାସନରେ ଥିବାବେଳେ ମହିଳାଙ୍କୁ ଆର୍ଥିକ ସଶକ୍ତୀକରଣ ପାଇଁ କିଛି କରି ନ ଥିଲା। ବିଜେଡି ମୁଖିଆ ନବୀନ ପଟ୍ଟନାୟକଙ୍କୁ ଏତେଦିନ ପରେ ହଠାତ୍ ମହିଳାଙ୍କ ପ୍ରତି ସମ୍ମାନ ଓ ସମ୍ବେଦନଶୀଳତା ଦେଖି ଆଶ୍ଚର୍ଯ୍ୟ ଲାଗୁଛି। ଏବେ ଯେତେବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଭାଜପା ସରକାର ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି, ସେହି ସମୟରେ ନବୀନବାବୁ ରାଜନୈତିକ ଉଦ୍ଦେଶ୍ୟ ରଖି ଟିପ୍ପଣୀ ଦେବା କେତେଦୂର ସମୀଚୀନ ତାହା ବୁଝାପଡୁନାହିଁ। ବାସ୍ତବରେ ନବୀନବାବୁଙ୍କୁ ଏବେ ମହିଳା ଭୋଟବ୍ୟାଙ୍କ କମିଯିବା ଭୟ ଘାରିଛି ବୋଲି ଭାଜପା ରାଜ୍ୟ ମୁଖପାତ୍ର ଉର୍ମିଳା ମହାପାତ୍ର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉର୍ମିଳା କହିଛନ୍ତି, ନବୀନବାବୁ ଶାସନ ଗାଦିରେ ଥାଇ ଏଭଳି କଥା କହିଥିଲେ ଶୋଭାପାଇଥାନ୍ତା। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏବେ ଯେତେବେଳେ ଭାଜପା ସରକାର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ଦେବା ପାଇଁ ସ୍ଥିର କରିଛି ସେତେବେଳେ ନବୀନବାବୁ ଏତେ ଅସହିଷ୍ଣୁ କାହିଁକି ହୋଇପଡୁଛନ୍ତି। ବିଜେଡି ନିର୍ବାଚନ ହାରିବା ପରେ ତାଙ୍କ ମୁଖିଆ ହତାଶ ହୋଇପଡିଥିବା ମହିଳା କାର୍ଯ୍ୟକର୍ତ୍ତାଙ୍କୁ ସାନ୍ତ୍ୱନା ଦେବା ପାଇଁ ଏଭଳି ବିବୃତି ଦେଇଛନ୍ତି। ସୁଭଦ୍ରା ଯୋଜନା ରାଜ୍ୟରେ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ବିଜେଡିର ଭୋଟବ୍ୟାଙ୍କ ଭାଙ୍ଗିଯିବା ଭୟ ନବୀନବାବୁଙ୍କ ମନରେ ସୃଷ୍ଟି ହୋଇଛି। କେବଳ ମହିଳାଙ୍କୁ ଭୋଟବ୍ୟାଙ୍କ ଭାବେ ବ୍ୟବହାରକରି ଠକିବା ସେ ଜାଣିଥିଲେ। ତାଙ୍କ ସରକାର ସମୟରେ ଓଡ଼ିଶାରେ ମହିଳା ବିରୋଧୀ ହିଂସା ସୀମା ଲଂଘିଥିଲା। ମମିତା ମେହେର, ସ୍ମିତାରାଣୀ, ଇତିଶ୍ରୀ, ବେବିନା, ମାଧବୀଲତା, ପରୀ ହତ୍ୟାକାଣ୍ଡ କାହା ସମୟରେ ଘଟିଥିଲା ସମସ୍ତେ ଜାଣନ୍ତି। ଭାଜପା ସରକାର ମହିଳାଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ପାଇଁ ଲକ୍ଷ୍ୟ ରଖିଛି। ଆଗାମୀ ଆର୍ଥିକ ବର୍ଷରେ '୨୬ ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି'ର ସମ୍ମାନ ମିଳିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଉର୍ମିଳା କହିଛନ୍ତି।

# ଭାଜପା ରାଜ୍ୟ ସଭାପତିଙ୍କ କୁଶପୁତ୍ତଳିକା ଦାହ

## ତିହିଡ଼ିରେ କଳାପତାକା ପ୍ରଦର୍ଶନ

ଚାନ୍ଦବାଲି/ତିହିଡ଼ି,୪।୯
(କିଷାନ ପାତ୍ର/ସଞ୍ଜିତ ବଳ)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋ ଯୁକ୍ତ ୩ କଲେଜର ପ୍ରତିଷ୍ଠା ଦିବସ ବୁଧବାର ପାଳନ କରାଯାଇଥିବା ବେଳେ ଉତ୍ସବରେ ଅତିଥି ଚୟନକୁ ନେଇ ଭାଜପା ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଏଣୁ ଜିଲା ପ୍ରଶାସନ ପକ୍ଷରୁ କଲେଜର ୧ କି.ମି. ପରିଧି ମଧ୍ୟରେ ବୁଧବାର ସକାଳ ୭ଟାରୁ ଗୁରୁବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ୧୬୩ ଧାରା ଜାରି କରାଯାଇଛି। ଏଥିସହ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଏହାସତ୍ତ୍ୱେ ଉଗ୍ରତରା ଛକରେ ବିଜେଡି ପକ୍ଷରୁ ଟାୟାର ଜାଳି ପ୍ରତିବାଦ ସହ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏପରିକି ପୋଲିସ ପକ୍ଷରୁ କରାଯାଇଥିବା ବ୍ୟାରିକେଡ୍‌କୁ ମଧ୍ୟ ଠେଲାପେଲା କରୁଥିବା ଦେଖିବାକୁ ମିଳିଥିଲା। ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ରଞ୍ଜନ ସାହୁ, ପ୍ରଭାସ ନାୟକ ପ୍ରମୁଖ ଏଥିରେ ସାମିଲ ଥିଲେ। ପ୍ରକାଶଥାଉ କି, କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟବକ୍ତା ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ ଥିବାବେଳେ ସ୍ଥାନୀୟ ବିଧାୟକ ବିଜେଡିର ବ୍ୟୋମକେଶ ରାୟଙ୍କୁ ଅତିଥି କରାଯାଇ ନ ଥିବାରୁ ତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ସେହିପରି ତିହିଡ଼ି ବ୍ଲକର ପୀରହାଟ ବଜାରରେ ବୁଧବାର ପୂର୍ବାହ୍ନରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଏମ୍‌ପି ଅଭିମନ୍ୟୁ ସେଠୀଙ୍କୁ ବିଜେଡି କର୍ମୀମାନେ କଳାପତାକା ଦେଖାଇବା ସହ ତାଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ କରିଛନ୍ତି। ମନମୋହନ ଓ ଅଭିମନ୍ୟୁ ମତୋ କଲେଜର ପ୍ରତିଷ୍ଠା ଦିବସ ଉତ୍ସବରେ ଅତିଥି ଭାବେ ଯୋଗଦେବାକୁ ଯିବା ବେଳେ ଶତାଧିକ ବିଜେଡି କର୍ମୀ ଏହି କାଣ୍ଡ ଭିଆଇଛନ୍ତି।


ଉଗ୍ରତାରା ଛକରେ ବିଜେଡି ପକ୍ଷରୁ ମନମୋହନ ସାମଲଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

# ମିଛ ଭାଜପାର ବଡ଼ ପରିଚୟ: ନବୀନ

## ବିଜୁ ମହିଳା ଜନତା ଦଳ ଜିଲା କର୍ମକର୍ତ୍ତା ସମାବେଶ

ଭୁବନେଶ୍ୱର,୪।୯(ଅନିଲ ଦାସ)

ମିଛ ଭାଜପାର ସବୁଠାରୁ ବଡ଼ ପରିଚୟ। ମିଛ ପ୍ରତିଶ୍ରୁତି ଦେଇ ଭାଜପା କ୍ଷମତାକୁ ଆସିଛି। ଭାଜପାର ମିଛକୁ ଏକ୍ସପୋଜ କରିବାକୁ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି।

ଶଙ୍ଖ ଭବନରେ ବୁଧବାର ଆୟୋଜିତ ବିଜୁ ମହିଳା ଜନତା ଦଳର ଜିଲାସ୍ତରୀୟ କର୍ମକର୍ତ୍ତା ଓ ରାଜ୍ୟ ନେତୃବୃନ୍ଦଙ୍କୁ ସମ୍ବୋଧିତ କରିବା ଅବସରରେ ନବୀନ କହିଛନ୍ତି, ନିର୍ବାଚନ ବେଳେ ସାରା ଦେଶରୁ ଭାଜପାର ବଡ଼ ବଡ଼ ନେତା ଓଡ଼ିଶା ଆସି ହାତୀ ଦେବୁ ଘୋଡ଼ା ଦେବୁ କହିଲେ। କିନ୍ତୁ କାମରେ ଶୂନ। ସୁଭଦ୍ରା ଯୋଜନାରେ ୨ ବର୍ଷରେ ସବୁ ମା'ଙ୍କୁ ୫୦ ହଜାର ଟଙ୍କା ଦେବ ବୋଲି ଭାଜପା କହିଥିଲା। କିନ୍ତୁ ଏବେ ଅଳ୍ପ କିଛି ମା'ଙ୍କୁ ସୁଭଦ୍ରା ଯୋଜନାରେ ୬ ମାସରେ ମାତ୍ର ପାଞ୍ଚ ହଜାର ଟଙ୍କା ଦେବେ। ସେହିପରି ୩୦୦ ୟୁନିଟ୍ ମାଗଣା ବିଜୁଳି ମଧ୍ୟ ମିଛ। ମା'ମାନଙ୍କ ସହିତ ସାଧାରଣ ଲୋକଙ୍କ ବିଶ୍ୱାସ ସହ ଭାଜପା ଖେଳିବା ଉଚିତ ନୁହେଁ ବୋଲି ନବୀନ କହିଛନ୍ତି। ରାଜ୍ୟର ପ୍ରତି ଘରେ ଘରେ ଭାଜପାର ମିଛକୁ ଏକ୍ସପୋଜ କରାଯିବା ଦରକାର।

ସାରା ଦେଶରେ ମହିଳାମାନଙ୍କ ବିରୋଧରେ ହେଉଥିବା ଅତ୍ୟାଚାର ଘଟଣାରେ ଚିନ୍ତାପ୍ରକଟ କରି ନବୀନ କହିଛନ୍ତି, ଆମ ସଂସ୍କୃତିରେ ମା'ମାନଙ୍କୁ ଆମେ ଦେବୀ ଭାବରେ ପୂଜା କରୁ। ତେଣୁ ମା'ମାନଙ୍କ ଉପରେ ଅତ୍ୟାଚାର ଈଶ୍ୱରଙ୍କ ସହ ଦ୍ରୋହ। ଏଭଳି ଅପରାଧୀଙ୍କୁ କଠୋରରୁ କଠୋରତମ ଦଣ୍ଡ ଦେବା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି। ଅତ୍ୟାଚାରର ଶିକାର ହେଉଥିବା ମହିଳାମାନଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ସେ ଦଳର ସଦସ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି। ଆମ ସମସ୍ତଙ୍କ ସାମୂହିକ ଉଦ୍ୟମ ହିଁ ମା'ମାନଙ୍କ ପାଇଁ ଏକ ନିରାପଦ ଦୁନିଆ ସ୍ଥାପନ କରିବାରେ ସହାୟକ ହେବ ବୋଲି ନବୀନ ଆଶା କରିଛନ୍ତି। ସାରା ଦେଶରେ ମହିଳା ସଶକ୍ତୀକରଣର ମୂଳଦୁଆ ବିଜୁବାବୁ ହିଁ ପକାଇଥିଲେ। ବିଜୁ ଜନତା ଦଳ ସବୁବେଳେ ମା'ମାନଙ୍କ ସ୍ୱର ହୋଇ ରହିଛି ଓ ରହିବ ବୋଲି ନବୀନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟିକା ପ୍ରମିଳା ମଲ୍ଲିକ, ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ସ୍ୱାଗତ ଭାଷଣ ଦେଇଥିଲେ।


ଶଙ୍ଖ ଭବନଠାରେ ବୁଧବାର ଆୟୋଜିତ ବିଜୁ ମହିଳା ଜନତା ଦଳର କର୍ମକର୍ତ୍ତା ସମ୍ମିଳନୀରେ ବିଜେଡି ସଭାପତି ନବୀନ ପଟ୍ଟନାୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ଦୁହିଁଲେ ଗୋସେଇଁ ରୁଷେ**
**ବହୁତ ଦୁହିଁଲେ ବାଛୁରୀ ରୁଷେ**
**ପର ଗାଇଦୁହାଁ ମୋତେ ନ ଆସେ।**

ଗାଈ ଦୁହାଁଳି ବ୍ୟକ୍ତି ଗାଈଠାରୁ ଅଳ୍ପ କ୍ଷୀର ଦୁହିଁଲେ ଗାଈର ମାଲିକ ତା' ଉପରେ ଅସନ୍ତୁଷ୍ଟ ହୋଇଥାଏ। ସେମିତି ଗାଈଠାରୁ ବେଶି କରି କ୍ଷୀର ଦୁହିଁଲେ ବାଛୁରୀଟି ଖାଇବାକୁ ପାଇ ନ ଥାଏ। ଏ ପରିସ୍ଥିତିରେ ଗାଈ ଦୁହିଁଥିବା ବ୍ୟକ୍ତିଟି ଅତ୍ୟନ୍ତ ଧର୍ମ ସଙ୍କଟରେ ପଡ଼ିଯାଇଥାଏ। ପରୋକ୍ଷରେ ଦୁଇ ପକ୍ଷର ଲୋକଙ୍କ ମନକୁ ନେଇ ଚଳିବା ଆଦୌ ସହଜ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଅଦେଇ ଅଦେଇ କହୁଛ ମୋତେ
ମୁଁ କାହାକୁ ନ ଦିଏ କିସ ?
ଧୁଆ ଚାଉଳକୁ କୁଆକୁ ଦେଇ
ଚୁଲି କି ଝିଣ୍ଟି ଏ ତୋଷ।

ଧୁଆ ଚାଉଳକୁ କୁଆକୁ ଦେବା ଦାନ ନୁହେଁ। ଯେମିତି ଏହା ଅସତର୍କତାର ପରିଚୟ ହୋଇଥାଏ ସେମିତି ଚୁଲିକି ଗୋବରରେ ଲିପି ତାକୁ ତୋଷ କରାଉଥିବା କହିବା ହାସ୍ୟାସ୍ପଦ କଥା। ଭେଳିକି ଦେଖାଇ କୃପଣ ବ୍ୟକ୍ତି ନିଜ ଦାତାପଣିଆ ଜାହିର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ବିଜେଡିକୁ ଘାରିଛି କୁଜଙ୍ଗ ବ୍ଲକ୍ ଅଧକ୍ଷାଙ୍କ ଅନାସ୍ଥା ଭୟ

କୁଜଙ୍ଗ,୪।୯(ମନୋଜ ପ୍ରଧାନ)

ପାରାଦୀପ ନିର୍ବାଚନମଣ୍ଡଳୀ ବିଜେଡିରେ ଘଡିକେ ଘୋଡ଼ା ଛୁଟୁଛି। ଯାହାକୁ ନେଇ ରାଜନୀତି ଉଷ୍ମ ହୋଇଉଠିଛି। ପାରାଦୀପ ପୌରାଞ୍ଚଳରେ ଦଳୀୟ ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ ଦଳରେ ଅଲୋଡ଼ା ହୋଇଥିବାବେଳେ ବର୍ତ୍ତମାନ କୁଜଙ୍ଗ ବ୍ଲକ ବିଜେଡି ଅଧକ୍ଷା ନିନାରାଣୀ ସାହୁଙ୍କୁ ଅନାସ୍ଥା ଭୟ ଘାରିଛି। ମଙ୍ଗଳବାର ୨୦ଜଣ ସମିତିସଭ୍ୟାସଭ୍ୟ ପୁରୀରେ ଏକାଠି ହୋଇଥିଲେ। ପୁଣି ବୁଧବାର ସେମାନେ କୋଣାର୍କ ନିକଟସ୍ଥ ରାମଚଣ୍ଡୀଠାରେ ବଣ ଭୋଜିରେ ଏକାଠି ହୋଇଥିବା ଜଣାପଡ଼ିଛି। ବିଜେଡି ପକ୍ଷରୁ ୨୦ ଜଣ ସଭ୍ୟାସଭ୍ୟ ଯାଇଥିବା କୁହାଯାଉଥିଲାବେଳେ ପ୍ରକୃତରେ କେତେ ଜଣ ଯାଇଛନ୍ତି ତାହା ସ୍ୱଷ୍ଟ ଜଣାପଡ଼ିନାହିଁ। ମାତ୍ର ବୁଧବାର ୩ଜଣ ସମିତି ସଭ୍ୟାସଭ୍ୟ ଫେରିଆସିଥିବା ଜଣାପଡ଼ିଛି। କେଉଁ କାରଣରୁ ସେମାନେ ଫେରିଆସିଛନ୍ତି ତାହା ଜଣାପଡ଼ିନାହିଁ। ଫେରି ଆସିଥିବା ସମିତିସଭ୍ୟାସଭ୍ୟ ହେଲେ ପାରାଦୀପଗଡ଼ ସଭ୍ୟା ଅରବିନ୍ଦା ତରାଇ, ପଣ୍ଡୁଆ ସଭ୍ୟ ପବିତ୍ର ମନ୍ତ୍ରୀ ଓ ବାଣିତୋ ସଭ୍ୟ ମନୋରଞ୍ଜନ ପଣ୍ଡା। ଏମାନେ କାହିଁକି ଫେରିଆସିଲେ ସେମାନଙ୍କ ମତାମତ ନେବାକୁ ଚେଷ୍ଟା କରିବାରେ ସେମାନେ ଫୋନ୍ ଉଠାଇ ନ ଥିଲେ।

ସୂଚନାଯୋଗ୍ୟ, ଅରବିନ୍ଦା ତରାଇ ଦଳୀୟ ଶୃଙ୍ଖଳା ଭଙ୍ଗ କରି ଅଧକ୍ଷା ପ୍ରାର୍ଥିନୀ ହେବାରୁ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା। ସେହିଦିନଠାରୁ ସେ ବିଜେଡିରେ ଅଲୋଡ଼ା ହୋଇଥିଲେ। ମାତ୍ର ସାଧାରଣ ନିର୍ବାଚନ ସମୟରେ ତାଙ୍କଠାରୁ ନିଲମ୍ବନ ପ୍ରତ୍ୟାହାର କରାଯାଇଥିଲା। ଏଠାରେ ପ୍ରଶ୍ନ ଉଠୁଛି ଶାସକ ଭାଜପା ପକ୍ଷରୁ କୌଣସି ବିରୋଧାଭାସ ଉଠି ନ ଥିବାବେଳେ ହଠାତ ବିଜେଡି ନେତାମାନେ ସଭ୍ୟାସଭ୍ୟଙ୍କୁ କାହିଁକି ପୁରୀ, କୋଣାର୍କ ବୁଲାଉଛନ୍ତି ତାହା ଜଣାପଡୁନାହିଁ। ବିଜେଡିକୁ ଅନାସ୍ଥା ପ୍ରସ୍ତାବ ଭୟ ଘାରିଛି ବୋଲି ରାଜନୈତିକ ସମୀକ୍ଷକମାନେ ଆଲୋଚନା କରୁଛନ୍ତି।


ରାମଚଣ୍ଡୀଠାରେ ବଣ ଭୋଜିରେ ସମିତିସଭ୍ୟ ଓ ବିଜେଡି ନେତୃବୃନ୍ଦ।

# କଲେଜ ନିର୍ବାଚନ ପାଇଁ ରାଜନୀତି କରୁଛି ଛାତ୍ର ବିଜେଡି: ଅରିନ୍ଦମ

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପ୍ରସଙ୍ଗ

କଟକ,୪।୯(ଶିଳ୍ପା ପ୍ରିୟଦର୍ଶିନୀ)

କଟକରେ ଆୟୋଜିତ ସ୍ୱାୟତ୍ତଶାସନ ଦିବସ କାର୍ଯ୍ୟକ୍ରମ ପରେ ଗଣମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ସମ୍ପର୍କରେ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ବିଭିନ୍ନ ସ୍ଥାନରେ ପ୍ରତିବାଦର ସ୍ୱର ଉଠିବା ସହ ବିକ୍ଷୋଭ ପ୍ରଦର୍ଶନ ଦେଖିବାକୁ ମିଳିଛି। ତେବେ ଏ ସମ୍ପର୍କରେ କଟକ ମେରିଆ ବଜାରସ୍ଥିତ କାର୍ଯ୍ୟାଳୟରେ ଭାଜପା ନେତା ଅରିନ୍ଦମ ରାଏ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, କେନ୍ଦ୍ରମନ୍ତ୍ରୀଙ୍କ ବ୍ୟକ୍ତିଗତ ମତରେ କୌଣସି ଆପତ୍ତି ଉଠାଯିବା ଉଚିତ ନୁହେଁ। କିନ୍ତୁ ବିଜୁ ଛାତ୍ର ଜନତା ଦଳ ଏହାକୁ ରାଜନୈତିକ ପ୍ରସଙ୍ଗ କରି ନିର୍ବାଚନ ପାଇଁ ପ୍ରସ୍ତୁତି ଚଳାଇଛି। ଏହି ଦଳର ସଦସ୍ୟମାନେ ଏବେ ବିକ୍ଷୋଭ କରୁଛନ୍ତି। ବିକ୍ଷୋଭକାରୀଙ୍କ ମଧ୍ୟରୁ ୫୦ ପ୍ରତିଶତ ଅଣଛାତ୍ର। କେନ୍ଦ୍ରମନ୍ତ୍ରୀ ଗତବର୍ଷ କଟକରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମାନ ମନ୍ତବ୍ୟ ଦେଇଥିଲେ। ହେଲେ ସେତେବେଳେ କେଉଁଠି ଥିଲେ ଏହି ଦଳର ବିକ୍ଷୋଭକାରୀ। କେବଳ ଆଗାମୀ ଛାତ୍ର ସଂସଦ ନିର୍ବାଚନକୁ ନଜରରେ ରଖି ଏଭଳି ରାଜନୀତି କରାଯାଉଛି ବୋଲି ଅରିନ୍ଦମ କହିଛନ୍ତି।


ଅରିନ୍ଦମ ରାଏ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଚୋର, ଡକାୟତଙ୍କୁ କମିଶନର କରାଯାଇଥିଲା: ମନ୍ତ୍ରୀ କୃଷ୍ଣଚନ୍ଦ୍ର

ଭୁବନେଶ୍ୱର,୪।୯(ଅନିଲ ଦାସ)

ଖାଦ୍ୟ ସୁରକ୍ଷା କମିଶନର ଅଧ୍ୟକ୍ଷ ନିଯୁକ୍ତିକୁ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବୁଧବାର ବିଧାନସଭା ପ୍ରଶ୍ନକାଳରେ ସମାଲୋଚନା କରିଛନ୍ତି। ଭାଜପା ସଭ୍ୟ ସନାତନ ବିଜୁଳିଙ୍କ ଏକ ପ୍ରଶ୍ନର ଜବାବରେ ମନ୍ତ୍ରୀ କହିଛନ୍ତି, ଖାଦ୍ୟ ସୁରକ୍ଷା କମିଶନ ଅଧ୍ୟକ୍ଷ ପଦରେ ଜ୍ଞାନ ନ ଥିବା ଜଣେ ଚୋର, ଡକାୟତଙ୍କୁ ବସାଯାଇଥିଲା। ଯୋଗ୍ୟତା ଥିବା ଲୋକଙ୍କୁ ବାଦ୍ ଦେଇ ପୂର୍ବ ସରକାର ଜଣେ କୋଇଲା ଚୋରା କାରବାର କରୁଥିବା ଲୋକକୁ ଅଧ୍ୟକ୍ଷ କରିଥିଲେ। ଏହି ପଦବୀ ପାଇଁ ବହୁ ଆଇଏଫ୍‌ଏସ୍ ଅଫିସର ଆବେଦନ କରିଥିବାବେଳେ ଜଣେ ବିଏ ପାସ୍ ବ୍ୟକ୍ତିଙ୍କୁ କାହିଁକି ନିଯୁକ୍ତି ଦିଆଯାଇଥିଲା ବୋଲି ମନ୍ତ୍ରୀ ପ୍ରଶ୍ନ ଉଠାଇଛନ୍ତି।

ବିଧାନସଭାରୁ...

# ଝୋଟ ବ୍ୟାଗ୍ ବଣ୍ଟାରେ ୨୪୭.୩୬ କୋଟି ଖର୍ଚ୍ଚ କରିଥିଲେ ବିଜେଡି ସରକାର

## ପରିବାର ପିଛା ୧ ହଜାର ବାବଦରେ ୯୫୯ କୋଟି ଖର୍ଚ୍ଚ

ଭୁବନେଶ୍ୱର,୪।୯(ଅନିଲ ଦାସ)

ଗତ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ଉଭୟ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଝୋଟ ବ୍ୟାଗ୍ ବାଣ୍ଟିବା ବାବଦକୁ ୨୪୭ କୋଟି ୩୬ ଲକ୍ଷ ୬୪ ହଜାର ୨୯୭ ଟଙ୍କା ଖର୍ଚ୍ଚ କରିଛନ୍ତି। ସେହିପରି ଏହି ପରିବାରଗୁଡ଼ିକୁ ୧ ହଜାର ଟଙ୍କା ବଣ୍ଟନ କରାଯାଇଥିବା ବେଳେ ଏଥିପାଇଁ ଖର୍ଚ୍ଚ ହୋଇଛି ୯୫୯ କୋଟି ୫ ଲକ୍ଷ ୨୬ ହଜାର ଟଙ୍କା। ଭାଜପା ସଭ୍ୟ ଅମରେନ୍ଦ୍ର ଦାସଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୁଧବାର ବିଧାନସଭାରେ ଏହା କହିଛନ୍ତି। ତେବେ ଯେଉଁମାନେ ଏଥିରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ସେଗୁଡ଼ିକୁ ପ୍ରଦାନ କରିବା ପାଇଁ ବର୍ତ୍ତମାନ କିଛି ବ୍ୟବସ୍ଥା ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

ଯୋଗାଣ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଅନୁଗୋଳ ଜିଲାରେ ୭ କୋଟି ୧୬ ଲକ୍ଷ ୯୭ ହଜାର ୬୦୭ ଟଙ୍କାର ଝୋଟ ବ୍ୟାଗ୍ ବଣ୍ଟନ କରାଯାଇଥିବା ବେଳେ ବାଲେଶ୍ୱରରେ ୧୩ କୋଟି ୪୦ ଲକ୍ଷ ୬ ହଜାର ୩୪୪, ବରଗଡ଼ରେ ୯ କୋଟି ୧୯ ଲକ୍ଷ ୬ ହଜାର ୮୫୪, ଭଦ୍ରକରେ ୮ କୋଟି ୩୮ ଲକ୍ଷ ୧୯ ହଜାର ୯୫୧, ବଲାଙ୍ଗୀରରେ ୧୧ କୋଟି ୧୬ ଲକ୍ଷ ୮୦ ହଜାର ୭୮୨, ବୌଦ୍ଧରେ ୨ କୋଟି ୭୯ ଲକ୍ଷ ୫୯ ହଜାର ୩୫୯, କଟକରେ ୧୩ କୋଟି ୧୦ ଲକ୍ଷ ୬୦ ହଜାର ୪୧, ଦେବଗଡ଼ରେ ୨ କୋଟି ୩ ଲକ୍ଷ ୩୯ ହଜାର ୩୩୨, ଢେଙ୍କାନାଳରେ ୭ କୋଟି ୪୮ ଲକ୍ଷ ୩୭ ହଜାର ୩୩୬, ଗଜପତିରେ ୨ କୋଟି ୮୧ ଲକ୍ଷ ୩୬ ହଜାର ୪୧୫, ଗଞ୍ଜାମରେ ୨୦ କୋଟି ୨୩ ଲକ୍ଷ ୭୧ ହଜାର ୩୦୨, ଜଗତସିଂହପୁରରେ ୫ କୋଟି ୧୩ ଲକ୍ଷ ୨୫ ହଜାର ୯୭୪, ଯାଜପୁରରେ ୧୦ କୋଟି ୭୮ ଲକ୍ଷ ୯୧ ହଜାର ୫୦୨, ଝାରସୁଗୁଡ଼ାରେ ୨ କୋଟି ୯୯ ଲକ୍ଷ ୨୦ ହଜାର ୬୮ ଏବଂ କଳାହାଣ୍ଡି ଜିଲାରେ ୧୦ କୋଟି ୭୫ ଲକ୍ଷ ୧୯ ହଜାର ୭୦୩ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି କନ୍ଧମାଳ ଜିଲାରେ ୪ କୋଟି ୭୦ ଲକ୍ଷ ୫୪ ହଜାର ୧୭୨ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ କେନ୍ଦ୍ରାପଡ଼ାରେ ୯ କୋଟି ୨୬ ଲକ୍ଷ ୬୬ ହଜାର ୨୫୩, କେନ୍ଦୁଝରରେ ୧୦ କୋଟି ୯୩ ଲକ୍ଷ ୬୧ ହଜାର ୨୫୦, ଖୋର୍ଦ୍ଧାରେ ୧୦ କୋଟି ୧୨ ଲକ୍ଷ ୪୦ ହଜାର ୨୫୪, କୋରାପୁଟରେ ୯ କୋଟି ୬୮ ଲକ୍ଷ ୫୭ ହଜାର ୮୬, ମାଲକାନଗିରିରେ ୩ କୋଟି ୯୫ ଲକ୍ଷ ୪୩ ହଜାର ୯୫୨, ମୟୂରଭଞ୍ଜରେ ୧୫ କୋଟି ୭୯ ଲକ୍ଷ ୧୮ ହଜାର ୨୫୩, ନବରଙ୍ଗପୁର ୮ କୋଟି ୨୧ ଲକ୍ଷ ୮ ହଜାର ୭୯୧, ନୟାଗଡ଼ରେ ୫ କୋଟି ୬୮ ଲକ୍ଷ ୮୧ ହଜାର ୬୭୬, ନୂଆପଡ଼ାରେ ୪ କୋଟି ୪୫ ଲକ୍ଷ ୩୩ ହଜାର ୭୦୫, ପୁରୀରେ ୯ କୋଟି ୫୦ ଲକ୍ଷ ୫ ହଜାର ୭୬୭, ରାୟଗଡ଼ାରେ ୬ କୋଟି ୫୮ ଲକ୍ଷ ୮୩ ହଜାର ୬୫୪, ସମ୍ବଲପୁରରେ ୫ କୋଟି ୮୯ ଲକ୍ଷ ୫୨ ହଜାର ୯୫୩, ସୋନପୁରରେ ୩ କୋଟି ୯୩ ଲକ୍ଷ ୮ ହଜାର ୩୩୫ ଓ ସୁନ୍ଦରଗଡ଼ରେ ୧୧ କୋଟି ୧୮ ଲକ୍ଷ ୭୫ ହଜାର ୬୧୨ ଟଙ୍କା ଝୋଟ ବ୍ୟାଗ୍ ବାଣ୍ଟିବା ପାଇଁ ଖର୍ଚ୍ଚ ହୋଇଛି।

**ଜଙ୍ଗଲରୁ ଉଦ୍ଧାର ନବଜାତ ଶିଶୁ ପୁତ୍ର ମୃତ**

ସୁନ୍ଦରଗଡ଼,୪।୯(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ ଜିଲା ଧରୁଆଡିହି ଥାନା ସଲଙ୍ଗାବୁଡ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ବୁଧବାର ଏକ ନବଜାତ ଶିଶୁପୁତ୍ରକୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରିଥିଲେ। ଏନେଇ ଜିଲା ଶିଶୁ ସୁରକ୍ଷା ବିଭାଗକୁ ଖବର ଦେଇଥିଲେ। ଅଧିକାରୀମାନେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା ସୂଚନା ଦେଇଛନ୍ତି। ଧରୁଆଡିହି ପୋଲିସ ଏକ ଅପମୃତ୍ୟୁ ମାମଲା କେଶ ନଂ.୧୪/୨୪ ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ସ୍ଥାନୀୟ ଲୋକେ ବୁଧବାର ଜଙ୍ଗଲକୁ ଯାଇଥିବାବେଳେ ନବଜାତ ଶିଶୁପୁତ୍ରର କାନ୍ଦ ଶୁଣିଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ପ୍ରଥମେ ଗ୍ରାମର ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ପାଖକୁ ନେଇଥିଲେ। ସେଠାରେ ଶିଶୁପୁତ୍ରକୁ ଦୁଗ୍ଧପାନ କରାଇଥିଲେ।

# ସିନେ ପ୍ରଡକ୍ସନ ମ୍ୟାନେଜର ହରି ବିଶ୍ୱାଳଙ୍କ ପରଲୋକ

**ସମ୍ବଲପୁର,୪।୯(ଭବାନୀ ଶଙ୍କର ଭୋଇ)**

ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ହରି ବିଶ୍ୱାଳଙ୍କ ମଙ୍ଗଳବାର ରାତିରେ ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ୮୨ବର୍ଷ ହୋଇଥିଲା। ତାଙ୍କ ପରଲୋକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସମ୍ବଲପୁର ଦଲାଇପଡ଼ାରେ ଜନ୍ମଗ୍ରହଣ କରିଥିବା ବିଶ୍ୱାଳ ଜଣେ କ୍ରୀଡ଼ା ସଙ୍ଗଠକ ଭାବେ ଅନେକ କାମ କରିଥିଲେ। ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମର ବିକାଶରେ ତାଙ୍କର ଅବଦାନ ରହିଥିଲା। ସମ୍ବଲପୁର ମହିଳା ମହାବିଦ୍ୟାଳୟରେ ଲାବ୍ ଆସିଷ୍ଟାଣ୍ଟ ଭାବେ ଚାକିରି ଜୀବନ ଆରମ୍ଭ କରିଥିବା ବେଳେ ପରବର୍ତ୍ତୀ ସମୟରେ ସେ ସିନେମା ପ୍ରତି ଆକୃଷ୍ଟ ହୋଇଥିଲେ। ଓଡ଼ିଆ ଚଳଚ୍ଚିତ୍ର ଅସ୍ତରାଗରୁ ତାଙ୍କର ସିନେ କ୍ୟାରିୟର ଆରମ୍ଭ ହୋଇଥିଲା। ବଙ୍ଗଳା, ତେଲୁଗୁ, ତାମିଲ, ସମ୍ବଲପୁରୀ ଭାଷାରେ ୮୦ରୁ ଊର୍ଦ୍ଧ୍ୱ ସିନେମାରେ ସେ ପ୍ରଡକ୍ସନ ମ୍ୟାନେଜର ଭାବେ କାର୍ଯ୍ୟ କରିଥିଲେ। ଉଭୟ ଓଡ଼ିଆ ଏବଂ ବଙ୍ଗଳା ଭାଷାରେ ନିର୍ମିତ ଅକୁହା



କଥା ଚଳଚ୍ଚିତ୍ରରେ କାର୍ଯ୍ୟ କରି ସେ ସିନେ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଥିଲେ। ଚେନ୍ନାଇ (ମାଡ୍ରାସ୍) ସିନେ ଇଣ୍ଡଷ୍ଟ୍ରି ସହ ତାଙ୍କର ସମ୍ପର୍କ ରହିଥିଲା। ୨୦୧୬ରେ ନିର୍ମିତ ତୁ ଦିୱାନା ମୁଁ ଦିୱାନୀ ତାଙ୍କର ଶେଷ ସିନେମା ଥିଲା। ମୃତ୍ୟୁର ୪ଦିନ ପୂର୍ବରୁ ସେ ଘରେ ପଡ଼ିଯାଇ ଆହତ ହେବା ପରେ ବୁର୍ଲା ମେଡିକାଲରେ ଭର୍ତ୍ତି ହୋଇଥିଲେ। ଅନ୍ତିମ ସମୟରେ ତାଙ୍କ ପୁଅ ନନ୍ଦକିଶୋର ବିଶ୍ୱାଳ ଏବଂ ଝିଅ ନନ୍ଦିନୀ ବିଶ୍ୱାଳ ଉପସ୍ଥିତ ଥିଲେ। ବୁଧବାର ତାଙ୍କର ଶେଷକୃତ୍ୟ ସମ୍ବଲପୁର ରାଜଘାଟରେ କରାଯାଇଥିଲା। ଏକମାତ୍ର ପୁଅ ନନ୍ଦକିଶୋର ମୁଖାଗ୍ନି ଦେଇଥିଲେ।

# ଆଧାର ସଂଶୋଧନ ପାଇଁ ଦଳାଚକଟା

## ସୋର ମୁଖ୍ୟ ଡାକଘରେ ଉତ୍ତେଜନା

**ସୋର,୪।୯(ଜନ୍ମେଜୟ ମିଶ୍ର)**

ରାଜ୍ୟରେ ବୁଧବାରଠାରୁ 'ସୁଭଦ୍ରା' ଯୋଜନା ପାଇଁ ଫର୍ମ ସଂଗ୍ରହ ଆରମ୍ଭ ହୋଇଥିବାବେଳେ ବାଲେଶ୍ୱର ଜିଲା ସୋର ପୌର ପରିଷଦ ଅଧୀନ ମୁଖ୍ୟ ଡାକଘରେ ଆଧାରକାର୍ଡ ସଂଶୋଧନ ସକାଶେ ଠେଲାପେଲା ହୋଇଥିବା ଦେଖିବାକୁ ମିଳିଛି। ଆଧାରକାର୍ଡରେ ନିଜ ନାମ ଓ ମୋବାଇଲ ନମ୍ବର ସଂଶୋଧନ ପାଇଁ ଅନେକ ଶହ ଲୋକ ଭିଡ଼ ଜମାଇବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବଡ଼ିସକାଳୁ ସୋର ବ୍ଲକ ଅଧୀନ ବିଭିନ୍ନ ଗ୍ରାମପଞ୍ଚାୟତ ଓ ପୌର ପରିଷଦର ମହିଳା, ପୁରୁଷ, ଯୁବତୀ, ଯୁବକ ଏବଂ ଛୋଟ ପିଲା ମୁଖ୍ୟ ଡାକଘର ଗେଟ୍ ସମ୍ମୁଖରେ ରୁଣ୍ଡ ହୋଇଥିଲେ। ପୂର୍ବାହ୍ନ ୧୦ଟାରେ ଡାକଘର ଗେଟ୍ ତାଲା ଖୋଲିବା ମାତ୍ରେ ଲୋକେ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଫଳରେ ସେଠାରେ ଠେଲାପେଲା ସହ ଦଳାଚକଟା ହୋଇଥିଲା। ସୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଧାଡ଼ି କରାଇଥିଲା। ପରେ ଲୋକେ ଆଧାର ସଂଶୋଧନ କରିଥିଲେ। 'ସୁଭଦ୍ରା' ଯୋଜନା ଓ ରାଶନ କାର୍ଡ ପାଇଁ ଆଧାରକାର୍ଡ ଜରୁରୀ ହୋଇଥିବାରୁ ଗ୍ରାମାଞ୍ଚଳ ଜନସାଧାରଣ ସଂଶୋଧନ ପାଇଁ ବିଭିନ୍ନ ଜନସେବା କେନ୍ଦ୍ର ଓ ଆଧାର କେନ୍ଦ୍ରରେ ଭିଡ଼ ଜମାଉଥିବା ଦେଖିବାକୁ ମିଳୁଛି।



ସୋର ମୁଖ୍ୟ ଡାକଘର ଭିତରକୁ ଲୋକେ ଧସେଇ ପଶିବାକୁ ଉଦ୍ୟମ କରୁଛନ୍ତି।

# କେରଳ, ତ୍ରିପୁରାକୁ ମୁଖ୍ୟମନ୍ତ୍ରୀଙ୍କ ୫ କୋଟି ଲେଖାଏ ସହାୟତା

**ଭୁବନେଶ୍ୱର,୪।୯(ଅନିଲଦାସ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ସନ୍ଧ୍ୟାରେ କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଓ ତ୍ରିପୁରା ମୁଖ୍ୟମନ୍ତ୍ରୀ ମାନିକ ଶାହାଙ୍କ ସହିତ ଫୋନ ଯୋଗେ ଆଲୋଚନା କରି ଉଭୟ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଘଟିଥିବା କ୍ଷୟକ୍ଷତି ପାଇଁ ସମବେଦନା ଜଣାଇଛନ୍ତି। ଉଭୟ ରାଜ୍ୟରେ ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାର ଓ ପୁନର୍ନିର୍ମାଣ ପାଇଁ ଓଡିଶା ସହଯୋଗର ହାତ ବଢାଇବାକୁ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଆଲୋଚନା ସମୟରେ କହିଛନ୍ତି। ଏଥିପାଇଁ ଉଭୟ କେରଳ ଓ ତ୍ରିପୁରାକୁ ୫ କୋଟି ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯିବ। ଉଭୟ କେରଳ ଓ ତ୍ରିପୁରାର ମୁଖ୍ୟମନ୍ତ୍ରୀ ଏହି ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଘଉଡ଼ାଇଲା ବେଳେ ଯୁବକଙ୍କୁ ଦଳିଦେଲା ଦନ୍ତା

**ବଣାଇଁ,୪।୯(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ବଣାଇଁ ବନାଞ୍ଚଳ ସରସରା ସେକ୍ସନ କୁଲୁକୁତାରେ ମଙ୍ଗଳବାର ବିଳମ୍ବିତ ରାତିରେ ହାତୀ ଘଉଡାଇବାବେଳେ ଜଣେ ଯୁବକଙ୍କୁ ଦଳି ମାରିଛି ଦନ୍ତା। ମୃତକ ହେଲେ କୁଲୁକୁତା ମୁଣ୍ଡା ବସ୍ତିର ଗୋବିନ୍ଦ ମୁଣ୍ଡା। ବନ ବିଭାଗ ମୃତଦେହ ଜବତ କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଥିଲା। ବନବିଭାଗ ପକ୍ଷରୁ ବୁଝାଶୁଝା ପରେ ସ୍ଥିତି ଶାନ୍ତ ରହିଛି। ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ ୬ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୦ ପ୍ରତିଶତ ଅର୍ଥାତ୍ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସମ୍ପୂର୍ଣ୍ଣ କ୍ଷତପୂରଣ ଦିଆଯିବା ପ୍ରକ୍ରିୟା ଚାଲିଥିବା ବଣାଇଁ ଡିଏଫ୍‌ଓ ଲଳିତ କୁମାର ପାତ୍ର ସୂଚନା ଦେଇଛନ୍ତି।

# ଜିଲା ଗସ୍ତ କରିବେ ସଚିବ

## ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିବେ, ଡାକ୍ତରଖାନା, ଆହାର କେନ୍ଦ୍ର, ସ୍କୁଲ ବୁଲିବେ

**ଭୁବନେଶ୍ୱର,୪।୯(ଅନିଲ ଦାସ)**

ଲୋକ ସଭା ଭବନରେ ନ ବସି ସଚିବମାନେ ଜିଲା ବୁଲି ସରକାରୀ କାର୍ଯ୍ୟକ୍ରମର ତଦାରଖ କରିବେ। ଏ ନେଇ ବୁଧବାର ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ଗସ୍ତ ସମୟରେ ସଚିବମାନେ ଜିଲାର ଯେକୌଣସି ସ୍ଥାନକୁ ପରିଦର୍ଶନ କରିବେ। ଗ୍ରାମପଞ୍ଚାୟତକୁ ଯାଇ ବିଭିନ୍ନ ସରକାରୀ ଯୋଜନାକୁ ପରିଦର୍ଶନ କରିବେ। ଦିନକୁ ଅତିକମ୍‌ରେ ଥରେ କୌଣସି ଆହାର କେନ୍ଦ୍ର, ଅନୁସୂଚିତ ଜାତି/ଜନଜାତି ଛାତ୍ରାବାସ, ସ୍କୁଲକୁ ଯାଇ ମଧ୍ୟାହ୍ନଭୋଜନ ଖାଦ୍ୟର ଗୁଣବତ୍ତା ପରୀକ୍ଷା କରିବା ସହ ଭୋଜନ କରିବେ। କୌଣସି ଏକ ମେଡ଼ିକାଲକୁ ଯାଇ ରୋଗୀଙ୍କୁ ଭେଟି ସ୍ୱାସ୍ଥ୍ୟ ସେବା ବିଷୟରେ ପଚାରି ବୁଝିବେ। ଅଙ୍ଗନୱାଡ଼ି ହିତାଧିକାରୀଙ୍କ ସହ କରିବେ ଆଲୋଚନା। ଏହାସହ ୮ଟି ଡିଏମ୍‌ଏଫ୍ ଜିଲା ଗସ୍ତ କରି ସେଠାରେ ଡିଏମ୍‌ଏଫ୍ ପାଣ୍ଠିର ବିନିଯୋଗ ବାବଦରେ ସମୀକ୍ଷା କରିବେ। କ୍ଷେତ୍ର ପରିଦର୍ଶନ ସରିବା ପରେ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଜିଲାପାଳ ଓ ଜିଲା ଅଧିକାରୀଙ୍କ ସହ ଆଲୋଚନା କରିବେ। ଜିଲାରେ ଥିବା ବନ୍ଦର, ବିମାନ ବନ୍ଦର, ଶିଳ୍ପ, ପାର୍କ ଓ ମେଡିକାଲ କଲେଜ, ବୃହତ୍ ଜଳସେଚନ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବା ସହ କାର୍ଯ୍ୟକାରୀ ହେବାକୁ ଥିବା ନୂତନ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବେ। ଆକାଂକ୍ଷୀ ଜିଲା ଗସ୍ତ କରି ସମୀକ୍ଷା କରିବେ। ଜିଲାରେ ଅବସ୍ଥାପିତ ହୋଇଥିବା କନିଷ୍ଠ ଅଧିକାରୀ ତଥା ଆଇଏଏସ୍‌ମାନଙ୍କ ସହ ଆଲୋଚନା କରିବେ। ଅଧିକାରୀମାନେ ପ୍ରତି ମାସରେ ନିର୍ଦ୍ଧାରିତ ଜିଲାକୁ ନିୟମିତ ଭାବରେ ପରିଦର୍ଶନ କରିବାକୁ ଯିବେ। ପ୍ରତିଟି ପରିଦର୍ଶନ ସମୀକ୍ଷା ବିଷୟରେ ମୁଖ୍ୟ ଶାସନ ସଚିବ ଏବଂ ଉନ୍ନୟନ କମିଶନରଙ୍କୁ ଅବଗତ କରାଇବେ। ପ୍ରତି ୩ ମାସରେ ଥରେ ଆବଣ୍ଟିତ ଜିଲା ପରିବର୍ତ୍ତନ କରାଯିବ। ଏଥିରେ ଅଧିକ ସ୍ୱଚ୍ଛତା ପାଇଁ ଖୁବ୍‌ଶୀଘ୍ର ଏକ ପୋର୍ଟାଲ ବ୍ୟବସ୍ଥା କରାଯାଇ ପରିଦର୍ଶନ ରିପୋର୍ଟଗୁଡ଼ିକୁ ଅପଲୋଡ଼ କରାଯିବ ବୋଲି ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତ ମାସରେ ଗୃହ ସଚିବ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଜଗତ୍‌ସିଂହପୁର ଜିଲା ପରିଦର୍ଶନ କରିବା ବେଳେ ଦେଓରଞ୍ଜନ ସିଂହ ଅନୁଗୋଳ, ସୁରେନ୍ଦ୍ର କୁମାର କଟକ, ଜି. ମାଥିଭାଥାନନ କେନ୍ଦ୍ରାପଡ଼ା, ହେମନ୍ତ ଶର୍ମା କେନ୍ଦୁଝର, ବିଷ୍ଣୁପଦ ସେଠୀ ମାଲକାନଗିରି, ଚିତ୍ରା ଅରୁମୁଗମ କୋରାପୁଟ, ସୁଶୀଲ କୁମାର ଲୋହାନୀ କଳାହାଣ୍ଡି, ଅରବିନ୍ଦ କୁମାର ପାଢ଼ୀ ଖୋର୍ଦ୍ଧା, ଶାଶ୍ୱତ ମିଶ୍ର ବରଗଡ଼, ବୀରବିକ୍ରମ ଯାଦବ ବଲାଙ୍ଗୀର, ବିଶାଳ ଦେବ ନୂଆପଡ଼ା, ଉଷା ପାଢ଼ୀ କନ୍ଧମାଳ, ସଞ୍ଜୟ କୁମାର ସିଂ ମୟୂରଭଞ୍ଜ, ସୁରେଶ କୁମାର ବଶିଷ୍ଠ ପୁରୀ, ଶୁଭା ଶର୍ମା ଗଜପତି ଏବଂ ଭାସ୍କରଜ୍ୟୋତି ଶର୍ମା ନବରଙ୍ଗପୁର ଜିଲା ପରିଦର୍ଶନ କରିବେ। ସେହିପରି ଶାଳିନୀ ପଣ୍ଡିତ ରାୟଗଡ଼ା, ଏସ.ଅଶ୍ୱଥି ସୁନ୍ଦରଗଡ଼, ରାଜେଶ ପ୍ରଭାକର ପାଟିଲ ଦେବଗଡ଼, ଅରବିନ୍ଦ ଅଗ୍ରୱାଲ ସମ୍ବଲପୁର, ବଳବନ୍ତ ସିଂ ଗଞ୍ଜାମ, ଭୂପେନ୍ଦ୍ର ଏସ ପୁନିଆ ଝାରସୁଗୁଡ଼ା, ଯାମିନୀ ଷଡ଼ଙ୍ଗୀ ସୋନପୁର, ଗୁହା ପୁନମ ତାପସ କୁମାର ଭଦ୍ରକ, ବିଜୟକେତନ ଉପାଧ୍ୟାୟ ବୌଦ୍ଧ, ପ୍ରଶାନ୍ତ କୁମାର ରେଡ୍ଡୀ ବାଲେଶ୍ୱର, ଏନ.ଥିରୁମାଳା ନାଏକ ନୟାଗଡ଼, ସୁଧାଂଶୁ ମୋହନ ସାମଲ ଢେଙ୍କାନାଳ ଓ ରଶ୍ମିତା ପଣ୍ଡା ଯାଜପୁର ଜିଲା ପରିଦର୍ଶନ କରିବେ।

ଏହି ବରିଷ୍ଠ ଆଇଏଏସ୍ ଅଫିସରମାନଙ୍କୁ ଆବଣ୍ଟିତ ଜିଲାକୁ ପରିଦର୍ଶନ କରିବା ପାଇଁ ୨/୩ ଦିନର ଯୋଜନା ପ୍ରସ୍ତୁତ କରିବା ସହ ଅନ୍ୟ ୧୧ଟି ଦିଗ ଉପରେ ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଛି।



ଗୁଜରାଟ ଖଣିଜ ଉନ୍ନୟନ ନିଗମ ଏମଡି ରୂପବନ୍ତ ସିଂ ଓ ତାଙ୍କ ସହ ଆସିଥିବା ଟିମ୍ ବୁଧବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

**ବିଧାନସଭା ଖବର**



# ପେନ୍‌ସନ, ଦରମା ବୃଦ୍ଧି କରିବାକୁ ଦାବିକଲେ ବିଧାୟକ

**ଭୁବନେଶ୍ୱର,୪।୯(ଅନିଲ ଦାସ)**

ପୂର୍ବତନ ବିଧାୟକମାନଙ୍କର ପେନ୍‌ସନ୍ ଏବଂ ବର୍ତ୍ତମାନ ବିଧାୟକଙ୍କମାନଙ୍କର ଦରମା, ଭତ୍ତା ଆଦି ବୃଦ୍ଧି କରିବା ନେଇ ଦଳଗତ ନିର୍ବିଶେଷରେ ବିଧାନସଭାରେ ବିଧାୟକମାନେ ଦାବି କରିଛନ୍ତି। ବୁଧବାର ଶୂନ୍ୟକାଳରେ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ଏ ନେଇ ରୁଲିଂ ଦେବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ସେ କହିଥିଲେ, ୨୦୨୨ରେ ବିଧାୟକମାନଙ୍କ ଦରମା ଓ ପେନ୍‌ସନ୍ ବୃଦ୍ଧି କରିବାକୁ ବିଧାନସଭା ପରାମର୍ଶଦାତା କମିଟି ରିପୋର୍ଟ ଦେଇସାରିଛି। ସବୁ ରେଟ୍ ବଢ଼ି ଚାଲିଛି। ବିଧାୟକଙ୍କର ଅକାଳ ମୃତ୍ୟୁ ହେଲେ ତାଙ୍କ ସ୍ତ୍ରୀ ଯଦି ଛୋଟ ଚାକିରିଟିଏ କରିଛନ୍ତି ତେବେ ସେ ପେନ୍‌ସନ୍ ପାଉନାହାନ୍ତି। ଫାମିଲ ପେନ୍‌ସନ୍ କରାଯାଉ। ଯିଏ ଦିନ ରାତି ଲୋକଙ୍କ ସେବା କରୁଛି ତାଙ୍କ କଥା କେହି ବୁଝୁନାହାନ୍ତି। ଭାଜପା ସଭ୍ୟ ପୂର୍ଣ୍ଣ ଚନ୍ଦ୍ର ସେଠୀ କହିଥିଲେ, ବିଧାୟକମାନେ ଲୋକଙ୍କ ପାଇଁ ଦିନରାତି କାମ କରୁଛନ୍ତି। କୌଣସି ଜଣେ ବିଧାୟକ ନାହାନ୍ତି ଯାହାଙ୍କର ସୁଗାର, ହାଇପର ଟେନ୍‌ସନ୍, ବ୍ଲଡ ପ୍ରେସର ରୋଗ ନାହିଁ। କିଡ୍‌ନୀ ରୋଗ ମଧ୍ୟ ହେଉଛି। ଔଷଧ କିଣିବାକୁ ମାତ୍ର ୨ ହଜାର ଟଙ୍କା ଦିଆଯାଉଛି। ପେନ୍‌ସନ୍ ମାତ୍ର ୩୦ ହଜାର ଟଙ୍କା ମିଳୁଛି। ଗୋଟିଏ ନିର୍ବାଚନମଣ୍ଡଳୀରେ ମାସକୁ ୨ରୁ ୩ଲକ୍ଷ ଖର୍ଚ୍ଚ ହୋଇ ଯାଉଛି। ପୂର୍ବତନ ବିଧାୟକଙ୍କ କଥା କହିଲେ ନ ସରେ। ସରକାର ତୁରନ୍ତ ପୂର୍ବତନ ବିଧାୟକଙ୍କ ପେନ୍‌ସନ୍, ଦରମା ଓ ଭତ୍ତା ବଢ଼ାନ୍ତୁ। ଭାଜପା ସଭ୍ୟ ସନାତନ ବିଜୁଳି, ଭାସ୍କର ମଢ଼େଇ, ସୁଧୀର ପାଟଯୋଶୀ, ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର, କଂଗ୍ରେସ ସଭ୍ୟ ଦାଶରଥି ଗମାଙ୍ଗ ପ୍ରମୁଖ ପୂର୍ବତନ ବିଧାୟକ ଓ ବର୍ତ୍ତମାନ ବିଧାୟକମାନଙ୍କର ପେନ୍‌ସନ୍, ଦରମା, ଭତ୍ତା ଇତ୍ୟାଦି ବୃଦ୍ଧି କରିବାକୁ ଦାବି କରିଥିଲେ। ଶେଷରେ ବାଚସ୍ପତି ସୁରମା ପାଢ଼ୀ ଏ ବିଷୟରେ ଧ୍ୟାନ ଦେବାକୁ ସରକାରଙ୍କୁ ପରାମର୍ଶ ଦେଇଥିଲେ।

# ଆଦିବାସୀଙ୍କ ଅଧିକାର ଛଡ଼ାଇ ନିଆଯାଇଛି: ବିରୋଧୀ

**ଭୁବନେଶ୍ୱର,୪।୯(ଅନିଲ ଦାସ)**

**ମୁଲତବୀ ଆଲୋଚନା**

## ତର୍ଜମା ପରେ ପେସା ଆଇନ ଲାଗୁହେବ: ମନ୍ତ୍ରୀ

ଆଦିବାସୀଙ୍କୁ ନ୍ୟାୟ ଦେବା ବଦଳରେ ପ୍ରତାରଣା କରାଯାଉଛି। ସେମାନଙ୍କର ଅଧିକାରକୁ ଛଡ଼ାଇ ନିଆଯାଉଛି। ଆଦିବାସୀ ଅଞ୍ଚଳରେ ଆଦାନୀ, ଅମ୍ବାନୀ ମନଇଚ୍ଛା ପଶି ଖଣି ଖୋଲି ନେଇ ଯାଉଛନ୍ତି। ବୁଧବାର ବିଧାନସଭାରେ ଏହି ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଆଗତ କରି ରାଜ୍ୟରେ ଖୁବ୍‌ଶୀଘ୍ର ପେସା ଆଇନ ଲାଗୁ କରାଯାଉ ବୋଲି ବିରୋଧୀ ଦଳ ଦାବି କରିଛନ୍ତି।

'ପେସା ଆଇନ-୧୯୯୬ କାର୍ଯ୍ୟକାରୀ ... ମଥ୍ୟା ପ୍ରତିଶ୍ରୁତି ଓ ଦଳୀୟ ପ୍ରଚାର' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଲୋଚନା ଆରମ୍ଭକରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ୨୭ ବର୍ଷ ହେଲା ରାଜ୍ୟରେ ପେସା ଆଇନ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଆଦିବାସୀଙ୍କୁ ସଂରକ୍ଷଣ ଦିଆଯାଉନି କି ପେସା ଆଇନ ଲାଗୁ କରାଯାଉ ନାହିଁ। ମୋ ଅଞ୍ଚଳରେ ଆଦାନୀ, ଅମ୍ବାନୀ ପଶି ଗଲେଣି। କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ଅଛି, ତୁରନ୍ତ ପେସା ଆଇନ ଲାଗୁ କରାଯାଉ। ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଆଦିବାସୀ ସମ୍ପ୍ରଦାୟରୁ ଆସିଛନ୍ତି। ସେମାନେ ଆଦିବାସୀଙ୍କ ଦୁଃଖ ବୁଝନ୍ତୁ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଲେ, ଯେଉଁଠି ରିଜର୍ଭ ଫରେଷ୍ଟ ଅଛି ସେଠାରେ ଆଦିବାସୀ ଅଛନ୍ତି। ସେଠାରେ ଆଦାନୀ ପହଞ୍ଚିଗଲାଣି। ଜୋର୍ ଯାର୍ ମୁଲକ ତାର ଚାଲିଛି। ଆଦାନୀ ପ୍ରେସ୍ ଛାଡ଼ି ଆଦିବାସୀଙ୍କ କଥା ସରକାର ଚିନ୍ତା କରନ୍ତୁ। ରାଜ୍ୟରେ ପେସା ଆଇନ ଲାଗୁ କରନ୍ତୁ। ବିଜେଡି ସଭ୍ୟ ରମେଶ ବେହେରା, ମନୋହର ରନ୍ଧାରୀ ପେସା ଆଇନ କାର୍ଯ୍ୟକାରୀ ହେଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ଭାଜପା ସଭ୍ୟ ଜଲେନ ନାଏକ କହିଲେ, ଆଦିବାସୀ ନିଜର ହକ୍ ପାଇଁ ଲଢ଼େଇ ଜାରି ରଖିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ସମୟରେ ଆଦିବାସୀଙ୍କୁ ସେମାନଙ୍କ ହକ୍ ଦେବା ଆରମ୍ଭ ହୋଇଥିଲା। ଛତିଶଗଡ଼ ରାଜ୍ୟ କରି ଆଦିବାସୀ ମୁଖ୍ୟମନ୍ତ୍ରୀ ଭାଜପା କରିଥିଲା। ବିଜେଡି ୨୪ ବର୍ଷ ଧରି ଶାସନ କଲେ ମାତ୍ର ରାଜ୍ୟରେ ପେସା ଆଇନ ଲାଗୁ କରିପାରିଲେ ନାହିଁ। ଭାଜପା ସଭ୍ୟ ଭାସ୍କର ମଢ଼େଇ, ଉମା ଚରଣ ମଲ୍ଲିକ ଏବଂ ପ୍ରକାଶ ସୋରେନ ପ୍ରମୁଖ ବିରୋଧୀ ଦଳଙ୍କୁ ସମାଲୋଚନା କରିବା ସହ ଦେଶର ରାଷ୍ଟ୍ରପତି ଓଡ଼ିଶାର ଜଣେ ଆଦିବାସୀ ସମ୍ପ୍ରଦାୟର ମହିଳା ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ମଧ୍ୟ ଆଦିବାସୀ ହୋଇଛନ୍ତି। ଏ ରାଜ୍ୟକୁ ପୂରା ଆଦିବାସୀ ନିୟନ୍ତ୍ରଣ କରୁଛନ୍ତି। ମୋହନ ସରକାର ଖୁବଶୀଘ୍ର ପେସା ଆଇନ ରାଜ୍ୟରେ ଲାଗୁ କରିବେ ବୋଲି କହିଥିଲେ। ମୁଲତବୀ ଜବାବରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେ, ଆସନ୍ତା ସେସନ ସୁଦ୍ଧା ପେସା ଆଇନ କାର୍ଯ୍ୟକାରୀ ହେବ। ଏହା ଏକ ସ୍ୱର୍ଶକାତର ବିଷୟ। ଏପଟ ସେପଟ ହେଲେ ସମସ୍ତଙ୍କ ପାଇଁ ବୁମେରାଂ ହେବ। ସମସ୍ତ ବିଧାୟକଙ୍କୁ ଡାକି ଏ ନେଇ ଆଲୋଚନା କରାଯିବ। ଏଥିପାଇଁ ବହୁ ତର୍ଜମାର ଆବଶ୍ୟକତା ରହିଛି। ବିଭିନ୍ନ ସ୍ଥାନରୁ ଆସିଥିବା ଆପତ୍ତି ଅଭିଯୋଗର ତର୍ଜମା କରି ପେସା ନିୟମକୁ ଲାଗୁ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ରାଶନ କାର୍ଡ ହିତାଧିକାରୀଙ୍କୁ ଚାଉଳ ସହ ଗହମ ମିଳିବ: ଯୋଗାଣ ମନ୍ତ୍ରୀ

**ଭୁବନେଶ୍ୱର,୪।୯(ଅନିଲ ଦାସ)**

ରାଜ୍ୟରେ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ସହ ୨୦ ପ୍ରତିଶତ ଗହମ ଯୋଗାଇ ଦିଆଯିବ। ଗହମ ଯୋଗାଇବାକୁ କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ଲିଖିତ ଆକାରରେ ଦେଇଛୁ। ଆବଶ୍ୟକ ହେଲେ ପୁଣି ଦେଖା କରିବୁ। ଡବଲ ଇଞ୍ଜିନ ସରକାରରେ ଗହମ ନିଶ୍ଚିତ ମିଳିବ। ବୁଧବାର ପ୍ରଶ୍ନକାଳରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ବିଜେଡି ସଭ୍ୟ ନିରଞ୍ଜନ ପୂଜାରୀ ପଚାରିଥିଲେ ଗହମ ଆଉ ଖୋଲା ବଜାରରେ ମିଳୁନି। ତେବେ ଗହମ ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। କେବେ ସୁଦ୍ଧା ଯୋଗାଇ ଦେବେ। କେନ୍ଦ୍ର ସରକାରଙ୍କ ନିକଟରୁ ଲିଖିତ ଆଣିବେ କି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ପଚାରିଲେ, କୋରାପୁଟ ଜିଲାର ସହରାଞ୍ଚଳରେ କିଛି ଲୋକ ଗହମ ପାଉଛନ୍ତି। ଗ୍ରାମାଞ୍ଚଳ ଲୋକ ଚାଉଳ ଓ ମାଣ୍ଡିଆ ପାଉଛନ୍ତି। ଗହମ ସହିତ ମାଣ୍ଡିଆ ଯୋଗାଇବା ବ୍ୟବସ୍ଥା କରିବେ କି। ମନ୍ତ୍ରୀ କହିଲେ ଚାଉଳ ସହିତ ଗହମ ଦିଆଯିବ। ଯେଉଁଠି ଆବଶ୍ୟକ ସେଠାରେ ଗହମ ଦେବାକୁ ସରକାର ବିଚାର କରିବେ।

# ଆବାସ ଯୋଜନା ନେଇ ଶାସକ-ବିରୋଧୀ କଥା କଟାକଟି

**ଭୁବନେଶ୍ୱର, ୪।୯(ସୁନିତ୍ ମିଶ୍ର)**

## ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଖର୍ଚ୍ଚଦାବି ଆଲୋଚନା

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଖର୍ଚ୍ଚଦାବି ନେଇ ବୁଧବାର ବିଧାନସଭାରେ ଆଲୋଚନା କରାଯାଇଛି। ଆଲୋଚନାରେ ଆବାସ ଯୋଜନା ନେଇ ବିରୋଧୀ ଏବଂ ଶାସକ ଦଳ ସଦସ୍ୟମାନେ ପରସ୍ପରକୁ ସମାଲୋଚନା କରିବାକୁ ପଛାଇନାହାନ୍ତି।

ବିରୋଧୀ ସଦସ୍ୟ ରମେଶ ଚନ୍ଦ୍ର ବେହେରା କହିଛନ୍ତି, ରାଜ୍ୟ ସରକାର କିଛି ପଡ଼ା ଗ୍ରାମକୁ ରାଜସ୍ୱ ଗାଁରେ ପରିଣତ କରିଥିବା ବେଳେ ଆଉ କେତେକ ଗାଁ ଏହି ମାନ୍ୟତା ପାଇବାକୁ ବାକି ରହିଛି। ଉକ୍ତ ପଡ଼ା ଗାଁଗୁଡ଼ିକୁ ରାଜସ୍ୱ ଗାଁର ମାନ୍ୟତା ଦେବା ପୂର୍ବରୁ ସେଠାରେ ଉନ୍ନୟନମୂଳକ କାର୍ଯ୍ୟ କରିବା ଆବଶ୍ୟକତା ରହିଛି। କଂଗ୍ରେସ ସଦସ୍ୟ ପବିତ୍ର ସଉଁତା କହିଛନ୍ତି, ଗ୍ରାମାଞ୍ଚଳରେ ପଞ୍ଚାୟତିରାଜ ବିଭାଗ କାର୍ଯ୍ୟ କରିବା ପାଇଁ ହେଲେ ସବୁ ବିଭାଗ ସହ ଜଡ଼ିତ ରହିଥାଏ। ଦୁଃଖର ବିଷୟ ଏପର୍ଯ୍ୟନ୍ତ ଦେଖିଲେ ଉପାନ୍ତରୁ ଉପକୂଳ ପର୍ଯ୍ୟନ୍ତ ଅଞ୍ଚଳର ୪୦ ପ୍ରତିଶତ ଲୋକ ଏଯାଏ ସ୍ୱଚ୍ଛ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ଆଦିବାସୀ ଅଞ୍ଚଳର ମହିଳାମାନେ ପିଇବା ପାଣି ଏବଂ ଗାଧେଇବା ସକାଶେ ୬ କି.ମି. ପର୍ଯ୍ୟନ୍ତ ଚାଲିକି ଯାଉଛନ୍ତି। ପୂର୍ବ ସରକାର ସମୟରେ ଆମ ଗାଁ, ଆମ ବିକାଶ ଯୋଜନା କରାଯାଇଥିଲା। ଏହି ଯୋଜନାରେ ପ୍ରତ୍ୟେକ ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ଲେଖା ପ୍ରଦାନ କରାଗଲା। ହେଲେ ଏହି ଟଙ୍କା କେବଳ ତତ୍କାଳୀନ ସରକାର ତାଙ୍କ ଦଳର କର୍ମୀଙ୍କୁ ପୋଷିବା ଲାଗି ପ୍ରଦାନ କରିଥିଲେ। ଏହି ଟଙ୍କାରେ କେଉଁ ପ୍ରକାର କାର୍ଯ୍ୟ ହୋଇଛି ସେକଥା ସରକାରୀ ଅଧିକାରୀମାନେ ମଧ୍ୟ ଜାଣିନାହାନ୍ତି। ସେହିପରି ଗରିବ ଲୋକଙ୍କୁ ପକ୍କାଘର ଯୋଗାଇବା ଲାଗି ବିଭିନ୍ନ ଯୋଜନା ରହିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ବିଜୁ ପକ୍କାଘର ଯୋଜନାରେ ହିତାଧିକାରୀଙ୍କୁ ୧ ଲକ୍ଷ ୩୦ ହଜାର ଟଙ୍କା ଦିଆଯାଉଛି। ହେଲେ ସେତିକି ଟଙ୍କାରେ ଜଣେ ଘର କରିବା ସମ୍ଭବ ନୁହେଁ। ସେହିପରି ଏହି ଯୋଜନାରେ ଅର୍ଥ ପାଇବା ବେଳକୁ ହିତାଧିକାରୀଙ୍କୁ ୩୦ ହଜାର ପାଖାପାଖି ଟଙ୍କା ଲାଞ୍ଚ ଦେବାକୁ ପଡୁଛି। ଏହି ଯୋଜନାରେ ପୁଣି ଦଳୀୟ ଭିତ୍ତିରେ ଲୋକଙ୍କୁ ଅର୍ଥ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ କହିଛନ୍ତି, ବିରୋଧୀ ଦଳରେ ବସିଥିବା ସଦସ୍ୟମାନେ ଏବେ ଯେଉଁ କଥା କହୁଛନ୍ତି ସେକଥା ୨୦୧୯ରୁ ୨୦୨୪ ମସିହା ଭିତରେ କହୁ ନ ଥିଲେ। ପଞ୍ଚାତିରାଜ ବ୍ୟବସ୍ଥା ଗ୍ରାମାଞ୍ଚଳର ବିକାଶ ଲାଗି ହୋଇଛି। ୨୦୧୧ ଏସ୍‌ଇସିସି ତାଲିକା ଅନୁଯାୟୀ ଆବାସ ଯୋଜନାରେ ଲୋକଙ୍କୁ ଘର ଦିଆଯାଇଛି। ଏହି ସମୟ ପରଠାରୁ କେନ୍ଦ୍ର ସରକାର ଯେତିକି ଘର ରାଜ୍ୟକୁ ଦେଇଛନ୍ତି ଏବଂ ଯେତିକି ଏଠାରେ ଆବଶ୍ୟକତା ଥିଲା ତାକୁ ଦେଖିଲେ ଅନେକ ଲୋକଙ୍କ ଘର କାମ ସମ୍ପୂର୍ଣ୍ଣ ହୋଇଯିବା କଥା। ହେଲେ ତତ୍କାଳୀନ ସରକାର ଆବଶ୍ୟକତାଠାରୁ ଅଧିକ ଘର ଦାବି କରିଛନ୍ତି। ଟଙ୍କା ନେଇ ଯଦି ହିତାଧିକାରୀଙ୍କୁ ଘର ଦିଆଯିବ ତେବେ ସେମାନେ ଘର କାମ କେବେ ସାରିପାରିବେନାହିଁ ବୋଲି ସେ କହିଛନ୍ତି।

ବିଜେଡି ସଦସ୍ୟ ଅରବିନ୍ଦ ମହାପାତ୍ର କହିଛନ୍ତି, ଯେତେବେଳେ ନିର୍ବାଚନମଣ୍ଡଳୀ ଗସ୍ତ କରୁଛୁ ଲୋକଙ୍କ ସିଧାସଳଖ ଦାବି ରହୁଛି ସେମାନଙ୍କୁ ସରକାରୀ ଘର ଯୋଗାଇ ଦେବା ଲାଗି। ଗାଇଡ୍‌ଲାଇନ ଅନୁଯାୟୀ ବହୁ ଯୋଗ୍ୟ ହିତାଧିକାରୀ ସରକାରୀ ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଆବାସ ଯୋଜନା ମିଳିବା ଲାଗି ସରକାର ଯେଉଁ ଗାଇଡ୍‌ଲାଇନ ପ୍ରସ୍ତୁତ କରିଛନ୍ତି ତାକୁ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ୨୦୦୦ ମସିହାରେ ଆବାସ ଯୋଜନାରେ ଲୋକଙ୍କୁ ବହୁ କମ୍ ଟଙ୍କା ମିଳିଥିଲା। ସେତେବେଳେ ଯେଉଁମାନେ ଘର କରିଥିଲେ ସେସବୁ ନଷ୍ଟ ହୋଇଗଲାଣି। ତେଣୁ ଏବେ ସେମାନେ ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ଏକଥା ପ୍ରତି ମନ୍ତ୍ରୀ ଧ୍ୟାନ ଦିଅନ୍ତୁ। ଗାଇଡ୍‌ଲାଇନ ବଦଳାଇବାକୁ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା କରିବାର ଆବଶ୍ୟକତା ରହିଛି। ଶାସକ ଦଳ ସଦସ୍ୟ ମାନସ ଦତ୍ତ କହିଛନ୍ତି, ଗତ ସରକାର ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନା ଆଣିବା ସମୟରେ ବହୁ ପଞ୍ଚାୟତ ପ୍ରତିନିଧି ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏବେକାର ବିରୋଧୀ ଦଳ ସଦସ୍ୟ ଗଣେଶ୍ୱର ବେହେରା ସେତେବେଳେ କଂଗ୍ରେସରେ ଥିଲେ। ସେ ଗଣମାଧ୍ୟମରେ ଏହି ଯୋଜନା ବିରୋଧରେ ବହୁ କଥା କହିଥିଲେ। ହେଲେ ଏବେ ସେ ଗୃହରେ ଏହି ଯୋଜନାର ପ୍ରଶଂସା କରୁଛନ୍ତି ବୋଲି ମାନସ କହିଛନ୍ତି। ଏହି ଆଲୋଚନାରେ ଆହୁରି ଅନେକ ସଦସ୍ୟ ଭାଗ ନେଇଥିଲେ।

# ୪.୨ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟ ଅସମ୍ପୂର୍ଣ୍ଣ

**ଭୁବନେଶ୍ୱର, ୪।୯(ସୁନିତ୍ ମିଶ୍ର)**

୨୦୨୪-୨୫ ଆର୍ଥିକ ବର୍ଷର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବଜେଟ ଆକଳନ ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୧୦୦୦ କୋଟି ଟଙ୍କା ଅଧିକ ରହିଛି। ରାଜ୍ୟରେ ୪ ଲକ୍ଷ ୨୦ ହଜାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ) କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ଏହା ସମ୍ପୂର୍ଣ୍ଣ କରିବା ଲାଗି ୫୪୯୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଆର୍ଥିକ ଅନଗ୍ରସର ଜନଜାତି ଗୋଷ୍ଠୀଙ୍କୁ ସୁରକ୍ଷିତ ପକ୍କାଘର ଯୋଗାଇବା ଲାଗି ୬୦୦ କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି। ଏହି ଯୋଜନାରେ ୩୦ ହଜାର ହିତାଧିକାରୀ ପକ୍କାଘର ପାଇବେ। ଏହିପରି ଚଳିତ ଆର୍ଥିକ ବର୍ଷ ଲାଗି କେବଳ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଲାଗି ରାଜ୍ୟ ସରକାର ୨୭ ହଜାର ୨୧୬ କୋଟି ୪୭ ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଥିବା ବିଭାଗୀୟ ମନ୍ତ୍ରୀ ରବି ନାଏକ କହିଛନ୍ତି।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଖର୍ଚ୍ଚଦାବି ଆଲୋଚନା ପରେ ମନ୍ତ୍ରୀ ନାଏକ ଉତ୍ତର ରଖି କହିଛନ୍ତି, ଅନ୍ତ୍ୟୋଦୟ ଗୃହ ଯୋଜନାରେ ୧୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବା ବେଳେ ଏହି ଯୋଜନାରେ ୫୦୦୦ ନୂତନ ବାସଗୃହ ନିର୍ମାଣ ସହ ୨୫ ହଜାର ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ୩୦୫୦ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଛି। ଏହି ଯୋଜନାରେ ରାଜ୍ୟ ସରକାର ୧୫ କୋଟି ଶ୍ରମ ଦିବସ ସୃଷ୍ଟି କରିବେ। ଏହାସହ ୧୨ ଲକ୍ଷ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ନିର୍ଦ୍ଧାରିତ ସମୟରେ ଏହି ଯୋଜନାରେ ମଜୁରି ପ୍ରଦାନ ସକାଶେ ୭୫୦ କୋଟି ଟଙ୍କାର କର୍ପସ ପାଣ୍ଠିର ବ୍ୟବସ୍ଥା ହୋଇଛି। ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ଯୋଜନାରେ ୨୬ ଲକ୍ଷ ଗ୍ରାମୀଣ ପରିବାରକୁ ୨୦୨୬ ଶେଷ ସୁଦ୍ଧା ପାଇପ ଜଳ ଯୋଗାଣ କରିବାକୁ ଲକ୍ଷ୍ୟ ରହିଛି। ଏହି ଉଦ୍ଦେଶ୍ୟରେ ୧୯୧ଟି ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ୨୫୩୦ଟି ଏକକ/ବହୁ ଗ୍ରାମ ବିଶିଷ୍ଟ ଜଳ ଯୋଗାଣ ପ୍ରକଳ୍ପ, ୪୨୨୨ଟି ସୌରଚାଳିତ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଏଥିଲାଗି ୮ ହଜାର କୋଟି ଟଙ୍କା ନିବେଶର ବ୍ୟବସ୍ଥା ରହିଛି। ଜଳ ଜୀବନ ମିଶନ ଅଧୀନରେ ୬ ହଜାର କୋଟି, ବସୁଧା ଯୋଜନାରେ ୧୫୦୦ କୋଟି ଏବଂ ଆର୍‌ଆଇଡିଏଫ୍‌ରେ ୫୦୦ କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି। ୨୦୨୫ ସୁଦ୍ଧା ଗ୍ରାମାଞ୍ଚଳରେ ସ୍ୱଚ୍ଛ ଭାରତ ମିଶନ ଯୋଜନା ଆରମ୍ଭ ହେବ। ଏଥିଲାଗି ୬୦୦ କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ: ...............................
ଜନ୍ମ ତାରିଖ: ...............................


ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସେମି ଫାଇନାଲରେ ଟିଆଫୋ, ଫ୍ରିଟ୍ଜ

ନ୍ୟୁୟର୍କ,୪।୯(ପି.ଟି.)

ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର ସେମି ଫାଇନାଲରେ ପ୍ରବେଶ କରିଛନ୍ତି ଫ୍ରାନ୍ସିସ ଟିଆଫୋ, ଟେଲର ଫ୍ରିଟ୍ଜ ଓ ଆରିନା ସାବାଲେଙ୍କା। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଟେଲର ଫ୍ରିଟ୍ଜ ୭-୬(୭/୨), ୩-୬, ୬-୪ ଓ ୭-୬(୭/୩) ସେଟରେ ଜର୍ମାନୀର ଆଲେକଜାଣ୍ଡାର ଜେଭରେଭଙ୍କୁ ପରାସ୍ତ କରିଥିଲେ।

## ୟୁଏସ୍ ଓପନ

ଅନ୍ୟ ଏକ ମ୍ୟାଚ୍‌ରେ ଫ୍ରାନ୍ସିସ୍ ଟିଆଫୋ ୱାକଓଭର ପାଇ ସେମିରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ ବର୍ଗରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଆରିନା ସାବାଲେଙ୍କା ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା କ୍ୱିନୱେନ ଝାଙ୍ଗଙ୍କୁ ପରାସ୍ତ କରିଥିଲେ।

ଦୀର୍ଘ ୧୮ ବର୍ଷ ପରେ ୟୁଏସ୍ ଓପନ ଫାଇନାଲରେ ଜଣେ ଆମେରିକୀୟ ନଜର ଆସିବେ। ଫ୍ରାନ୍ସିସ୍ ଟିଆଫୋ ଓ ଟେଲର ଫ୍ରିଟ୍ଜ ସେମି ଫାଇନାଲରେ ପରସ୍ପର ବିପକ୍ଷରେ ଖେଳିବାକୁ ଯାଉଥିବା ବେଳେ ଯିଏ ବି ବିଜୟୀ ହେଲେ ଜଣେ ଆମେରିକୀୟ ଫାଇନାଲରେ ପ୍ରବେଶ କରିବେ। ୨୦ ନମ୍ବର ସିଡ ଟିଆଫୋ ୬-୩, ୬-୭(୫/୮), ୬-୩ ଓ ୪-୧ରେ ଗ୍ରିଗୋର ଦିମିତ୍ରୋଭଙ୍କ ବିପକ୍ଷରେ ଆଗୁଆ ରହିଥିଲେ। ଦିମିତ୍ରୋଭ ଆହତ ହେବା କାରଣରୁ ଓହରି ଯିବା କାରଣରୁ ଟିଆଫୋଙ୍କୁ ୱାକଓଭର ମିଳିଥିଲା।

ପୂର୍ବରୁ ପ୍ରଥମ ମ୍ୟାଚରେ ଟେଲର ଫ୍ରିଟ୍ଜ କଡା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥିବା ଆଲେକଜାଣ୍ଡାର ଜେଭରେଭ୍‌ଙ୍କୁ ପରାସ୍ତ କରିଥିଲେ। ୭-୬(୭/୨), ୩-୬, ୬-୪ ଓ ୭-୬(୭/୩) ସେଟରେ ଫ୍ରିଟ୍ଜ ବିଜୟୀ ହୋଇଥିଲେ। ପ୍ରଥମ ସେଟ ଓ ଅନ୍ତିମ ସେଟ୍ ଟାଇବ୍ରେକରକୁ ଯାଇଥିବା ବେଳେ ଫ୍ରିଟ୍ଜ ବିଜୟୀ ହୋଇଥିଲେ। ଅନ୍ୟ ପକ୍ଷରେ ସେମି ଫାଇନାଲରେ ଉଭୟ ଫ୍ରାନ୍ସିସ ଟିଆଫୋ ଓ ଟେଲର ଫ୍ରିଟ୍ଜ ପରସ୍ପର ମୁକାବିଲା କରିବେ। ଟେଲର କୌଣସି ଗ୍ରାଣ୍ଡସ୍ଲାମର ସେମି ଫାଇନାଲ ଖେଳି ନ ଥିଲେ ମଧ୍ୟ ଟିଆଫୋଙ୍କ ବିପକ୍ଷରେ ତାଙ୍କର ୬-୧ର ବିଜୟ ରେକର୍ଡ ରହିଛି।

ମହିଳା ସିଙ୍ଗଲ୍ସରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଚାଇନାର କ୍ୱିନୱେନ ଝାଙ୍ଗଙ୍କୁ ସିଧାସଳଖ ସେଟରେ ପରାସ୍ତ କରିଥିଲେ ଆରିନା ସାବାଲେଙ୍କା। ୬-୪, ୬-୨ରେ ସାବାଲେଙ୍କା ବିଜୟୀ ହୋଇଥିବା ବେଳେ ଏମ୍ମା ନାଭାରୋଙ୍କ ସହ ଖେଳିବେ।



ମ୍ୟାଚ୍ ଜିତିବା ପରେ ଆରିନା ସାବାଲେଙ୍କା ଟେଲର ଫ୍ରିଟ୍ଜ।

## ବୋପାନ୍ନାଙ୍କ ଅଭିଯାନ ଶେଷ

ଇଣ୍ଡୋନେସିଆର ଆଲଡିଲା ସୁଜିଆଦିଙ୍କୁ ସାଥୀ କରି ଖେଳୁଥିବା ଭାରତର ରୋହନ ବୋପାନ୍ନା ୟୁଏସ୍ ଓପନ ମିକ୍ସଡ ଡବଲ୍ସ ଇଭେଣ୍ଟର ସେମି ଫାଇନାଲରୁ ବିଦାୟ ନେଇଛନ୍ତି। ଅଷ୍ଟମ ସିଡେଡ ବୋପାନ୍ନା-ଆଲଡିଲା ଯୋଡି ୬-୩, ୬-୪ ସେଟରେ ସେଟରେ ଡୋନାଲ୍ଡ ୟଙ୍ଗ-ଟେଲର ଟାଉନସେଣ୍ଡଙ୍କ ନିକଟରୁ ପରାଜିତ ହୋଇଛନ୍ତି। ପୂର୍ବରୁ ପୁରୁଷ ଡବଲ୍ସ ମୁକାବିଲାର ତୃତୀୟ ରାଉଣ୍ଡରୁ ବୋପାନ୍ନା ବିଦାୟ ନେଇ ସାରିଥିବା ବେଳେ ୟୁଏସ୍ ଓପନରେ ଭାରତୀୟ ଚ୍ୟାଲେଞ୍ଜ ଶେଷ ହୋଇଛି।

# ଦ୍ରାବିଡ ହେବେ ରାଜସ୍ଥାନର ମୁଖ୍ୟ କୋଚ୍

ନୂଆଦିଲ୍ଲୀ, ୪।୯ (ପି.ଟି.)

ଭାରତର ଟି୨୦ ବିଶ୍ୱକପ୍ ୨୦୨୪ ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ରେ ରାଜସ୍ଥାନ ରୟାଲ୍ସ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ଜୁନ୍‌ରେ ବାର୍ବାଡୋସରେ ଭାରତର ବିଜୟ ପରେ ଦ୍ରାବିଡ ତାଙ୍କ କ୍ୟାରିୟରରେ କିଛି ସମୟ ପାଇଁ ଛୁଟିରେ ଅଛନ୍ତି। ଖୁବ୍ ଶୀଘ୍ର ସେ ଫ୍ରାଞ୍ଚାଇଜ ସହ କାର୍ଯ୍ୟ କରିବାକୁ ଯାଉଛନ୍ତି। ଚଳିତବର୍ଷ ପରବର୍ତ୍ତୀ ଭାଗରେ ନିଲାମି ପୂର୍ବରୁ ମୁଖ୍ୟ କୋଚ୍ ଭାବେ ସେ ପ୍ଲେୟର ରିଟେନଶନ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତାଙ୍କୁ ମିଳିପାରେ। ଏନେଇ କଥାବାର୍ତ୍ତା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଫ୍ରାଞ୍ଚାଇଜ ସୂତ୍ରରୁ ଜଣାପଡ଼ିଛି। ୨୦୨୧ରୁ ରୟାଲ୍ସର କ୍ରିକେଟ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଆସୁଥବବା କୁମାର ସଙ୍ଗକାରା ତାଙ୍କ ପଦବୀ ବଜାୟ ରଖିବେ। ଶ୍ରୀଲଙ୍କାର ପୂର୍ବତନ ଷ୍ଟାର ଖେଳାଳି କ୍ୟାରିବିନ ପ୍ରିମିୟର ଲିଗ୍‌ରେ ବାର୍ବାଡୋସ ରୟାଲ୍ସ ଏବଂ ସାଉଥ ଆଫ୍ରିକା ଟି୨୦ରେ ପାର୍ଲ ରୟାଲ୍ସ ସହିତ ୨ବର୍ଷ ହେଲା ମେଣ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ବେଙ୍ଗାଲୁରୁରେ ଥିବା ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ଯୋଗଦାନ ପରେ ୨୦୧୬ରେ ଦିଲ୍ଲୀ କ୍ୟାପିଟାଲରେ ଦ୍ରାବିଡ୍ ସମାନ ଭୂମିକାରେ ରହିଥିଲେ। ରୟାଲ୍ସରେ ଦ୍ରାବିଡ ଓ ସଞ୍ଜୁ ସାମସନ ପୁଣି ଏକାଠି ହେବେ। ସାମସନ ଆଉ ଏକ ସିଜନ ପାଇଁ ଦଳର ଅଧିନାୟକ ରହିବା ଯଥେଷ୍ଟ ସମ୍ଭାବନା ରହିଛି। ସାମସନ ପୂର୍ବରୁ ଦ୍ରାବିଡଙ୍କ ଅଧୀନରେ ତାଲିମ ନେଇଛନ୍ତି। ଖବର ଅନୁସାରେ ଦ୍ରାବିଡଙ୍କ କାର୍ଯ୍ୟକାଳ ସମୟରେ ଭାରତୀୟ ଦଳର ବ୍ୟାଟିଂ କୋଚ୍ ରହିଥିବା ବିକ୍ରମ ରାଠୋରଙ୍କୁ ରୟାଲ୍ସ ଫ୍ରାଞ୍ଚାଇଜ୍ ସହକାରୀ କୋଚ୍ ପଦବୀରେ ନିଯୁକ୍ତି ଦେଇପାରେ।


ରାହୁଲ ଦ୍ରାବିଡ



ବିଶାଲ ପ୍ରିୟଦର୍ଶୀ (ଓମ୍)ର
ଊନବିଂଶତମ (୧୯) ଜନ୍ମଦିବସର
ଶୁଭକାମନା
ଜଗତର ନାଥ ଶ୍ରୀଜଗନ୍ନାଥ ଓ ଜଗତ୍‌ଜନନୀ 'ମା' ଶାରଳାଙ୍କ ଚରଣରେ - ଅଜା, ବଡ଼ବାପା, ବଡ଼ମା, ବାପା, ମାଆ, ମାମୁ, ମାଈଁ ଓ ମଉସା ମାଉସୀ ପିଉସା ପିଉସୀ
ଧ-୭୫୩୪୬


# ଆନ୍ତଃ ବିଭାଗୀୟ ଜାତୀୟ ହକି ଚାମ୍ପିୟନଶିପ୍ ଆଜି

ପୁଣେ, ୪।୯ (ପି.ଟି.)

ହକି ମହାରାଷ୍ଟ୍ର ଆନୁକୂଲ୍ୟରେ ଚତୁର୍ଥ ହକି ଇଣ୍ଡିଆ ସିନିୟର ପୁରୁଷ ଆନ୍ତଃ ବିଭାଗୀୟ ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍ ସେପ୍ଟେମ୍ବର ୫ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେଉଥିବା ୧୮ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ' ଓ 'ବି'ରେ ୫ଟି ଲେଖାଏ ଏବଂ 'ସି' ଓ 'ଡି'ରେ ୪ଟି ଲେଖାଏଁ ଦଳ ସ୍ଥାନ ପାଇଛନ୍ତି। ୧୦ ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ଟୁର୍ନାମେଣ୍ଟ ପୁଣେସ୍ଥିତ ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମରେ ଖେଳାଯିବ। ବେଙ୍ଗାଲୁରୁ ଓ ନୂଆଦିଲ୍ଲୀ ପରେ ଏହି ପ୍ରତିଯୋଗିତା ଆୟୋଜନ କରିବାରେ ପୁଣେ ହେଉଛି ତୃତୀୟ ସହର।

# ଫିଜିଓଥେରାପିଷ୍ଟଙ୍କ କର୍ମଶାଳା


ଓସିଏ ପକ୍ଷରୁ ଆୟୋଜିତ କର୍ମଶାଳାରେ ଉପସ୍ଥିତ ଫିଜିଓ।

ଭୁବନେଶ୍ୱର,୪।୯(ସରୋଜ ଜେନା)

ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ) ସହାୟତାରେ ଓଡ଼ିଶା କ୍ରିକେଟ ଆସୋସିଏଶନ୍ ପକ୍ଷରୁ ଫିଜିଓଥେରାପିଷ୍ଟଙ୍କ ପାଇଁ ଏକ କର୍ମାଶାଳା ଆୟୋଜିତ ହୋଇଯାଇଛି। ମଙ୍ଗଳବାର ଆରମ୍ଭ ହୋଇଥିବା ଏହି କର୍ମଶାଳା ଗୁରୁବାର ଶେଷ ହେବ। ଏହି କର୍ମଶାଳାରେ ସିନିୟର ମହିଳା ଦଳର ପ୍ରଞ୍ଜଳି ପାଲକର, ୨୩ ବର୍ଷରୁ କମ ମହିଳା ଦଳର ନଫିଶା ନେହା, ୧୯ ବର୍ଷରୁ କମ ମହିଳା ଦଳର ସ୍ୱାତୀ ସୁମନ ବେହେରା, ୨୫ ବର୍ଷରୁ କମ ବାଳିକା ଦଳର ସ୍ମୃତିଶିଖା ଶତପଥୀ, ୨୩ ବର୍ଷରୁ କମ ପୁରୁଷ ଦଳର ଦୀନେଶ ସାହୁ ଓ ୧୯ ବର୍ଷରୁ କମ ମହିଳା ଦଳର ଫିଜିଓ ଥେରାପିଷ୍ଟ ସ୍ୱସ୍ତିକ ମହାନ୍ତି ଯୋଗ ଦେଇଥିଲେ। ଏନ୍‌ସିଏ ପକ୍ଷରୁ ସ୍ପୋର୍ଟ୍ସ ସାଇନ୍ସ ଓ ମେଡିସିନ୍ ବିଭାଗ ଜୋନାଲ ହେଡ୍ ସତୀଶ କୁମାର, ନୀରଜ କରମଚନ୍ଦି ଓ ହରିଣୀ ଭେମୁନି ଯୋଗ ଦେଇ ଫିଜିଓ ଥେରାପିଷ୍ଟ ମାନଙ୍କ ସହ ଆଲୋଚନା କରିଥିଲେ।

# ପାକିସ୍ତାନ ୮ମ ସ୍ଥାନକୁ ଖସିଲା

ଦୁବାଇ, ୪।୯ (ପି.ଟି.): ବାଂଲାଦେଶ ବିପକ୍ଷରେ ପାକିସ୍ତାନର ପ୍ରଥମ ସିରିଜ ପରାଜୟ ପରେ ଶନ ମାସୁଦଙ୍କ ଦଳ ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗରେ ୮ମ ସ୍ଥାନକୁ ଖସି ଆସିଛି। ୧୯୬୫ରେ ଟେଷ୍ଟ ର୍‍ୟାଙ୍କିଙ୍ଗ ସିଷ୍ଟମ ପ୍ରଚଳନ ପରଠାରୁ ପ୍ରଥମ ଥର ପାକିସ୍ତାନର ରେଟିଂ ପଏଣ୍ଟ ସର୍ବନିମ୍ନ ରହିଛି। ରାୱଲପିଣ୍ଡିଠାରେ ଅନୁଷ୍ଠିତ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ବାଂଲଦେଶ ପ୍ରଥମ ମ୍ୟାଚ ୧୦ଉଇକେଟ ଏବଂ ଦ୍ୱିତୀୟଟି ୬ ଉଇକେଟରେ ପରାଜିତ ହୋଇଥିଲା। ଏହି ସରିଜ ପୂର୍ବରୁ ପାକିସ୍ତାନ ର୍‍ୟାଙ୍କିଙ୍ଗ ପଏଣ୍ଟର ୬ଷ୍ଠ ସ୍ଥାନରେ ରହିଥିଲା। ମାତ୍ର ପଛକୁ ପଛ ପରାଜୟ ଦ୍ୱାରା ଏହି ଦଳ ୭୬ ରେଟିଂ ପଏଣ୍ଟ ସହ ୱେଷ୍ଟଇଣ୍ଡିଜ ପଛକୁ ୮ମ ସ୍ଥାନକୁ ଖସି ଆସିଛି। ସିରିଜରୁ ବାଂଲାଦେଶ ୧୩ ରେଟିଂ ପଏଣ୍ଟ ଅର୍ଜନ କରିଥିଲେ ସୁଦ୍ଧା ର୍‍ୟାଙ୍କିଙ୍ଗ ତାଲିକାରେ ଏହି ଦଳ ପାକିସ୍ତାନ ପଛକୁ ୯ମ ସ୍ଥାନରେ ଅଛି। ତେବେ ୨-୦ରେ ସିରିଜ ବିଜୟ ଯୋଗୁ ବାଂଲାଦେଶ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲୁଟିସି) ସାଇକେଲ ୨୦୨୩-୨୫ରେ ବର୍ତ୍ତମାନ ଟେବୁଲ ଟପର ଭାରତ, ଦ୍ୱିତୀୟ ସ୍ଥାନରେ ଥିବା ଅଷ୍ଟ୍ରେଲିଆ ଏବଂ ତୃତୀୟ ସ୍ଥାନରେ ରହିଥିବା ନ୍ୟୁଜିଲାଣ୍ଡ ପଛକୁ ୪ର୍ଥ ସ୍ଥାନରେ ଅଛି। ବାଂଲାଦେଶର ପରବର୍ତ୍ତୀ ନଜର ବର୍ତ୍ତମାନ ସେପ୍ଟେମ୍ବର ୧୯ରୁ ଭାରତ ବିପକ୍ଷରେ ଖେଳାଯିବାକୁଥିବା ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଉପରେ ରହିଛି। ଏହି ଦଳ ଖେଳିଥିବା ଗତ ୬ଟି ଟେଷ୍ଟ ମ୍ୟାଚ ମଧ୍ୟରୁ ୩ଟିରେ ବିଜୟ ଏବଂ ସମାନ ସଂଖ୍ୟକ ମ୍ୟାଚରେ ପରାଜିତ ହୋଇ ୪୫.୮୩ ପ୍ରତିଶତ ପଏଣ୍ଟ ଏବଂ ୩୩ ପଏଣ୍ଟ ଅର୍ଜନ କରିଛି। ଡବ୍ଲୁଟିସିରେ ଏକ ଟେଷ୍ଟ ମ୍ୟାଚରେ ବିଜୟ ପାଇଁ ୧୨ ପଏଣ୍ଟ, ଏକ ଡ୍ର' ପାଇଁ ୪ ପଏଣ୍ଟ ବ୍ୟବସ୍ଥା ରହିଛି। ଟାଇ ହେଲେ ପ୍ରତିଶତ ପଏଣ୍ଟ ହାସଲ ଭିତିରେ ର୍‍ୟାଙ୍କିଙ୍ଗ ସ୍ଥିରୀକୃତ ହୋଇଥାଏ।

# ଶୁଟିଂରେ ପ୍ରଞ୍ଜଳିଙ୍କୁ ବ୍ରୋଞ୍ଜ୍



ନୂଆଦିଲ୍ଲୀ, ୪।୯ (ପି.ଟି.)

ଭାରତର ପ୍ରଞ୍ଜଳି ଧୂମଲ ଜର୍ମାନୀର ହାନୋଭରଠାରେ ଚାଲିଥିବା ବିଶ୍ୱ ବଧିର ଶୁଟିଂ ଚାମ୍ପିୟନଶିପ୍ ୨୫ମିଟର ପିସ୍ତଲ ଇଭେଣ୍ଟରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ପ୍ରଞ୍ଜଳି ବିଶ୍ୱ ତଥା ଚାମ୍ପିୟନଶିପ୍ ରେକର୍ଡ ସ୍କୋର ୫୭୧ ସହ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ଧୂମଲ ସିରିଜ ୮ରେ ୫ଟି ଶଟ୍‌ରୁ ୩ଟି ହିଟ୍ କରିପାରିଥିଲେ। କ୍ରୋଏସିଆର ଲାନା ସ୍କେଲେଜିଜାଙ୍କଠାରୁ ଗୋଟିଏ ପଏଣ୍ଟ ଆଗରେ ବ୍ରୋଞ୍ଜ ଜିତିଥିଲେ। ସେ ମୋଟ ୨୯ ସ୍କୋର କରି ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିବା ୟୁକ୍ରେନ୍‌ର ସୋଫିଆ ଓଲିଞ୍ଜ ଓ ହାଲିନା ମୋସିନାଙ୍କ ପଛରେ ତୃତୀୟ ହୋଇଥିଲେ। ଅନ୍ୟ ଜଣେ ଭାରତୀୟ ଶୁଟର ଅନୁୟା ପ୍ରସାଦ ୨୧ ସ୍କୋର ସହ ଫାଇନାଲରେ ୫ମ ସ୍ଥାନ ଅଧିକାର କରିଥିଲେ। କ୍ୱାଲିଫାଇଂରେ ସେ ୫୫୮ ପଏଣ୍ଟ ସ୍କୋର କରିଥିଲେ। ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିବା ତୃତୀୟ ଭାରତୀୟ ବେଦିକା ଶର୍ମା ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ୪୭୩ ସ୍କୋର କରିଥିଲେ। ଟୁର୍ନାମେଣ୍ଟରେ ଭାରତ ଇତିମଧ୍ୟରେ ୩ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ ବ୍ରୋଞ୍ଜ ଜିତି ସାରିଛନ୍ତି।

## ବିଶ୍ୱ ବଧିର ଶୁଟିଂ ଚାମ୍ପିୟନଶିପ୍


# Classified Everyday
0674-2580101, 2549949


REAL ESTATE

SALE

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810. D-1247

Gharabari converted Plots available near Hitech Square, Sundarpada, Bhubaneswar. For more details contact-9937846404, 9437192512. D-1244


Healthcare

Asribada Panchakarma herbal SPA, Kesharimall, Bhubaneswar. Contact-8926173473. D-75779

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Kerala body Massage therapy Unisex any person Bhubaneswar. kajal-9337672475. D-1214

Newly open health benefits SPA by expert therapist. Contact-6371861658. D-76150

Newly open health benefits SPA special offer @ 799 Bapujinagar. 8018429809. D-76149

Newly open spa positively health benefits with expert therapist. 8658466886. D-76152

AFFIDAVIT

I, Sunil Kanungo, S/o- Late Nalinikanta Kanungo, resident of Ward No. 1, Jaleswar Mandir Road, P.O./P.S.-Bhawanipatna, Dist.-Kalahandi, Pin-766001 Odisha declare by this Affidavit No. 073401 dtd. 29.08.2024 that I shall be known as Sunil Kumar Kanungo for all future purposes. D-1242

I, Chittaranjan Rout, S/o- Late Lokanath Rout, resident of Vill.- Mangalpur, P.O.-Kushupanga, P.S.-Kantabania, Dist.-Dhenkanal-759121, Odisha declare by this affidavit No. 564 dtd.21.08.2024 that now onwards I shall be known as CHITTARANJAN ROUT for all future purpose. D-75453

By virtue of an affidavit before the Notary Public, Anandapur, Keonjhar Affidavit No. 3623 dtd. 20.08.2024 I, Anupama Mallick, W/o- Srinibas Mallick of Village-Karadapal, P.O.- Batto, Via- Sainkul, Dist. Keonjhar declare that I have changed my name from Anupama Swain to Anupama Mallick. Henceforth, I shall be known as Anupama Mallick for all purpose. D-1250

By virtue of an affidavit sworn before Executive Magistrate, Pipili, dated 13.08.2024, I, Binodini Nayak, At-Patasahanipur, P.O.-Gobindapur, P.S.- Pipili, Via- Pipili, Dist.- Puri, State- Odisha, Pin-752104, declare that I have changed my name from Minati Nayak to Binodini Nayak. Henceforth, I shall be known as Binodini Nayak for all purposes. D-1249

I, Uma Mahapatra, W/o Jiten Mohapatra, resident of Plot No. 2927, Flat No. 401, Shanti Mansion, Nageswartangi, P.S.- Shree Lingaraj, Bhubaneswar, Dist.-Khordha- 751002, Odisha declare by this affidavit No. CF No.160, dtd.04.09.2024 that now onwards I shall be known as Uma Kumari Mahapatra for all future purposes. D-75774

LEGAL NOTICE

**ସିଭିଲ ଜଜ୍ (ସିନିୟର ଡିଭିଜନ)ଙ୍କ ଅଦାଲତ, ବୌଦ୍ଧ**
**ସିଭିଲ କେସ୍ ନଂ.-୧୪/୨୦୨୪**
ରାଜ କୁମାର କହଁର ଏବଂ ଅନ୍ୟମାନେ ... ବାଦୀ
ବନାମ
ସନ୍ଧ୍ୟାରାଣୀ ଦେହୁରି ଏବଂ ଅନ୍ୟମାନେ ... ପ୍ରତିବାଦୀ
ପ୍ରାପ୍ତେଷୁ
କ୍ରମିକ ନଂ.୧ ସନ୍ଧ୍ୟାରାଣୀ ଦେହୁରି, ବୟସ ୨୭ ବର୍ଷ, ପି.- ନବୀନ ଦେହୁରି, ଗ୍ରାମ- ସରଧାପୁର, ପୋ.- ବଲଣ୍ଡା, ଥାନା/ଜି- ବୌଦ୍ଧ, ଏତଦ୍ୱାରା ଜଣାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଚାଲିଥିବା ସିଭିଲ କେସ୍ ନଂ.- ୧୪/୨୦୨୪ର ପକ୍ଷ ଅଟନ୍ତି। ଉପରୋକ୍ତ ଠିକଣାରେ ଅଦାଲତରୁ ନୋଟିସ ପ୍ରେରଣ କରାଗଲେ ମଧ୍ୟ ତାହା ଗ୍ରହଣ କରୁନାହାନ୍ତି। ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା୧୧ରିଖ ସେପ୍ଟେମ୍ବର ମାସ, ୨୦୨୪ ଘ୧୦.୩୦ମି. ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଉପସ୍ଥିତ ରହି ନିଜର ପକ୍ଷ ରଖିବେ, ନଚେତ୍ ଅଦାଲତ ଆପଣଙ୍କ ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଆରମ୍ଭ କରିବେ ଓ ପରେ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।
**ସ୍ୱାକ୍ଷର**
**ସିଭିଲ୍ ଜଜ୍ (ସିନିୟର ଡିଭିଜନ), ବୌଦ୍ଧ**
ଧ-୧୨୪୫

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# କାହାଣୀ ସଂଘର୍ଷର

ମଣିଷ ଜୀବନରେ ତ୍ୟାଗ ଆଉ ସଂଘର୍ଷର ବିଶେଷ ଭୂମିକା ରହିଛି। ସେଭଳି କଥାବସ୍ତୁକୁ ନେଇ କାହାଣୀ ଗତିଶୀଳ। ଜଣେ ଅସୁସ୍ଥ ବୃଦ୍ଧଙ୍କର ମାନସିକ ଓ ଶାରୀରିକ ସମସ୍ୟା ଏଥିରେ ପ୍ରତିଫଳିତ ହୋଇଛି। ପରିବର୍ତ୍ତିତ ସାମାଜିକ ସମସ୍ୟା କିପରି ଧୀରେ ଧୀରେ ବୟସ୍କଙ୍କୁ ଏକା ବଞ୍ଚିବାକୁ ଓ ମରିବାକୁ ବାଧ୍ୟ କରେ ଏବଂ କିପରି ଏହି ସମସ୍ୟାର ସମାଧାନ ହୋଇଛି ତାହକୁ ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶାଯାଇଛି। ଉକ୍ତ ସିନେମାର ଟାଇଟଲ ରହିଛି 'ସମୀକ୍ଷା'। ଚଳିତ ମାସ ୬ ତାରିଖରେ ମୁକ୍ତିଲାଭ କରୁଥିବା ଏହି ଚଳଚ୍ଚିତ୍ରର କାହାଣୀ ଚରନା କରିଛନ୍ତି ପ୍ରଭାସିନୀ ପାଇଯୋଶୀ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ରଞ୍ଜନ ମିଶ୍ର। ସଂଳାପ ଓ ଗୀତ ରଚନା କରିଛନ୍ତି ସଚ୍ଚି ମହାନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଯଜ୍ଞ ଦାଶ ଏବଂ ବିଦ୍ୟାଧର। କଣ୍ଠଦାନ କରିଛନ୍ତି ପଣ୍ଡିତ ଶିବ ରଥ ଏବଂ କରୁଣାକର। ଧୀର ମଲ୍ଲିକ, ଧରିତ୍ରୀ ଖଣ୍ଡୁଆଳ, ପ୍ରଭଞ୍ଜନ ମିଶ୍ର, ଅଭିଳାଷ ହୋତା, ବିକାଶ ପଟ୍ଟନାୟକ, ବବ୍‌ଲି, ବୁଲଟି, ଭରଦ୍ୱାଜ, ଅଂଶିତା, ଅପୂର୍ବ, ଧାରା ଶ୍ରାବଣୀ, ମମତା, କ୍ରିଷ୍ଣା ଓ ଶିଶୁ କଳାକାର ଆନିକା ପଟ୍ଟନାୟକ ଆଦି କଳାକାରଙ୍କୁ ଏହି ଫିଲ୍ମରେ ଦେଖିବାକୁ ମିଳିବ। ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ପ୍ରଣୟ ଜେଠୀ।


'ସମୀକ୍ଷା' ଫିଲ୍ମରେ ପ୍ରଭଞ୍ଜନ

ପରଦାରେ...

# ଅପରାହ୍ନର ସୂର୍ଯ୍ୟ




ଅନନ୍ୟା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଦ୍ୱିତୀୟ ଚଳଚ୍ଚିତ୍ର 'ଅପରାହ୍ନର ସୂର୍ଯ୍ୟ' ଚଳିତ ମାସ ୬ ତାରିଖରେ ପରଦା ଉପରକୁ ଆସୁଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଚିତ୍ରଟିକୁ ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଅଜୟ କୁମାର ମହାନ୍ତି। ଆମ ରାଜ୍ୟରେ ବିଲୁପ୍ତ ପ୍ରାୟ ମୁଣ୍ଡପୋତା କେଳାଙ୍କ ଜୀବନୀକୁ ନେଇ ଏହାର କାହାଣୀ ରଚନା କରାଯାଇଛି। ଅଜୟ ଏହାର କାହାଣୀ ସହ ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ମୁଣ୍ଡପୋତା କେଳାଙ୍କ ଜୀବନୀକୁ ନେଇ ଥରେ ଚିନ୍ତା କରୁଥିବା ବେଳେ ସ୍ଥିର କଲି ଯେ, ଏହାକୁ ନେଇ ଏକ ସୁନ୍ଦର ଓଡ଼ିଆ ସିନେମାଟିଏ ନିର୍ମାଣ କରାଯାଇପାରିବ। ତା'ପରେ କାହାଣୀ ଲେଖିଛି। ଶୁଟିଂ ସମୟରେ ତାହାକୁ କିପରି ଠିକ୍ ଭାବରେ ଉପସ୍ଥାପନା କରାଯାଇପାରିବ ସେ ନେଇ ସମସ୍ତେ ଚେଷ୍ଟା କରିଛନ୍ତି। ମୋର ଦୃଢ଼ ଆଶା ଓ ବିଶ୍ୱାସ ଫିଲ୍ମଟିକୁ ନିଶ୍ଚୟ ଦର୍ଶକ ପସନ୍ଦ କରିବେ।' ମହେନ୍ଦ୍ର ଆଚାର୍ଯ୍ୟ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ କ୍ୟାମେରା ଦାୟିତ୍ୱ ତୁଲାଇଛନ୍ତି ଅଜିତ ଦାସ। ଏଥିରେ ଜୟା ସ୍ୱାମୀ, ପ୍ରମୋଦ ରାଉତ, କଳିଙ୍ଗ ଦାସ, ମୁନ୍‌ମୁନ୍ ଖୁଣ୍ଟିଆ, ଜାନକୀ ନାଥ ମିଶ୍ର, ଅଜୟ ମହାନ୍ତି, ରାହୁଲ ବିନ୍ଧାଣୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ମୁଁ ଆଶା କରୁଛି ଯେ ଏହି ପ୍ରୟାସ ଭବିଷ୍ୟତରେ ଆହୁରି ଆଗକୁ ଯାଉ।

# କାରଣ ଖୋଜୁଛନ୍ତି ତାରା

ତାରା ସୁଟାରିଆ ଏକାଧାରରେ ଜଣେ ଅଭିନେତ୍ରୀ ଏବଂ ଗାୟିକା। କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର-୨'ରୁ ସେ ନିଜର ବଡ଼ପରଦା କ୍ୟାରିୟର ଆରମ୍ଭ କରିଥିଲେ। କିନ୍ତୁ ତା'ପରେ ଯାହା ହେଲା ତାହା ନ କହିବା ଭଲ। ଏଭଳି ବଡ଼ ବ୍ୟାନରରେ ସେ ସିନା ୨୦୧୯ରେ ବ୍ରେକ୍ ପାଇଲେ, ହେଲେ ଚଳିତ ବର୍ଷ ସୁଦ୍ଧା ସେ କେତୋଟି ସିନେମାରେ ଅଭିନୟ କରିଛନ୍ତି ଜାଣନ୍ତି? ମାତ୍ର ୬ଟି। ତେଣୁ ନିଜ ଅଭିନୟ କ୍ୟାରିୟରର ଏଭଳି ଅବସ୍ଥାକୁ ଦେଖି ଚିନ୍ତାରେ ପଡିଛନ୍ତି ସେ। ଏ ସମ୍ପର୍କରେ ତାରା କହନ୍ତି, 'କରନ୍ ସାର୍ ମୋତେ ଯେତେବେଳେ ବ୍ରେକ୍ ଦେଲେ ସେତେବେଳେ ଭାବିଥିଲି, ଯାହାହେଉ ଏହାପରେ ମୋତେ ଅଫର ପରେ ଅଫର ମିଳିବ। ହେଲେ ମୋର ସବୁ ଆଶା କେବଳ ଆଶାରେ ହିଁ ରହିଗଲା। ମାତ୍ର ୫ବର୍ଷରେ ୬ଟି ସିନେମାରେ ଅଭିନୟ କରିଛି। ତଥାପି ମୋର ଆଶା ରହିଛି-ଦିନେନା ଦିନେ ମୋତେ ଭଲ ଅଫର ମିଳିବ ଆଉ ମୁଁ ବଲିଉଡ୍‌ରେ ଅଭିନୟ ଜାରି ରଖିବି। ଆକ୍ଟିଂ ଲାଇନ୍‌ରେ ଅପ୍ ଆଣ୍ଡ ଡାଉନ୍ ଲାଗି ରହିଥାଏ। ତେଣୁ ସେ ନେଇ ଯଦିଓ ମୁଁ ଟିକେ ଚିନ୍ତାରେ ଅଛି, ତଥାପି ଆଶା ହରାଇ ନାହିଁ। ଭାଗ୍ୟଦେବୀ ମୋ ପ୍ରତି ନିଶ୍ଚୟ କୃପା କରିବେ ବୋଲି ଦୃଢ଼ ବିଶ୍ୱାସ ରହିଛି।' ତେବେ ଭବିଷ୍ୟତରେ ତାରାଙ୍କ ଅଭିନୟ ଜୀବନ କେଉଁ ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଲା।


ତାରା

# ସ୍ପେଶାଲ ଉପହାର

କିଆରା ଆଡଭାନୀଙ୍କ ଖୁସି ଏବେ ବନ୍ଧ ବାଡ ମାନୁନି। ମାନିବ ବା କେମିତି କହୁନାହାନ୍ତି? ଏହା ପଛରେ ସେଭଳି କିଛି କାରଣ ତ ନିଶ୍ଚୟ ଥିବ। କଥା କ'ଣ କି ସେ ନିକଟରେ ଏକ ଗିଫ୍ଟ ପାଇ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ହେଲେ ତାଙ୍କୁ ଏହି ଗିଫ୍ଟ କିଏ ଦେଇଥିଲେ ଜାଣିବେନି? ହଁ, ଏହାକୁ ତାଙ୍କୁ ତାଙ୍କର ସ୍ୱାମୀ ସିଦ୍ଧାର୍ଥ ମାଲହୋତ୍ରା ଦେଇଥିଲେ। ଏ ସମ୍ପର୍କରେ କିଆରା କହନ୍ତି, 'ନିକଟରେ ସିଦ୍ଧାର୍ଥ ମୋତେ ଆମ ବଙ୍ଗଳା ସାମନାକୁ ନେଇ କିଛି ସମୟ ଆଖିବୁଜି ଠିଆ ହେବାକୁ କହିଲେ। ମାତ୍ର କେଇ ମିନିଟ୍ ମଧ୍ୟରେ ମୋ ସାମନାରେ ଏକ କାର୍ ବ୍ରେକ୍ ଦେଲା। ମୁଁ ଚମକି ପଡି ଚାହିଁଦେଇ ଦେଖିଲି, କାର୍ ଭିତରେ ସିଦ୍ଧାର୍ଥ ବସିଛନ୍ତି। ସେ କାର୍‌ରୁ ଓହ୍ଲାଇପଡ଼ି ମୋ ହାତକୁ ଚାବି ଧରାଇ ଦେଇ କହିଲେ, ଏହା ହେଉଛି ତୁମ ପାଇଁ ସର୍‌ପ୍ରାଇଜ୍ ଗିଫ୍ଟ। କିଛି ମାସ ପୂର୍ବରୁ ମୁଁ ତାଙ୍କୁ ଏକ ବିଳାସପୂର୍ଣ୍ଣ କାର୍ ବିଷୟରେ କହିଥିଲି। ହେଲେ ମୁଁ କେବେ ଭାବି ନ ଥିଲି ଯେ ସେ ଦିନେ ମୋତେ ସେହି କାର୍ ଗିଫ୍ଟ ଆକାରରେ ଦେବେ।' କିଆରାଙ୍କ ଅଭିନୀତ 'ଗେମ୍ ଚେଞ୍ଜର' ଚଳିତ ବର୍ଷ ଡିସେମ୍ବର ୨୦ରେ ପରଦା ଉପରକୁ ଆସିବ। ଏଥିରେ କିଆରାଙ୍କ ନାୟକ ସାଜିଛନ୍ତି ରାମଚରଣ।

# ସୋନମଙ୍କ ସଜବାଜ

ସୋନମ କପୁର ଏବେ ପୁଣି ଥରେ ସଜବାଜ ହେଉଛନ୍ତି। ହେଲେ କ'ଣ ପାଇଁ? କିଛି ବର୍ଷର ବ୍ୟବଧାନ ପରେ ସେ ବର୍ତ୍ତମାନ ଆଉ ଥରେ ଆକ୍ଟିଂ ଦୁନିଆରେ ପାଦ ଥାପିବେ ବୋଲି କହିଛନ୍ତି। ସନ୍ତାନର ଜନନୀ ହେବା ପରେ ସେ ଏବେ ଅଭିନୟକୁ ଫେରୁଛନ୍ତି। ଆସନ୍ତା ବର୍ଷ ପ୍ରାରମ୍ଭରେ ତାଙ୍କର ଏକ ନୂଆ ପ୍ରୋଜେକ୍ଟର ଶୁଟିଂ ଆରମ୍ଭ ହେବାକୁ ଯାଉଛି। ଏ ବିଷୟରେ ସୋନମ କହନ୍ତି, 'ନିକଟରେ ମୁଁ ଏକ ନୂଆ ସିନେମା ସାଇନ୍ କରିଛି। ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏପରିକି ଏହି ଫିଲ୍ମର ଟାଇଟଲ ମଧ୍ୟ ଫାଇନାଲ ହୋଇନାହିଁ। ତେଣୁ ସେ ସମ୍ପର୍କରେ ଏବେ ଅଧିକ କିଛି କହିହେବ ନାହିଁ। କେବଳ ଏତିକି କହିବି ମୁଁ ସେଥିରେ ଅଭିନୟ କରିବା ନିଶ୍ଚିତ। ଆସନ୍ତା ବର୍ଷ ଏହାର ଶୁଟିଂ ଆରମ୍ଭ ହେବ।' ହେଲେ ଜାଣନ୍ତି କି ଅଭିନୟ କରିବା ପୂର୍ବରୁ ସୋନମ ସହନିର୍ଦ୍ଦେଶକ ଭାବରେ କାମ କରୁଥିଲେ। ସଞ୍ଜୟ ଲୀଲା ଭଁସାଲିଙ୍କ 'ବ୍ଲାକ୍'ରେ ସେ ଏହି ଦାୟିତ୍ୱକୁ ବେଶ୍ ସୁଚାରୁ ରୂପେ ତୁଲାଇଥିଲେ। ତା'ପରେ ସଞ୍ଜୟଙ୍କ ପ୍ରାଜେକ୍ଟ 'ସାଓ୍ୱରିୟାଁ'ରେ ତାଙ୍କୁ ନାୟିକା ଭାବରେ ବ୍ରେକ୍ ମିଳିଥିଲା। ତା'ପରେ ସେ 'ଦିଲ୍ଲୀ ୬', 'ଆଇ ହେଟ୍ ଲଭ୍ ଷ୍ଟୋରିଜ୍', 'ନିର୍‌ଜା' 'ରାନ୍‌ଝନା' ଏବଂ 'ପ୍ରେମ ରତନ ଧନ୍ ପାଓ'ରେ ଅଭିନୟ କରିଥିଲେ।


କିଆରା


ସୋନମ

# ଆଶ୍ରମ: ଏକ ଆହ୍ୱାନ


'ଆଶ୍ରମ' ଚଳଚ୍ଚିତ୍ରରେ ମହାଶ୍ୱେତା ରାୟ

ସାଧାରଣତଃ କେତେଜଣ ବୟସ୍କ ବ୍ୟକ୍ତି ଅବସର ପରେ 'ଆଶ୍ରମ'ରେ ରହିବାର ନଜିର ରହିଛି। ସେଠାରେ ଅବସାଦ ମେଣ୍ଟିବା ସହ ସେହି ସମଦ୍ଦଶାରେ ଭାଗୀଦାର ବ୍ୟକ୍ତିବିଶେଷଙ୍କ ମଧ୍ୟରେ ହସଖୁସିରେ ସମୟ ଅତିବାହିତ କରିବା ଏକ ମାତ୍ର ସୁସ୍ଥ ପରମ୍ପରା। କାହାଣୀ ଅନୁସାରେ ନୀତିନିଷ୍ଠ ଉଚ୍ଚପଦସ୍ଥ ଅଫିସର ବିବାହ ପରେ ଅଧା ବୟସରୁ ସ୍ୱାମୀଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତା'ପରେ ମୃତ ସ୍ୱାମୀଙ୍କର ନିଜ ସମ୍ପର୍କୀୟମାନଙ୍କର ଏକାକୀ ଖୁଡ଼ୀର ଘର ପରିବେଶ ଦେଖି ଲୋଭ ବଢ଼େ। ଯେହେତୁ ଖୁଡ଼ୀ (ମୃତ ସ୍ୱାମୀଙ୍କ ପତ୍ନୀ)ଙ୍କର କେହି ନାହାନ୍ତି ତେଣୁ ଘରଟିକୁ ନିଜର ଅକ୍ତିଆରରେ ରଖିବ ବୋଲି ଯୋଜନାବଦ୍ଧ ଷଡ଼ଯନ୍ତ୍ର ରଚନା କରନ୍ତି। ସେପଟେ ନିଜ ସ୍ୱାମୀଙ୍କର ଗାୟନ ବାଦନ ସ୍ୱରକୁ ତାଙ୍କର ପତ୍ନୀ ଭୁଲି ନ ଥାନ୍ତି। ସେଗୁଡିକୁ ବ୍ୟବହାର କରି ସେ ପାଆନ୍ତି ଅନେକ ଆନନ୍ଦ। କିନ୍ତୁ ଅବସର ପରେ ଯେଉଁ ଆଶ୍ରମ (ନିଜ ଘର)ରେ ରହି ବାକି ଜୀବନକୁ କାଟି ଦେବାକୁ ସେ ସ୍ଥିର କରିଥାଆନ୍ତି, ସେଠାରେ ଏଭଳି ପରିସ୍ଥିତି ସୃଷ୍ଟି ହୁଏ ଯେ ସେ କ'ଣ ନିଷ୍ପତ୍ତି ନେବେ ସେ ନେଇ ଦ୍ୱନ୍ଦ୍ୱରେ ପଡ଼ନ୍ତି। ତେବେ ତା'ପରେ ସମୟ ଚକ୍ରରେ ପେଷି ହୋଇଯାଇଥିବା ଏହି ପତ୍ନୀ କ'ଣ କରନ୍ତି? ନିଜ ଆଶ୍ରମକୁ ଶେଷ ଠିକଣା ଭାବି ସେ କ'ଣ ସେଠାରେ ବାକି ଜୀବନ କଟାନ୍ତି? ଚାକିରିରୁ ଅବସର ପରେ ତାଙ୍କର ଅବଶିଷ୍ଟ ଜୀବନ କ'ଣ ଶାନ୍ତିରେ କଟେ? ଏଭଳି ଅନେକ ପ୍ରଶ୍ନର ଉତ୍ତର ଆପଣ ପାଇପାରିବେ ଏକ ଭିନ୍ନ ଧରଣର ଓଡ଼ିଆ ସିନେମାରେ। ତାହାର ଟାଇଟଲ ରହିଛି 'ଆଶ୍ରମ'। ଏହି ସିନେମା ଆଗାମୀ ଦିନରେ ସମାଜ ପାଇଁ ଏକ ଶିକ୍ଷଣୀୟ ବାର୍ତ୍ତା ବହନ କରୁଛି। ଏକ ସାମ୍ପ୍ରତିକ ଘଟଣାବଳୀକୁ ନେଇ ସୁନ୍ଦର ସିନେମାଟିଏ ନିର୍ମାଣ କରିଛନ୍ତି ପ୍ରଯୋଜକ ତପନ କୁମାର ଦାଶ। ତା'ସହ କାହାଣୀକୁ ବେଶ୍ ସୁନ୍ଦର ଭାବରେ ଦୃଶ୍ୟାୟନ କରିଛନ୍ତି ଓଡ଼ିଆ ସିନେମା ଜଗତର ବରିଷ୍ଠ ତଥା ଆଗଧାଡ଼ିର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ। ଏହି ଚିତ୍ରରେ ମୋଟ ଚାରୋଟି ଗୀତକୁ ବେଶ୍ ମନଛୁଆଁ କରିପାରିଛନ୍ତି ସ୍ୱର ସଂଯୋଜକ ଅଭିଜିତ ମଜୁମଦାର। ଏଭଳି ସ୍ୱର ନିଶ୍ଚିତ ଭାବରେ ଭଲ ସିନେମା ନିର୍ମାତାଙ୍କ ପାଇଁ ଉତ୍ସାହ ପ୍ରଦାନ କରିବ। ଏହି ଚଳଚ୍ଚିତ୍ରରେ ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ମହାଶ୍ୱେତା ରାୟ ନିଜ ଭୂମିକାକୁ ଯେଉଁଭଳି ଭାବରେ ତୁଲାଇଛନ୍ତି ତାହା କଳାକାରଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିବ। ନିଜ ଅଭିନୟ ପରିପକ୍ୱତାକୁ ବେଶ୍ ସୁନ୍ଦର ଭାବରେ ନିଜ ଚରିତ୍ର ମାଧ୍ୟମରେ ସେ ଅବତାରଣା କରିଛନ୍ତି। ତାଙ୍କର ଅଭିନୟ ଯେ ଅନ୍ୟମାନଙ୍କ ଠାରୁ କେତେ ନିଆରା ତାହା ଏହି ଫିଲ୍ମରେ ସ୍ପଷ୍ଟ ଭାବରେ ବାରି ହୋଇପଡୁଛି। ଅନ୍ୟପକ୍ଷରେ ଏହି ଫିଲ୍ମରେ ଅଭିଷେକ ଗିରି, ସୂର୍ଯ୍ୟମୟୀ ନିଜ ନିଜ ଭୂମିକାକୁ ସଫଳ କରିବାକୁ ଆଦୌ ପଛଘୁଞ୍ଚା ଦେଇନାହାନ୍ତି। ଏହି କଳାକାରଦ୍ୱୟ ଆଗାମୀ ଦିନରେ ନିଜ ଅଭିନୟକୁ ଆହୁରି ପରିପକ୍ୱ କରିବେ ଏବଂ ତାହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ଆଶା କରାଯାଏ। ମୋଟ ଉପରେ ଚଳଚ୍ଚିତ୍ରଟି ଦର୍ଶକାଦୃତ ହେବ ବୋଲି କହିଲେ ଟିକିଏ ହେଲେ ଅତ୍ୟୁକ୍ତି ହେବ ନାହିଁ। ଅନ୍ୟପକ୍ଷରେ ଏଭଳି ଭିନ୍ନ ଧରଣର ତଥା ଶିକ୍ଷଣୀୟ ଚଳଚ୍ଚିତ୍ରକୁ ଟ୍ୟାକ୍ସ ଫ୍ରି ଘୋଷଣା କରାଗଲେ ତାହା ଅନ୍ୟ ପ୍ରଯୋଜକମାନଙ୍କ ପାଇଁ ନିଶ୍ଚୟ ପ୍ରେରଣାଦାୟକ ହେବ।

**-ଦୀଲିପ ହାଲି**, ବଡ଼ଗଡ଼, ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨

# ଯାହା ଭାବୁଥିଲେ ଅକ୍ଷୟ...

ଅକ୍ଷୟ କୁମାର ଖୁବ୍‌ଶୀଘ୍ର ପ୍ରିୟଦର୍ଶନଙ୍କ ନୂଆ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ଅବଶ୍ୟ ତାଙ୍କ କ୍ୟାମ୍ପରେ ସେ ପୂର୍ବରୁ ଆକ୍ଟିଂ କରିସାରିଛନ୍ତି। ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶିତ ତଥା ଅକ୍ଷୟଙ୍କ ଅଭିନୀତ 'ହେରାଫେରି' ଏବଂ 'ଭୁଲ୍ ଭୁଲେୟାଁ' ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇସାରିଛି। ହେଲେ ଏହି ନୂଆ ସିନେମାଟିକୁ ନେଇ ତାଙ୍କ ମନରେ ଏକ ଆଶା ରହିଥିଲା। କିନ୍ତୁ ତାକୁ ସେ ନିର୍ଦ୍ଦେଶକଙ୍କୁ କହି ନ ଥିଲେ। ହେଲେ ପ୍ରିୟଦର୍ଶନ ସତେ ଯେମିତି ତାଙ୍କର ମନ କଥା ଜାଣିପାରି ତାହାକୁ ପୂରଣ କରିବାକୁ ଯାଉଛନ୍ତି। ଅର୍ଥାତ୍, ତାଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଯାଉଥିବା ଏକ ହରର-କମେଡି ଫିଲ୍ମରେ ଅକ୍ଷୟ ମୁଖ୍ୟ ଭୂମିକାରେ ଅଭିନୟ କରିବେ। କେବଳ ସେତିକି ନୁହେଁ, ଏହାର ଟିଜର ଚଳିତ ମାସ ୯ ତାରିଖରେ ରିଲିଜ ହେବ। ଆଉ ସେଦିନ କ'ଣ ଜାଣନ୍ତି? ଅକ୍ଷୟ କୁମାରଙ୍କ ଜନ୍ମଦିନ। ଏକଥା ଜାଣିବା ପରେ ଅକ୍ଷୟ ଏହାକୁ ପ୍ରିୟଦର୍ଶନଙ୍କ ମୋ ପାଇଁ ଜନ୍ମଦିନ ଭେଟି ବୋଲି କହିଛନ୍ତି।


ଅକ୍ଷୟ କୁମାର

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୫/୨୦୨୪ Bhubaneswar, Thursday, September 5/ 2024

# ୟୁପିଏସ୍‌ସି ଶିକ୍ଷକରୁ ଅଲିମ୍ପିକ୍ସ ରୌପ୍ୟ

**ପ୍ୟାରିସ୍,୪।୯**

ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତ ପାଇଁ ରୌପ୍ୟ ପଦକ ଜିତିଛନ୍ତି ସଚିନ୍ ସର୍ଜେରାଓ ଖିଲାରି। ପୁରୁଷ ଏଫ୍ ୪୬ ବର୍ଗରେ ସଚିନ୍ ଏହି ସଫଳତା ହାସଲ କରିଥିବା ବେଳେ ସେ ଜଣେ ମେକାନିକାଲ ଇଞ୍ଜିନିୟର। ଏପରିକି ମହାରାଷ୍ଟ୍ର ପବ୍ଲିକ୍ ସର୍ଭିସ୍ କମିଶନ(ଏମ୍‌ପିଏସ୍‌ସି) ଓ ୟୁନିୟନ ପବ୍ଲିକ୍ ସର୍ଭିସ୍ କମିଶନ(ୟୁପିଏସ୍‌ସି) ପ୍ରତ୍ୟାଶୀ ମାନଙ୍କୁ କୋଚିଂ ପ୍ରଦାନ କରିଥାନ୍ତି ସଚିନ୍। ପିଲାଦିନରୁ ସାଇକେଲ ଦୁର୍ଘଟଣା କାରଣରୁ ହାତର ମାଂଶପେଶୀ ଦୁର୍ବଳ ହୋଇ ଯାଇଥିଲା। ଏପରିକି ଶିଶୁ ଅବସ୍ଥାରେ ମା'ଙ୍କୁ ମଧ୍ୟ ହରାଇଥିଲେ। ହାତରେ ଏକାଧିକ ଅସ୍ତ୍ରୋପଚାର ହୋଇଥିଲେ ମଧ୍ୟ ସଚିନ୍ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପାରି ନ ଥିଲେ। ପିତା କିନ୍ତୁ ସଚିନଙ୍କୁ ସର୍ବଦା ସମର୍ଥନ ଦେଇ ଆସିଥିଲେ। ୧୮ ବର୍ଷ ବୟସରେ ପ୍ରଥମ ଥର ପାରା ସ୍ପୋର୍ଟ୍ସ ସମ୍ପର୍କରେ ଆସିଥିଲେ। ଶିକ୍ଷକ ଉତ୍ତମ ଘେରାଡେଙ୍କ ଦ୍ୱାରା ପ୍ରଭାବିତ ହୋଇ ସଚିନ୍ ପାରା ଶଟ୍‌ପୁଟ ଖେଳିବା ଆରମ୍ଭ କରିଥିଲେ। ସପ୍ତାହରେ ୩୦ ଘଣ୍ଟା ପ୍ରଶିକ୍ଷଣ ନେଉଥିବା ସଚିନ୍ ନିଜ ପାଠପଢ଼ାରେ କେବେ ଅବହେଳା କରି ନାହାନ୍ତି। ସେ ପୁଣେ ବିଶ୍ୱବିଦ୍ୟାଳୟରୁ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି।

୨୦୧୫ରୁ ପାରା ସ୍ପୋର୍ଟ୍ସ ଅଭ୍ୟାସ ଆରମ୍ଭ କରିବା ସହିତ ସଚିନ୍ ୨୦୧୭ରେ ପ୍ରଥମ ଥର ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ। ଇତି ମଧ୍ୟରେ ୫ ଥର ଜାତୀୟ ଚାମ୍ପିୟନଶିପ୍ ଜିତି ସାରିଥିବା ବେଳେ ୨୦୨୨ ହାଙ୍ଗଝୋ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୨୩ ଓ ୨୦୨୪ରେ ଅନୁଷ୍ଠିତ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ୩୪ବର୍ଷୀୟ ସଚିନ୍ ଆସନ୍ତା ଲସଏଞ୍ଜେଲ୍ସ ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବାର ଇଚ୍ଛା ପ୍ରକାଶ କରିଥିବା ବେଳେ ଆଗାମୀ ଦିନରେ କୋଚିଂ କରିବା ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି।


ସଚିନ୍ ସର୍ଜେରାଓ ଖିଲାରି

# ସ୍ୱସ୍ତି ସିଂଙ୍କୁ ଖେଲୋ ଇଣ୍ଡିଆ ଲିଗ୍ ରୌପ୍ୟ

**ଭୁବନେଶ୍ୱର, ୪।୯ (ବିଜୟ ରଣା)**

ପଞ୍ଜାବର ଅମୃତସରରେ ଅନୁଷ୍ଠିତ ହୋଇଯାଇଥିବା ଅସ୍ମିତା ଖେଲୋ ଇଣ୍ଡିଆ ଓମେନ୍ସ ସଇକ୍ଲିଂ ରୋଡ୍ ଇଭେଣ୍ଟ (ନର୍ଥ ଜୋନ୍) ଏଲିଟ୍ ୪୦କିମି ମାସ୍ ଷ୍ଟାର୍ଟ ଇଭେଣ୍ଟରେ ରୌପ୍ୟ ପଦକ ଲାଭ କରିଛନ୍ତି ଓଡ଼ିଶାର ସାଇକ୍ଲିଂ ଷ୍ଟାର ସ୍ୱାତୀ ସିଂ। ସେ ତାଙ୍କ କ୍ୟାରିୟରର ୫୦ତମ ପଦକ ହାସଲ କରିବା ସହ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ସ୍ୱାତୀ ୧ ଘଣ୍ଟା ୧୪ ମିନିଟ ୩୯.୨୭୦ ସେକେଣ୍ଡ ଟାଇମିଂ ସହ ରୌପ୍ୟ ଜିତିଥିବା ବେଳେ ମୀନାକ୍ଷୀ (୧:୧୪:୩୯.୧୭୦) ସ୍ୱର୍ଣ୍ଣ ଏବଂ ମହାରାଷ୍ଟ୍ରର ସଂସ୍କୃତି ସୁଧୀର ଖେସ୍ (୧:୧୪:୪୦.୧୩୨) ବ୍ରୋଞ୍ଜ ଜିତିଛନ୍ତି। ୨୦୧୮ ପରଠାରୁ ସ୍ୱାତୀ ଏପର୍ଯ୍ୟନ୍ତ ଜିତିଥିବା ୫୦ଟି ପଦକ ମଧ୍ୟରୁ ସେ ୬ଟି ଅନ୍ତର୍ଜାତୀୟ ଇଭେଣ୍ଟରୁ ହାସଲ କରିଛନ୍ତି। ଅନ୍ୟଗୁଡ଼ିକ ସେ ଜାତୀୟ ଚାମ୍ପିୟନଶିପ୍, ଖେଲୋ ଇଣ୍ଡିଆ ଓମେନ ଲିଗ୍ ଏବଂ ସର୍ବଭାରତୀୟ ପ୍ରତିଯୋଗିତାଗୁଡ଼ିକରୁ ପାଇଛନ୍ତି।



## ହାରିଲେ ଭବିନା

**ପ୍ୟାରିସ୍,୪।୯(ପି.ଟି.)**

ଟୋକିଓ ପାରାଲିମ୍ପିକ୍ସରେ ରୌପ୍ୟ ପଦକ ବିଜୟିନୀ ଟେବୁଲ ଟେନିସ୍ ଖେଳାଳି ଭବିନାବେନ୍ ପଟେଲ ଡବ୍ଲ୍ୟୁଏସ୍-୪ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ଚାଇନାର ଝୋଉ ୟିଙ୍ଗଙ୍କ ନିକଟରୁ ୧୪-୧୨, ୧୧-୯, ୮-୧୧ ଓ ୧୧-୬ରେ ପରାଜିତ ହୋଇଥିଲେ ଭବିନା।

## ଶୁଟର ବିଫଳ

ଏସ୍‌ଏଚ୍-୧ ଶୁଟିଂ ବର୍ଗର ୫୦ ମିଟର ପିସ୍ତଲ ଇଭେଣ୍ଟର ଫାଇନାଲ ପ୍ରବେଶରେ ବିଫଳ ହୋଇଛନ୍ତି ଭାରତର ନିହାଲ ସିଂ ଓ ରୁଦ୍ରାଂଶ ଖଣ୍ଡେଲୱାଲ। ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜୟୀ ନିହାଲ ୫୨୨ ପଏଣ୍ଟ ସ୍କୋର କରିବା ସହ ୧୯ତମ ସ୍ଥାନରେ ରହିଥିଲେ। ୧୭ ବର୍ଷୀୟ ରୁଦ୍ରାଂଶ ଖଣ୍ଡେଲୱାଲ ୫୧୭ ପଏଣ୍ଟ ସ୍କୋର କରି ୨୨ତମ ସ୍ଥାନରେ ରହିଥିଲେ। କୋରିଆର ଜୋ ଜିଓଙ୍ଗଡୁ ୫୫୩ ପଏଣ୍ଟ ସ୍କୋର କରି କ୍ୱାଲିଫିକେଶନରେ ପ୍ରଥମ ସ୍ଥାନରେ ରହିଥିଲେ।

## ଅମୀଷା ନବମ

ଏଫ୍୪୬ ମହିଳା ଶଟ୍‌ପୁଟ ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଭାରତର ଅମୀଷା ରାଓ୍ୱତ ୧୪ ନମ୍ବର ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଅମୀଷା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହ ୯.୨୫ ମିଟର ଥ୍ରୋ କରିଥିଲେ।


କଟକ ବାରବାଟୀ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଏମ୍‌ଜିଏମ୍ ଫାଓ ଲିଗ୍ ୨୦୨୪ (୨ୟ ଡିଭିଜନ) ଫାଇନାଲରେ ଉଦୟ କ୍ଲବକୁ ୨-୦ ଗୋଲ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଥିବା ୱାଇଏଏଫ୍‌ସି ଚୌଦ୍ୱାର କ୍ଲବର ଖେଳାଳିମାନେ।

# ଦୁଲୀପ ଟ୍ରଫି: ନଜରରେ ରହିବେ ପନ୍ତ

**ବେଙ୍ଗାଲୁରୁ, ୪।୯ (ପି.ଟି.)**

ଗୁରୁବାରଠାରୁ ଦୁଲୀପ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏହା ବେଙ୍ଗାଲୁରୁ ଓ ଅନନ୍ତପୁରରେ ଖେଳାଯିବ। ମ୍ୟାଚ ବେଳେ ଜାତୀୟ ଚୟନକର୍ତ୍ତାମାନେ ଉପସ୍ଥିତ ରହିବେ। ଆଗାମି ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିଜନ ପାଇଁ ଆଗଧାଡ଼ି ଷ୍ଟାର ଖେଳାଳିଙ୍କ ଉପଯୁକ୍ତ ବିକଳ୍ପ ଖେଳାଳିଙ୍କୁ ସେମାନେ ଖୋଜି ବାହାର କରିବେ। ବିଶେଷ କରି ରେଡ୍‌ବଲ କ୍ରିକେଟକୁ ରିଷଭ ପନ୍ତଙ୍କ ପ୍ରତ୍ୟାବର୍ତ୍ତନ ଉପରେ ସେମାନଙ୍କ ନଜର ରହିବ। ଭୟଙ୍କର କାର୍ ଦୁର୍ଘଟଣା ପରେ ହ୍ୱାଇଟ ବଲ୍ ଫର୍ମାଟକୁ ଫେରିଥିବା ପନ୍ତ ଏପର୍ଯ୍ୟନ୍ତ ଲମ୍ବା ଫର୍ମାଟ ମ୍ୟାଚ ଖେଳି ନାହାନ୍ତି। ସେ ଶେଷ ଥର ପାଇଁ ଏକ ଟେଷ୍ଟ ମ୍ୟାଚ ୨୦୨୨ ଡିସେମ୍ବରରେ ବାଂଲାଦେଶ ବିପକ୍ଷରେ ଖେଳିଥିଲେ। ବର୍ତ୍ତମାନ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ସେ ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱାଧୀନ 'ବି' ଟିମ୍ ତରଫରୁ ଶୁବମନ ଗିଲ୍ ଅଧିନାୟକତ୍ୱରେ ଟିମ୍ 'ଏ' ବିପକ୍ଷରେ ଖେଳିବେ। ସେ 'ବି' ଟିମ୍‌ର ଉଇକେଟକିପର ଦାୟିତ୍ୱ ତୁଲାଇବେ। ଆସନ୍ତାବର୍ଷ ଜୁନ୍‌ରେ ଲର୍ଡ୍ସଠାରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳାଯିବ। ପନ୍ତ ଚଳିତ ସିଜନରେ ଜଣେ ଉଇକେଟକିପର-ବ୍ୟାଟର ଭାବେ ତାଙ୍କ ଦାୟିତ୍ୱ କିପରି ତୁଲାଉଛନ୍ତି ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ତାହା ଉପରେ ନଜର ରଖିବ। ଏହି ଟୁର୍ନାମେଣ୍ଟରେ ଚୟନକର୍ତ୍ତାମାନେ ଯେଉଁ ଅନ୍ୟ କେତେଜଣ ଖେଳାଳିଙ୍କ ପ୍ରଦର୍ଶନ ଉପରେ ନଜର ରଖିବେ ସେମାନଙ୍କ ମଧ୍ୟରେ ଧ୍ରୁବ ଜୁରେଲ (ଟିମ୍ 'ଏ'), ଯିଏକି ଚଳିତ ବର୍ଷ ପ୍ରାରମ୍ଭରେ ଇଂଲଣ୍ଡ ବିପକ୍ଷ ସିରିଜରେ ତାଙ୍କ ପଦାର୍ପଣ କରିଥିଲେ। ଅନ୍ୟ ଜଣେ ହେଲେ ଇଶନ କିଶନ। ସେ ଅନନ୍ତପୁରଠାରେ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଟିମ୍ 'ଡି' ତରଫରୁ ଖେଳିବେ। କିଶନ ଦୁଲିପ ଟ୍ରଫି ଜରିଆରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ଅଛନ୍ତି। ବାଂଲାଦେଶ ସିରିଜ ପାଇଁ ଭେଟେରାନ ବିରାଟ କୋହଲି ଓ ରୋହିତ ଶର୍ମା ଦଳକୁ ଫେରିଛନ୍ତି।








Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet CALL TOLL-FREE 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ~As per the cumulative dispatch number till March 2023. "Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22)". ^^Based on offers from empanelled dealers on Wheels of Trust platform. ^Finance offer is at the sole discretion of the Financier, subject to its respective T&Cs. ^Basis data available in the public forum for products in the 100cc motorcycle segment. #This scheme is applicable only for teachers and subject to terms and conditions.

**Authorized Dealers: Bhubaneswar: Rohan Hero,** Ph: 9289922474, **Bharat Hero,** Ph: 9289922180, **DD Hero,** Ph: 0674-2747448 / 9439650824, **Arundhati Hero,** Ph: 9289923183, **Cuttack: JMG Hero,** Ph: 9289922178, **Sunny Hero,** Ph: 9289922697, **Essen Hero,** Ph: 9289923078, **Angul: Parbati Hero,** Ph: 9289922902, **Balasore: Neelam Hero,** Ph: 9289922519, **Baripada: Aditya Hero,** Ph: 7799766370, **Bhadrak: Sanjib Hero,** Ph: 9289922608, **Chandikhol: S. K. Hero,** Ph: 9289922900, , **Jajpur Road: Soumik Hero,** Ph: 9289922611, **Jaleswar: Sai Hero,** Ph: 9289922844, **Jatni: Vishal Hero,** Ph: 9289922984, **Keonjhar: Supreme Hero,** Ph: 9289922182, **Nayagarh: Bhagabati Hero,** Ph: 9289922687, **Puri: Sanjib Hero,** Ph: 9289923107, **Behrampur: Lakshmi Motors, Dharma Nagar,** Ph: 9289923187, **Lakshmi Automotives, Gajapati Nagar,** Ph: 9289922184, **Jeypore: Supreme Hero,** Ph: 9289922183, **Phulbani: Narayani Hero,** Ph: 9289922991, **Raygada: Ajit Hero,** Ph: 9289922819, **Bargarh: Aakash Hero,** Ph: 9289922181, **Bhawanipatna: Arundhati Hero,** Ph: 9289922837, **Bolangir: Arundhati Hero,** Ph: 9289923033, **Jharsuguda: Vijaylaxmi Hero,** Ph: 9289922595, **Rourkela: Dua Hero,** Ph: 9289922179, **Sambalpur: Sri Shyam Hero,** Ph: 9289922484, **Sonepur: Jai Jawan Hero,** Ph: 9289922800, **Sundergarh: Robotech Hero,** Ph: 9289923063, **Dhenkanal: Som Hero,** Ph: 9289922614, **Talcher: Tarini Hero,** Ph: 9289922736. **Authorized HeroSure Dealers: Bhubaneshwar:** Arundhati Motobikes ,Ph- 7682841658, **Rourkela:** Dua Motors, Ph- 6372753989, **Jeypore:** Supreme Sales, Ph- 8144822656; **Associate Dealers: Rahama:** Sarala Automobiles- 9937018532, **Nimapara:**Basudev Automobiles- 9861020724, **Pipili:**Shri Ram Motors-9437110789 , **Khamakhyanagar:**Reliance Automobiles-9938435743, **Chendipada:**Tara Motors-8018339414 **Bhubaneswar:**Mahamayee Motors-9437004624 **Khurdha:** Dinesh Trading Co.-9778097876 **Sakhigopal:**Sai Motors-9439765820 **Begunia:**Rashmi Automobiles-9178316145 **Laxmipur:**Tarini Motors- 7205862853 **Rajgangpur:**Kedia & Kedia-9437152881 **Brajrajnagar:** Bina Motors-9861078290 **Belpahar:**Varsha Motors-9437058417 **Deogarh:**Jindal Motors-9437056659 **Bamra:**Choudhury Motors-9938274720 **Baliapal:**Baba Motors-8093603116 **Soro:**Twinkle Motors- 9861594852 **Kendrapara:**Baishnabi Motors-9437089454/9853471301 **Barbil:**Wheels Motors-9776931870 **Pattamundai:**Mishra Auto-9853843713 **Basta:** Shivam Motors- 7735958754 **Rairangpur:**Maa Sakambari Motors- 7008581719 **Khuakia:**Binayak Automobiles-9090444379 **Jajpur Town:**Ayush Automobiles-9556189870 **Mayurbhanj:**Jk Motors-9040909925 **Semiliguda:**K P Enterprises-9437233464 **Parlakhemundi:**Preetam Enterprises- 9438685535 **Nabarangpur:**Arun Sales & Service-9437174795 **Bhanjanagar:**Rebati Motors-9438279794/9937015509 **Narsinghpur:** Ambika Motocorp-9861811411 **Gunpur:**M/s Sai Sharan Automobiles- 9437234012 **Malkangiri:**Kanishka Automobiles-9437181980 **Kotpad:**Shai Automobiles-7205593156 **Umerkote:**Bharat Sales-9937455659/9777765563 **Junagarh:**Shree Bimala Motors-9668287479 **Rajakhariar:** Jagdamba Auto Combines-9937002262 **Boudh:**Bansal Auto-9437062948 **Nuapada:**Maruti Auto-9178014999 **Padampur:**Debesh Motors-9437253970 **Barpalli:**Durga Motors-9861265979 **Titlagarh:**Sneha Motors- 9853925879 **Mayurbhanj:**Mahaveer Motors-7326872255/9853290346 **Baliguda:**Sai Automobiles-9827843657 **Patrapur:**Ronak Motors-9030985084 **Balipatna:**M/S Jagannath Motors-7064309702 **Kalimela:** Laxminiyati Motors-9861002055 **Chandpur:**Apsara-9861418161 **Subdega:**Jdj Automobiles-9937060108 **Bissam cuttack:** Patnaik Motors- 7008615208 **BasudevPur:**Bidyalalita Automobile-9827487072 **Telkoi:** Panchamukhi Motors-9717004926 **Tikabali:**M/S Maa Rudrakali Automobiles-7846961367 **Kamrda:**Siddhivinayak Motors-7208675074 **JAGDALPUR:**KIRAN SALES-9827654949 **Kesinga:** Annapurna Automobile- 7978787287, **M.Rampur:**Aruna Automobiles- 8114331356

WT.5713.2024ORI


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ